# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୭ /୨୦୧୯ (୨୦ ପୃଷ୍ଠା) | Bhubaneswar, Thursday, March 7/ 2019 | ★★★★★★

୪୫ଶ ଭାଗ ୧୦୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-






KP GROUP
Quality Since 1965
ଛୋଟ ଛୋଟ
କ୍ଷଣଗୁଡ଼ିକର
ନିଆରା ଯାତ୍ରା...
Anokha Swad
20% EXTRA
कमला पसन्द
अनोखा स्वाद
पान मसाला
0% TOBACCO
କମଳା ପସନ୍ଦ
• For download (Vodafone customer) this Callertune SMS Musafira K Mohan to 55655
• For download this song as a Callertune dial for Airtel users-5432116773436
ବୈଧାନିକ ସତର୍କତା: ପାନମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। (NOTFORMINORS) 0% TOBACCO * NICOTINE NOT ADDED * MAGNESIUM NOT ADDED
Watch at : f YouTube

ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୭ /୨୦୧୯ | Bhubaneswar, Thursday, March 7/ 2019 | ପୃଷ୍ଠା-୧



## ପାର୍ବତୀଙ୍କୁ ରୌପ୍ୟ ପଦକ

ପଞ୍ଚକୁଲାରେ ବୁଧବାର ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୪ର ମହିଳା ଡିସ୍କସ୍ ଥ୍ରୋରେ ରୌପ୍ୟ ପଦକଲାଭ କରିଛନ୍ତି ଓଡ଼ିଶାର ପାର୍ବତୀ ସେଠୀ।

୧୭

୧୪

## କିସ୍ ସିନ୍‌କୁ ନେଇ ତମନ୍ନାଙ୍କ ଭିନ୍ନ ପସନ୍ଦ

ପରଦା ଉପରେ କେବଳ ଜଣେ ଅଭିନେତାଙ୍କୁ କିସ୍ ଦେବାକୁ କୁଣ୍ଠାବୋଧ କରିବେ ନାହିଁ ଦକ୍ଷିଣ ଭାରତୀୟ ସିନେମାର ଲୋକପ୍ରିୟ ଅଭିନେତ୍ରୀ ତମନ୍ନା ଭାଟିଆ।



## ଭବାନୀପାଟଣାରେ ନୂଆ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର,୬।୩(ବ୍ୟୁରୋ):** କଳାହାଣ୍ଡି ଜିଲାର ଭବାନୀପାଟଣାଠାରେ ନୂତନ ବିଶ୍ୱବିଦ୍ୟାଳୟ ସ୍ଥାପନ ହେବ। ଏ ନେଇ ବୁଧବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଭୌଗୋଳିକ ଅଞ୍ଚଳ ନେଇ ମଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ କଳାହାଣ୍ଡି ଜିଲାର ଛାତ୍ରୀଛାତ୍ରମାନେ ଅଧ୍ୟୟନ କରୁଥିଲେ। ନୂତନ ବିଶ୍ୱବିଦ୍ୟାଳୟ ସ୍ଥାପନ ହେବା ଫଳରେ ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚଶିକ୍ଷା ପାଇଁ ସମ୍ବଲପୁର ଯିବାକୁ ପଡିବ ନାହିଁ। କଳାହାଣ୍ଡିରେ ଏକ ନୂତନ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ବହୁଦିନରୁ ଦାବି ହୋଇ ଆସୁଥିଲା। ସେହି ଜିଲାର ଜନପ୍ରତିନିଧି ଓ ବିଭିନ୍ନ ସଂଗଠନଗୁଡିକ ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

## ଧରାକୋଟରେ ଖୋଲିବ ସରକାରୀ ଡିଗ୍ରୀ କଲେଜ

**ଭୁବନେଶ୍ୱର,୬।୩(ବ୍ୟୁରୋ):** ଗଞ୍ଜାମ ଜିଲାର ଧରାକୋଟ ବ୍ଲକରେ ଏକ ସରକାରୀ ଡିଗ୍ରୀ କଲେଜ ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଅନୁମୋଦନ କରିଛନ୍ତି। ଯୁକ୍ତ୨ ପାସ କରୁଥିବା ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ସୁବିଧା ଯୋଗାଇ ଦେବା ସକାଶେ ଧରାକୋଟ ବ୍ଲକରେ ଯୁକ୍ତ୩ କଳା ଓ ଯୁକ୍ତ୩ ବିଜ୍ଞାନ ପାଠ୍ୟକ୍ରମ ସମ୍ବଳିତ ସରକାରୀ ଡିଗ୍ରୀ କଲେଜ ଖୋଲିବ। ଉକ୍ତ ମହାବିଦ୍ୟାଳୟର କ୍ୟାମ୍ପସ ନିର୍ମାଣ ନିମନ୍ତେ ତୁରନ୍ତ ସ୍ଥାନ ନିରୂପଣ କରି ଜମି ଯୋଗାଇ ଦେବାକୁ ଗଞ୍ଜାମ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆନୁଷଙ୍ଗିକ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ କରାଯାଇ ପାଠପଢା ପ୍ରକ୍ରିୟା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

**କଟରାମଲ୍ଲ ବଧୂହତ୍ୟା ଘଟଣା**

## ସ୍ୱାମୀ, ଶ୍ୱଶୁର ଓ ଶାଶୁଙ୍କୁ ଆଜୀବନ କାରାଦଣ୍ଡ

**କେନ୍ଦ୍ରାପଡ଼ା ଅଫିସ୍, ୬।୩:** ୨୦୧୩ ମସିହାର ବହୁଚର୍ଚ୍ଚିତ ପଟ୍ଟାମୁଣ୍ଡାଇ ଥାନା କଟରାମଲ୍ଲ ବଧୂହତ୍ୟା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। କେନ୍ଦ୍ରାପଡ଼ା ଏଡିଜେ ପ୍ରଜ୍ଞା ପାଣିଗ୍ରାହୀ ଏହି ମାମଲାରେ ସ୍ୱାମୀ, ଶ୍ୱଶୁର ଓ ଶାଶୁଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏହି ମାମଲା (ଏସ୍‌ଟି କେସ ନଂ.-୧୦୬/୧୩) ଅନୁଯାୟୀ, ପଟ୍ଟାମୁଣ୍ଡାଇ ଥାନା ☞ପୃଷ୍ଠା-୨

# ପ୍ରତିରକ୍ଷା ମନ୍ତ୍ରଣାଳୟରୁ ରାଫାଲ ଦସ୍ତାବିଜ ଚୋରି

## ସୁପ୍ରିମକୋର୍ଟଙ୍କୁ କେନ୍ଦ୍ର ଜଣାଇଲା



**ନୂଆଦିଲ୍ଲୀ,୬।୩(ପି.ଟି.)**

ଫ୍ରାନ୍ସରୁ ୩୬ ରାଫାଲ ଯୁଦ୍ଧବିମାନ କିଣିବା ପାଇଁ ହୋଇଥିବା ଚୁକ୍ତି ସମ୍ପର୍କିତ ଗୋପନୀୟ ଦସ୍ତାବିଜ ପ୍ରତିରକ୍ଷା ମନ୍ତ୍ରଣାଳୟରୁ ଚୋରି ହୋଇଯାଇଛି। ରାଫାଲ ରାୟର ସମୀକ୍ଷା ପାଇଁ ସୁପ୍ରିମକୋର୍ଟରେ ଦାଏର ରିଭ୍ୟୁ ପିଟିଶନର ଶୁଣାଣି ବେଳେ ବୁଧବାର ଅଦାଲତଙ୍କୁ ଏହା ଜଣାଇଛନ୍ତି କେନ୍ଦ୍ର ସରକାର। ଏହାସହ ଉକ୍ତ ଦସ୍ତାବିଜ ଆଧାରରେ 'ଦି ହିନ୍ଦୁ' ଖବରକାଗଜ ରିପୋର୍ଟ ପ୍ରକାଶ କରିଥିବାରୁ ଏହା ବିରୋଧରେ ଅଫିସିଆଲ ସିକ୍ରେଟ ଆକ୍ଟ ବଳରେ ମାମଲା ଦାଏର କରିବାକୁ ସରକାର ଚେତାବନୀ ଦେଇଛନ୍ତି।

ରାଫାଲ ଚୁକ୍ତିକୁ ନେଇ ସୁପ୍ରିମକୋର୍ଟଙ୍କ ଡିସେମ୍ବର ୧୪ ରାୟର ପୁନର୍ବିଚାର ପାଇଁ ଏକାଧିକ ପିଟିଶନ ଦାଏର ହୋଇଛି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ତଥା ଜଷ୍ଟିସ୍ ଏସ୍.କେ. କୌଲ ଏବଂ କେ.ଏମ୍. ଯୋସେଫ୍ ସାମିଲ ଥିବା ଖଣ୍ଡପୀଠ ସେଗୁଡ଼ିକର ଶୁଣାଣି କରୁଛନ୍ତି। ୩ ଜଣିଆ ଖଣ୍ଡପୀଠରେ ମଙ୍ଗଳବାର ହାଇଭୋଲ୍ଟେଜ୍ ଶୁଣାଣି ବେଳେ କେନ୍ଦ୍ର ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଯୁକ୍ତି ବାଢ଼ିଥିଲେ ଯେ, ଯେଉଁମାନେ ରାଫାଲ ଚୁକ୍ତି ସମ୍ପର୍କିତ ଦସ୍ତାବିଜ ସାର୍ବଜନୀନ କରିଛନ୍ତି, ସେମାନେ ଅଫିସିଆଲ ସିକ୍ରେଟ ଆକ୍ଟ ଏବଂ ଅଦାଲତ ଅବମାନନା ଆଇନ ଅନୁସାରେ ଦୋଷୀ। ଚୋରି ହୋଇଥିବା ଦସ୍ତାବିଜକୁ ନେଇ ତଦନ୍ତ ଚାଲିଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନା ଓ ଅରୁଣ ସୌରି ଏବଂ ଆଇନଜୀବୀ ପ୍ରଶାନ୍ତ ଭୂଷଣ ମିଳିତ ଭାବେ କରିଥିବା ଆବେଦନରେ ଅଭିଯୋଗ ଆଣିଛନ୍ତି ଯେ, ଗତ ଡିସେମ୍ବରରେ ସୁପ୍ରିମକୋର୍ଟରେ ରାଫାଲକୁ ନେଇ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ଗୁଡ଼ିକର ଶୁଣାଣି ଚାଲିଥିବାବେଳେ ସର୍ବୋଚ୍ଚ ଅଦାଲତରେ କେନ୍ଦ୍ର ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦାଖଲ ନ କରି ଲୁଚାଇଦେଇଥିଲେ। ☞ପୃଷ୍ଠା-୨

**ରାଫାଲ ରାୟର ପୁନର୍ବିଚାର**

- ଚୋରି ଦସ୍ତାବିଜ ଆଧାରରେ ଖବରକାଗଜରେ ପ୍ରକାଶ ପାଇଛି ରିପୋର୍ଟ
- ଏହା ଅଫିସିଆଲ ସିକ୍ରେଟ୍ ଆକ୍ଟର ଉଲ୍ଲଂଘନ ଓ ଅଦାଲତ ଅବମାନନା: ବେଣୁଗୋପାଳ
- ଅଦାଲତରେ ଚୁକ୍ତି ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦାଖଲ କରିନାହିଁ କେନ୍ଦ୍ର: ପ୍ରଶାନ୍ତ ଭୂଷଣ
- ଚୋରି ପରେ କି ପଦକ୍ଷେପ ନେଇଛନ୍ତି ସରକାର: ସିଜେଆଇ ଗୋଗୋଇ
- ୧୪ରେ ପରବର୍ତ୍ତୀ ଶୁଣାଣି

# ମେଡିକାଲରୁ ନବଜାତ ଶିଶୁପୁତ୍ର ଚୋରି

- ପାଟଣାଗଡ଼ ପୋଲିସର ଦାଦାଗିରି
- ନିଖୋଜ ଶିଶୁର ବାପାଙ୍କୁ ମାଡ଼
- ଉତ୍ତେଜନା, ରାସ୍ତାରୋକୋ



**ପାଟଣାଗଡ଼,୬।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ଼ ଉପଖଣ୍ଡସ୍ତରୀୟ ସରକାରୀ ଡାକ୍ତରଖାନାରୁ ବୁଧବାର ଏକ ନବଜାତ ଶିଶୁପୁତ୍ର ଚୋରି ହୋଇଛି। ଏ ନେଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଅବହେଳା ଓ ଦାୟିତ୍ୱହୀନତାକୁ ଦାୟୀ କରି ଉତ୍ତ୍ୟକ୍ତ ଲୋକେ ବଲାଙ୍ଗୀର-ପାଟଣାଗଡ଼ ରାସ୍ତା ଅବରୋଧ କରିଥିଲେ। ସ୍ଥାନୀୟ ପୋଲିସ ଘଟଣାର ସମାଧାନ କରିବା ପରିବର୍ତ୍ତେ ନିଖୋଜ ଶିଶୁର ବାପା ଓ କାକାଙ୍କୁ ନିଘୁଞ୍ଚ ମାଡ଼ ମାରିଛି। ଏଥିରେ ଶିଶୁର ବାପା ଲହୁଲୁହାଣ ହୋଇ ପାଟଣାଗଡ଼ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଘଟଣାକୁ ନେଇ ପାଟଣାଗଡ଼ରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଛି। ପାଟଣାଗଡ଼ ବ୍ଲକ ଘସିଏନ ଗ୍ରାମର ମୂଳ ବାସିନ୍ଦା ତଥା ଚୂଡ଼ାପାଲି ନିକଟ ତେଲେନପାଲି ଗ୍ରାମରେ ରହୁଥିବା ରୁଦ୍ର ତାଣ୍ଡି (୩୫) ତାଙ୍କ ଗର୍ଭବତୀ ସ୍ତ୍ରୀ ଜୟନ୍ତୀ (୩୦)ଙ୍କୁ ଗତ ୩ ତାରିଖ ସନ୍ଧ୍ୟାରେ ପାଟଣାଗଡ଼ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅସ୍ତ୍ରୋପଚାର ପରେ ଜୟନ୍ତୀ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ପାଟଣାଗଡ଼ ଡାକ୍ତରଖାନାରେ ☞ପୃଷ୍ଠା-୨

# ଅଯୋଧ୍ୟା: ସୁପ୍ରିମକୋର୍ଟଙ୍କୁ ମଧ୍ୟସ୍ଥ ଭରସା

- ରାୟ ସଂରକ୍ଷିତ
- ସମ୍ଭାବ୍ୟ ମଧ୍ୟସ୍ଥମାନଙ୍କ ନାମ ସୁପାରିସ ପାଇଁ ନିର୍ଦ୍ଦେଶ
- ନିର୍ମୋହୀ ଆଖଡ଼ା, ମୁସଲିମ୍ ପକ୍ଷ ରାଜି
- ପ୍ରସ୍ତାବକୁ ରାମଲାଲା ପକ୍ଷର ବିରୋଧ



**ନୂଆଦିଲ୍ଲୀ,୬।୩(ପି.ଟି.)**

ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ଜମି ବିବାଦ ମାମଲାର ସମାଧାନ ଦାୟିତ୍ୱ ମଧ୍ୟସ୍ଥଙ୍କ ଉପରେ ଛାଡ଼ିବା ନେଇ ବୁଧବାର ସୁପ୍ରିମକୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି। ପକ୍ଷମାନଙ୍କ ଯୁକ୍ତି ଶୁଣିବା ପରେ ଏ ସମ୍ପର୍କରେ ଖୁବ୍‌ଶୀଘ୍ର ନିର୍ଦ୍ଦେଶନାମା ଜାରି କରିବାକୁ ଆଗ୍ରହୀ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ମାମଲାର ସମାଧାନ ପାଇଁ ସମ୍ଭାବ୍ୟ ମଧ୍ୟସ୍ଥମାନଙ୍କ ନାଁ ଦେବା ଲାଗି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ସାମ୍ବିଧାନିକ ପୀଠ ସମ୍ପୃକ୍ତ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୀଠରେ ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ ଏସ୍.ଏସ୍. ବୋବ୍‌ଡେ, ଡି.ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଏବଂ ଏସ୍.ଏ. ନାଜିର ରହିଛନ୍ତି। ତେବେ ମଧ୍ୟସ୍ଥତା ପାଇଁ ସୁପ୍ରିମକୋର୍ଟଙ୍କ ପ୍ରସ୍ତାବକୁ ନିର୍ମୋହୀ ଆଖଡା ବ୍ୟତୀତ ଅନ୍ୟ ହିନ୍ଦୁ ସଂଗଠନ ବିରୋଧ କରିଛନ୍ତି। ☞ପୃଷ୍ଠା-୨

# ୧୧୮୩ ମୋବାଇଲ ଫୋନ୍ କିଣି ଅଡୁଆରେ ପୂର୍ବତନ ବିଡିଓ

**ଯାଜପୁର ଅଫିସ,୬।୩**

ଯାଜପୁର ଜିଲା କୋରେଇ ବ୍ଲକର ପୂର୍ବତନ ବିଡିଓ ହେମନ୍ତ କୁମାର ବିହାରୀଙ୍କ ନାମରେ ଗୋଟିଏ ଦିନରେ କିଣାଯାଇଛି ୧୧୮୩ଟି ମୋବାଇଲ୍ ଫୋନ, ଯାହାର ମୂଲ୍ୟ ୧୭ଲକ୍ଷ ୭୪ହଜାର ୫୦୦ ଟଙ୍କା। ଆଉ ଏହିସବୁ ମୋବାଇଲ ଫୋନ ୨୨।୨।୨୦୧୯ରେ ଜଟଣୀ ଥାନା ଅନ୍ତର୍ଗତ ଜାଆଁଳାସ୍ଥିତ ରିଲାଏନ୍ସ ରିଟେଲ ଲିମିଟେଡ୍‌ରୁ କିଣାଯାଇଥିବା ଜଣାପଡ଼ିଛି। ଏହି ମୋବାଇଲ ଫୋନ୍ କିଣିବାର ୪ଦିନ ପୂର୍ବରୁ ଅର୍ଥାତ ଫେବୃୟାରୀ ୧୮ରେ ହେମନ୍ତ ସହକାରୀ ଉପଜିଲାପାଳ ଭାବେ ଭଦ୍ରକକୁ ବଦଳି ହୋଇଥିଲେ। ସବୁଠାରୁ ମୁଖ୍ୟକଥା ହେଲା, ଉକ୍ତ ବିଲ୍‌ରେ ହେମନ୍ତ ବିହାରୀଙ୍କ ନାମ ଓ ମୋବାଇଲ୍ ନମ୍ବର (୯୪୩୭୪୩୨୪୫୯) ସହିତ ଠିକଣାରେ ତ୍ରିବେଣୀ ଆର୍ଥ ମୁଭର୍ସ ଲିମିଟେଡ, କୋରେଇ ବୋଲି ଉଲ୍ଲେଖ ରହିଛି। ☞ପୃଷ୍ଠା-୨




ହେମନ୍ତ ବିହାରୀଙ୍କ ନାମରେ କଟାଯାଇଥିବା ବିଲ୍ ।

- ରିଲାଏନ୍ସ ରିଟେଲ ଲିମିଟେଡ୍ ବିଲ୍‌ରେ ଧରାପଡ଼ିଲା
- ବିଜୁ ଯୁବବାହିନୀ କର୍ମୀଙ୍କ ପାଇଁ କିଣା ଯାଇଥିବା ଚର୍ଚ୍ଚା

**■ ସାଟେଲାଇଟ୍ ଫଟୋରୁ ସ୍ପଷ୍ଟ ହେଲା**

# ବାଲାକୋଟ୍ ମଦ୍ରାସା ବିଲ୍ଡିଂ ଅକ୍ଷତ

**ନୂଆଦିଲ୍ଲୀ,୬।୩(ଆଇଏଏନ୍‌ଏସ୍)**

ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ସଂଗଠନ ଚଳାଉଥିବା ବାଲାକୋଟସ୍ଥିତ ମଦ୍ରାସା ବିଲ୍ଡିଂ ଏବେ ମଧ ଅକ୍ଷତ ଅବସ୍ଥାରେ ରହିଥିବା ସାଟେଲାଇଟ (ଉପଗ୍ରହ) ଫଟୋରୁ ସ୍ପଷ୍ଟ ହୋଇଛି। ଗତ ୨୬ ତାରିଖରେ ବାୟୁସେନା ଉକ୍ତ ବିଲ୍ଡିଂ ଉପରେ ବୋମାମାଡ଼ କରିଥିଲା। ବୋମାମାଡ଼ରେ ମଦ୍ରାସା ବିଲ୍ଡିଂ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଥିବା ଦାବି କରାଯାଉଥିଲା। ତେବେ ମାର୍ଚ୍ଚ ୪ ତାରିଖର ସାଟେଲାଇଟ ଫଟୋକୁ ଅନୁଧ୍ୟାନ କଲେ ସେଠାରେ ଏବେ ୬ଟି ବିଲ୍ଡିଂ ଥିବା ଦେଖିବାକୁ ମିଳିଛି। ଏହି ଫଟୋ ୨୦୧୮ ଏପ୍ରିଲରେ ଉଠିଥିବା ସାଟେଲାଇଟ ଫଟୋ ସହ ସମ୍ପୂର୍ଣ୍ଣ ମେଳ ଖାଉଛି। ସାନ୍ ଫ୍ରାନ୍ସିସ୍କୋର ଏକ ଘରୋଇ ସାଟେଲାଇଟ ଅପରେଟର 'ପ୍ଲାନେଟ ଲାବ୍‌ସ'ର ଏହି ଫଟୋ ସର୍ବସାଧାରଣରେ ଉପଲବ୍ଧ ହେଉଛି। ଉକ୍ତ ଫଟୋ ଅନୁଯାୟୀ ବିଲ୍ଡିଂ ଛାତରେ କୌଣସି ଦୃଶ୍ୟମାନ ଛିଦ୍ର କିମ୍ବା ଜ୍ୱଳନ ଚିହ୍ନ ନାହିଁ। କାନ୍ଥ ଭୁଶୁଡିନି କି ପାଖରେ ଥିବା ଗଛଗୁଡ଼ିକର କୌଣସି କ୍ଷତି ହୋଇନାହିଁ। ପାକିସ୍ତାନର ଖାଇବର ପଖତୁନ୍‌ଖ୍ୱାରେ ପଶି ଭାରତୀୟ ବାୟୁସେନା ଜେଇଏମ୍‌ର ସବୁଠୁ ବଡ଼ ଆତଙ୍କବାଦୀ ପ୍ରଶିକ୍ଷଣ ଶିବିରକୁ ଧ୍ୱଂସ କରିଦେଇଛି ବୋଲି କେନ୍ଦ୍ର ସରକାର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ଦାବି କରିଆସୁଥିଲେ, ☞ପୃଷ୍ଠା-୨



ଉପଗ୍ରହ ଚିତ୍ରରୁ ଦୃଶ୍ୟମାନ ହେଉଥିବା ବାଲାକୋଟ ମଦ୍ରାସା ବିଲ୍ଡିଂ ।

**ଆଜିର ସମ୍ପାଦକୀୟ**

**ପୌରାଣିକ ପକ୍ଷୀ**

**ଆଜିର ମନ୍ତବ୍ୟ**

> ଯାହାଙ୍କ ହାତରେ ଫାଇଲ ସୁରକ୍ଷିତ ନୁହେଁ, ତାଙ୍କୁ ଦେଶର ସୁରକ୍ଷା ଦାୟିତ୍ୱ କିପରି ଦିଆଯାଇପାରିବ।
>
> -ସୀତାରାମ ୟେଚୁରୀ, ସିପିଆଇଏମ୍ ସାଧାରଣ ସମ୍ପାଦକ

**କିଛି ତଥ୍ୟ**

୨୦୧୮-୧୯ ବର୍ଷରେ ଜାତୀୟ ଜଳ ବିଦ୍ୟୁତ ନିଗମ(ଏନ୍‌ଏଚ୍‌ପିସି) କେନ୍ଦ୍ର ସରକାରଙ୍କୁ ୫୨୬.୩୫ କୋଟି ଟଙ୍କାର ଅନ୍ତରୀଣ ଲାଭାଂଶ ପ୍ରଦାନ କରିଛି।

-ଶକ୍ତି ମନ୍ତ୍ରଣାଳୟ

NECC NATIONAL EGG CO-ORDINATION COMMITTEE 06.03.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 79 | 131 | 141 |
| DKL | 77 | 128 | 138 |
| BDK | 82 | 135 | 145 |
| BLS | 82 | 135 | 145 |
| ANG | 77 | 128 | 138 |

*Conditions Apply
Eggs Retail Price- 51/-Dozen
Issued in the Interest of Consumers

# ଆଜିଠୁ ଯୁକ୍ତ୨ ପରୀକ୍ଷା

**■ ପରୀକ୍ଷା ପୂର୍ବରୁ କଲେଜରୁ ସିସି କ୍ୟାମେରା ଚୋରି**

- ଢିଲା ସୁରକ୍ଷା ବ୍ୟବସ୍ଥା
- ପରୀକ୍ଷା ଦେବେ ୩,୬୯,୫୩୭ ଛାତ୍ରୀଛାତ୍ର

**ଭୁବନେଶ୍ୱର,(ବ୍ୟୁରୋ)/ ବ୍ରହ୍ମଗିରି,୬।୩(ଡି.ଏନ୍.ଏ.)**

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହେବ। ଚଳିତବର୍ଷ ରାଜ୍ୟର ୧୫୫୬ଟି ଜୁନିୟର କଲେଜ ଓ ଉଚ୍ଚ ମାଧ୍ୟମିକ ସ୍କୁଲର କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷା ବିଭାଗରେ ମୋଟ ୩,୬୯,୫୩୭ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେଥିରୁ କଳାରେ ୨,୩୫,୧୮୩ ଛାତ୍ରୀଛାତ୍ର ଥିବାବେଳେ ବିଜ୍ଞାନରେ ୯୯,୦୧୮, ବାଣିଜ୍ୟରେ ୨୭,୨୭୮ ଓ ଧନ୍ଦାମୂଳକ ଶିକ୍ଷାରେ ୮,୦୫୮ ଛାତ୍ରୀଛାତ୍ର ରହିଛନ୍ତି। ଏଥର ମୋଟ ୧୦୯୧ଟି ପରୀକ୍ଷା କେନ୍ଦ୍ର ହୋଇଛି। ପରୀକ୍ଷା ପାଇଁ ୨୦୨ଟି ହବ୍ କରାଯାଇଛି। ପ୍ରଥମ ଦିନ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଓଡ଼ିଆ ପରୀକ୍ଷା ରହିଛି। ପରୀକ୍ଷା ପୂର୍ବାହ୍ନ ୧୦ଟାରେ ଆରମ୍ଭ ହୋଇ ଅପରାହ୍ନ ୧ଟାରେ ଶେଷ ହେବ। ସକାଳ ୯ଟା ୪୫ ମିନିଟ୍ ସୁଦ୍ଧା ଛାତ୍ରୀଛାତ୍ର ପରୀକ୍ଷା ହଲ୍‌ରେ ବସିବେ। ସକାଳ ୭ଟାରୁ ସାଢ଼େ ୯ଟା ଭିତରେ ପ୍ରଶ୍ନପତ୍ର ସମସ୍ତ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଯିବ। ଯୁକ୍ତ୨ ପରୀକ୍ଷା ଆସନ୍ତା ୩୦ ତାରିଖରେ ଶେଷ ହେବ।

ସେପଟେ ମାଟ୍ରିକ୍ ପରୀକ୍ଷା ପ୍ରଶ୍ନପତ୍ର ବାରମ୍ବାର ଲିକ୍ ହେବା ପରେ ଯୁକ୍ତ୨ ପରୀକ୍ଷାରେ ଯେପରି ସେଭଳି କୌଣସି ଅବହେଳା ନ ହେବ, ସେଥିପାଇଁ ପରିଷଦ ପକ୍ଷରୁ ଅନେକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ହେଲେ ପରୀକ୍ଷା ପୂର୍ବରୁ ପୁରୀ ଜିଲାର ଏକ କଲେଜରେ ଢିଲା ସୁରକ୍ଷା ବ୍ୟବସ୍ଥା ପରିଲକ୍ଷିତ ହୋଇଛି। ସାତପଡ଼ା ଫାଣ୍ଡି ଅନ୍ତର୍ଗତ ପଞ୍ଚାୟତ କନିଷ୍ଠ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଦୁର୍ବୃତ୍ତମାନେ ଚୋରି କରିନେଇଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ମହାବିଦ୍ୟାଳୟର ୧ ଓ ୫ ନଂ. କ୍ଲାସ୍ ରୁମ୍ କବାଟ ଭାଙ୍ଗି ୨ଟି ସିସିଟିଭି ଚୋରି ହୋଇଥିବା ଜଣାପଡ଼ିଛି। ଏ ନେଇ କଲେଜ ଅଧ୍ୟକ୍ଷ ସାତପଡ଼ା ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ତେବେ ପରୀକ୍ଷା ସୁଚାରୁରୂପେ ଚାଲିବା ପାଇଁ କର୍ତ୍ତୃପକ୍ଷ ପୁନର୍ବାର ସିସି କ୍ୟାମେରା ଲଗାଇଥିବା ଜଣାପଡ଼ିଛି।

ଯୁକ୍ତ୨ ପରୀକ୍ଷା ସୁପରିଚାଳନା ପାଇଁ ପରିଷଦ ପକ୍ଷରୁ ବିଭିନ୍ନ କଟକଣା ଜାରି କରାଯାଇଛି। ପରୀକ୍ଷାର୍ଥୀମାନେ ପରୀକ୍ଷା ହଲ୍‌କୁ ସ୍ମାର୍ଟ ଘଣ୍ଟା ପିନ୍ଧି ଯାଇପାରିବେ ନାହିଁ। ପରୀକ୍ଷା ହଲ୍‌କୁ ମୋବାଇଲ ଫୋନ୍ ନେଇପାରିବେ ନାହିଁ। ସୁପରିଣ୍ଟେଣ୍ଡେଣ୍ଟଙ୍କ ବ୍ୟତୀତ ଅନ୍ୟ କେହି ବି ପରୀକ୍ଷା ଚାଲିଥିବା ସମୟରେ ଫୋନ୍ ଧରିପାରିବେ ନାହିଁ। ପ୍ରଶ୍ନପତ୍ର ନ ଦେଇ ଜଣେ ପରୀକ୍ଷାର୍ଥୀ ପରୀକ୍ଷା ଅଧାରୁ ହଲ୍ ଛାଡ଼ିପାରିବେ ନାହିଁ ବୋଲି କଡ଼ା ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଟଏଲେଟ୍ ଗଲେ ପରୀକ୍ଷାର୍ଥୀ ☞ପୃଷ୍ଠା-୨

Wish you all the best

+2 Examinees



ଧରିତ୍ରୀ DHARITRI

ରାଜ୍ୟ ସରକାର ଯାଜପୁରସ୍ଥିତ କଳିଙ୍ଗନଗର ନିକଟରେ ଏକ ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ ପ୍ରକଳ୍ପକୁ ବୁଧବାର ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ଇଡ୍‌କୋ ପକ୍ଷରୁ ୩୦୦ ଏକର ଜମି ଯୋଗାଇ ଦିଆଯିବ। ୧୫୩୨ କୋଟି ଟଙ୍କାର ପୁଞ୍ଜି ନିବେଶ ଦ୍ୱାରା ୧୯,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ ପାଇଁ ୨.୫୪ ଏମ୍‌ଏଲ୍‌ଡି ପରିମାଣର ଜଳ ଏବଂ ୪୦.୫୮ ମେଗାୱାଟ ଶକ୍ତି ଦରକାର ହେବ। ଏହି ଆବଶ୍ୟକତାକୁ ଜେଏସ୍‌ଏଲ୍‌ର ସିପିପି ଏବଂ ନେସ୍କୋ ଗ୍ରୀଡ୍ ପୂରଣ କରିବେ ବୋଲି ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କଠାରୁ ଜଣାପଡିଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


କଶ୍ୟପ୍
ପରିବାରବର୍ଗ


ପ୍ରଦୀପ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified


real estate


healthcare

### SALE

BDA yellow zone gharabari plot for sale Patrapada, Bhubaneswar near Dnregalia Mall, 650/- sqft. 7008487006, 9437335686. D-11520

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

**Gharabari plot with 30' road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No. brokers please. 7809525452.** D-65846

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

Ready to move 2BHK flat near Kateni Square for immediate sale. 9937162220. D-66104

ଭୁବନେଶ୍ୱର Nakhara Delhi Public School ପାଖରେ plot sale ହେଉଛି: 7873355897.D-65619

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-66022

### PURCHASE

Wanted 20ft. road ଥିବା ଚାଷଜମି, ଘରବାରି ପ୍ଲଟ Bhubaneswar. 6371090682. D-11496


to-let

1800 sqft. office space for rent at Goutam Nagar, Bhubaneswar. Contact: 9337117523. D-62163

3BHK flat 15000/- including society charge near Patia Xavier School for family. 9658197163. D-61046

Now Matrimonial ads. only on Wednesday & Sunday Book 1 Get 1 FREE

Fully refreshed/ relaxed body massage by expert therapist, Shastri Nagar. 7377984773. D-65600

Rejuvenate and Ayurvedic full body massage by smart therapist. 9114402304. D-65599

Ayurvedic full body massage ladies/ gents experts therapist. 8338097451 . D-65843

Herbal full body massage with refreshment by well trained therapist. 7381239385, 06742540855. D-66017

Experience full body massage with us by experts. Enquiry. 0674259782 2, 7377048581. D-66018

Herbal full body massage by smart/ expert therapist. Contact: 8338067247. D-66019

Newly opening ayurvedic body massage smart therapist, Shree herbal. 7750020754. D-66020

Improving your health, skin care through expert therapist, excellent offer. 9668374480. D-66021

Ayurvedic full body massage ladies/ gents smart experts therapist. 9114697517. D-65849

### 2nd Birthday Wish



(Roshan)
**Sai Suryansh**

ଈଶ୍ୱରଙ୍କ କୃପାରୁ ତୁମେ ଦୀର୍ଘାୟୁ ହୁଅ ଏବଂ ନୀରୋଗ ରୁହ।
ଶୁଭେଚ୍ଛା ସହ
ଜେଜେବାପା, ଜେଜେମା, ବାପା, ବୋଉ, ଅଜା, ଆଈ, ପିଇସା, ପିଇସୀ, ଖୁସି, ତୁତୁ, ମିମି।
D-11519

### ଜନ୍ମଦିନ ଶୁଭେଚ୍ଛା



**କଶ୍ୟପ୍ ବିଶ୍ୱଜିତ ସାହୁ**

ଶୁଭ ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ଓ ଦୀର୍ଘାୟୁ ହେଉ।
ଶୁଭେଚ୍ଛା ସହ
ମାମୁ, ମାଇଁ, ମାଉସୀ, ଆଈ, ଏବଂ ତୋର ସାନଭାଇ-ମିଙ୍ଗୁଲ୍।
ଧ-୧୧୫୦୦

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତ ଇନ୍ଦ୍ରମଣି ଜେନା**
ଆବିର୍ଭାବ: ୧୨।୦୪।୧୯୩୩
ତିରୋଧାନ: ୨୩।୦୨।୨୦୧୭
ଲକ୍ଷ୍ମୀସାଗର, ତଳସାହି

ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ସର୍ବଦା ଆମ ଉପରେ ଥାଉ। ଆପଣଙ୍କର ଅମର ଆତ୍ମା ସର୍ବଦା ଶାନ୍ତିରେ ଥାଉ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଏତିକି ପ୍ରାର୍ଥନା କରୁଛୁ। ପୁତ୍ର-ପ୍ରଦୀପ, ପ୍ରମୋଦ, ପ୍ରତାପ, ପ୍ରକାଶ, ନାତି-ବିଟୁ, ଲିଟୁ, ଚିଣ୍ଟୁ, ନାତୁଣୀ-ଲଭ୍‌ଲି, ନିକି, ନାଣ୍ଡି ତଥା ବନ୍ଧୁ ଓ ପରିବାରବର୍ଗ। ଧ-୬୫୪୯୭

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ଭାନୁମତି ପାତ୍ର**

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଡ. (କ୍ୟାପ୍‌ଟେନ୍) ସୁରେନ୍ଦ୍ର ଶେଖର ମହାପାତ୍ର**
ଆବିର୍ଭାବ: ୧୧।୧୦।୧୯୪୫
ତିରୋଧାନ: ୨୫।୦୨।୨୦୧୯
ବମିଖାଲ, ଭୁବନେଶ୍ୱର

ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟପରାୟଣତା ଏବଂ ସରଳ ଜୀବନ ଶୈଳୀ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇରହିଥିବ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ-ମିନତୀ, ପୁତ୍ର-ସମିତ୍, ଅମିତ୍, ପୁତ୍ରବଧୂ-ମାନସୀ, ମହାସ୍ୱିତା, ନାତି ଓ ନାତୁଣୀ-ମୋହିତ, ଆୟୁଷୀ ତଥା ଆତ୍ମୀୟସ୍ୱଜନ। ଧ-୬୫୪୯୬

### ତୃତୀୟ ଶ୍ରାଦ୍ଧବାର୍ଷିକୀ



**ୱ ପ୍ରଫେସର ତ୍ରିଲୋଚନ ମିଶ୍ର**
ପୂର୍ବତନ କୁଳପତି
ଆବିର୍ଭାବ : ୨୩.୧୧.୧୯୨୪
ତିରୋଧାନ : ୦୯.୦୩.୨୦୧୬
ଧ-୬୫୪୯୫

## ପ୍ରତିରକ୍ଷା ମନ୍ତ୍ରଣାଳୟରୁ ...

ଫଳରେ ଅଦାଲତ ଉକ୍ତ ପିଆଇଏଲ୍‌ଗୁଡ଼ିକର ଶୁଣାଣି କରିବାକୁ ଅଗ୍ରାହ୍ୟ କରିଦେଇଥିଲେ।

ପ୍ରଶାନ୍ତ ଭୂଷଣ ବରିଷ୍ଠ ସାମ୍ବାଦିକ ତଥା 'ଦି ହିନ୍ଦୁ' ଅଧ୍ୟକ୍ଷ ଏନ୍.ରାମଙ୍କ ଦ୍ୱାରା ପ୍ରସ୍ତୁତ ଏକ ନିବନ୍ଧର ଅବତାରଣା କରିଥିବାବେଳେ ବେଣୁଗୋପାଳ କହିଥିଲେ, ଉକ୍ତ ଲେଖାଟି ଚୋରି ଦସ୍ତାବିଜ ଉପରେ ଆଧାରିତ। ଏନ୍.ରାମଙ୍କ ପ୍ରଥମ ଲେଖା ଫେବୃୟାରୀ ୮ରେ 'ଦି ହିନ୍ଦୁ'ରେ ପ୍ରକାଶ ପାଇଥିବାବେଳେ ମାର୍ଚ୍ଚ ୬ (ବୁଧବାର) ସଂସ୍କରଣରେ ଆଉ ଏକ ରିପୋର୍ଟ ପ୍ରକାଶ ପାଇଛି। ସୁପ୍ରିମକୋର୍ଟଙ୍କ ବିଚାର ପ୍ରକ୍ରିୟାକୁ ପ୍ରଭାବିତ କରିବା ପାଇଁ ଏହା ଉଦ୍ଦିଷ୍ଟ। ତେଣୁ ଏହା ଅଦାଲତ ଅବମାନନା। ସେହିପରି ଉକ୍ତ ଇଂଲିଶ ଦୈନିକରେ ଏହି ଦସ୍ତାବିଜର ଶୀର୍ଷରେ ଲେଖାଥିବା 'ଗୋପନୀୟ' ବା 'ସିକ୍ରେଟ୍' ଶବ୍ଦକୁ ହଟାଇ ଦିଆଯାଇ ପ୍ରକାଶ କରାଯାଇଛି। ତେଣୁ ରିଭ୍ୟୁ ପିଟିଶନଗୁଡ଼ିକର ଶୁଣାଣି ଖାରଜ କରାଯାଉ। ଏହାସହ ନିବନ୍ଧକୁ ଭିତ୍ତିକରି ପ୍ରଶାନ୍ତ ଭୂଷଣ ବାଢ଼ିଥିବା ଯୁକ୍ତିକୁ ଅଗ୍ରାହ୍ୟ କରାଯାଉ ବୋଲି ବେଣୁଗୋପାଳ ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ। ଫଳରେ ଚୋରି ଦସ୍ତାବିଜ ଆଧାରରେ ଷ୍ଟୋରୀଗୁଡ଼ିକୁ ପ୍ରସ୍ତୁତ କରାଯାଇଛି ବୋଲି ଅଭିଯୋଗ ଆଣୁଥିବା କେନ୍ଦ୍ର ସରକାର ଏନେଇ କ'ଣ କରିଛନ୍ତି ବୋଲି ଖଣ୍ଡପୀଠ ଜାଣିବାକୁ ଚାହିଁଥିଲେ। ସିହ୍ନା, ସୌରି ଓ ନିଜ ପକ୍ଷରୁ ଯୁକ୍ତି ଆଗକୁ ବଢ଼ାଇ ପ୍ରଶାନ୍ତ ଭୂଷଣ କହିଥିଲେ, ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚପାଇ ଦିଆଯାଇ ନ ଥିଲେ ଶୀର୍ଷ ଅଦାଲତ ଏଫ୍‌ଆଇଆର୍ ଏବଂ ତଦନ୍ତ ପାଇଁ ହୋଇଥିବା ଆବେଦନକୁ ଖାରଜ କରି ନ ଥାନ୍ତେ। ଏହାର ଜବାବରେ ବେଣୁଗୋପାଳ କହିଥିଲେ, ପ୍ରଶାନ୍ତ ଭୂଷଣ ଯେଉଁ ଦସ୍ତାବିଜ କଥା କହୁଛନ୍ତି ତାହା ପ୍ରତିରକ୍ଷା ମନ୍ତ୍ରଣାଳୟରୁ ଚୋରି କରାଯାଇଛି। ଏହି ପ୍ରସଙ୍ଗରେ ତଦନ୍ତ ଜାରି ରହିଛି। ଏତିକିବେଳେ ପ୍ରଧାନ ବିଚାରପତି ଗୋଗୋଇ କହିଥିଲେ, ପ୍ରଶାନ୍ତ ଭୂଷଣଙ୍କ ଯୁକ୍ତି ଶୁଣିବାର ତାତ୍ପର୍ଯ୍ୟ ନୁହେଁ ଯେ, ଶୀର୍ଷ ଅଦାଲତ ରାଫାଲ୍ ଡିଲ୍‌ର ଦସ୍ତାବିଜକୁ ରେକର୍ଡକୁ ନେଉଛନ୍ତି। ଯୁଦ୍ଧବିମାନ ଚୁକ୍ତି ସମ୍ପର୍କିତ ଦସ୍ତାବିଜ ଚୋରି ହେବା ପରେ ସରକାର କି ପଦକ୍ଷେପ ନେଇଛନ୍ତି ବୋଲି ବେଣୁଗୋପାଳଙ୍କୁ ଜଷ୍ଟିସ୍ ଗୋଗୋଇ ପ୍ରଶ୍ନ କରିଥିଲେ। ଆଟର୍ନି ଜେନେରାଲ କହିଥିଲେ, ଆବେଦନକାରୀ ଯେଉଁ ଦସ୍ତାବିଜ କଥା କହୁଛନ୍ତି ସେଗୁଡ଼ିକ ଉପରେ 'ସିକ୍ରେଟ୍' ବୋଲି ଚିହ୍ନଟ କରାଯାଇଥିବା ସତ୍ତ୍ୱେ ସେଗୁଡ଼ିକୁ ସାର୍ବଜନୀନ କରାଯାଇଛି, ଯାହାକି ସରକାରୀ ଗୋପନୀୟତା ଆଇନର ଉଲ୍ଲଂଘନ। ଏଥିପାଇଁ ସର୍ବାଧିକ ୧୪ ବର୍ଷ ଜେଲ ଦଣ୍ଡାଦେଶ ରହିଥିବାବେଳେ ଅଦାଲତ ଅବମାନନା ଲାଗି ୬ ମାସ ଜେଲ ଓ ୨,୦୦୦ ଟଙ୍କା ଜରିମାନା ପାଇଁ ବ୍ୟବସ୍ଥା ରହିଛି। ରାଫାଲ ମାମଲା ପ୍ରତିରକ୍ଷା ସାମଗ୍ରୀ ଅଧିଗ୍ରହଣ ସହ ସମ୍ପର୍କିତ ହୋଇଥିବାରୁ ଏହାର ସମୀକ୍ଷା କରାଯାଇ ପାରିବନାହିଁ ବୋଲି ବେଣୁଗୋପାଳ କହିଥିଲେ। ସେହିପରି ଗତ ସପ୍ତାହରେ ଆକାଶମାର୍ଗରେ ପାକିସ୍ତାନ ସହ ଭାରତୀୟ ବାୟୁସେନା ମୁହାଁମୁହିଁ ହେବା ପ୍ରସଙ୍ଗରେ ଆଟର୍ନି ଜେନେରାଲ କହିଥିଲେ, ନିକଟରେ ଏଫ୍-୧୬ ଯୁଦ୍ଧବିମାନ ଆମ ଉପରେ ବୋମା ପକାଇଥିଲା। ଏଭଳି ସ୍ଥିତିରେ ଆତ୍ମରକ୍ଷା ପାଇଁ ଦେଶକୁ ରାଫାଲ ଯୁଦ୍ଧବିମାନ ଆବଶ୍ୟକ। ରାଫାଲ ଯୁଦ୍ଧବିମାନ ନ ଥିଲେ ଆମେ ସେମାନଙ୍କୁ କିପରି ପ୍ରତିହତ କରିପାରିବା। ଉଡ଼ାଣ କରିପାରୁଥିବା ଭଳି ୨ଟି ରାଫାଲ ବିମାନ ଆସୁଛି। ଆସନ୍ତା ସେପ୍ଟେମ୍ବରରେ ଗୋଟିଏ ବିମାନ ଭାରତକୁ ଆସିବ ବୋଲି ବେଣୁଗୋପାଳ କହିଥିଲେ। ମାର୍ଚ୍ଚ ୧୪ରେ ଏହାର ପରବର୍ତ୍ତୀ ଶୁଣାଣି କରିବାକୁ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି।

## ଅଯୋଧ୍ୟା: ସୁପ୍ରିମକୋର୍ଟଙ୍କୁ ...

ଅନ୍ୟପକ୍ଷରେ ଇସ୍‌ଲାମିକ୍ ସଂଗଠନ ଉକ୍ତ ପ୍ରସ୍ତାବକୁ ସମର୍ଥନ ଜଣାଇଛି।

ଅଯୋଧ୍ୟା ମାମଲାର ଶୁଣାଣି ବେଳେ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ, ଯଦି ମଧ୍ୟସ୍ଥ ଜରିଆରେ ସମାଧାନ ହୋଇପାରିବା ସମ୍ଭାବନା ଥାଏ ତେବେ ଏଥିପାଇଁ କୋର୍ଟ ଅନୁମତି ଦେବା ଆବଶ୍ୟକ। ତେବେ ବିବାଦର ପ୍ରକୃତିକୁ ବିଚାରକୁ ନେଲେ ମଧ୍ୟସ୍ଥତା ମାର୍ଗ ପାଇଁ ପରାମର୍ଶ ଦିଆଯାଇ ପାରିବ ନାହିଁ। ରାମଲାଲା ବିରାଜମାନ ପକ୍ଷରୁ ବରିଷ୍ଠ ଆଇନଜୀବୀ ସି.ଏସ୍. ବୈଦ୍ୟନାଥନ୍ କହିଥିଲେ, ମଧ୍ୟସ୍ଥତା ଦ୍ୱାରା ଅଯୋଧ୍ୟା ଜମି ମାମଲାରୁ କୌଣସି ଫଳ ମିଳିବ ନାହିଁ। ଭଗବାନ ରାମଙ୍କ ଜନ୍ମସ୍ଥାନକୁ ନେଇ ବିବାଦ ସୃଷ୍ଟି ହୋଇଛି। ତେଣୁ ଜନ୍ମସ୍ଥାନକୁ ନେଇ ମଧ୍ୟସ୍ଥତା କରାଯାଇପାରିବ ନାହିଁ ବୋଲି ସେ କହିଥିଲେ। ଇସ୍‌ଲାମିକ ସଂଗଠନ ମଧ୍ୟସ୍ଥତା ପ୍ରସ୍ତାବକୁ ସମର୍ଥନ ଜଣାଇ କହିଛି, ଏହା କ୍ୟାମେରା ସମ୍ମୁଖରେ ହେବା ଉଚିତ ଏବଂ ଚୂଡ଼ାନ୍ତ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ଏ ସମ୍ପର୍କିତ କୌଣସି ତଥ୍ୟ ପଦାକୁ ଆସିବା ଉଚିତ ନୁହେଁ। ଭାଜପା ନେତା ସୁବ୍ରମଣ୍ୟମ୍ ସ୍ୱାମୀ କହିଥିଲେ, ଅଯୋଧ୍ୟାର ବିବାଦୀୟ ଜମି ସରକାରଙ୍କର। ଯଦି ସେଠାରେ ମନ୍ଦିର ଥିବାର ଜଣାପଡ଼େ ତେବେ ଜମିକୁ ମନ୍ଦିର ନିର୍ମାଣ ପାଇଁ ଛାଡିଦିଆଯିବ ବୋଲି ୧୯୯୪ରେ ପିଭି ନରସିଂହ ରାଓ ସରକାର ସୁପ୍ରିମକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

ଜମି ବିବାଦର ଗୁରୁତ୍ୱ ଏବଂ ମଧ୍ୟସ୍ଥତାର ନିଷ୍କର୍ଷ ସମ୍ପର୍କରେ ଅଦାଲତ ସଚେତନ ଅଛନ୍ତି ବୋଲି ଶୁଣାଣି ବେଳେ ଖଣ୍ଡପୀଠ କହିଥିଲେ। ଏହା କେବଳ ଜମି ମାମଲା ନୁହେଁ, ଏହା ସହିତ ଧର୍ମ ଓ ଭାବାବେଗ ଜଡିତ। ତେଣୁ ମଧ୍ୟସ୍ଥତା ଜରିଆରେ ଦୀର୍ଘ ଦଶନ୍ଧିର ଏହି ବିବାଦର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ ପନ୍ଥା ବାହାର କରିବା ଲାଗି ଅଦାଲତ ପକ୍ଷମାନଙ୍କୁ କହିଥିଲେ। ସୂଚନାଯୋଗ୍ୟ, ବିବାଦୀୟ ଅଯୋଧ୍ୟା ଜମିକୁ ତିନି ପକ୍ଷ ସୁନ୍ନି ୱାକଫ୍ ବୋର୍ଡ, ନିର୍ମୋହୀ ଆଖଡା ଏବଂ ରାମଲାଲାଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟିଦେବା ଲାଗି ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ରାୟ ଦେଇଥିଲେ। ଏହାକୁ ବିରୋଧ କରି ସୁପ୍ରିମକୋର୍ଟରେ ୧୪ଟି ପିଟିଶନ ଦାଏର ହୋଇଥିଲା।

## ମେଡିକାଲରୁ ନବଜାତ ...

ଚିକିତ୍ସିତ ହେଉଥିଲେ। ବୁଧବାର ଡାକ୍ତରଖାନା ଶିଶୁ ୱାର୍ଡର ୬୭ନଂ ଶଯ୍ୟାରେ ଜୟନ୍ତୀ ଶିଶୁପୁତ୍ର ସହ ଶୋଇଥିଲେ। କୌଣସି କାମରେ ତାଙ୍କ ସ୍ୱାମୀ ଏବଂ ଶାଶୁ ଡାକ୍ତରଖାନା ବାହାରକୁ ଯାଇଥିଲେ। ଏତିକିବେଳେ ଜଣେ ଅଚିହ୍ନା ମହିଳା ଆସି ଜୟନ୍ତୀଙ୍କ ପାଖରେ ବସିବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ପରେ ସେ ଶିଶୁପୁତ୍ରକୁ ଧରିବା ସହ ମୁହଁଦେଖା ଶହେ ଟଙ୍କା ଦେଇଥିଲେ। ପରେ ମହିଳା ଜଣକ ଶିଶୁପୁତ୍ରକୁ ଖେଳାଇବା ବାହାନାରେ ମେଡିକାଲ ବାହାରକୁ ନେଇ ଚାଲିଯାଇଥିଲେ। କିଛି ସମୟ ପର୍ଯ୍ୟନ୍ତ ସେ ନ ଫେରିବାରୁ ଜୟନ୍ତୀ ସନ୍ଦେହ କରି ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ କହିଥିଲେ। ଏକ ବାଇକ୍ ଯୋଗେ ମହିଳା ଜଣକ ଶିଶୁପୁତ୍ରକୁ ନେଇ ଚମ୍ପଟ ମାରିଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଥିଲେ। ହସ୍ପିଟାଲ ପରିସରରୁ ଶିଶୁପୁତ୍ର ଚୋରି ଘଟଣା ଜଣାପଡ଼ିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ଉପଖଣ୍ଡସ୍ତରୀୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ପାଟିତୁଣ୍ଡ କରିଥିଲେ। ଏପରି କି ଉତ୍ୟକ୍ତ ଲୋକେ ବଲାଙ୍ଗୀର-ପାଟଣାଗଡ଼ ରାସ୍ତା ଅବରୋଧ କରି ବିକ୍ଷୋଭ କରିଥିଲେ। ପୋଲିସ ଲୋକଙ୍କୁ ବୁଝାଶୁଝା କରିଥିଲା। ତେବେ ଏଥିରେ ପୋଲିସ ବିଫଳ ହେବାପରେ ଲୋକଙ୍କୁ ଘଉଡ଼ାଇବାକୁ ଯାଇ ମାଡ଼ ମାରିଥିବା ଅଭିଯୋଗ

### ପ୍ରଥମ ପୃଷ୍ଠାରୁ...

ହୋଇଛି। ପୋଲିସ ମାଡ଼ରେ ଶିଶୁର ବାପା ରୁଦ୍ର ଓ କାକା ଆହତ ହୋଇଛି। ରୁଦ୍ର ଲହୁଲୁହାଣ ହୋଇ ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇପଡ଼ିଥିଲେ। ତାଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଚୋରି ହୋଇଥିବା ଶିଶୁକୁ ଖୋଜି ବାହାର କରିବା ପରିବର୍ତ୍ତେ ପୋଲିସ ଲୋକଙ୍କୁ ମାଡ଼ ମାରିବା ଘଟଣା ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପାଟଣାଗଡ଼, ବେଲପଡ଼ା, ଲରମ୍ଭା ଥାନା ଅଧିକାରୀଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ରାସ୍ତାରୋକୋ ଫଳରେ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତ କାର୍ଯ୍ୟକ୍ରମରୁ ଫେରୁଥିବା ଶହ ଶହ ଗାଡ଼ି ଅଟକି ରହିଥିଲା। ଶିଶୁ ଚୋରି ଘଟଣାକୁ ନେଇ ପାଟଣାଗଡ଼ ଥାନାରେ ଏକ ମାମଲା (ନଂ. ୫୫/୨୦୧୯) ରୁଜୁ ହୋଇଛି। ଅନ୍ୟପକ୍ଷେ ହସ୍ପିଟାଲରେ ସିସିଟିଭି ଲାଗିଥିଲେ ମଧ୍ୟ ତାହା କାମ କରୁ ନ ଥିବା ଜଣାପଡ଼ିଛି।

## ସ୍ୱାମୀ, ଶ୍ୱଶୁର ଓ ଶାଶୁଙ୍କୁ ...

କଖାରୁଣୀ ଗ୍ରାମର ଅକ୍ଷୟ ମଲ୍ଲିକଙ୍କ ଝିଅ ଲକ୍ଷ୍ମୀଙ୍କ ସହ କଟରାମଲ୍ଲ ଗ୍ରାମର ଅଗସ୍ତି ମଲ୍ଲିକଙ୍କ ପୁଅ ସୁଶାନ୍ତଙ୍କର ୨୦୧୨ ଜୁଲାଇ ୯ ତାରିଖରେ ବିବାହ ହୋଇଥିଲା। ବର ଘରର ଦାବି ମୁତାବକ କନ୍ୟାଘର ପକ୍ଷରୁ ୩୦ ହଜାର ଟଙ୍କା ସହ ଅନ୍ୟ ଯୌତୁକ ସାମଗ୍ରୀ ଦିଆଯାଇଥିଲା। ତେବେ ବାହାଘରର କିଛିଦିନ ପରେ ବାପଘରୁ ଏକ ଟିଭି ଆଣିବା ପାଇଁ ଶାଶୁଘର ଲୋକେ ଲକ୍ଷ୍ମୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏପରିକି ଲକ୍ଷ୍ମୀଙ୍କୁ ବାପଘରକୁ ଯିବାକୁ ଦେଇ ନଥିଲେ। ୨୦୧୩ ମାର୍ଚ୍ଚ ୪ ତାରିଖରେ ସ୍ୱାମୀ ସୁଶାନ୍ତ, ଶ୍ୱଶୁର ଅଗସ୍ତି ଓ ଶାଶୁ ମୁକ୍ତା ଲକ୍ଷ୍ମୀଙ୍କ ହାତଗୋଡ ବାନ୍ଧି କିରୋସିନ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ଏ ନେଇ ଲକ୍ଷ୍ମୀଙ୍କ ବାପା ପଟ୍ଟାମୁଣ୍ଡାଇ ଥାନା (ନଂ.- ୩୭/୧୩)ରେ ଏତଲା ଦେଇଥିଲେ। ଏଥିସହିତ କଟକରେ ଲକ୍ଷ୍ମୀ ଚିକିତ୍ସିତ ହେଉଥିବା ସମୟରେ ଏ ସମ୍ପର୍କରେ ତାଙ୍କର ମୃତ୍ୟୁକାଳୀନ ଜମାନବନ୍ଦୀ ନିଆଯାଇଥିଲା। ଏହି ମାମଲାରେ ଅଭିଯୁକ୍ତମାନେ ଦୀର୍ଘ ଦିନ ଧରି ଜାମିନରେ ବାହାରେ ରହୁଥିବା ବେଳେ ରାୟ ପ୍ରକାଶ ପାଇବା ପରେ ସେମାନଙ୍କୁ ବାରିମୂଳ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଆଜୀବନ କାରାଦଣ୍ଡ ସହ ପ୍ରତ୍ୟେକଙ୍କୁ ଏକ ହଜାର ଟଙ୍କା ଲେଖାଏଁ ଜରିମାନା ହୋଇଛି। ଜରିମାନା ଅନାଦାୟରେ ଅଧିକ ୧ ମାସ କାରାଦଣ୍ଡ ପାଇଁ ରାୟରେ ଉଲ୍ଲେଖ ରହିଛି। ଏହି ମାମଲାକୁ ସରକାରୀ ଓକିଲ ସଞ୍ଜୟ ଜେନା ପରିଚାଳନା କରୁଥିଲେ।

## ବାଲାକୋଟ ମଦ୍ରାସା ...

ତାହା ଉପରେ ଉକ୍ତ ଫଟୋ ପ୍ରଶ୍ନବାଚୀ ଲଗାଇଛି। ଭାରତୀୟ ଯୁଦ୍ଧବିମାନ ବାଲାକୋଟରେ ପ୍ରବେଶ କରିଥିଲା। ତେବେ ପାକିସ୍ତାନୀ ଯୁଦ୍ଧବିମାନ ଏହାକୁ ପିଛା କରିବାରୁ ସେମାନେ ଫେରିଆସିଥିଲେ ଏବଂ କୌଣସି କ୍ଷତି ହୋଇ ନ ଥିଲା ବୋଲି ଇସ୍‌ଲାମାବାଦ ସେତେବେଳେ କହିଥିଲା। ଅନ୍ୟପକ୍ଷରେ ଭାରତୀୟ ଯୁଦ୍ଧବିମାନ ଲକ୍ଷ୍ୟସ୍ଥଳକୁ ବୋମାମାଡ଼ କରିଥିବା ବାୟୁସେନା ମୁଖ୍ୟ ବି.ଏସ୍. ଧନୋଆ କହିଥିଲେ। ପରେ ଭାରତୀୟ ଗଣମାଧ୍ୟମ ବାୟୁସେନା କାର୍ଯ୍ୟାନୁଷ୍ଠାନର ସଫଳ କାହାଣୀ ପ୍ରସାର କରିଥିଲା। ୧୨ଟି ମିରାଜ-୨୦୦୦ ଯୁଦ୍ଧବିମାନ ପାକିସ୍ତାନରେ ପ୍ରବେଶ କରି ଜେଇଏମ୍‌ର ପ୍ରଶିକ୍ଷଣ ଶିବିରକୁ ବୋମାମାଡ଼ରେ ଧ୍ୱଂସ କରିଦେଇଛନ୍ତି ବୋଲି ଖବର ପ୍ରକାଶ ପାଇଥିଲା। ଏହି କାର୍ଯ୍ୟାନୁଷ୍ଠାନରେ ୩୫୦ ଆତଙ୍କବାଦୀ ନିହତ ହୋଇଥିବା କେତେକ ଗଣମାଧ୍ୟମ ପ୍ରକାଶ କରିଥିଲେ। ବାୟୁସେନା କାର୍ଯ୍ୟାନୁଷ୍ଠାନରେ କୌଣସି କ୍ଷତି ହୋଇ ନ ଥିବା ଅନ୍ତର୍ଜାତୀୟ ଗଣମାଧ୍ୟମଗୁଡିକ କହିବା ପରେ ଏହାକୁ ନେଇ ଭାରତରେ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ବିରୋଧୀ ଦଳଗୁଡିକ କାର୍ଯ୍ୟାନୁଷ୍ଠାନର ପ୍ରମାଣ ମାଗିଛନ୍ତି।

## ଆଜିଠୁ ଯୁକ୍ତ୨ ...

ପ୍ରଶ୍ନପତ୍ର ପରୀକ୍ଷକଙ୍କୁ ଦେଇଯିବାକୁ ପଡ଼ିବ। ଟଏଲେଟ୍‌ରେ ୨ମିନିଟ୍‌ରୁ ଅଧିକ ସମୟ ରହିଲେ ନିରୀକ୍ଷକ ଯାଞ୍ଚ କରିବେ। ପରୀକ୍ଷାର୍ଥୀମାନେ କଳା ବଲ୍ ପେନ୍ ବ୍ୟବହାର କରିବା ପାଇଁ ପରିଷଦ ପକ୍ଷରୁ କୁହାଯାଇଛି। ପରୀକ୍ଷା କେନ୍ଦ୍ରରେ ତ୍ରିସ୍ତରୀୟ ସ୍କ୍ୱାଡ ବ୍ୟବସ୍ଥା ହୋଇଛି। ନକ୍ସଲ ପ୍ରବଣ ଜିଲାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

## ୧୧୮୩ ମୋବାଇଲ ଫୋନ୍ ...

ତେବେ ହେମନ୍ତ କେଉଁ ଉଦ୍ଦେଶ୍ୟରେ ଏକକାଳୀନ ଏତେ ସଂଖ୍ୟକ ମୋବାଇଲ କିଣିଛନ୍ତି ଏବଂ ଠିକଣାରେ ତ୍ରିବେଣୀ ଆର୍ଥ ମୁଭର୍ସ ଲିମିଟେଡ୍,କୋରେଇ ନାମ କାହିଁକି ଦେଇଛନ୍ତି ତାହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ବିଜୁ ଯୁବବାହିନୀ କର୍ମୀଙ୍କ ପାଇଁ ଏହି ମୋବାଇଲ ଫୋନ କିଣାଯାଇଥିବା କୁହାଯାଉଛି।

ରାଜ୍ୟ ସରକାରଙ୍କ ତରଫରୁ ଯୁବ ସଶକ୍ତୀକରଣ ଯୋଜନା ଅନ୍ତର୍ଗତ ବିଜୁ ଯୁବବାହିନୀ ଗଠନ କରାଯାଇଛି। ଏହି ବାହିନୀର କର୍ମୀଙ୍କୁ ଏବେ ମୋବାଇଲ ଫୋନ ବଣ୍ଟନ କରାଯାଉଛି। ମୋବାଇଲ ବଣ୍ଟନ ଜଣାପଡିବା ପରେ ୨ଦିନ ତଳେ ଆୟକର ବିଭାଗର କେତେଜଣ ଉଚ୍ଚପଦସ୍ଥ ଅଧିକାରୀ କୋରେଇ ବ୍ଲକରେ ପହଞ୍ଚି ତଦନ୍ତ କରିଥିଲେ। ତେବେ ମୋବାଇଲ ବଣ୍ଟନ ସହିତ ବ୍ଲକ ପ୍ରଶାସନର କୌଣସି ସମ୍ପୃକ୍ତି ନାହିଁ ବୋଲି ବ୍ଲକ କର୍ମଚାରୀମାନେ ସେମାନଙ୍କୁ ସୂଚନା ଦେଇଥିଲେ। କିନ୍ତୁ ରିଲାଏନ୍ସ ରିଟେଲ ଲିମିଟେଡ୍‌ର ଏକ ବିଲ୍‌ରେ ନିକଟରେ ବଦଳି ହୋଇଥିବା କୋରେଇ ବିଡିଓ ହେମନ୍ତ ବିହାରୀଙ୍କ ନାମ ଓ ମୋବାଇଲ ନମ୍ବର ଉଲ୍ଲେଖ ରହିଛି। ତେବେ ସେହି ନାମରେ କୌଣସି ପଦବୀ ଦର୍ଶାଯାଇ ଯାଇ ନ ଥିବାବେଳେ ତ୍ରିବେଣୀ ଆର୍ଥ ମୁଭର୍ସ ପ୍ରାଇଭେଟ ଲିଃ କୋରେଇ ବୋଲି ଠିକଣାରେ ଲେଖାଯାଇଛି। ବିଲ୍‌ରେ ଉଲ୍ଲେଖ ଥିବା ମୋବାଇଲ ନମ୍ବରକୁ ଯୋଗାଯୋଗ କରିବାରୁ ବର୍ତ୍ତମାନର ଭଦ୍ରକ ସହକାରୀ ଉପଜିଲାପାଳ ହେମନ୍ତ କୁମାର ବିହାରୀ ଫୋନ କଲ୍ ଗ୍ରହଣ କରିଥିଲେ। ସେ କହିଥିଲେ କ'ଣ କେମିତି ବିଲ୍ ହୋଇଛି ତାହା ତାଙ୍କୁ ଜଣାନାହିଁ। ସେ କୋରେଇ ବିଡିଓ ଥିବାବେଳେ ଏଭଳି କୌଣସି ମୋବାଇଲ କ୍ରୟ କରି ନାହାନ୍ତି। ଯେଉଁ ବିଲ୍ କଥା କୁହାଯାଉଛି ତାହା ସମ୍ପୂର୍ଣ୍ଣ ମିଥ୍ୟା। ଏଠାରେ ପ୍ରଶ୍ନ ଉଠୁଛି ଯେ, ରିଲାଏନ୍ସ ରିଟେଲ ଲିମିଟେଡ୍‌ର ଡେଲିଭରି ଚାଲାଣ ନଂ. ୨୧୧୧୦୩୪୫୦୦୦୬୫୬୭ରେ ଥିବା ନାମ, ଫୋନ୍ ନମ୍ବର ଓ ଠିକଣା ଠିକ୍ ନା ଭୁଲ୍। ଯଦି ଠିକ୍ ତେବେ କୋରେଇର ପୂର୍ବତନ ବିଡିଓ ହେମନ୍ତ ବିହାରୀଙ୍କ ନାମ ସହ ତ୍ରିବେଣୀ ଆର୍ଥମୁଭର୍ସ ପ୍ରାଇଭେଟ ଲିମିଟେଡର ଠିକଣା କିପରି ରହିଥିଲା। ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବାସ୍ତବ କଥା ଲୋକ ଲୋଚନକୁ ଆସିପାରିବ ବୋଲି ଆଲୋଚନା ହେଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ଆଜି ଭାଗ୍ୟାଧିପତି ବୃହସ୍ପତିଙ୍କ ନକ୍ଷତ୍ରରେ ଚନ୍ଦ୍ର ଥିବାରୁ ନୂତନ ଯୋଜନାରମ୍ଭ କରିବାକୁ ମନ ବଳାଇପାରନ୍ତି। ଆତ୍ମୀୟମାନଙ୍କ ସହଯୋଗରେ ଧାର୍ମିକ କାର୍ଯ୍ୟ ସକାଶେ ପୂର୍ବ ପ୍ରସ୍ତୁତି ଶେଷପର୍ଯ୍ୟାୟରେ ପହଞ୍ଚିବ। ଏଇ ଅଳ୍ପ କେତେଦିନ ହେଲା ଯାହା ଭାବୁଥିଲେ ତାହା ଆଜି ସହଜରେ ପାଇଯିବେ। ଶିଳ୍ପ, ବ୍ୟବସାୟ, ପରିବହନ ସାମୟିକ ଭାବରେ ବାଧାପ୍ରାପ୍ତ ହୋଇପାରେ।

**ବୃଷ** - ରବିଙ୍କ କେନ୍ଦ୍ରସ୍ଥାନରେ ଦେବଗୁରୁ ବୃହସ୍ପତି ହେତୁ କାର୍ଯ୍ୟସିଦ୍ଧି, ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ପ୍ରତିଷ୍ଠାଦି ପ୍ରଦାନ କରିବେ। ସ୍ୱାସ୍ଥ୍ୟ ବିଶେଷ କିଛି ଖରାପ ନ ଥିଲେ ମଧ୍ୟ ବିଭିନ୍ନ ପ୍ରକାର ଘରୋଇ ଝମେଲା କାରଣରୁ ମନଟା ଭଲ ରହି ନ ପାରେ। ବାଣିଜ୍ୟ,ବ୍ୟବସାୟ ତଥା ଲେଖାପଢ଼ା, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ମିଥୁନ** - ଧନତୃତୀୟାଧିପତିଙ୍କ ଏକତ୍ର ସମାବେଶ ନିକଟସ୍ଥ ବନ୍ଧୁ ପରିଜନଙ୍କ ସହାୟତାରେ ଅର୍ଥ ସମ୍ପର୍କିତ ସୁବିଧା ସୁଯୋଗ ଆଣିଦେବ। ବହୁତ ଦିନହେଲା ଅଟକି ରହିଥିବା କାମଗୁଡିକ ସୁବିଧାରେ ହୋଇଯିବ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ନିର୍ମାଣ କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢିଚାଲିବ ଏବଂ ବାଣିଜ୍ୟ ଓ ପରିବହନରେ ଉନ୍ନତି ମଧ୍ୟ କରିବେ।

**କର୍କଟ** - ଚନ୍ଦ୍ର ଅଷ୍ଟମରେ ରହିଥିଲେ ମଧ୍ୟ ଆଜିର କାର୍ଯ୍ୟପଦ୍ଧତି, ଟଙ୍କା ପଇସା କାରବାର ପାଇଁ କୌଣସି ଅସୁବିଧା ରହିବନାହିଁ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ବ୍ୟବସାୟ,ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

**ସିଂହ** - କେନ୍ଦ୍ରରେ ବୃହସ୍ପତି ଓ ରବି ଆପଣଙ୍କ ସମସ୍ତ କାର୍ଯ୍ୟକୁ ଆଶାତୀତ ଭାବେ ସଫଳତା ପ୍ରଦାନ କରିବେ। ହଠାତ୍ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରଯାତ୍ରା କରିବାକୁ ପଡିପାରେ। ଦେହ ଭଲ ରହିବ ମାତ୍ର କଠିନ ପରିଶ୍ରମଜନିତ କ୍ଳାନ୍ତିବୋଧ କରିବେ। କଳା,ସାହିତ୍ୟ, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତା କଲେ ମଧ୍ୟ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା** - ଗୁରୁକ୍ଷେତ୍ରସ୍ଥ ବକ୍ରୀବୁଧ ପ୍ରଭାବରେ ଆପଣ ବନ୍ଧୁଙ୍କ ଅନୁରୋଧରେ କୌଣସି କାମ କରିବା ସକାଶେ ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ମାଲି ମକଦ୍ଦମା, ତର୍କ ବିତର୍କ, ସଭାସମିତି, ସଙ୍ଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** - ଭାଗ୍ୟାଧିପତି ନୀଚାଂଶରେ ରହି ରାଶିର ଷଷ୍ଠ ଓ ଅଷ୍ଟମ ଭାବ ପ୍ରତି ସମ୍ବନ୍ଧିତ ରହିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ କିଛି ନା କିଛି ସଙ୍କଟଜନକ ସ୍ଥିତି ଉପୁଜିବ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ସୁଫଳ ପାଇବେ। ସ୍ୱାତୀ ନକ୍ଷତ୍ରର ଅର୍ଥଲାଭ ଓ ବନ୍ଧୁମିଳନ ଅବଶ୍ୟ ଘଟିବ।

**ବିଛା** - କେନ୍ଦ୍ରସ୍ଥ ରବି ଓ ଚନ୍ଦ୍ର ପ୍ରଭାବରୁ ଦୀର୍ଘଦିନର ଅଭିଳାଷ ପୂରଣ ହେବା କାରଣରୁ ମନ ପ୍ରଫୁଲ୍ଲ ରହିବ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗିପାରନ୍ତି। କଳା, ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତି, ସଙ୍ଗଠନ ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏ ସମାଧାନ ହୋଇଯିବ।

**ଧନୁ** - ରାଶିରେ ସ୍ୱଗୃହାଭିମୁଖୀ ଶନି ଓ ତୃତୀୟସ୍ଥ ଚନ୍ଦ୍ର ଆପଣଙ୍କ କାମକୁ ଧୀରେ ଧୀରେ ଆଗକୁ ଗତିଶୀଳ କରାଇବେ। ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ସୁଧୁରିବାରେ ଲାଗିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ରାଜନୀତିରେ ଉନ୍ନତି କରିବେ।

**ମକର** - ରବି ଓ ଶୁକ୍ର ତଥା ବୃହସ୍ପତିଙ୍କ ଶୁଭ ସଂସ୍ଥାନ ବଳରେ ଆପଣଙ୍କ ଆଶା ଓ ଅଭିଳାଷ ପୂରଣ ହେବାରେ କୌଣସି ଅସୁବିଧା ରହିବ ନାହିଁ। ତଥାପି ରାହୁ ସପ୍ତମସ୍ଥ ହେତୁ ବିବାଦ ଓ ପ୍ରତିବନ୍ଧକ ଯୁକ୍ତ କାମଠାରୁ ଦୂରେଇ ରହିବା ଭଲ ହେବ। ପ୍ରକୃତ ଘଟଣା ନ ବୁଝି ପରିବାର ସଦସ୍ୟମାନେ ପଡ଼ୋଶୀଙ୍କ କୁମନ୍ତ୍ରଣାରେ କ୍ରୋଧ ପ୍ରକାଶ କରିପାରନ୍ତି।

**କୁମ୍ଭ** - ସାଧାରଣ ପ୍ରତିରୋଧ ଭିତରେ ଆଜିର କାମଗୁଡିକ ସମ୍ପନ୍ନ ହେବ। ହଠାତ୍ ଜଣେ ବନ୍ଧୁଙ୍କ ମଧ୍ୟସ୍ଥତାରେ ପାରିବାରିକ ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କଲେ ଭଲ ହେବ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଆଜିର ଯାତ୍ରା ଅବଶ୍ୟ ସଫଳ ହେବ, ତଥାପି ଟେନ୍ସନ ଲାଗି ରହିପାରେ।

**ମୀନ** - ଦ୍ୱାଦଶରେ ଚନ୍ଦ୍ର ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟି କାରଣ ହୋଇପାରେ। କିନ୍ତୁ ରବିଙ୍କ ପ୍ରଭାବରେ ଆପଣ ତାହାର ଠିକ୍ ସମାଧାନ କମ୍ ସମୟ ମଧ୍ୟରେ କରିପାରିବେ। ଆଜି ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କର ମନ ବୁଝିଲା ଭଳି କଥା କହି କାମ ହାସଲ କରିପାରନ୍ତି। ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଫାଲଗୁନ ଶୁକ୍ଳ ପ୍ରତିପଦା ଗୁରୁବାର, ମାର୍ଚ୍ଚ-୭ ତାରିଖ, ରାଶି ନକ୍ଷତ୍ର- ସକାଳ ଘ୯।୧୨ମି. ପର୍ଯ୍ୟନ୍ତ ପୂର୍ବଭାଦ୍ରପଦ୍ /କୁମ୍ଭ, ଅପରାହ୍ନ ଘ୨।୩୫ମି. ଗତେ, ମୀନ ଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୦।୨୭ମି. ଗତେ ଘ୧୧।୫୪ମି. ମଧ୍ୟେ, ଘ୧।୨୧ମି. ଗତେ ଘ୨।୪୮ମି. ମଧ୍ୟେ ଅମୃତ ବେଳା। ସକାଳ ଘ ୭।୩୩ମି. ମଧ୍ୟେ ଘ୧୧।୫୪ମି. ଗତେ, ଘ୧।୨୧ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ୧।୨୬ମି. ଗତେ ଘ୨।୫୪ମି. ମଧ୍ୟେ ରାହୁକାଳ।


ନୂଆଦିଲ୍ଲୀରେ ବୁଧବାର ଜି-୨୦ ରାଷ୍ଟ୍ରସମୂହର ରାଷ୍ଟ୍ରଦୂତ ଓ ଉଚ୍ଚାୟୁକ୍ତଙ୍କୁ ନେଇ କଂଗ୍ରେସ ପକ୍ଷରୁ ଏକ ବୈଠକ ଆୟୋଜନ କରାଯାଇଥିଲା। ଏଥିରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସମେତ ଦଳର ଅନେକ ବରିଷ୍ଠ ନେତା ସାମିଲ ହୋଇଥିଲେ। ବୈଠକକୁ ପାକିସ୍ତାନ ଉଚ୍ଚାୟୁକ୍ତଙ୍କୁ ଡକାଯାଇ ନ ଥିଲା।

## ସଂକ୍ଷେପରେ

### ଗଣିତ ଖାତା ଗାଏବ ଘଟଣା
## ୩ଜଣଙ୍କୁ ରିମାଣ୍ଡରେ ନେଲା ପୋଲିସ

**ମାଲକାନଗିରି,୬।୩(ସ୍ୱ.ପ୍ର):** ମାଲକାନଗିରି ଜିଲାର ପଡ଼ିଆ ଏସଏସଡି ଆଶ୍ରମ ବିଦ୍ୟାଳୟରେ ଚାଲିଥିବା ମାଟ୍ରିକ ପରୀକ୍ଷାର ଗଣିତ ଉତ୍ତରଖାତା ଗତ ଶନିବାର ଗାଏବ୍ ହୋଇଯାଇଥିଲା। ଏହି ଘଟଣାରେ ମଙ୍ଗଳବାର ଗଠନପାଲି ନବୀନଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଳନ୍ଧର ବେହେରା,ନୋଡାଲ ପର୍ଯ୍ୟବେକ୍ଷକ ସନ୍ଦୀପ କୁମାର ସାହୁ ଓ ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ଶତ୍ରୁଘ୍ନ ସ୍ୱାଇଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ବୁଧବାର ଏହି ୩ ଜଣଙ୍କୁ ପୋଲିସ ଅଧିକ ପଚରାଉଚରା ପାଇଁ ରିମାଣ୍ଡରେ ନେଇଛି। ଏନେଇ ପୋଲିସ ସବ୍‌ଜଜ୍ କୋର୍ଟରେ ରିମାଣ୍ଡ ପାଇଁ ଆବେଦନ କରିଥିଲା। ସବ୍‌ଜଜ୍ ସୁଚିତା କୃପାଳିନୀ ଆବେଦନକୁ ବିଚାରକୁ ନେଇ ଉପରୋକ୍ତ ୩ ଜଣଙ୍କୁ ୨ଦିନ ପାଇଁ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି। ଏହି ସମୟ ମଧ୍ୟରେ ପରୀକ୍ଷା ଖାତା ଗାଏବ୍ ସମ୍ପର୍କରେ ପୋଲିସ ସେମାନଙ୍କୁ ଅଧିକ ପଚରାଉଚରା କରି ତଥ୍ୟ ହାସଲ ଲାଗି ଆଶା ରଖିଛି। ଅନ୍ୟପକ୍ଷରେ ପିଲାଙ୍କ ଭବିଷ୍ୟତ ପାଇଁ ପ୍ରଶାସନ ଶୀଘ୍ର ଠିକ୍ ନିଷ୍ପତ୍ତି ନେବାକୁ ଅଭିଭାବକମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ଶନିବାର ଉକ୍ତ ବିଦ୍ୟାଳୟରେ ୧୨୦ ଛାତ୍ରୀଛାତ୍ର ଗଣିତ ବିଷୟରେ ପରୀକ୍ଷା ଦେଇଥିଲେ। ପରୀକ୍ଷା ପରେ ସନ୍ଧ୍ୟାରେ ଖାତାଗୁଡ଼ିକୁ ଥାନାରେ ଜିମା ଦେବା ପାଇଁ ନିୟମ ଥିଲେ ମଧ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷ ଅବହେଳା କରି ସେଦିନ ଖାତା ଥାନା ଜିମା ନ ଦେଇ ଟେବୁଲ ଡ୍ରୟାରରେ ରଖିଥିଲେ। ରବିବାର ଏଥିରୁ ୧୦୮ଟି ଉତ୍ତର ଖାତା ଗାଏବ୍ ହୋଇଯାଇଥିଲା। ଏହି ଖବର ଜଣାପଡିବା ପରେ ଘଟଣାର ଛାନ୍‌ଭିନ୍ ଆରମ୍ଭ ହୋଇଥିଲା। ପୋଲିସ ଆଇପିସି ୩୭୯,୧୨୦ (ବି) ଦଫାରେ ଏକ ମାମଲା (୧୭/୧୯) ରୁଜୁକରି ତଦନ୍ତ ଜାରି ରଖିଥିଲା। ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଜିଲା ପ୍ରଶାସନ ୪ଜଣଙ୍କୁ ନିଲମ୍ବିତ କରିଥିଲା।




## ବର୍ତ୍ତନାରେ ବାର୍ଡ ଫ୍ଲୁ ଆଶଙ୍କା

**ଜଳେଶ୍ୱର, ୬।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ବର୍ତ୍ତନା ପଞ୍ଚାୟତର ବର୍ତ୍ତନା ଗ୍ରାମସ୍ଥିତ ଏକ ମହାବିଦ୍ୟାଳୟ ନିକଟରେ ଥିବା ନମନାଳ ଖାଲରେ ବୁଧବାର ସନ୍ଧ୍ୟାରେ ଶତାଧିକ ପ୍ଲାଷ୍ଟିକ ବ୍ୟାଗ୍‌ରେ ଭର୍ତ୍ତି ମଲା କୁକୁଡ଼ା ଫିଙ୍ଗି ଦିଆଯାଇଥିବା ଦେଖିବାକୁ ମିଳିଛି। ଏହାକୁ ଦେଖିବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ବାର୍ଡଫ୍ଲୁରେ କୁକୁଡ଼ାଗୁଡ଼ିକ ମରିଥିବା ଆଶଙ୍କା କରାଯାଉଛି। ଖବର ପାଇ ଜଳେଶ୍ୱର ପୋଲିସର ଏକ ଟିମ୍ ସେଠାରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛି। ଏହି ପଞ୍ଚାୟତର ଏକ ଗ୍ରାମରେ ଥିବା ଜଣେ କୁକୁଡ଼ା ଦୋକାନୀ କୁକୁଡ଼ାଗୁଡ଼ିକୁ ଫିଙ୍ଗି ଦେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

# କେବଳ ବିଜ୍ଞାପନରେ ପ୍ରତିଶ୍ରୁତି ପାଳନ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୬।୩ (ବ୍ୟୁରୋ)**

ମଙ୍ଗଳବାର ସଚିବାଳୟଠାରେ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ସେହି ବୈଠକରେ ରାଜ୍ୟବାସୀଙ୍କୁ ୫ ବର୍ଷ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ପ୍ରତିଶ୍ରୁତି ପାଳନ କରିଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହା କେବଳ ପ୍ରଚାର ସର୍ବସ୍ୱ ଘୋଷଣା ଥିଲା ବୋଲି କହି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମାଲୋଚନା କରିଛନ୍ତି। କୋଟି କୋଟି ଟଙ୍କା ଖର୍ଚ୍ଚରେ ମୁଖ୍ୟମନ୍ତ୍ରୀ କେବଳ ବିଜ୍ଞାପନରେ ନିଜ ପ୍ରତିଶ୍ରୁତି ପାଳନ କରିଥିବା ଧର୍ମେନ୍ଦ୍ର କହିଛନ୍ତି।

ସ୍ଥାନୀୟ ଏକ ହୋଟେଲରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି, ୨୦୧୪ରେ ବିଜେଡି ନିର୍ବାଚନୀ ଇସ୍ତାହାରରେ କହିଥିଲା ସଭିଙ୍କ ପାଇଁ ପକ୍କା ଘର, ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି, ସାର୍ବଜନୀନ ସାମାଜିକ ସୁରକ୍ଷା, ଜଳସେଚନ, କୃଷି ଓ କୃଷକ କଲ୍ୟାଣ ଏବଂ ପାନୀୟ ଜଳ ସମସ୍ୟା ପୂରଣ କରାଯିବ। ମୁଖ୍ୟମନ୍ତ୍ରୀ ଥ୍ରୀଟି ଯଥା ଟ୍ରାନ୍ସପରେନ୍ସି, ଟେକ୍ନୋଲୋଜି ଓ ଟିମ୍‌ୱର୍କରେ ବିଶ୍ୱାସ କରୁଥିବାବେଳେ କାଳିଆ ଯୋଜନାର ଲାଭାର୍ଥୀଙ୍କ ସୂଚୀ କୁଆଡେ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସଭିଙ୍କ ପାଇଁ ପକ୍କାଘର ଦେବା କଥା କହିବା ମୁଖ୍ୟମନ୍ତ୍ରୀଙ୍କ ବଡ ମିଛ ପ୍ରତିଶ୍ରୁତି। ଗତ ୫ବର୍ଷରେ ୨୦ଲକ୍ଷ କଚ୍ଚା ଘରକୁ ପକ୍କାଘରରେ ପରିଣତ କରିଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ତେବେ ୨୦ଲକ୍ଷ ଘର ଭିତରୁ କେତେ ରାଜ୍ୟର ନିଜସ୍ୱ ଯୋଜନାରେ ହୋଇଛି ଏହା ଜଣାଇବାକୁ ସରକାର ଅମଙ୍ଗ ହେଉଛନ୍ତି। ଇସ୍ତାହାରରେ ବିଜେଡି ଯାହାର ଘରଡିହ ନାହିଁ ତାକୁ ସରକାରୀ ଜମି ଦେବ କହିଥିଲା। ସେହିପରି ସରକାରୀ ଜମି ନ ଥିଲେ ବେସରକାରୀ ଜାଗା କିଣି ଆବାସ ସୁରକ୍ଷା ଯୋଗାଇଦେବା ପାଇଁ ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାହା ପାଣିର ଗାର ପାଲଟିଛି। ରାଜ୍ୟରେ ୩୦ଲକ୍ଷ ଲୋକ ବିନା ପକ୍କା ଘରେ ଅଛନ୍ତି ବୋଲି ରାଜ୍ୟ ସରକାରଙ୍କ ବିଧାନସଭା ତଥ୍ୟରୁ ଜଣାପଡିଛି। ରାଜ୍ୟ ସରକାର ୫ବର୍ଷରେ ୨୦ଲକ୍ଷ ପକ୍କାଘର ଗରିବଙ୍କୁ ଦେଇଥିବା କଥା କହୁଥିବାବେଳେ ୧୭ ଲକ୍ଷ ଘର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଇନ୍ଦିରା ଆବାସ ଯୋଜନାରେ ନିର୍ମିତ ହୋଇଛି। ଯାହା ରାଜ୍ୟ ନୁହେଁ କେନ୍ଦ୍ର ସରକାରଙ୍କ ଯୋଜନା ବୋଲି ଧର୍ମେନ୍ଦ୍ର କହିଛନ୍ତି।

ପରଘର ତିଅଣରେ ସରକାର ଅତିଥି ସତ୍କାର କରୁଛନ୍ତି। ମୁଖ୍ୟମନ୍ତ୍ରୀ ପୃଥିବୀର ସବୁଠୁ ବଡ ଯୋଜନା ଜାଗା ବୋଲି କହିଲେ କିନ୍ତୁ ଆଜି ଓଡ଼ିଶାରେ ୨୦ଲକ୍ଷ ଲୋକଙ୍କୁ ସ୍ଥାୟୀ ପଟ୍ଟା ମିଳିନାହିଁ। ମୁଖ୍ୟମନ୍ତ୍ରୀ ତାଙ୍କ ଘର ପାଖ ଅଞ୍ଚଳରେ ମଧ୍ୟ ସ୍ଥାନୀୟ ବାସିନ୍ଦାଙ୍କୁ ଜାଗା ନ ଦେଇ ମିଛ କହୁଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଯୁବକଙ୍କୁ ନିଯୁକ୍ତି ଦେବା କ୍ଷେତ୍ରରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଯୁକ୍ତି ସୃଷ୍ଟି ଯୋଜନା ପ୍ରତିଶ୍ରୁତି କୁଆଡେ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ୩୦ ବର୍ଷ ବୟସରୁ ଅଧିକ ଅବିବାହିତା, ସ୍ୱାମୀ ପରିତ୍ୟକ୍ତା, ନିରାଶ୍ରୟ ମହିଳାମାନଙ୍କୁ ପେନ୍‌ସନ ଦିଆଯିବାର ବ୍ୟବସ୍ଥା କୁଆଡେ ଗଲା ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ୨୦୧୪ରେ ୧୦ଲକ୍ଷ ଅତିରିକ୍ତ ଚାଷ ଜମିକୁ ଜଳସେଚନ ସୁବିଧା ଦେବା ପ୍ରତିଶ୍ରୁତି ବିଫଳ ହୋଇଛି। ଯେଉଁ ବ୍ୟକ୍ତିମାନେ ନିଜସ୍ୱ ଉଦ୍ୟମରେ ଗଭୀର ନଳକୂଅ ଓ କୂଅ ଖୋଳିଛନ୍ତି ତାକୁ ଜଳସେଚନ ନାଁରେ ଗଣି ସରକାର ହିସାବ ତିଆରି କରୁଛନ୍ତି। ମୁଖ୍ୟମନ୍ତ୍ରୀ ଆଜି ବଲାଙ୍ଗୀର ଜିଲା ଗସ୍ତରେ ଯାଇଛନ୍ତି। ସେଠାରେ ବନ୍ଦ ପଡିଥିବା ଲୋୟର ସୁକ୍‌ତେଲ, ଅପରକୋଲାବ ଏବଂ ଇନ୍ଦ୍ର ଜଳସେଚନ ପ୍ରକଳ୍ପର ଅବସ୍ଥା କ'ଣ ଅଛି, ମୁଖ୍ୟମନ୍ତ୍ରୀ ଏହାର ଜବାବ୍ ଦେଇ ଆସନ୍ତୁ ବୋଲି ଧର୍ମେନ୍ଦ୍ର କହିଛନ୍ତି। ସରକାର ସବୁ ଗ୍ରାମକୁ ପାଇପ ଯୋଗେ ପାନୀୟଜଳ ଯୋଗାଣ କରିବା ପ୍ରତିଶ୍ରୁତି ଦେଇଥିଲେ। ପିଇବା ପାଣି ପାଇଁ ମା'ଭଉଣୀମାନେ ହନ୍ତସନ୍ତ ହେଉଛନ୍ତି। କୃଷକଙ୍କ ପାଇଁ ରାଜ୍ୟ ସରକାର କାଳିଆ ଯୋଜନା ଆରମ୍ଭ କରିଥିବା କହୁଛନ୍ତି। ସେହି ଯୋଜନାର ଲାଭାର୍ଥୀଙ୍କ ସୂଚୀ କୁଆଡେ ଗଲା ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ୱେବସାଇଟ୍‌ରେ କାଳିଆ ଲାଭାର୍ଥୀମାନଙ୍କ ଦରଖାସ୍ତର ସୂଚୀ ଏବଂ ରାଜ୍ୟ ସରକାରଙ୍କ ତଥାକଥିତ ୩୬ଲକ୍ଷ ହିତାଧିକାରୀ ତାଲିକା କୁଆଡେ ଗଲା ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି। ଏହାସହ ଗୋଟିଏ ବ୍ଲକର ଜଣେ ଚାଷୀଙ୍କ ନାମ ଏକାଧିକବାର ତାଲିକାରେ ରହିଥିବା ଧର୍ମେନ୍ଦ୍ର ତଥ୍ୟ ରଖିଛନ୍ତି।

**ତୁମ କେତେ ପ୍ରତିଶ୍ରୁତି ପାଳନ କରିଛ ହିସାବ ଦିଅ: ବିଜେଡି**

ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ, ଧର୍ମେନ୍ଦ୍ର ପ୍ରଧାନ ଜଣେ ଅଭ୍ୟାସଗତ ମିଛୁଆ। ରାଜ୍ୟ ସରକାରଙ୍କ ସଫଳତା ଜାଣିବାପରେ ଅନ୍ତତଃ ସେ ନିଜ ଅଭ୍ୟାସରୁ ନିବୃତ୍ତ ରହି ରାଜ୍ୟବାସୀଙ୍କ ମଙ୍ଗଳ କରନ୍ତୁ। ସେ ଭୁଲି ଯାଆନ୍ତୁ ନାହିଁ ତାଙ୍କ ଦଳ ରାଜ୍ୟବାସୀଙ୍କୁ କ'ଣ ପ୍ରତିଶ୍ରୁତି ଦେଇଥିଲା। ତାଙ୍କ ଦଳ ନିର୍ବାଚନୀ ପ୍ରତିଶ୍ରୁତି କିଭଳି ପାଳନ କରିଛି ରାଜ୍ୟବାସୀଙ୍କୁ ସ୍ପଷ୍ଟଭାବେ ଜଣାନ୍ତୁ ବୋଲି ସସ୍ମିତ କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ତଥାଗତ

**ଭୁବନେଶ୍ୱର, ୬।୩(ବ୍ୟୁରୋ)**

ଆଗାମୀ ସାଧାରଣ ନିର୍ବାଚନରେ ଆଉ ଲଢିବେ ନାହିଁ। ଏନେଇ ଗଣମାଧ୍ୟମରେ ପ୍ରକାଶ କରିବାର ଦିନକପରେ ବୁଧବାର ତଥାଗତ ସତପଥୀ ନବୀନନିବାସ ଯାଇ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ରାଜନୈତିକ ଜୀବନରେ ତାଙ୍କୁ ସହଯୋଗ କରିଥିବାରୁ ତଥାଗତ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଗଭୀର କୃତଜ୍ଞତା ପ୍ରକଟ କରିଛନ୍ତି। ରାଜନୀତିରୁ ଦୂରେଇ ଯାଇ ସମ୍ପୂର୍ଣ୍ଣ ଭାବେ ସାମ୍ବାଦିକତା ଉପରେ ଗୁରୁତ୍ୱ ଦେବେ ବୋଲି ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ମଧ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ତଥାଗତ ରାଜନୀତିରୁ ଦୂରେଇଯିବା ନେଇ ମଙ୍ଗଳବାର ଘୋଷଣା କରିଥିଲେ। ପୁଅର ଚାପ ହିଁ ତାଙ୍କୁ ରାଜନୀତି ଛାଡ଼ିବାକୁ ବାଧ୍ୟ କରିଥିବା ସେ ମନ୍ତବ୍ୟ ରଖିଥିଲେ। ଏପରିକି ବର୍ତ୍ତମାନ ଦେଶର ଦୃଢ଼ ସାମାଜିକ ନେତୃତ୍ୱର ଆବଶ୍ୟକତା ରହିଛି। ନିର୍ଭୀକ ଏବଂ ନିରପେକ୍ଷ ସାମ୍ବାଦିକତା ତାଙ୍କର ଏକମାତ୍ର ପ୍ରାଥମିକତା ହେବ ବୋଲି ସେ ମତ ରଖିଥିଲେ।

■ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ତ୍ରିପୁରା ମୁଖ୍ୟମନ୍ତ୍ରୀଙ୍କ ଚିଠି

## ବିମାନବନ୍ଦରରେ ସୁରକ୍ଷା ଯାଞ୍ଚରୁ ସତସଙ୍ଗ ପ୍ରଧାନ ଆଚାର୍ଯ୍ୟଙ୍କୁ ବାଦ୍ ଦିଆଯାଉ

**ଅଗରତାଲା, ୬।୩**

ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଲବ କୁମାର ଦେବ ମଙ୍ଗଳବାର ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁଙ୍କୁ ପୃଥକ ଭାବେ ଚିଠି ଲେଖିଛନ୍ତି। ସାରା ଦେଶରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭକ୍ତ ଓ ଶିଷ୍ୟମାନଙ୍କ ଭାବାବେଗ ପ୍ରତି ସମ୍ମାନ ଜଣାଇ ସତସଙ୍ଗର ବର୍ତ୍ତମାନ ପ୍ରଧାନ ଆଚାର୍ଯ୍ୟଦେବ ଶ୍ରୀ ଅଶୋକ ଚକ୍ରବର୍ତ୍ତୀ(ଶ୍ରୀଶ୍ରୀଦାଦା)ଙ୍କୁ ବୌଦ୍ଧ ଧର୍ମଗୁରୁ ଦଲାଇ ଲାମାଙ୍କ ପରି ଦେଶର ସମସ୍ତ ବିମାନବନ୍ଦରରେ ସୁରକ୍ଷା ଯାଞ୍ଚରୁ ନିଷ୍କୃତି ଦେବା ପାଇଁ ସେ ଏଥିରେ ଉଲ୍ଲେଖ କରିଛନ୍ତି।

ମୁଖ୍ୟମନ୍ତ୍ରୀ ବିପ୍ଲବ କୁମାର ଚିଠିରେ ଲେଖିଛନ୍ତି, ବର୍ତ୍ତମାନ ସାରା ଦେଶରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ପାଞ୍ଚକୋଟିରୁ ଊର୍ଦ୍ଧ୍ୱଭକ୍ତ ଓ ଶିଷ୍ୟ ଅଛନ୍ତି। ତାଙ୍କର ଉତ୍ତରସୂରୀ ସତସଙ୍ଗର ବର୍ତ୍ତମାନ ପ୍ରଧାନ ଆଚାର୍ଯ୍ୟ ହେଉଛନ୍ତି ୮୬ ବର୍ଷୀୟ ଶ୍ରୀ ଅଶୋକ ଚକ୍ରବର୍ତ୍ତୀ। ସେ ଏବେ ବି ସାରା ଦେଶରେ ପରିଭ୍ରମଣ କରି ଶ୍ରୀଶ୍ରୀଠାକୁରଙ୍କ ବାଣୀ ଓ ଭାବଧାରା ପ୍ରଚାର-ପ୍ରସାରରେ ବ୍ରତୀ ଅଛନ୍ତି। ତେଣୁ ସମଗ୍ର ଦେଶରଭକ୍ତ ଓ ଶିଷ୍ୟଙ୍କ ଭାବାବେଗକୁ ସମ୍ମାନ ଜଣାଇବାକୁ ବିପ୍ଲବ ଦେବ ସ୍ୱରାଷ୍ଟ୍ରମନ୍ତ୍ରୀ ଓ ବେସାମରିକ ବିମାନଚଳାଚଳ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ମହିଳାଙ୍କୁ ଚାପୁଡ଼ା ମାରି ଏଏସ୍‌ଆଇ ନିଲମ୍ବିତ

**ସମ୍ବଲପୁର,୬।୩ (ବ୍ୟୁରୋ)**

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଏଏସ୍‌ଆଇ ଦ୍ରୋଣାଚାର୍ଯ୍ୟ ସାହୁ ଜଣେ ମହିଳାଙ୍କୁ ଚାପୁଡା ମାରିବା ମହଙ୍ଗା ପଡିଛି। ଏଥିପାଇଁ ଏସ୍‌ପି ସଞ୍ଜୀବ ଆରୋରାଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ବୁଧବାର ନିଲମ୍ବିତ କରାଯାଇଛି। ସବୁଠୁ ରୋଚକ ଘଟଣା ହେଲା ଯେ, ଏଏସ୍‌ଆଇ ସାହୁ ମହିଳାଙ୍କୁ ଚାପୁଡା ମାରିବାର ଦୃଶ୍ୟକୁ ଥାନାର ଜଣେ ସହକର୍ମୀ ହିଁ ମୋବାଇଲରେ ରେକର୍ଡ କରି ରଖିଥିଲେ। କିଛି ଦିନ ହେଲା ଉକ୍ତ କର୍ମଚାରୀଙ୍କ ରେଙ୍ଗାଲି ଥାନାରୁ ବଦଳି ହୋଇଯାଇଛି। ବଦଳି ପାଇଁ ଏଏସ୍‌ଆଇ ସାହୁଙ୍କୁ ସେ ଦାୟୀ କରି ଏହି ପୁରୁଣା ଭିଡିଓକୁ ଏବେ ଭାଇରାଲ କରିଥିଲେ। ମହିଳା ଜଣକ ଥାନାରେ ପାଟିତୁଣ୍ଡ କରିବାରୁ ଉତ୍ତ୍ୟକ୍ତ ହୋଇ ସାହୁ ତାଙ୍କୁ ଏକ ଚାପୁଡା ମାରିଥିଲେ।




### ଭାଜପା କାର୍ଯ୍ୟାଳୟରେ ବୈଜୟନ୍ତଙ୍କୁ ସମ୍ବର୍ଦ୍ଧନା
## ପଚାରିବା ଆଗରୁ ଫରକ ପଡ଼ିବନି କହୁଛି ବିଜେଡି: ଧର୍ମେନ୍ଦ୍ର



**ଭୁବନେଶ୍ୱର,୬।୩ (ବ୍ୟୁରୋ)**

ପବିତ୍ର ମହାଶିବରାତ୍ରି ଦିନ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ନୂଆଦିଲ୍ଲୀଠାରେ ଭାଜପାରେ ଯୋଗ ଦେଇଥିଲେ। ବୁଧବାର ଦିଲ୍ଲୀରୁ ଫେରିବା ପରେ ବୈଜୟନ୍ତଙ୍କୁ ଭୁବନେଶ୍ୱର ବିମାନବନ୍ଦରଠାରେ ଭାଜପା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା। ସେଠାରୁ ତାଙ୍କୁ ବାଇକ୍ ରାଲି ଯୋଗେ ଦଳୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ଆଣାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉତ୍ତରୀୟ ଓ ଦଳୀୟ ଟୋପି ପିନ୍ଧାଇ ବୈଜୟନ୍ତଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରି ଧର୍ମେନ୍ଦ୍ର କହିଛନ୍ତି ଯେ, ସାଢେ ୪କୋଟି ଓଡିଆଙ୍କୁ ମୁଖ୍ୟମନ୍ତ୍ରୀ ତାଙ୍କର ପରିବାର ସଦସ୍ୟ ବୋଲି କହୁଛନ୍ତି। ତେବେ ବିଜେଡି କର୍ମୀଙ୍କ ନିର୍ଯାତନାର ଶିକାର ହୋଇ ମୃତ୍ୟୁ ମୁଖରେ ପଡିଥିବା ପିପିଲିର ନାବାଳିକା, କୁନ୍ଦୁଲି ପୀଡିତା କ'ଣ ମୁଖ୍ୟମନ୍ତ୍ରୀଙ୍କ ପରିବାର ସଦସ୍ୟ ନ ଥିଲେ କି ବୋଲି କହି ଧର୍ମେନ୍ଦ୍ର କଟାକ୍ଷ କରିଛନ୍ତି। ଦଳରେ ବୈଜୟନ୍ତଙ୍କ ମିଶ୍ରଣ କ'ଣ ପ୍ରଭାବ ପକାଇବ ବୋଲି ଭାଜପା କହିବା ପୂର୍ବରୁ ବିଜେଡି ଚେଲା, ଚାପାଟି ଓ ଗୁମାସ୍ତାମାନେ ତାଙ୍କ ଦଳ ଉପରେ କୌଣସି ପ୍ରଭାବ ପଡିବ ନାହିଁ ବୋଲି କହୁଛନ୍ତି। ବିଜେଡିକୁ ନିଜ ଘର ସମ୍ଭାଳିବା ଅସମ୍ଭବ ହେଲାଣି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଏହି ଅବସରରେ ବୈଜୟନ୍ତ ଶାସକ ଦଳ ଉପରେ ରଖିଥିବା ସମସ୍ତ ରାଗ ଶୁଝାଇବାକୁ ଚେଷ୍ଟା କରିଛନ୍ତି। ସେ କହିଛନ୍ତି ଯେ, ଭାଜପା ସହଯୋଗରେ ୨୨ବର୍ଷ ତଳେ ବିଜେଡି ଗଠନ ହୋଇଥିଲା। ମୁଁ ବଦଳି ନାହିଁ ବରଂ ସେ ଦଳ ଆଜି ବଦଳିଯାଇଛି। ରାଜ୍ୟରେ ଦିନକୁ ଦିନ ମହିଳା ଓ ଶିଶୁ ବିରୋଧୀ ହିଂସା ବଢି ଚାଲିଛି। ରାଜ୍ୟରେ ୨ରୁ ୩ବର୍ଷରେ ୫୦ରୁ ଅଧିକ ନାବାଳିକା ବଳାତ୍କାର ଓ ହତ୍ୟାର ଶିକାର ହେଲେଣି। ଦେଶର ମହିଳା ଓ ଶିଶୁ ନିର୍ଯାତନା ହାର ଅନୁଯାୟୀ ଓଡିଶା ସର୍ବାଗ୍ରେ ରହିଛି।

## ମୁଖ୍ୟ ଶାସନ ସଚିବଙ୍କୁ ଭେଟିବେ ଶୀତଳ ଭଣ୍ଡାର ସଂଘ କର୍ମକର୍ତ୍ତା
### ■ ଆଲୋଚନା କରି ସମାଧାନ ଲକ୍ଷ୍ୟ

**ଭୁବନେଶ୍ୱର,୬।୩(ବ୍ୟୁରୋ)**

ଓଡ଼ିଶା ଶୀତଳ ଭଣ୍ଡାର ସଂଘ ଗତ ଫେବୃୟାରୀ ୨୨ରୁ ଆନ୍ଦୋଳନ ଜାରି ରଖିଛି। ଇତିମଧ୍ୟରେ ଏହି ଆନ୍ଦୋଳନକୁ ଦୁଇ ସପ୍ତାହ ପୂରଣ ହେବ। ହେଲେ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ସରକାର କୌଣସି ଚେଷ୍ଟା କରିନାହାନ୍ତି। ପୂର୍ବରୁ କିଛି ସାମଗ୍ରୀ ଯଥା ଆଳୁ ମହଜୁଦ୍ ଥିବାରୁ ଏଯାବତ୍ କୌଣସି ଅସୁବିଧା ହୋଇନାହିଁ। ହେଲେ ଆଉ ସପ୍ତାହେ ଆନ୍ଦୋଳନ ଚାଲୁ ରହିଲେ, ଏହାର ସିଧାସଳଖ ପ୍ରଭାବ ଆଳୁ ଉପରେ ପଡିବ। ଆଳୁ ଉପରେ ଓଡ଼ିଶା ବହୁମାତ୍ରାରେ ନିର୍ଭରଶୀଳ। ତେଣୁ ପ୍ରଶାସନ ତୁରନ୍ତ ଶୀତଳ ଭଣ୍ଡାର ସଂଘ ସହ ଆଲୋଚନା କରୁ ବୋଲି ଦାବି କରାଯାଇଛି।

ଆଳୁ କମିଶନ୍ ବିଫଳତା ହିଁ ଶୀତଳଭଣ୍ଡାର ବିପର୍ଯ୍ୟୟର କାରଣ ବୋଲି ସଂଘର ସମ୍ପାଦକ ଜନାର୍ଦ୍ଦନ ସାହୁ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ସମସ୍ୟାର ସମାଧାନ ଦିଗରେ ସଂଘ ଉଦ୍ୟମରତ। ଆନ୍ଦୋଳନ କାରଣରୁ ୩୦୦ କର୍ମଚାରୀ ଏବଂ ପରୋକ୍ଷ ଭାବରେ ୧୦,୦୦୦ ଚାଷୀ ପ୍ରଭାବିତ। ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ସଂଘ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ଆଲୋଚନା ପାଇଁ ସମୟ ମଗାଯିବ।

## ପୂର୍ବତନ ବିଧାୟକଙ୍କ ପରଲୋକ

**ବିନିକା,୬।୩(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକାର ପୂର୍ବତନ ବିଧାୟକ ପରୀକ୍ଷିତ କର୍ଣ୍ଣ(୮୩)ଙ୍କ ବୁଧବାର ପରଲୋକ ହୋଇଯାଇଛି। ସେ କିଛି ମାସ ହେଲା ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। କର୍ଣ୍ଣ ବିନିକା ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟୀ ହୋଇ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୭୭ ଜୁନ୍୨୬ରୁ ୧୯୮୦ ଫେବୃୟାରୀ ପର୍ଯ୍ୟନ୍ତ ବିନିକା ନିର୍ବାଚନମଣ୍ଡଳୀର ସେ ବିଧାୟକ ପଦରେ ରହିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବୁଧବାର ରାତିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି।



# ପୌରାଣିକ ପକ୍ଷୀ



## ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ଅନ୍ୟ ଦେଶଗୁଡ଼ିକ ସେମାନଙ୍କ ପୌରାଣିକ ପ୍ରାଣୀମାନଙ୍କୁ ସମ୍ମାନ ଦିଅନ୍ତି। ଗରୁଡ଼ ହେଉଛି ଭାରତୀୟ ହିନ୍ଦୁ ପୌରାଣିକ ପକ୍ଷୀ, କିନ୍ତୁ ଏହା ହେଉଛି ଇଣ୍ଡୋନେସିଆର ଜାତୀୟ ପକ୍ଷୀ ଓ ପ୍ରତୀକ। ସେହିପରି ପୌରାଣିକ ଫିନିକ୍ସ ବା ହୋମା ପକ୍ଷୀକୁ ଇରାନରେ ସମ୍ମାନ ଦିଆଯାଏ। ଏଠାରେ ଆଉ କେତେକ ପୌରାଣିକ ପକ୍ଷୀଙ୍କ ବିଷୟରେ ଉଲ୍ଲେଖ କରୁଛି।

ବ୍ୟଙ୍ଗୋମା ବା ବ୍ୟଙ୍ଗୋମି ହେଉଛି ବଙ୍ଗଳାର ପୌରାଣିକ ପକ୍ଷୀ। ସେମାନେ ଦେଖିବାକୁ ହୁପୁ (ଆଫ୍ରିକା, ୟୁରୋପ, ଏସିଆରେ ଦେଖିବାକୁ ମିଳୁଥିବା ରଙ୍ଗିନ ପକ୍ଷୀ ବିଶେଷ, ଯେଉଁମାନେ ତାଙ୍କର ମୁକୁଟ ବା ଚୂଳ ପାଇଁ ବିଖ୍ୟାତ) ପରି, ବିଜ୍ଞ, ନିୟମାବଦ୍ଧ ଏବଂ ସାହାଯ୍ୟକାରୀ। ସେମାନେ ଜନ୍ମବେଳେ ଅନ୍ଧ ହୋଇଥାନ୍ତି ଏବଂ ଦୃଷ୍ଟିଶକ୍ତି ପାଇବା ପାଇଁ ଜଣେ ଦାତାଠାରୁ କେଇ ବୁନ୍ଦା ରକ୍ତ ଆବଶ୍ୟକ କରନ୍ତି। ସେମାନେ ଯେତେବେଳେ କାହାକୁ ଭବିଷ୍ୟତ କଥା କହନ୍ତି, ଲୋକଟି ପକ୍ଷୀର ସ୍ୱର ଓ ଗୀତ ଶୁଣେ ଏବଂ ତା'ଠାରେ ଭବିତବ୍ୟ ବିଷୟରେ ଜ୍ଞାନୋଦୟ ହୁଏ।

ଗଣ୍ଡଭେରୁଣ୍ଡ (ଭାରୁଣ୍ଡ) ହେଉଛି ଏକ ଦୁଇମୁଣ୍ଡିଆ ପୌରାଣିକ ପକ୍ଷୀ ଯିଏ ଅସାଧାରଣ ଯାଦୁକରୀ ଶକ୍ତିର ଅଧିକାରୀ। ଏହି ପକ୍ଷୀ ତା' ପଞ୍ଝା ଓ ଥଣ୍ଟରେ ହାତୀକୁ ମଧ୍ୟ ଉଠାଇନେଇ ପାରେ। ମଦୁରାଇର ପ୍ରାଚୀନ ମୁଦ୍ରାରେ ଗଣ୍ଡଭେରୁଣ୍ଡ ତା' ଥଣ୍ଟରେ ଏକ ସାପକୁ ଧରିଥିବାର ଚିତ୍ର ପ୍ରଦର୍ଶିତ ହୋଇଛି। ଚେନ୍ନାକେଶବ ମନ୍ଦିରରେ ପ୍ରଦର୍ଶିତ ହୋଇଛି ଏକ ଅଜଗର ଏକ ହରିଣକୁ ଗିଳୁଛି। ଅଜଗରକୁ ଏକ ହାତୀ ମାରିଲା ବେଳେ ତାକୁ ଏକ ସିଂହ ଆକ୍ରମଣ କରୁଛି। ସେହି ସିଂହକୁ ଭଗବାନ୍ ଶିବ ତାଙ୍କର ଶରଭ ଅବତାରରେ ନିପାତ କରିଛନ୍ତି। ତା'ପରେ ଭଗବାନ୍ ନରସିଂହ ଗଣ୍ଡଭେରୁଣ୍ଡ ରୂପ ଧାରଣ କରି ଶରଭଙ୍କୁ ପରାଜିତ କରିଛନ୍ତି।

ଗପଟି ଏହିପରି- ନରସିଂହ ଅବତାରରେ ଭଗବାନ୍ ବିଷ୍ଣୁ ହିରଣ୍ୟକଶିପୁକୁ ବଧ କରିଛନ୍ତି। କିନ୍ତୁ ହିରଣ୍ୟକଶିପୁ ମଲା ପରେ ମଧ୍ୟ ତା' ରକ୍ତକୁ ଚାଖିଥିବା ନରସିଂହ ପୁଣି ଭଗବାନ୍ ବିଷ୍ଣୁଙ୍କ ରୂପକୁ ଫେରିପାରି ନାହାନ୍ତି। ଦେବତାମାନେ ନରସିଂହଙ୍କ ଭୟଙ୍କର ରୂପ ଦେଖି ଭୟଭୀତ ହୋଇ ସାହାଯ୍ୟ ପାଇଁ ଶିବଙ୍କୁ ପ୍ରାର୍ଥନା କରିଛନ୍ତି। ନରସିଂହଙ୍କୁ ଶାନ୍ତ କରିବା ପାଇଁ ଶିବ ଶରଭ ରୂପ ଧାରଣ କରିଛନ୍ତି, ଯିଏ କି ମଣିଷ, ସିଂହ ଓ ପକ୍ଷୀର ଏକ ମିଶ୍ରିତ ରୂପ। ଏହାପରେ ନରସିଂହ ଗଣ୍ଡଭେରୁଣ୍ଡ ରୂପ ଧାରଣ କରିଛନ୍ତି, ଯାହାଙ୍କର ଦୁଇଟି ମୁଣ୍ଡ, ଭୟଙ୍କର ଦାନ୍ତ, କଳାରଙ୍ଗ ଓ ବିଶାଳ ଡେଣା। ତା'ପରେ ସେ ଶରଭଙ୍କ ସହ ଅଠର ଦିନ ଯୁଦ୍ଧ କରି ତାଙ୍କୁ ମାରିଦେଇଛନ୍ତି ଏବଂ ଶକ୍ତିର ଭୟଙ୍କର ବିସ୍ଫୋରଣରେ ନିଜେ ମୃତ୍ୟୁବରଣ କରିଛନ୍ତି।

୧୫୧୦ ଖ୍ରୀଷ୍ଟାବ୍ଦରେ ବିଜୟନଗର ରାଜ୍ୟ ଗଣ୍ଡଭେରୁଣ୍ଡକୁ ନିଜର ପ୍ରତୀକ ଭାବେ ଗ୍ରହଣ କରିଥିବା ବେଳେ ୫୦୦ ବର୍ଷ ତଳେ ମହୀଶୂରର ରାଜାମାନେ ମଧ୍ୟ ଏହାକୁ ନିଜର ରାଜକୀୟ ପ୍ରତୀକ ଭାବେ ଗ୍ରହଣ କରିଛନ୍ତି। ରାଜା ଅଚ୍ୟୁତ ଦେବରାୟଙ୍କ ଶାସନ ସମୟରେ ମୁଦ୍ରାରେ ଗଣ୍ଡଭେରୁଣ୍ଡକୁ ସ୍ଥାନ ଦିଆଯାଇଛି। ଦକ୍ଷିଣ ଭାରତର ବିଭିନ୍ନ ମନ୍ଦିରରେ ଗଣ୍ଡଭେରୁଣ୍ଡର ଚିତ୍ର ଓ ମୂର୍ତ୍ତି ଦେଖିବାକୁ ମିଳୁଥିବା ବେଳେ ଏହା ଏବେ ବି କର୍ଣ୍ଣାଟକ ରାଜ୍ୟର ସରକାରୀ ସଙ୍କେତ ହୋଇ ରହିଛି।

ବୈଦିକ ଯୁଗର ହୋମା ପକ୍ଷୀ ଆକାଶରେ ଅଣ୍ଡା ଦିଏ। ଅଣ୍ଡା ତଳକୁ ଖସି ମାଟିରେ ପଡ଼ିବା ପୂର୍ବରୁ ସେଥିରୁ ଛୁଆ ଫୁଟି ଆକାଶକୁ ଉଡ଼ିଯାଏ, ତା' ମାଆ ପାଖକୁ। ସେମାନେ କେବେ ମାଟି ସ୍ପର୍ଶ କରନ୍ତି ନାହିଁ। ପାରସ୍ୟ, ତୁର୍କୀ ଓ ସୁଫି କବିମାନେ ଏହାକୁ ଏକ ସ୍ୱର୍ଗୀୟ ପକ୍ଷୀଭାବେ ବର୍ଣ୍ଣନା କରିଛନ୍ତି। ବୈଦିକ ସାହିତ୍ୟରେ ଏପରି ପକ୍ଷୀଙ୍କ ବର୍ଣ୍ଣନା ଅଛି, ଯେଉଁମାନେ ପର୍ବତ ଉପରୁ ସ୍ୱର୍ଗୀୟ ସୋମଲତାକୁ ପୃଥିବୀକୁ ଆଣିଥିଲେ। ତେଣୁ ସେମାନଙ୍କୁ ସୋମପକ୍ଷୀ କୁହାଯାଇଥିବ, ଯାହା ଗ୍ରୀକ୍ ଓ ପାରସ୍ୟ ସାହିତ୍ୟରେ ସ ସ୍ଥାନରେ ହ ହୋଇ ହୋମାପକ୍ଷୀ ହୋଇଯାଇଛି, ଯେପରି ସିନ୍ଧୁ ଶବ୍ଦରୁ ହିନ୍ଦୁ ଶବ୍ଦ ସୃଷ୍ଟି ହୋଇଛି। ପାରସ୍ୟ ପୁରାଣରେ ଅଛି, ଯଦି ଏହି ପକ୍ଷୀ କାହା ମୁଣ୍ଡ ଉପର ଦେଇ ଉଡ଼ିଯାଏ ଓ ତା' ମୁଣ୍ଡ ଉପରେ ପକ୍ଷୀର ଛାଇ ପଡ଼େ, ତେବେ ସେ ଜଣେ ପରାକ୍ରମୀ ରାଜା ବନିଯାଏ। ଏହି ବିଶ୍ୱାସକୁ ନେଇ ମହୀଶୂରର ଟିପୁ ସୁଲତାନ ଛତିରେ ହୋମା ପକ୍ଷୀର ଛବି ଥିବା ଏକ ସୁନାର ସିଂହାସନ ନିର୍ମାଣ କରିଥିଲେ।

ପୌରାଣିକ ହଂସ ପକ୍ଷୀ ହେଉଛି ପବିତ୍ରତା, ବିଶ୍ୱ ସହ ଏକାତ୍ମତା ଓ ଦିବ୍ୟଜ୍ଞାନର ପ୍ରତୀକ। ହଂସକୁ ମଧ୍ୟ ଆର୍ଯ୍ୟାନ୍ନା କୁହାଯାଏ, ଯେଉଁମାନେ ହିମାଳୟର ମାନସରୋବରରେ ବାସ କରନ୍ତି। ସେମାନେ ବର୍ଷାକୁ ଭଲ ପାଆନ୍ତି ନାହିଁ। ତେଣୁ ଯେତେବେଳେ ମାନସରୋବରରେ ବର୍ଷା ହୁଏ, ସେତେବେଳେ ସେମାନେ ଅନ୍ୟ ସ୍ଥାନକୁ ଚାଲିଯାଆନ୍ତି ଏବଂ ଏଠାରେ ବର୍ଷା ହେଲେ ପୁଣି ନିଜ ସ୍ଥାନକୁ ଫେରିଯାଆନ୍ତି। ବାଲ୍ମୀକି ରାମାୟଣ ଅନୁସାରେ ସେମାନେ ହେଉଛନ୍ତି ଋଷି କଶ୍ୟପ ଓ ତାମ୍ରାଙ୍କ କନ୍ୟା ଧୃତରାଷ୍ଟ୍ରୀଙ୍କ ସନ୍ତାନ। ହଂସମାନେ ପ୍ରଥମେ କଳା ଓ ଧଳା ଥିଲେ। କିନ୍ତୁ ସେମାନେ ବରୁଣ ଦେବତାଙ୍କ ବର ପାଇ ପୂରା ଧଳା ହୋଇଗଲେ। ରାବଣ ଦାଉରୁ ରକ୍ଷା ପାଇବା ପାଇଁ ହଂସ ରୂପ ଧାରଣ କରିଥିବା ବରୁଣ ଦେବତା ହଂସକୁ ଏହି ବର ଦେଇଥିଲେ। ଦେବତାମାନେ ଏକଦା ଯଜ୍ଞ କରିବା ପାଇଁ ଏକାଠି ହୋଇଥିଲେ। ତାଙ୍କ ଉପରେ ରାବଣ ଆକ୍ରମଣ କରିବାରୁ ସେମାନେ ବିଭିନ୍ନ ପକ୍ଷୀରୂପ ଧାରଣ କରିଥିଲେ। ହଂସ ମୁକ୍ତା ଖାଏ ଏବଂ ପାଣିରେ କ୍ଷୀର ମିଶା ହୋଇଥିଲେ ସେ ସେଥିରୁ ପାଣିକୁ ଅଲଗା କରି କେବଳ କ୍ଷୀର ପିଇଦେଇପାରେ। ନଳ-ଦମୟନ୍ତୀ କାହାଣୀରେ ହଂସମାନଙ୍କର ବଡ଼ ଭୂମିକା ରହିଛି।

ମହାଭାରତରେ ନବଗୁଞ୍ଜର ନାମକ ଏକ ଅଦ୍ଭୁତ ପ୍ରାଣୀର ବର୍ଣ୍ଣନା ଅଛି, ଯିଏ ନଅ ପ୍ରକାର ପଶୁ-ପକ୍ଷୀଙ୍କ ଅବୟବର ସମାହାର। ତା' ମୁଣ୍ଡଟି ହେଉଛି ଏକ ଗଞ୍ଜାକୁକୁଡ଼ାର ଏବଂ ସେ ତିନି ପାଦରେ ଠିଆ ହୁଏ। ଗୋଟିଏ ଗୋଡ଼ ହାତୀର, ଗୋଟିଏ ବାଘର ଏବଂ ଅନ୍ୟଟି ହରିଣ ବା ଘୋଡ଼ାର। ତା'ର ଚତୁର୍ଥ ଅବୟବଟି ହେଉଛି ମଣିଷର ହାତ, ଯେଉଁଥିରେ ସେ ଏକ ପଦ୍ମଫୁଲ ବା ଚକ୍ର ଧରିଥାଏ। ତା'ର ବେକଟି ହେଉଛି ମୟୂରର, ପିଠି ବା କୁଜଟି ହେଉଛି ଏକ ଷଣ୍ଢର, କଟିଟି ସିଂହର ଏବଂ ଲାଞ୍ଜଟି ଏକ ସାପର। ଓଡ଼ିଶାର ପଟଚିତ୍ରରେ ନବଗୁଞ୍ଜର ଛବି ଦେଖିବାକୁ ମିଳେ। ଏହା ବିଷ୍ଣୁଙ୍କର ଏକ ରୂପ ବୋଲି ବିଶ୍ୱାସ କରାଯାଏ। ଏକଦା ଅର୍ଜୁନ ଏକ ପାହାଡ଼ ଉପରେ ତପସ୍ୟା କରୁଥିବା ବେଳେ ନବଗୁଞ୍ଜର ଆବିର୍ଭୂତ ହେଲେ। ସେ ଏପରି ଅଦ୍ଭୁତ ପ୍ରାଣୀକୁ ଦେଖି ଭୟଭୀତ ହେବା ସହ ମନ୍ତ୍ରମୁଗ୍ଧ ହୋଇଗଲେ। ତାକୁ ମାରିବା ପାଇଁ ଧନୁ ଉଠାଇଲେ। କିନ୍ତୁ ପର ମୁହୂର୍ତ୍ତରେ ଭାବିଲେ ଏପରି ପ୍ରାଣୀ ତ ବାସ୍ତବରେ ସମ୍ଭବ ନୁହେଁ, ଏହା ନିଶ୍ଚୟ ଭଗବାନ୍ କୃଷ୍ଣଙ୍କର ମାୟାବୀ ରୂପ ହୋଇଥିବ। ତେଣୁ ଧନୁକୁ ତଳେ ଥୋଇଦେଇ ନବଗୁଞ୍ଜରରୂପୀ ଭଗବାନ୍‌ଙ୍କୁ ଆଣ୍ଠୁମାଡ଼ି ପ୍ରଣାମ କଲେ।

ଚକୋର ହେଉଛି ଅନ୍ୟ ଏକ ପୌରାଣିକ ପକ୍ଷୀ, ଯିଏ ଚନ୍ଦ୍ରକିରଣ ପାନକରି ବଞ୍ଚେ। ଅମାବାସ୍ୟା ରାତିରେ ଚକୋର ଚନ୍ଦ୍ର ପାଇଁ ଲୁହ ଝରାଇ କାନ୍ଦେ। ମହାଭାରତରେ ଅଛି କୁଚେଳ ଯେତେବେଳେ ଭଗବାନ୍ କୃଷ୍ଣଙ୍କୁ ଭେଟିବାକୁ ଯାଉଥିଲେ ବାଟରେ ଚକୋରକୁ ଦେଖିଲେ। କୃଷ୍ଣଙ୍କୁ ଦେଖାକରି ଫେରିବା ପରେ ସେ ଧନୀ ହୋଇଗଲେ। ଚକୋରକୁ ଦେଖିଲେ ସୌଭାଗ୍ୟ ଉଦୟ ହୋଇଥାଏ ବୋଲି ବିଶ୍ୱାସ ଅଛି। ଭାରତରେ ଚକୋର ଓ ଚନ୍ଦ୍ରକୁ ନେଇ ଅସଂଖ୍ୟ ପ୍ରେମ କବିତା ଲେଖା ହୋଇଛି।

ଚାତକ ହେଉଛି ଆଉ ଏକ ପୌରାଣିକ ପକ୍ଷୀ, ଯିଏ ପୃଥିବୀପୃଷ୍ଠରୁ ପାଣି ପିଏ ନାହିଁ। ସେ କେବଳ ବର୍ଷା ସମୟରେ ଆକାଶରୁ ଝରୁଥିବା ଶୁଦ୍ଧ ନିର୍ମଳ ଜଳ ପାନକରେ। ଏହାର ଏକ କର୍କଶ ସ୍ୱର ରହିଛି। ଚାତକ ମେଘକୁ ଆବାହନ କରି ଆକାଶକୁ ଚାହିଁ ବୋବାଏ। ସେ ଆଶା କରେ ତା'ର ଡାକ ଶୁଣି ବର୍ଷା ହେଲେ ସେ ତୃଷା ନିବାରଣ କରିବ। ଏହା କପୋତଠାରୁ ସାନ ଏକ କଳା/ହଳଦିଆ/ଧଳା ପକ୍ଷୀ, ଯାହାର ଲାଞ୍ଜ ଟିକିଏ ଲମ୍ବା। ଏହାର ମୁଣ୍ଡ ଉପରେ ଥିବା ଲମ୍ବା ଚୂଳ ଏକ ଶରଯୁକ୍ତ ଧନୁ ଆକୃତିର। କବି କାଳିଦାସ ଓ ଆଦି ଶଙ୍କରାଚାର୍ଯ୍ୟ ଏ ପକ୍ଷୀର ବର୍ଣ୍ଣନା କରିଛନ୍ତି। ଚାତକ ଓ ଚକୋର ପ୍ରାକୃତିକ ସମ୍ପଦ ଉପରେ ନିର୍ଭର କରନ୍ତି- ବର୍ଷାଜଳ ଓ ଚନ୍ଦ୍ରକିରଣ। ତେଣୁ ସେମାନେ ଏହି ବାର୍ତ୍ତା ଦିଅନ୍ତି ଯେ ପ୍ରକୃତିର ସୁରକ୍ଷା ଅନିବାର୍ଯ୍ୟ। ଅଳ୍ପ କେତୋଟି ପୌରାଣିକ ପକ୍ଷୀ ବିଷୟରେ ଏଠାରେ ବର୍ଣ୍ଣନା କଲି। ଆପଣ ଏ ବିଷୟରେ ଆପଣଙ୍କ ପିଲାମାନଙ୍କୁ କହିବା ଉଚିତ।

Email: gandhim@nic.in

# କେନ୍ଦ୍ର-ରାଜ୍ୟ ସମ୍ପର୍କ



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ଭାରତ ସମ୍ବିଧାନର ପ୍ରଥମ ଧାରାରେ ଏ କଥା ସ୍ପଷ୍ଟ ଉଲ୍ଲେଖ ଅଛି 'INDIA THAT IS BHARAT SHALL BE A UNION STATES.' ଆମର ଏ ଉପକ୍ରମଣିକା ଦେବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଦୀର୍ଘଦିନ ବ୍ରିଟିଶ ଶାସନାଧୀନ ହୋଇଥିବା ଏବଂ ପୂର୍ବରୁ ମୋଗଲ ଓ ମରହଟ୍ଟାମାନଙ୍କ ଦ୍ୱାରା ଶାସିତ ହୋଇଥିବା ଭାରତ ହେଉଛି ନାନା ଧର୍ମ, ଭାଷା ଓ ଚଳଣିର ଦେଶ। ସମ୍ବିଧାନ ପ୍ରଣେତାମାନେ ଏ କଥା ମର୍ମେ ମର୍ମେ ଅନୁଭବ କରିଥିବେ ଯେ ରାଜ୍ୟଗୁଡ଼ିକର ସଂହତିରେ ଦେଶର ଉନ୍ନତି ସମ୍ଭବ। ତେଣୁ ସେମାନେ ବିଜ୍ଞତାର ସହ ସମ୍ବିଧାନର ପ୍ରଥମ ଧାରାରେ ଉପରଲିଖିତ ବାକ୍ୟକୁ ଖଞ୍ଜିଦେଲେ। ଦେଶ ସ୍ୱାଧୀନ ହେଲା, ବେଶ୍ କିଛିଦିନ ଧରି ପଣ୍ଡିତ ଜବାହରଲାଲ ନେହେରୁଙ୍କ ନେତୃତ୍ୱରେ କେନ୍ଦ୍ରରେ କଂଗ୍ରେସ ସରକାର ଏବଂ ପ୍ରାୟ ସବୁ ରାଜ୍ୟରେ କଂଗ୍ରେସ ସରକାର ଏକସମୟରେ ଗଠିତ ହେଲା।

ଦକ୍ଷିଣର ରାଜ୍ୟଗୁଡ଼ିକ କ୍ରମେ ଅନୁଭବ କଲେ ଯେ, ହିନ୍ଦୀଭାଷୀ ଲୋକେ ସେମାନଙ୍କ ଉପରେ କର୍ତ୍ତୃତ୍ୱ ବିସ୍ତାର କରୁଛନ୍ତି। କଥାଟି କେବଳ ସେତିକିରେ ସୀମାବଦ୍ଧ ରହିଲା ନାହିଁ। ୧୯୫୭ ମସିହାରେ କେରଳରେ ପ୍ରଥମ ଥର ପାଇଁ ଇ.ଏମ୍.ଏସ୍. ନମ୍ବୁଦ୍ରିପଦଙ୍କ ନେତୃତ୍ୱରେ କମ୍ୟୁନିଷ୍ଟ ସରକାର ଗଠିତ ହେଲା। ଅତୀତରେ କମ୍ୟୁନିଷ୍ଟମାନେ ଯେଉଁଠି ଶାସନ କ୍ଷମତାକୁ ଆସିଛନ୍ତି ସେଠି ରକ୍ତାକ୍ତ ବିପ୍ଳବ ହୋଇଛି। ଇତିହାସ ଏହାର ମୂକସାକ୍ଷୀ, ସେ ହୋଇପାରେ ରୁଷିଆ ଅବା ଚାଇନା। କିନ୍ତୁ ଗଣତାନ୍ତ୍ରିକ ପଦ୍ଧତିରେ ବିଶ୍ୱରେ ପ୍ରଥମଥର ପାଇଁ ଶାନ୍ତିପୂର୍ଣ୍ଣ ଭାବେ କମ୍ୟୁନିଷ୍ଟ ଦଳ କେରଳରେ କ୍ଷମତାକୁ ଆସିଲା। କେନ୍ଦ୍ରରେ କଂଗ୍ରେସ ସରକାର ଓ ରାଜ୍ୟରେ କମ୍ୟୁନିଷ୍ଟ ସରକାର ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ହେତୁ ପ୍ରଥମଥର ପାଇଁ ସଂଖ୍ୟାଗରିଷ୍ଠତା ଥିବା ସତ୍ତ୍ୱେ ନମ୍ବୁଦ୍ରିପଦ ସରକାରକୁ କେନ୍ଦ୍ର ଇଙ୍ଗିତରେ ବରଖାସ୍ତ କରାଗଲା। କେନ୍ଦ୍ର-ରାଜ୍ୟ ସମ୍ପର୍କରେ ତିକ୍ତତା ସୃଷ୍ଟି ହେଲା। ଏହା ଭାରତୀୟ ସଂସଦୀୟ ଗଣତନ୍ତ୍ର ଇତିହାସରେ କଳଙ୍କମୟ ଅଧ୍ୟାୟ। କ୍ରମେ ଅନ୍ୟ ରାଜ୍ୟଗୁଡ଼ିକ କେନ୍ଦ୍ରର ବଡ଼ଭାଇପଣିଆକୁ ଅନୁଭବ କଲେ। ଏହାପରେ ଦେଶ ସ୍ୱାଧୀନ ହେବାର ୨୦ ବର୍ଷ ପରେ ତାମିଲନାଡୁରେ ଡିଏମ୍‌କେ ଦଳ ସରକାର ଗଠନ କଲା। ପରେ ଅବଶ୍ୟ ଡିଏମ୍‌କେ ଦଳ ଦୁଇ ଭାଗରେ ବିଭକ୍ତ ହେଲା, ଯଥା ଡିଏମ୍‌କେ ଓ ଆନ୍ନା ଡିଏମ୍‌କେ। ସେବେଠାରୁ ଅଦ୍ୟାବଧି କେତେବେଳେ ଡିଏମ୍‌କେ ଓ ଅନ୍ୟ କେତେବେଳେ ଏଆଇଏଡିଏମ୍‌କେ ଦଳ କ୍ଷମତାକୁ ଆସିଛନ୍ତି ସିନା କଂଗ୍ରେସ ଦଳ ଆଉ ଶାସନ କ୍ଷମତାକୁ ଆସିବା ସମ୍ଭବ ହେଉନାହିଁ।

ଏସବୁ ଘଟଣା ଆଞ୍ଚଳିକବାଦକୁ ପ୍ରୋତ୍ସାହନ ଦେଉଛି। ଅକାଳୀ ଦଳ ହେଉ ବା ଶିବସେନା କିମ୍ବା ତୃଣମୂଳ କଂଗ୍ରେସ ଅଥବା ବିଜୁ ଜନତା ଦଳ ଏସବୁ ରାଜ୍ୟ ପ୍ରତି କେନ୍ଦ୍ରର କ୍ରମାଗତ ଅବହେଳାର ପ୍ରତିବାଦ ସୃଷ୍ଟି ହୋଇଛି। ବର୍ତ୍ତମାନ କେନ୍ଦ୍ରରେ ପ୍ରାୟ ଏକଦଳୀୟ ଶାସନର ଅବସାନ ଘଟିଛି। ମିଳିତ ମନ୍ତ୍ରିମଣ୍ଡଳର ଯୁଗ ଆସିଛି। ଆମର ବ୍ୟକ୍ତିଗତ ମତ ଯେ ମିଳିତ ମନ୍ତ୍ରିମଣ୍ଡଳରେ ଶାସନମୁଖ୍ୟ ବିଭିନ୍ନ ରାଜନୈତିକ ଚିନ୍ତାଧାରାର ଲୋକଙ୍କୁ ଏକାଠି ନେଇ ଚାଲିବା ଏକ କଷ୍ଟସାଧ୍ୟ ବ୍ୟାପାର। ଏ କଥା ଆମକୁ ମନେ ରଖିବାକୁ ହେବ ଯେ ସଂଘୀୟ ବ୍ୟବସ୍ଥାରେ ଏକ ଦୁର୍ବଳ ରାଜ୍ୟ ପ୍ରତି କେନ୍ଦ୍ରର ଦୃଷ୍ଟି ସମ୍ବେଦନଶୀଳ ହେବା ଆବଶ୍ୟକ। କିନ୍ତୁ ବାସ୍ତବରେ ତାହା ହେଉନାହିଁ।

ବର୍ତ୍ତମାନ ଯୋଜନା କମିଶନକୁ ଉଚ୍ଛେଦ କରି ନୀତି ଆୟୋଗ ଗଠିତ ହୋଇଛି। ସେହିପରି ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଥିବା ଜାତୀୟ ବିକାଶ ପରିଷଦ (ଏନ୍‌ଡିସି)କୁ ମଧ୍ୟ ଅଚଳ କରିଦିଆଯାଇଛି। ଏହାଦ୍ୱାରା ରାଜ୍ୟର ବିକାଶ ବାଧାପ୍ରାପ୍ତ ହେଉଛି। ପୂର୍ବରୁ ଯୋଜନା କମିଶନ ଥିବାବେଳେ କେନ୍ଦ୍ର ବଜେଟର ଏକତୃତୀୟାଂଶ ଯୋଜନା ପାଣ୍ଠି ବାବଦରେ ବିକାଶ ପାଇଁ ସବୁ ରାଜ୍ୟକୁ ମିଳୁଥିଲା। ଏହି ପାଣ୍ଠିକୁ ସେସବୁ ରାଜ୍ୟ ନିଜ ନିଜ ଇଚ୍ଛା ମୁତାବକ ବିକାଶ କାର୍ଯ୍ୟରେ ବିନିଯୋଗ କରୁଥିଲେ। ବର୍ତ୍ତମାନ ଯୋଜନା କମିଶନ ନାହିଁ କିମ୍ବା ଏନ୍‌ଡିସି ନାହିଁ। ଏହା ସଂଘୀୟ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରିଛି ବୋଲି ଆମର ମନେ ହୁଏ। ଏବେ ନୀତି ଆୟୋଗ କ'ଣ କରୁଛି କାହାକୁ ଜଣାନାହିଁ। ମନେହୁଏ ନୀତି ଆୟୋଗ ପ୍ରଧାନମନ୍ତ୍ରୀଙ୍କ ଅଫିସ୍‌ର ଏକ ଅଂଶ ବିଶେଷ ଭାବେ କାର୍ଯ୍ୟ କରୁଛି। ଏଠାରେ ଗୋଟିଏ ଉଦାହରଣ ଦେଲେ ବୋଧହୁଏ ଆମର କଥାଟି ସ୍ପଷ୍ଟ ହୋଇଯିବ। ବର୍ତ୍ତମାନ ଏନ୍‌ଡିଏ ସରକାର ଅମଳରେ ବେରୋଜଗାରି କିପରି ୪୦ ବର୍ଷର ରେକର୍ଡ ଭାଙ୍ଗିଛି, ତା'ର ସର୍ଭେ କରିଥିବା ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥାକୁ ରିପୋର୍ଟ ପ୍ରକାଶ କରିବାକୁ ସୁଯୋଗ ଦିଆଯାଉନାହିଁ। ନୀତି ଆୟୋଗ ଦ୍ୱାରା କ୍ୟାବିନେଟ୍ ମଞ୍ଜୁରୀ ଆଳକରି ଏହାକୁ ରୋକି ଦିଆଗଲା।

ସର୍ଦ୍ଦାର ପଟେଲ କହିଥିଲେ- 'I KNOW ONE CULTURE I.E. AGRICULTURE.' କୃଷି ହେଉଛି ଆମ ସଭ୍ୟତାର ମୂଳପିଣ୍ଡ। ଆମ ଦେଶର ସଂଖ୍ୟାଧିକ ଲୋକ କୃଷିକୁ ସେମାନଙ୍କ ଜୀବିକା ହିସାବରେ ଗ୍ରହଣ କରିନେଇଛନ୍ତି। ଗ୍ରାମୀଣ ବିକାଶର ମୁଖ୍ୟ ଅଂଶ ହେଉଛନ୍ତି ଚାଷୀ। ଚାଷୀର ଆର୍ଥିକ ମାନଦଣ୍ଡ ସୁଦୃଢ଼ ନ ହେବାଯାଏ ଦେଶର ବିକାଶ ଅସମ୍ଭବ। ଦେଶରେ ୯୦% କ୍ଷୁଦ୍ର ଓ ନାମମାତ୍ର ଚାଷୀ ଅଛନ୍ତି। ତେଣୁ ସେମାନେ କିପରି ଉପକୃତ ହେବେ ଏହା ସମସ୍ତେ ଚିନ୍ତା କରିବା ଉଚିତ। କ୍ଷୁଦ୍ର ଓ ନାମମାତ୍ର ଚାଷୀ ତାଙ୍କ ଜମିରେ ଉତ୍ପାଦିତ ଧାନ କେବଳ ତାଙ୍କ ପରିବାର ପାଇଁ ଖର୍ଚ୍ଚ କରିଥାଆନ୍ତି। ତେଣୁ ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ହେଲେ ବି ସେସବୁ ଚାଷୀ ବଜାରକୁ ଧାନ ନେବେ ନାହିଁ କିମ୍ବା ବିକିବେ ନାହିଁ। ଏହା ଫଳରେ ସେମାନଙ୍କୁ ଦରବୃଦ୍ଧିର ଲାଭ ମିଳିବ ନାହିଁ। ସେମାନଙ୍କୁ ଋଣଯନ୍ତାରୁ ମୁକୁଳାଇବାକୁ ହେଲେ ସୁଚିନ୍ତିତ ଯୋଜନା କରି ଆର୍ଥିକ ସହାୟତା ପ୍ରଦାନ କରିବା ଅତ୍ୟନ୍ତ ଯୁକ୍ତିଯୁକ୍ତ।

କେନ୍ଦ୍ରରେ ଥିବା ସରକାର ଭୋଟକୁ ଆଖି ଆଗରେ ନ ରଖି ଦେଶର ସବୁ ଅଞ୍ଚଳର ବିକାଶ ପ୍ରତି ଧ୍ୟାନ ଦେବା ଉଚିତ। ଏହା ନ ହେଲେ ଆଞ୍ଚଳିକତାବାଦ ମୁଣ୍ଡ ଟେକିବ। କେନ୍ଦ୍ର-ରାଜ୍ୟ ସମ୍ପର୍କରେ ଉନ୍ନତି ଆଣିବାକୁ ହେଲେ ଆତ୍ମଚିନ୍ତନର ଆବଶ୍ୟକତା ଅଛି ବୋଲି ଆମର ମନେହୁଏ।

ଭୁବନେଶ୍ୱର, ମୋ: ୯୪୩୮୦୭୨୮୫୦

## ଏଇ ଭାରତରେ

ମୃତ୍ୟୁକୁ କିଏ ବା ଭୟ ନ କରେ! ପୁଣି ଯମପୁର ବା ମୃତ୍ୟୁର ଦେବତା ଯମଙ୍କ ବିଷୟରେ ଶୁଣିଲେ ଯେ କୌଣସି ବ୍ୟକ୍ତି ଭୟଭୀତ ହେବା ସ୍ୱାଭାବିକ। ମୃତ୍ୟୁ ପରେ ଆତ୍ମା ସ୍ୱର୍ଗ କିମ୍ବା ନର୍କକୁ ଯାଇଥାଏ ବୋଲି ବିଶ୍ୱାସ ରହିଛି। କିନ୍ତୁ କୌଣସି ମନ୍ଦିରକୁ ଆତ୍ମା ଯିବା କଥା ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ। ଏଭଳି ଏକ ମନ୍ଦିର ହିମାଚଳ ପ୍ରଦେଶର ଚମ୍ବାରେ ରହିଛି। ମନ୍ଦିରକୁ କେବଳ ଆତ୍ମା ଯାଇଥାଆନ୍ତି ବୋଲି ଲୋକମୁଖରୁ ଶୁଣାଯାଏ। ରାଜଧାନୀ ଦିଲ୍ଲୀରୁ ୫ଶହ କିଲୋମିଟର ଦୂରରେ ଏହି ମନ୍ଦିର ଅବସ୍ଥିତ। ଏହା ଏକ ସାଧାରଣ ଘର ପରି- ଯମରାଜାଙ୍କ ପାଇଁ ସମର୍ପିତ। ମନ୍ଦିରରେ ଯମରାଜା ରହନ୍ତି ବୋଲି ଲୋକେ ବିଶ୍ୱାସ କରନ୍ତି। ମନ୍ଦିର ଭିତରେ ଆଉ ଗୋଟିଏ ବଖରାରେ ରହନ୍ତି ଚିତ୍ରଗୁପ୍ତ। କୁହାଯାଏ, ଏହି ମନ୍ଦିର ଭିତରେ ୪ଟି ଦ୍ୱାର ଅଛି। ଯମଦୂତମାନେ ଏହି ବାଟ ଦେଇ ଆତ୍ମାକୁ ନିଜ କର୍ମ ଅନୁସାରେ ସ୍ୱର୍ଗ କିମ୍ବା ନର୍କକୁ ନେଇଥାଆନ୍ତି। ତେବେ ଏ ପର୍ଯ୍ୟନ୍ତ ଏହି ମନ୍ଦିର ଭିତରକୁ ଯିବାକୁ କେହି ସାହସ କରିନାହାନ୍ତି। କେବଳ ବାହାରେ ଥାଇ ପ୍ରଣିପାତ ହୋଇ ଚାଲିଯାଆନ୍ତି।

# ସତ୍ୟନିଷ୍ଠ ଦର୍ପଣ



ଡ. ସୁବାସ ଚନ୍ଦ୍ର ପାତ୍ର

ଦର୍ପଣର ବୈଶିଷ୍ଟ୍ୟ ତା'ର ନିଷ୍ଠା, ସାଧୁତା ଏବଂ ବିଶ୍ୱସ୍ତତା! କୁହାଯାଏ, ଦର୍ପଣ ଭଗବାନଙ୍କ ପରି ନିରପେକ୍ଷ ଓ ବସ୍ତୁନିଷ୍ଠ। ଅତିରଞ୍ଜିତ ଚିତ୍ର ପ୍ରଦାନ କରିବାର ଅକ୍ଷମତା ଏହାର ଧର୍ମ ହୋଇଥିଲା ବେଳେ ଏହି ଧର୍ମ ହିଁ କାହା ଆଖିରୁ ଶ୍ରାବଣର ଧାରା ବୁହାଇ ଦିଏ। ଅତିକ୍ରାନ୍ତ ଯୌବନ ଅବା ଅପହୃତ ସୌନ୍ଦର୍ଯ୍ୟର ପ୍ରତିଫଳନ ଦେଖି କାହା ଆଖିରୁ ଗଡ଼ି ପଡୁଥିବା ଅଶ୍ରୁବିନ୍ଦୁ ହିଁ ଦର୍ପଣର ବିଜୟ ଘୋଷଣା କରେ ଏବଂ ଏହି କଥା କହେ ଯେ ସେ ତା'ର ସ୍ୱଧର୍ମ ପାଳନ କରିଛି, ସତ୍ୟ ହିଁ କହିଛି।

ସତ୍ୟ କିନ୍ତୁ ସହ୍ୟ କରିବା କଷ୍ଟ, ଯାହା ପ୍ରଖ୍ୟାତ ହଲିଉଡ୍ ଅଭିନେତ୍ରୀ ତଥା ବିଖ୍ୟାତ ଆମେରିକୀୟ ନାଟ୍ୟକାର ଆର୍ଥର ମିଲର୍‌ଙ୍କ ପତ୍ନୀ ମେରିଲିନ୍ ମନ୍‌ରୋଙ୍କ ଆତ୍ମହତ୍ୟା ମାଧ୍ୟମରେ ସାଙ୍କେତିକ ଭାବରେ ସାରା ପାଶ୍ଚାତ୍ୟ ଜଗତକୁ ଚହଲେଇ ଦେଇଥିଲା। ନିଜକୁ ଯୌବନ ଓ ସୌନ୍ଦର୍ଯ୍ୟର ପ୍ରତିମୂର୍ତ୍ତି ଭାବୁଥିବା ଏବଂ ତାଙ୍କ ସମୟର ଯୁବପିଢ଼ିଙ୍କ ହୃତ୍‌କମ୍ପ ସାଜିଥିବା ଏହି ଚିତ୍ରତାରକା ଜଣକ ଦର୍ପଣର ସତ୍ୟକୁ ବରଦାସ୍ତ କରିପାରିଲେ ନାହିଁ। ପ୍ରସାଧନ ପ୍ରାଚୁର୍ଯ୍ୟର ଶିକାର ହୋଇଥିବା ଏହି ମହିଳା ଜଣକ ଆଖିତଳର ଗୋଟିଏ ଦୁଇଟି କୁଞ୍ଚକୁ ନିଜ ଯୌବନ ପ୍ରତି ଆହ୍ୱାନ ବୋଲି ବିଚାର କଲେ ଏବଂ ସମୟକ୍ରମେ ନିଜ ଦକ୍ଷତା ଉପରୁ ବିଶ୍ୱାସ ହରାଇ ନିଦବଟିକା ମାଧ୍ୟମରେ ଆତ୍ମହତ୍ୟାର ପନ୍ଥା ବାଛିନେଲେ। କଥିତ ଅଛି, ମନ୍‌ରୋଙ୍କ ଆତ୍ମହତ୍ୟା ସମଗ୍ର ପାଶ୍ଚାତ୍ୟ ଜଗତର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ଉପରେ ଏକ ପ୍ରଶ୍ନବାଚୀ। ୩୬ ବର୍ଷ ବୟସରେ ଆଖିତଳେ ଗୋଟିଏ ଯୋଡ଼ିଏ କୁଞ୍ଚ, କାଁ ଭାଁ ଗୋଟିଏ ଦୁଇଟି ବ୍ରଣର ଚିକିତ୍ସା ଓ ଉପଚାର ଯଦି ଆତ୍ମହତ୍ୟା ହୁଏ, ତେବେ ସେ ପ୍ରକାର ସମାଜର ମୂଳଦୁଆ ଯେ କେତେ ଦୁର୍ବଳ ଏହି ଘଟଣାରୁ ଜଣାପଡ଼େ। ଦୁଃଖର କଥା, ଭାରତବର୍ଷର ନୂତନ ପିଢ଼ିର କେତେ ଯୁବତୀ ପ୍ରସାଧନ ମାଧ୍ୟମରେ ବୟସକୁ ପରାସ୍ତ କରିବାକୁ ଏବଂ ପ୍ରକୃତିର ନିୟମ ବିରୋଧରେ ଯୁଦ୍ଧ ଘୋଷଣା କରିବା ପାଇଁ ଗୋପନରେ ନିଦବଟିକା ବା ଅନ୍ୟାନ୍ୟ ମାନସିକ ସମ୍ବେଦନା ହ୍ରାସକାରୀ ଔଷଧ ଯେ ସେବନ କରୁଛନ୍ତି, ତାହାର ହିସାବ କାହା ପାଖରେ ନାହିଁ।

ଏହି ପ୍ରସାଧନ ସାମଗ୍ରୀକୁ ଘଟଣାର କେନ୍ଦ୍ରବିନ୍ଦୁ କରି ମଝିରେ ଦର୍ପଣକୁ ସାକ୍ଷୀ ରଖି ମା'ଜଣକ ଯେ ନିଜ ଝିଅକୁ ଏମିତି ରାମ୍ପି ପକାଇବେ ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ। ବହୁତ ଦିନ ତଳର କଥା। ଆମେ ଦୁଇବନ୍ଧୁ ପହଞ୍ଚିଲୁ ଅନ୍ୟ ଜଣେ ବରିଷ୍ଠ ଅଧ୍ୟାପକ ବନ୍ଧୁଙ୍କ ଘରେ। ବନ୍ଧୁ ନ ଥିଲେ। ଘର ଭିତରୁ କିନ୍ତୁ ଶୁଭୁଥିଲା ମା'ଝିଅଙ୍କ କଳି। ମା'ଙ୍କ ସ୍ୱର ଥିଲା ବେଶ୍ ଉଚ୍ଚ। ବନ୍ଧୁ ଜଣକ ମା'ଙ୍କ ସହପାଠୀ ହୋଇଥିବାରୁ ଭିତରକୁ ପ୍ରବେଶ କରି ମା'ଝିଅଙ୍କ ଉଚ୍ଚବାଚର ସମାଧାନ କରିବାକୁ ଚେଷ୍ଟା କରନ୍ତେ ଉତ୍ତର ମିଳିଲା, "ଏ ଝିଅର କିସ ହେଇଚି କେଜାଣି? ଯେତେବେଳେ ଦେଖ ଡ୍ରେସିଂ ମିରର୍ ଆଗରେ ସଜ ହେଉଛି। ମୁହଁରେ ପାଉଡର, କ୍ରିମ୍ ବୋଳୁଛି ତ ନ ହେଲେ ମୁଣ୍ଡ କୁଣ୍ଡାଉଛି। କେତେ ଯେ ଫେସନ ହେଉଚି। କୋଉ ଟୋକାକୁ ଭଲ ପାଇଲାଣି କି କ'ଣ? ଅଥଚ ମୁଁ ଟିକିଏ ବାହାରକୁ ଗଲାବେଳେ ଦେଖେ ନା ଅଛି ପାଉଡର ନା କ୍ରିମ୍।" ବନ୍ଧୁ ଜଣକ ସହପାଠୀସୁଲଭ ସ୍ୱାଧୀନତା ନେଇ କହି ପକାଇଲେ, "ତୁମେ ବୋଧହୁଏ ତୁମ ଝିଅକୁ ଈର୍ଷା କରୁଛ। ମା'ଝିଅ ମିଶି ବଜାରକୁ ଗଲେ ତୁମକୁ ଆଜିକାଲି କେହି ଅନଉ ନାହାନ୍ତି ତ, ସେଇଟା ହେଉଛି ସମସ୍ୟା! ତୁମେ ଅତୀତ, ସେ ବର୍ତ୍ତମାନ। ତା' ଜାଗା ତୁମେ କାହିଁକି ମାଡ଼ି ବସିବାକୁ ଚେଷ୍ଟା କରୁଛ? ଟିକେ ଦର୍ପଣର କଥା ମାନ, ଟିକେ ଆଇନାକୁ ସମ୍ମାନ କର।"

ପ୍ରଖ୍ୟାତ ଇଂରେଜ କବୀ ସିଲ୍‌ଭିଆ ପ୍ଲାଥ୍ ତାଙ୍କ ଅତିପରିଚିତ କବିତା 'ମିରର୍' (ଦର୍ପଣ)ରେ ମଣିଷର ଅସହାୟତା ପ୍ରକାଶ କରିଛନ୍ତି। ଗୋଟିଏ ନିର୍ଜୀବ କାଚଖଣ୍ଡ ହୋଇ ବି ବିନା ଦ୍ୱେଷ, ପ୍ରୀତି, ଆସକ୍ତିର ସହ ସ୍ୱଧର୍ମ ପାଳନ ଅବକାଶରେ ସେ ଯେଉଁ ବିଜ୍ଞତା ପ୍ରଦର୍ଶନ କରେ ସୃଷ୍ଟିର ଶ୍ରେଷ୍ଠ ଜୀବ ହୋଇ ମଧ୍ୟ ମଣିଷ ଆଇନା ଆଗରେ ଖାଲି ଅଜ୍ଞତା ହିଁ ପ୍ରଦର୍ଶନ କରେ, କେତେବେଳେ ଉତ୍‌ଫୁଲ୍ଲ ହୋଇ ତ କେତେବେଳେ ମ୍ରିୟମାଣ ହୋଇ। ମଣିଷ ଦର୍ପଣକୁ ଅନେକ ପ୍ରଶ୍ନର ଉତ୍ତରଖାତା ବା ଆତ୍ମ-ଆବିଷ୍କାରର ଉପତ୍ୟକା ହିସାବରେ ବ୍ୟବହାର କରିପାରନ୍ତା। ସତ୍ୟକୁ ଉପଲବ୍ଧି କରି ତାହାକୁ ଏକ ପ୍ରସାଧନୀୟ ଉପକରଣ ଭାବରେ ଉପଯୋଗ କରିପାରନ୍ତା ଏବଂ ତାକୁ ମନ ଭିତରକୁ ପ୍ରବେଶ କରିବାକୁ ଦିଅନ୍ତା ନାହିଁ। ଦୁଃଖର କଥା ତାହା କେବେ ଘଟେ ନାହିଁ। ନିର୍ଜୀବର ସଜୀବ ଉପରେ ପ୍ରାଧାନ୍ୟ ବିସ୍ତାର ଚାଲୁରହେ ଏବଂ ସେଇଥିରୁ ରାସ୍ତା ଲମ୍ବେ ନିଦବଟିକା ଆଡ଼କୁ, ନ ହେଲେ ସ୍ଥଳବିଶେଷରେ ଆତ୍ମହତ୍ୟା ପାଖକୁ। ଅବଶ୍ୟ କିଛିଲୋକ ଆତ୍ମ-ପ୍ରତାରଣା ମାଧ୍ୟମରେ ନିଜ ସମସ୍ୟାର ସମାଧାନ କରିନିଅନ୍ତି। ଦର୍ପଣର ବି ବୟସ ହୁଏ ଏବଂ ସେ ବି ଦୁର୍ଘଟଣାଗ୍ରସ୍ତ ହୁଏ। କିନ୍ତୁ ସେହି ବୟସ୍କ ବା ବିଖଣ୍ଡିତ ଦର୍ପଣ ଯଦି ନିଜକୁ ସୁହାଇଲା ଭଳି ପ୍ରତିଫଳନ ପ୍ରଦର୍ଶନ କରୁଛି ମଣିଷ ତାକୁ ଆବୋରି ନିଏ।

ସାହିତ୍ୟ ସମାଲୋଚକମାନେ ସାହିତ୍ୟ ପ୍ରସଙ୍ଗରେ ଦର୍ପଣ ଶବ୍ଦ ବ୍ୟବହାର କରି ସମାଲୋଚନାର ତତ୍ତ୍ୱ ରଖନ୍ତି। ଅନେକ ସମୟରେ କୁହାଯାଏ ସାହିତ୍ୟ ସମାଜର ଦର୍ପଣ। ମୋର ବିଶ୍ୱାସ ଏ ପ୍ରକାର ମନ୍ତବ୍ୟ ସାହିତ୍ୟକୁ କ୍ଷୁଦ୍ର କରିଦିଏ, ତା'ର ଗୁଣବତ୍ତା ଓ ଚିରନ୍ତନତା ପ୍ରଭାବିତ ହେବାର ଆଶଙ୍କା ଉପୁଜେ। ସାହିତ୍ୟ କ'ଣ ଖାଲି ତାତ୍‌କାଳିତାର ପ୍ରକାଶ? ସାହିତ୍ୟିକଟି ଜିଉଥିବା ଜୀବନ ଓ ସମାଜର ଚାରିକାନ୍ଥ ଡେଇଁ ଏକ ଉଚ୍ଚତର ଅଭୀପ୍ସା ଆଡ଼କୁ ପାଠକକୁ କ'ଣ ବାଟ କଢ଼େଇ ନେବନାହିଁ, ଯାହା ଚେତନାର କ୍ରମବିବର୍ତ୍ତନ ଦ୍ୱାରା ସମ୍ଭବ?

ସୌଭାଗ୍ୟର କଥା, ଦର୍ପଣ ବା ଲଣ୍ଠନ ଭଳି ଶବ୍ଦମାନଙ୍କ ମାଧ୍ୟମରେ ବହୁ ପ୍ରଦୂଷିତ ରାଜନୈତିକ ଟୀକାଟିପ୍ପଣୀ ଭିତରକୁ ସାହିତ୍ୟ ପଶିଆସିଛି! ଏବେ ଓଡ଼ିଶାର ରାଜନେତାମାନଙ୍କ ବୟାନବାଜି ଭିତରେ ଏହି ଦୁଇଟି ଶବ୍ଦ ଉପମା ହିସାବରେ ବେଶ୍ ବ୍ୟବହୃତ ହେଉଛି। କିଏ କାହାକୁ କହିଲାଣି, "ବହୁତ ଦିନ କ୍ଷମତାରେ ରହିବା କ୍ରମରେ ସେମାନେ ଦର୍ପଣ (ଆଦର୍ଶ)କୁ ହତ୍ୟା କରିଛନ୍ତି ତେଣୁ ଆମେ ତାଙ୍କୁ ଆଇନା ଦେଖେଇ ସେମାନଙ୍କ ବିଫଳତା ପ୍ରତି ସଚେତନ କରଉଛୁ।" ଦୃଢ଼ ଜବାବ ଦେଇ ପ୍ରତିପକ୍ଷ କହୁଛନ୍ତି, "ଆଗେ ସେମାନେ ଆଇନାରେ ନିଜ ମୁହଁ ଦେଖନ୍ତୁ, ଲୋକଙ୍କୁ ଭୁଆଁ ବୁଲାଇବାକୁ ଆଉ ଦିନରେ ଲଣ୍ଠନ ଦେଖାନ୍ତୁ ନାହିଁ।" ଏମାନେ କ'ଣ ପ୍ରକୃତରେ ଜନହିତୈଷୀ? ଏମାନଙ୍କ ମାନସପଟରେ ସିଲ୍‌ଭିଆଙ୍କ ଦର୍ପଣ ବା ଡାୟୋଜିନିସଙ୍କ ଲଣ୍ଠନ ଅଛି କି? ଆତ୍ମସ୍ୱାର୍ଥସର୍ବସ୍ୱ ଆମ ରାଜନେତାମାନେ କେବେ ଦର୍ପଣରେ ନିଜର, ନିଜ ପିଲାଛୁଆଙ୍କୁ ଛାଡ଼ି ଆଉ କାହାର ଛବି ଦେଖନ୍ତି? ଡାୟୋଜିନିସ ତ ଦିନରେ ଲଣ୍ଠନ ଧରି ଭଲ ମଣିଷ ଖୋଜୁଥିଲେ, ଆଜିର ରାଜନେତାମାନେ ବିନା ଲଣ୍ଠନରେ କେବେ ଭଲ ମଣିଷ ଖୋଜିଛନ୍ତି ଏକ ନୂତନ ରାଜନୈତିକ ବ୍ୟବସ୍ଥାର ସଂସ୍ଥାପନ ପାଇଁ?

ଦର୍ପଣ ମହାଭାରତର ବିଦୂର ପରି। ଉଭୟେ ଅପ୍ରିୟ ସତ୍ୟ ହିଁ କହନ୍ତି। ଥରେ କଠୋର ସତ୍ୟ ସହ୍ୟ କରିବାର ଶକ୍ତି ଜାଗ୍ରତ ହେଲେ ମଣିଷକୁ ନିଦବଟିକା ଖୋଜିବାକୁ ପଡ଼ିବନି ବରଂ ସେ କ୍ଷୁଦ୍ର ବାସ୍ତବତାକୁ ଅପ୍ରାସଙ୍ଗିକ ମଣି ବୃହତ୍ତର ଓ ମହତ୍ତର ବାସ୍ତବତା ଆଡ଼କୁ ଅଗ୍ରସର ହେବ।

ବାଲେଶ୍ୱର, ମୋ-୯୪୩୭୩୭୬୨୧୯

## ଚିରନ୍ତନୀ

ଦମ୍ଭ ତା'ର ଯାଏ ତୁଟି, କଣ୍ଠେ ତା'ର ଶୁଖଯାଏ ଗାନ
ସୃଜନ ବ୍ୟଥାରେ ତା'ର ଅନ୍ତର ଲଭଇ ମ୍ରିୟମାଣ।
ସକଳ କଳା-ଶିଳ୍ପୀ ପାରେ ଅନୁଭବି
ଚିତ୍ରେ ଯେହ୍ନୁ ତୁଳିକାରେ ଛବି।
ରୂପ ଖୋଜି ଅରୂପରେ ପ୍ରାଣ ତା'ର ହୁଏ ନିମଗନ
ଅନ୍ତରେ ବାଜଇ କେତେ ସୃଜନର ନିବିଡ଼ ବେଦନ।
ଉଦେ ହୁଏ କେତେ ଛବି ମାନସପଟରେ
ବିଚାରେ ଲଭିବ ନିକଟରେ।

(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | | | | | | C | 4 | | 8 | | | | |
| | | | | | 9 | | 7 | | | | 0 | | C | |
| 4 | 5 | | D | | | | E | A | | | C | 8 | 9 | |
| | E | C | 8 | | | | 2 | | 3 | 4 | 7 | | | 1 |
| 9 | D | | 6 | | | | | | | | | | | |
| 5 | | | A | | | | | | | 0 | | | | 7 |
| | 7 | | | | E | | A | | | 1 | | C | B | |
| | | | | C | 5 | | | | | 3 | 2 | E | 4 | A |
| | | | | | | | 6 | | | | A | 2 | | 0 |
| | 2 | 9 | | | | | | | 5 | 6 | 4 | | | |
| 3 | 0 | | | | | | | 6 | B | D | 1 | | | |
| | | | | | | 0 | | | | | 8 | | 7 | 3 |
| 2 | | 1 | | D | | B | | | | | | | 6 | E |
| | A | 5 | | | 8 | | | | E | | | | | |
| 6 | 4 | E | | | | | | 5 | | | | | | B |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

[illegible]

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସଚେତନତା ପ୍ରଚାରରେ

ମହାଶୟ,

ସରକାର ଦେଶରେ ଜଳ ଓ ବିଦ୍ୟୁତ୍ ସଂରକ୍ଷଣ ପାଇଁ ଲୋକମାନଙ୍କୁ ସଚେତନ କରାଉଛନ୍ତି। କିନ୍ତୁ ସହରର ଅଧିକାଂଶ ସ୍ଥାନରେ ପାନୀୟ ଜଳ ତଳେ ପଡି ବୋହିଯାଉଥିଲେ ମଧ୍ୟ ସରକାରୀ ବାବୁମାନଙ୍କର ସେଥିପ୍ରତି ନିଘା ନାହିଁ। ସେହିପରି ସହରର ବତିଖୁଣ୍ଟରେ ଚବିଶ ଘଣ୍ଟା ବତି ଜଳୁଥିଲେ ମଧ୍ୟ ଦେଖିବାକୁ କେହି ନାହିଁ। 'ସରକାର କା ମାଲ୍ ଦରିଆ ମେ ଡାଲ୍' ନ୍ୟାୟରେ ସମସ୍ତେ ଉଦାସୀନ। ସରକାରୀ ବାବୁମାନେ ଏ ବିଷୟରେ ସଚେତନ ହୋଇ ଏହି ସମସ୍ୟା ପ୍ରତି ଦୃଷ୍ଟିଦେବାକୁ ଅନୁରୋଧ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

### ଏପିଏଲ୍ କାର୍ଡ ମିଳୁ

ସରକାରୀ କର୍ମଚାରୀ, ଧନୀ ଚାଷୀ ଓ ବ୍ୟବସାୟୀଙ୍କୁ ଏପିଏଲ କାର୍ଡ ଯୋଗାଇ ଦିଆଯାଉ। ପୂର୍ବରୁ ଏହି ଶ୍ରେଣୀର ଲୋକଙ୍କୁ ଉଦ୍ଦିଷ୍ଟ ମୂଲ୍ୟରେ ଗହମ ଓ କିରୋସିନ ଯୋଗାଇ ଦିଆଯାଉଥିଲା। ଖୋଲା ବଜାରରେ କିରୋସିନ ବିକ୍ରିର ବ୍ୟବସ୍ଥା ନ ଥିବାରୁ ଏମାନେ ବାଧ୍ୟହୋଇ ରାଶନ କାର୍ଡଧାରୀଙ୍କଠାରୁ ୧ ଟଙ୍କିଆ ଗହମକୁ ୧୫ରୁ ୨୦ ଟଙ୍କାରେ ଓ କିରୋସିନ ଲିଟରକୁ ୪୦ରୁ ୬୦ ଟଙ୍କା ଦେଇ କିଣୁଛନ୍ତି। ସରକାର ସର୍ଭେ ମାଧ୍ୟମରେ ଏପରି ବର୍ଗଙ୍କୁ ଚିହ୍ନଟ କରି ଏପିଏଲ୍ କାର୍ଡ ଯୋଗାଇବା ପୂର୍ବକ ଡିଲରମାନଙ୍କ ଜରିଆରେ ଗହମ ଓ କିରୋସିନ ଯୋଗାଇଦେଲେ ରାଜ୍ୟର ଏପିଏଲ୍ ବର୍ଗ ଉପକୃତ ହୋଇପାରିବେ।

ରମେଶ ଦତ୍ତ, କଲ୍ୟାଣୀନଗର, ଭଦ୍ରକଗୁଆଳିଗୋରଡା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୭ ମାର୍ଚ୍ଚ ୧୯୯୪

- ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ମୁଖ୍ୟ ଆଇନ ପରାମର୍ଶଦାତା ବର୍ଣ୍ଣାଡ ନୁସବାଉମ୍‌ଙ୍କ ଇସ୍ତଫା।
- ଦକ୍ଷିଣଆଫ୍ରିକାରଡରବାନସହରରେହିଂସାକାଣ୍ଡଘଟି୧୧ନିହତ।
- ୟୁନିସେଫ ଆଫଗାନିସ୍ତାନ ମୁଖ୍ୟ ସାମି ସାକିନଙ୍କୁ କାବୁଲରେ ଅପହରଣ।

Government of India

# ଏବେ ଅସମ୍ଭବ ହୋଇଛି ସମ୍ଭବ



## ମାଗଣା ସ୍ୱାସ୍ଥ୍ୟରକ୍ଷା ଏବେ ନେଇଛି ବାସ୍ତବ ରୂପ

**ଆୟୁଷ୍ମାନ ଭାରତ** ଯୋଜନାରେ 50 କୋଟି ଲୋକଙ୍କ ମାଗଣା ଚିକିତ୍ସା

ବର୍ଷକୁ ପ୍ରତି ପରିବାର ପିଛା **5 ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା**

ସବୁ ସରକାରୀ ଓ ସରକାର ସ୍ୱୀକୃତ ହସ୍ପିଟାଲରେ ଚିକିତ୍ସା ସୁବିଧା

## ଛୋଟ ସହରର ଏବେ ବିରାଟ ପରିବର୍ତ୍ତନ

**ଉଡାନ** ଯୋଜନା ଅଧୀନରେ ଏବେ ସାଧାରଣ ଲୋକ ମଧ୍ୟ ବିମାନ ଯାତ୍ରା କରିପାରୁଛି

ବାତାନୁକୂଳିତ ଟ୍ରେନ ତୁଳନାରେ ଆଜି ଅଧିକ ଲୋକ ଉଡ଼ାଜାହାଜରେ ଯାତ୍ରା କରୁଛନ୍ତି

2014 ମସିହାରେ 75ଟି ବିମାନଘାଟି ଥିବାବେଳେ ଆଜି ଏ ସଂଖ୍ୟା **100ରେ** ପହଞ୍ଚିଛି

## କୃଷକଙ୍କ ସମସ୍ୟା ସବୁଠୁ ଆଗରେ

ଏକ କୋଟି ଚାଷୀଙ୍କ ବ୍ୟାଙ୍କ ଖାତାରେ ପ୍ରତି ବର୍ଷ **6 ହଜାର** ଟଙ୍କା ଲେଖାଏଁ ଆର୍ଥିକ ସହାୟତା

ଫସଲର ନ୍ୟୂନତମ ସହାୟକ ମୂଲ୍ୟରେ ଦେଢ଼ଗୁଣ ବୃଦ୍ଧି ପାଇଁ ଅଭୂତପୂର୍ବ ନିଷ୍ପତ୍ତି

**ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନାରେ** ସମସ୍ତଙ୍କ ପାଇଁ ସେଚ ସୁବିଧା

## ଆର୍ଥିକ ମାନଦଣ୍ଡକୁ ବିଚାରକୁ ନେଇ ସଂରକ୍ଷଣ

ସାଧାରଣ ବର୍ଗର ଲୋକଙ୍କୁ ଆର୍ଥିକ ଭିତ୍ତିଭୂମି ଆଧାରରେ ସଂରକ୍ଷଣ ଦେବା ପାଇଁ **ଅଭୂତପୂର୍ବ ନିଷ୍ପତ୍ତି**

ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସ୍ଥାନ ସଂଖ୍ୟା ବୃଦ୍ଧି ଯୋଗୁ ଯୁବଗୋଷ୍ଠୀଙ୍କୁ ଅଧିକ ସୁଯୋଗ

## ମଧ୍ୟବିତ୍ତ ଶ୍ରେଣୀର ଉତ୍ଥାନ

**5 ଲକ୍ଷ** ଟଙ୍କା ପର୍ଯ୍ୟନ୍ତ ଆୟକର ରିହାତି

**ଷ୍ଟେଣ୍ଟ ରୋପଣ ଓ ଆଣ୍ଠୁର ଅସ୍ତ୍ରୋପଚାର ଏବେ ଶସ୍ତା**

**ମୁଦ୍ରାସ୍ଫୀତି ଉପରେ ଅଙ୍କୁଶ ଓ ହ୍ରାସ ପାଇଲା ବ୍ୟାଙ୍କ ଋଣ ଉପରେ ସୁଧ**

## ଦେଶର କୋଣ ଅନୁକୋଣରେ ସବୁ ଗାଁ ଓ ଘରକୁ ପ୍ରଥମଥର ପାଇଁ ପହଞ୍ଚିଲା ବିଜୁଳି

ସ୍ୱାଧୀନତା ପରେ ପ୍ରଥମ ଥର **18 ହଜାର** ଗାଁକୁ ପହଞ୍ଚିଲା ବିଜୁଳି

ଅନ୍ଧକାର ମଧ୍ୟରେ ରହୁଥିବା **2.5 କୋଟି** ଲୋକଙ୍କୁ ଆଲୋକର ବ୍ୟବସ୍ଥା

## ପ୍ରତି ଗରିବ ପରିବାରର ଜୀବନମାନରେ ଉନ୍ନତି

**1.5 କୋଟି** ଗରିବ ପରିବାରଙ୍କୁ ମିଳିଲା ନିଜର ଘର

**ଉଜ୍ଜ୍ୱଳା ଯୋଜନା** ଯୋଗୁ 6 କୋଟି ମହିଳାଙ୍କୁ ଧୂଆଁରୁ ମୁକ୍ତି

**ଗରିବ କର୍ମଜୀବୀଙ୍କୁ ଆର୍ଥିକ ନିରାପତ୍ତା ପ୍ରତିଶ୍ରୁତି**

## ବ୍ୟବସାୟୀ ଓ କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ବ୍ୟବସାୟିକ ପ୍ରୋତ୍ସାହନ

40 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟବସାୟ ଜିଏସଟି ପଞ୍ଜୀକରଣରୁ ମୁକ୍ତ

60 ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାରବାରରେ ଜମାରୁ ପଡ଼ିବ ନାହିଁ ଆୟକର

1.5 କୋଟି ପର୍ଯ୍ୟନ୍ତ ବ୍ୟବସାୟ **'କମ୍ପୋଜିସନ ସ୍କିମ'** ରେ ଅନ୍ତର୍ଭୁକ୍ତ

## ମହିଳାଙ୍କୁ ସମ୍ମାନ ଓ ଅଧିକାର

**ସୁକନ୍ୟା ସମୃଦ୍ଧି ଯୋଜନାରେ** ଝିଅମାନଙ୍କ ଭବିଷ୍ୟତ ଏବେ ସୁରକ୍ଷିତ

**ଉଜ୍ଜ୍ୱଳା ଯୋଜନା** ଯୋଗୁ 6 କୋଟି ମହିଳାଙ୍କୁ ଧୂଆଁରୁ ମୁକ୍ତି

ଗର୍ଭବତୀ ମହିଳାଙ୍କୁ **6 ହଜାର ଟଙ୍କା** ପର୍ଯ୍ୟନ୍ତ ଆର୍ଥିକ ସହାୟତା

**26 ସପ୍ତାହ** ପର୍ଯ୍ୟନ୍ତ ମାତୃତ୍ୱ ଛୁଟି

## ସଶକ୍ତ ଓ ସ୍ୱାଧୀନ ଯୁବଶକ୍ତି

**ମୁଦ୍ରା** ଯୋଜନା ଅଧୀନରେ 15 କୋଟି ଯୁବକଙ୍କୁ **7 ଲକ୍ଷ କୋଟି** ଟଙ୍କା ଋଣ ପ୍ରଦାନ

ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସ୍ଥାନ ସଂଖ୍ୟା ବୃଦ୍ଧି ଯୋଗୁ ଯୁବକଯୁବତୀଙ୍କୁ ଅଧିକ ସୁଯୋଗ

**ଷ୍ଟାର୍ଟ-ଅପ୍ ଇଣ୍ଡିଆ** ଯୋଗୁ ଯୁବଗୋଷ୍ଠୀଙ୍କୁ ପ୍ରୋତ୍ସାହନ

## ସ୍ୱଚ୍ଛ ଭାରତ ଏବେ ନେଉଛି ବାସ୍ତବ ରୂପ

ନିର୍ମିତ ହେଲା **10 କୋଟି** ନୂତନ ଶୌଚାଳୟ

**5.5 ଲକ୍ଷରୁ** ଅଧିକ ଗାଁ ବାହାର ମଳତ୍ୟାଗ ମୁକ୍ତ

ଏକ ଆନ୍ତର୍ଜାତିକ ରିପୋର୍ଟ ଅନୁସାରେ **ସ୍ୱଚ୍ଛତା** ଯୋଗୁ ଲକ୍ଷ ଲକ୍ଷ ଜୀବନ ବଞ୍ଚାଯାଇପାରୁଛି

## ସବୁଠୁ ଆଗେ ଦେଶ ସୁରକ୍ଷା

ଆତଙ୍କବାଦ ବିରୁଦ୍ଧରେ ଐତିହାସିକ ପଦକ୍ଷେପ: ପ୍ରଥମେ **ସର୍ଜିକାଲ ଷ୍ଟ୍ରାଇକ**, ପରେ **ବାୟୁସେନା** ଆକ୍ରମଣ ଯୋଗୁ ବଢ଼ିଛି ଦେଶ ଆଉ ଯବାନଙ୍କ ମନୋବଳ

ପ୍ରତିରକ୍ଷା ବଜେଟରେ ଅଭୂତପୂର୍ବ ବୃଦ୍ଧି

ବହୁଦିନ ଧରି ମିଳୁ ନ ଥିବା **ବୁଲେଟ ପ୍ରୁଫ ଜ୍ୟାକେଟ** ଉପଲବ୍ଧ ହେବାରୁ ସୈନିକଙ୍କ ଜୀବନ ସୁରକ୍ଷା ବୃଦ୍ଧି

ଦୀର୍ଘଦିନ ଧରି ପଡ଼ି ରହିଥିବା **OROP** ନିଷ୍ପତ୍ତି ଯୋଗୁ ହଜାର ହଜାର ଭୂତପୂର୍ବ ସୈନିକଙ୍କୁ ଲାଭ



DAVP22201/13/0188/1819



ଉତ୍ତରପ୍ରଦେଶର ଦୁଇ ଭାଜପା ନେତା ପରସ୍ପରଙ୍କୁ ମୁଥ ମାରିବା ଦୃଶ୍ୟ କ୍ୟାମେରାରେ ଧରାପଡିଛି। ସନ୍ଥ କବିର ନଗର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲା କାର୍ଯ୍ୟ ଯୋଜନା କମିଟି ବୈଠକ ବେଳେ ଭାଜପା ଏମ୍‌ପି ଶରଦ ତ୍ରିପାଠୀ ଏବଂ ବିଧାୟକ ରାକେଶ ସିଂ ବାଘେଲାଙ୍କ ମଧ୍ୟରେ ବଚସାରୁ ମାରପିଟ ହୋଇଥିଲା। ଏକ ବିକାଶମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ନାମଫଳକରେ ସ୍ଥାନ ପାଇଥିବା ନାଁକୁ ନେଇ ଏହି ବିବାଦ ହୋଇଥିଲା। ବଚସାରେ ଉତ୍କ୍ଷିପ୍ତ ହୋଇ ଏମ୍‌ପି ତ୍ରିପାଠୀ ବିଧାୟକଙ୍କୁ ଜୋତାରେ ପିଟିଥିଲେ।

## ସଂକ୍ଷେପରେ

### ବଂଶଧାରା ନଦୀ ଜଳ ବିବାଦ
## ଟ୍ରିବ୍ୟୁନାଲରେ ପକ୍ଷ ରଖିଲା ଓଡ଼ିଶା

■ ଏପ୍ରିଲ ୨ରେ ପରବର୍ତ୍ତୀ ଶୁଣାଣି

ଭୁବନେଶ୍ୱର,୬।୩(ବ୍ୟୁରୋ): ଓଡିଶା ଏବଂ ଆନ୍ଧ୍ର ମଧ୍ୟରେ ଲାଗିରହିଥିବା ବଂଶଧାରା ବିବାଦର ଶୁଣାଣି କରୁଥିବା ବଂଶଧାରା ଜଳ ବିବାଦ ଟ୍ରିବ୍ୟୁନାଲ(ଭିଡବ୍ଲ୍ୟୁଡିଟି) ନିକଟରେ ବୁଧବାର ଓଡିଶା ନିଜର ପକ୍ଷ ରଖିଛି। ଜଷ୍ଟିସ ଏମ୍. କେ. ଶର୍ମା, ଜଷ୍ଟିସ ବି. ଏନ. ଚତୁର୍ବେଦୀ ଏବଂ ଜଷ୍ଟିସ ପ୍ରତିଭାରାଣୀଙ୍କୁ ନେଇ ଗଠିତ ୩ ଜଣିଆ ଭିଡବ୍ଲ୍ୟୁଡିଟି ଖଣ୍ଡପୀଠ ସମ୍ମୁଖରେ ଓଡିଶା ସରକାରଙ୍କ ପକ୍ଷରୁ ୭ଟି ପଏଣ୍ଟ ଉପରେ ଯୁକ୍ତି ବଢାଯାଇଛି। ଆସନ୍ତା ଏପ୍ରିଲ ୨ ତାରିଖରେ ହେବ ପରବର୍ତ୍ତୀ ଶୁଣାଣି। ଏଥିସହିତ ଏପ୍ରିଲ ୨ରେ କେନ୍ଦ୍ର ସରକାର ଏବଂ ୩ ଓ ୪ରେ ଆନ୍ଧ୍ର ସରକାର ନିଜର ଜବାବ ରଖିବେ। ଆନ୍ଧ୍ର ପ୍ରଦେଶର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ନେରାଡି ବ୍ୟାରେଜରେ ଜଳ ପରିଚାଳନାକୁ ଯାଞ୍ଚ କରିବାକୁ ଟ୍ରିବ୍ୟୁନାଲ ଏକ କମିଟି ଗଠନ କରିଛନ୍ତି। ଓଡିଶା ଏବଂ ଆନ୍ଧ୍ର ପ୍ରଦେଶ ବ୍ୟତୀତ ଅନ୍ୟ ରାଜ୍ୟରୁ ଏହି କମିଟିର ସଦସ୍ୟମାନଙ୍କୁ ନିଯୁକ୍ତି ଦେବାକୁ ଓଡିଶା ସରକାର ଟ୍ରିବ୍ୟୁନାଲ ନିକଟରେ ଦାବି କରିଛନ୍ତି। କେନ୍ଦ୍ରୀୟ ଜଳ ଆୟୋଗ(ସିଡବ୍ଲ୍ୟୁସି)ଙ୍କ ବିନାନୁମତିରେ ନଦୀର ତଳମୁଣ୍ଡରେ ଏକ ଡ୍ୟାମ ନିର୍ମାଣ କରାଯାଇଛି। ବଂଶଧାରା ନଦୀର କାଶୀନଗରରୁ ଗୁଣୁପୁର ପର୍ଯ୍ୟନ୍ତ ୩୭ କିଲୋମିଟର ଯାଏ କେତେ ପଟୁମାଟି ସୃଷ୍ଟି ହେବ ସେ ନେଇ କୌଣସି ସର୍ଭେ ହୋଇ ନ ଥିବା ଓଡିଶା ପକ୍ଷରୁ ଅଭିଯୋଗ କରାଯାଇଛି। ବୈଷୟିକ ବିଶେଷଜ୍ଞମାନଙ୍କୁ ନେଇ ସମସ୍ୟା ସମାଧାନ କରିବାକୁ ଟ୍ରିବ୍ୟୁନାଲ ଉଭୟ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକ ହୋଇଥିଲେ ମଧ୍ୟ କୌଣସି ନିର୍ଯାସ ବାହାରିପାରି ନ ଥିଲା।

# ଏଡ୍‌ସ ଚିକିତ୍ସାକୁ ଦ୍ୱିତୀୟ ସଫଳତା

ସିଟଲ, ୬।୩

ଏଚ୍‌ଆଇଭି (ହ୍ୟୁମାନ ଇମ୍ୟୁନୋଡେଫିସିଏନ୍ସି ଭାଇରସ) ସଂକ୍ରମିତ ଏଡ୍‌ସ (ଆକ୍ୱାର୍ଡ ଇମ୍ୟୁନୋ ଡେଫିସିଏନ୍ସି ସିଣ୍ଡ୍ରୋମ) ଦୁରାରୋଗ୍ୟ ବ୍ୟାଧିର ଚିକିତ୍ସା ଯେ ସମ୍ଭବ ତାହା ଦ୍ୱିତୀୟବାର ପ୍ରମାଣିତ ହୋଇଛି। ୧୨ ବର୍ଷ ତଳେ ଜର୍ମାନୀର ବର୍ଲିନରେ ଏହି ମହାମାରୀରୁ ପ୍ରଥମ ସଫଳତା ମିଳିଥିଲା। ବୋନ୍-ମ୍ୟାରୋ (ଅସ୍ଥିସାର) ଟ୍ରାନ୍ସପ୍ଲାଣ୍ଟ ଏବଂ ଷ୍ଟେମ୍ ସେଲ୍ (ମୂଳ କୋଶିକା) ଥେରାପିର ଚମତ୍କାରିତା ଆମେରିକାନ ତିମୋଥି ରେ ବ୍ରାଉନ (୫୨)ଙ୍କ କ୍ଷେତ୍ରରେ ସାକାର ହୋଇଥିଲା। ଆଜି ସେ ଏଚ୍‌ଆଇଭି ଭାଇରସ୍‌ମୁକ୍ତ ଭାବେ ସାଧାରଣ ଜୀବନଯାପନ କରୁଥିବା ବେଳେ ଚିକିତ୍ସା ବିଜ୍ଞାନୀମାନଙ୍କ ଏଡ୍‌ସ ନିରାକରଣ ଗବେଷଣା ବିଶ୍ୱବାସୀଙ୍କ ମଧ୍ୟରେ ନୂଆ ଆଶା ସଞ୍ଚାର କରିଥିଲା। ପୁଣିଥରେ ଏଡ୍‌ସ ବିଶେଷଜ୍ଞଙ୍କ ନିରନ୍ତର ଗବେଷଣାଲବ୍ଧ ଉଦ୍ୟମ ସଫଳ ହୋଇଛି। ଆମେରିକାନ୍ ବ୍ରାଉନଙ୍କ କ୍ଷେତ୍ରରେ ପ୍ରୟୋଗ କରାଯାଇଥିବା ଅବିକଳ ସମାନ (ଷ୍ଟେମ୍ ସେଲ୍ ଟ୍ରାନ୍ସପ୍ଲାଣ୍ଟ) ଥେରାପି ଦ୍ୱାରା ଲଣ୍ଡନର ଜଣେ ରୋଗୀ ଏଡ୍‌ସ ସୃଷ୍ଟିକାରୀ ଏଚ୍‌ଆଇଭି ଭାଇରସ୍ କବଳରୁ ସୁସ୍ଥ ହୋଇପାରିଛନ୍ତି।

ମୃତ୍ୟୁ ସହ ସଂଗ୍ରାମ କରି ଜିତିଥିବା ଲଣ୍ଡନର ସେହି ରୋଗୀଙ୍କୁ ଦୁର୍ଭାଗ୍ୟବଶତଃ ଏପର୍ଯ୍ୟନ୍ତ ଚିହ୍ନଟ କରାଯାଇନାହିଁ। ପ୍ରାପ୍ତ ସୂଚନାନୁଯାୟୀ, ଏହି ରୋଗୀ ଜଣକ ୨୦୦୩ରେ ଏଚ୍‌ଆଇଭି ସଂକ୍ରମିତ ହୋଇଥିଲେ ଏବଂ ୨୦୧୨ ପର୍ଯ୍ୟନ୍ତ ନିୟମିତ ଔଷଧ ସେବନ କରିଆସୁଥିଲେ। ସେହି ବର୍ଷ ତାଙ୍କଠାରେ (ହଜ୍‌କିନ୍ ଲିମ୍ଫୋମା) କର୍କଟ ରୋଗର ଲକ୍ଷଣ ମିଳିଥିଲା। ତେଣୁ ୨୦୧୬ରେ ଡାକ୍ତରଙ୍କ ପରାମର୍ଶ କ୍ରମେ ସେ ଷ୍ଟେମ୍ ସେଲ୍ ଟ୍ରାନ୍ସପ୍ଲାଣ୍ଟ ପାଇଁ ରାଜି ହୋଇଥିଲେ।



ତିମୋଥି ରେ ବ୍ରାଉନ

ଏଥିପାଇଁ ଜିନ୍ (କୌଳିକ ଗୁଣ ନିୟନ୍ତ୍ରକ)ରେ ପରିବର୍ତ୍ତନ-କରଣ ନେଇ ଉପଯୁକ୍ତ ଡୋନର (ଦାତା)ଙ୍କୁ ଚିହ୍ନଟ କରାଯାଇଥିଲା। ଷ୍ଟେମ୍ ସେଲ୍ ଟ୍ରାନ୍ସପ୍ଲାଣ୍ଟ ଜରିଆରେ ଜିନ୍ ପ୍ରତ୍ୟାରୋପଣ ପ୍ରକ୍ରିୟା ସଫଳ ହୋଇଥିବାରୁ ଲଣ୍ଡନର ରୋଗୀ ଏଚ୍‌ଆଇଭି ଭାଇରସ୍‌ମୁକ୍ତ ହୋଇଥିବାବେଳେ କର୍କଟ ରୋଗରୁ ପୂର୍ଣ୍ଣ ସୁସ୍ଥତା ଲାଭ କରିବେ ବୋଲି ଜଣାଯାଇଛି।

■ ପ୍ରକାଶ ପାଇଲା ସ୍ୱଚ୍ଛ ସର୍ବେକ୍ଷଣ ରିପୋର୍ଟ

## ରାଜ୍ୟରେ ବ୍ରହ୍ମପୁର ପ୍ରଥମ, ଭୁବନେଶ୍ୱର ଦ୍ୱିତୀୟ

ବ୍ରହ୍ମପୁର ଅଫିସ,୬।୩

କେନ୍ଦ୍ର ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ଦେଶର ସହରାଞ୍ଚଳର ସ୍ୱଚ୍ଛତା ଦିଗରେ ହୋଇଥିବା ସ୍ୱଚ୍ଛ ସର୍ବେକ୍ଷଣ-୨୦୧୯ର ରିପୋର୍ଟ ପ୍ରକାଶ ପାଇଛି । ଦେଶର ୪୨୩୭ ସହରାଞ୍ଚଳ ମଧ୍ୟରେ ହୋଇଥିବା ଏହି ସର୍ବେକ୍ଷଣରେ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି)ଜାତୀୟସ୍ତରରେ ୨୧୬ ର୍‍ୟାଙ୍କ ହାସଲ କରିଥିବା ବେଳେ ରାଜ୍ୟରେ ଏହା ପ୍ରଥମ ର୍‍ୟାଙ୍କ ହାସଲ କରିଛି। ବ୍ରହ୍ମପୁର ଏହି ସର୍ବେକ୍ଷଣରେ ୨୨୦୫.୩୨ ମାର୍କ ରଖି ରାଜ୍ୟର ପ୍ରଥମ ସ୍ଥାନ ହାସଲ କରିଛି। ଏହାପଛକୁ ୧୮୭୮.୪୩ ମାର୍କ ରଖି ଭୁବନେଶ୍ୱର ଦ୍ୱିତୀୟରେ ରହିଛି ।

## ଗ୍ୟାଙ୍ଗଷ୍ଟର ସୁଲେମାନ୍ ହତ୍ୟା ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟର

କେନ୍ଦ୍ରାପଡା ଅଫିସ, ୬।୩

୨୦୦୯ ଜୁଲାଇ ୩୦ ତାରିଖରେ କେନ୍ଦ୍ରାପଡା-ପାରାଦୀପ ରାସ୍ତା ଲୁଣାବନ୍ଧ ନିକଟ ମଙ୍ଗଳା ଛକଠାରେ ଗ୍ୟାଙ୍ଗଷ୍ଟର ସୁଲେମାନଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାର ଅଭିଯୁକ୍ତ ବିଜୟ ନାୟକ ଓରଫ ବିଜନ (୩୭)ଙ୍କୁ ଜିଲା ପୋଲିସ ମଙ୍ଗଳବାର ରାତି ୩.୨୦ ମିନିଟରେ ଏନକାଉଣ୍ଟର କରିଛି। ଏଥିରେ ବିଜୟଙ୍କ ବାମ ଗୋଡର ଆଣ୍ଠୁ ତଳକୁ ଦୁଇଟି ଗୁଳି ଲାଗିଛି। ଆହତ ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବିଜୟଙ୍କ ନିକଟରୁ ଗୋଟିଏ ମାଉଜର, ଗୋଟିଏ ନମ୍ବରବିହୀନ ବାଇକ୍ ଓ ଭୋଟର ପରିଚୟ ପତ୍ର ଜବତ କରିଛି ପୋଲିସ। ତାଙ୍କ ନାମରେ କେନ୍ଦ୍ରାପଡ଼ା ସମେତ ରାଜ୍ୟର ବିଭିନ୍ନ ଥାନାରେ ହତ୍ୟାକାଣ୍ଡ, ହତ୍ୟା ଉଦ୍ୟମ, ଦାଦାବଟି, ମାଡ଼ ମାରିବା, ଗାଡି, ମଟର ସାଇକେଲ ଚୋରି ଆଦି ୧୦୦ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରହିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଚ୍ଛାକୁ ଏତେ**
**ମୁଦି ନାହିଁ ଗୋଡ଼ କଚାଡୁ କେତେ**
**ପିତଳ ଗୁଣାକୁ ନାକ ଟାଉଁ ଟାଉଁ ।**
**ସୁନା ଗୁଣା ଥିଲେ ହୁଅନ୍ତା କେତେ ?**

ଗୋଡ଼ରେ ମୁଦି ନ ଥାଇ ଗୋଡ଼ କଚାଡି ହେବାରେ ତଥା ସୁନା ବଦଳରେ ସାମାନ୍ୟ ପିତଳ ଗୁଣା ପିନ୍ଧି ଅନ୍ୟ ଆଗରେ ନିଜକୁ ଦେଖେଇ ହେବାରେ ଲାଭ କିଛି ମିଳି ନ ଥାଏ। ନିଃସ୍ୱ ବ୍ୟକ୍ତିଙ୍କ ପକ୍ଷେ ଏପରି ଫୁଲାଣିଆ ଭାବଭଙ୍ଗୀ ଶୋଭା ପାଇ ନ ଥାଏ। ସାମାନ୍ୟ ଅଳଙ୍କାର ଟିକେ ପିନ୍ଧି ଅନ୍ୟ ଆଗରେ ଫୁଲେଇ ହୋଇ ନିଜର ଆତ୍ମବଡ଼ିମା ଦେଖେଇ ହେଉଥିବା ମହିଳା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ତୁ ଖାଉଥାଉ ତୋର ଭାତ**
**ମୋର କିଆଁ ଅଛି ଗାଲରେ ହାତ ।**

କାହା ଉପରେ ନିର୍ଭର ନ କରି ନିଜ ଗୋଡ଼ରେ ନିଜେ ଠିଆ ହେବା ଶ୍ରେୟସ୍କର। ନିଜେ ପରିଶ୍ରମ କରି ପାଞ୍ଚ ଜଣରେ ଜଣେ ହେବା ଖୁସି ଓ ଆନନ୍ଦର ବିଷୟ ହୋଇଥାଏ। ଏଥିରେ ଯଶ ଓ ସମ୍ମାନ ମିଳିଥାଏ। ଯେତେବେଳେ ଜଣେ ନିଜ ଅର୍ଜନରେ ନିଜେ ପୋଷିହୁଏ ସେତେବେଳେ ତା'ର ଭବିଷ୍ୟତ କଥାନେଇ ଚିନ୍ତା କରିବା ଅନାବଶ୍ୟକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଖଟିରେ ଖଟିରେ...

### ସବୁ ଠିକ୍ କହିବେ

ନିର୍ବାଚନ ସମୟ। କଥାବାର୍ତ୍ତା ଠିକ୍ ନ କଲେ ଭାରି ଅଡୁଆ। ନୂଆନୂଆ ରାଜନୀତି କରୁଥିବା ଲୋକଙ୍କ ପାଇଁ କଥା ବହିଯାଉଥିବା ନଦୀ ପରି, ଆଉ ଫେରେନା। ଆଉ ଥରେ ଯଦି ତୁଣ୍ଡ ପାଇଁ ଗଣମାଧ୍ୟମ ହାବୁଡ଼ରେ ପଡ଼ିଗଲ, ତେବେ କଥା ସରିଲା। ଶଙ୍ଖ ଦଳର ନେତ୍ରୀଙ୍କ ପାଟିରୁ ବାହାରିଥିବା କଥାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ପ୍ରବାଦ ପୁରୁଷଙ୍କ ଜୟନ୍ତୀ ପୂର୍ବରୁ ଦଳୀୟ କାର୍ଯ୍ୟକ୍ରମ ଘୋଷଣା କରାଗଲା। ଏହାକୁ ଗଡ଼ଜାତ ମାନ୍ୟବର ଏବଂ ନେତ୍ରୀ ଘୋଷଣା କଲେ। ନେତ୍ରୀଙ୍କୁ ବି କିଛି କହିବାକୁ ସୁଯୋଗ ମିଳିଥିଲା। କହୁକହୁ କହିଦେଲେ- ଯୁବତୀଯୁବକ, ମହିଳାଙ୍କୁ ନେଇ ଦଳୀୟ କାର୍ଯ୍ୟକ୍ରମ କରାଯିବ। ମହିଳା ନେତ୍ରୀ ହୋଇଥିବାରୁ ଏସ୍‌ଏଚ୍‌ଜିମାନଙ୍କୁ ନେଇ ମଧ୍ୟ କାର୍ଯ୍ୟକ୍ରମ କରାଯିବ ବୋଲି କହିଦେଲେ। ବେଳା ଭଲ, କେହି ଭିଡିଓ କରିନାହାନ୍ତି, ନ ହେଲେ ଦିନ ସାରା ଟିଭିରେ ବାଜିଥାନ୍ତା। ଏକଥା ଗଡ଼ଜାତିଆ ମାନ୍ୟବର ବି ଜାଣିଲେ। କହିଲେ, ବେଳା ଭଲ ସମସ୍ତଙ୍କ ସାମ୍ନାରେ କହିନାହାନ୍ତି। ନ ହେଲେ ଅଖା ଧୋଉଥା, ଗୁଣ ଗାଉଥା ପରିସ୍ଥିତି ଉପୁଜିଥାନ୍ତା। ମାନ୍ୟବରଙ୍କଠାରୁ ଏପରି କଥା ଶୁଣି ଜଣେ କହିଲେ, ମ୍ୟାଡାମ ନୂଆ କରି ଆସିଛନ୍ତି। ତେଣୁ ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ଦଳୀୟ କର୍ମୀ ବୋଲି କହିଦେଲେ। କିଛିଦିନ ରହିବା ପରେ ସବୁ ଠିକ୍ କହିବେ, ଭୁଲଭଟକା କରିବେ ନାହିଁ।

### ବେପାର ସରିଲା

ଭାଇ ଏଠି କେବଳ ରାଜନୀତିବାଲାଙ୍କ ଖଟି ଚାଲିବ। ଅଲଗା କଥା ଯିଏ ହବ, ସିଆଡ଼କୁ ପଳେଇଯାଅ। ଗୋଷ୍ଠୀରେ ଥିବା ବାବୁମାନଙ୍କୁ ଉତ୍ତର ଦେଇ ଜଣେ କହିଲେ, ଭାଇ କ'ଣ ଏମିତି ତୁମର ଅସୁବିଧା ହେଇଯାଉଛି ଯେ, ଆମକୁ ତଡ଼ି ଦଉଛ। କିଛି ହଉନି ଯେ ବାବୁ, ତୁମମାନଙ୍କ ଫାଲ୍‌ତୁ ରାଉରାଉ ଶୁଣିଲେ ଆମକୁ ଚିଡ଼ା ଲାଗୁଛି, ତେଣୁ ଆମ ଉପରେ ଟିକେ ଦୟା କରି ଡିଷ୍ଟାନ୍ସ ମେଣ୍ଟେନ୍ କର। ଦେଖୁଛ ମୁଣ୍ଡଟା ଶୁଖିଲା ଟେନ୍‌ସନ୍‌ରେ ଭର୍ତ୍ତି ହେଇଗଲାଣି। ସେଥିରେ ପୁଣି ତୁମକୁ କିଏ ଏତେ କୈଫିୟତ୍ ଦବ କହିଲ। ଯାଅଯାଅ, ସିଆଡ଼କୁ ପଳେଇଯାଅ। ମାଷ୍ଟର କ୍ୟାଣ୍ଟିନ୍ ପାଖ ଏକ ଚା ଖଟିରେ ଦୁଇଜଣ ବାବୁଙ୍କ କଥାବାର୍ତ୍ତା ଆରମ୍ଭ ନ ହଉଣୁ ଗୋଟେ ଗୋଷ୍ଠୀର ଏମିତି ନିର୍ଦ୍ଦେଶ ଶୁଣି ସବୁ ଅବାକ୍। ଇରେ ହେଇ ହେଲା କ'ଣ କହି ଡଜନେ ଖଣ୍ଡେ ଲୋକ ଭର୍ତ୍ତି ହେଇଗଲେ। ଶେଷରେ ସେଇ ଅବୋଲକରା ଗୋଷ୍ଠୀକୁ କିଛି ଲୋକ ଘେରି ବହେ ଘାଲିଲେ। ହେଲେ କିଛି ଲାଭ ହେଲାନି, କେଇ ସେକେଣ୍ଡ ଭିତରେ ଦୋକାନୀ ତାଙ୍କ ଦୋକାନ ବନ୍ଦ କରିଦେଲେ। କିଛି ନ ବୁଝିପାରି ଜଣେ ବୟସ୍କ ଲୋକ ପଚାରିଲେ, ଇରେ ହେଇ ତୁ କାହିଁ ଦୋକାନଟା ବନ୍ଦ କରିପକେଇଲୁ। ଆଉ କ'ଣ କରିବି କହୁନାହାନ୍ତି ଆଜ୍ଞା, ଆପଣ ସିନା ଆଜି ଆସିବେ ଏ ଗୋଷ୍ଠୀ ପରା ୩ବର୍ଷ ହେଲା ଆସୁଛନ୍ତି। ମୋ ପେଟ ଏ ଗଣ୍ଡାଙ୍କ ହାତରେ। ଏଗୁଡ଼ା ଯଦି ନ ଆସିବେ ତେବେ ମୋ ବେପାର ସରିଲା।

## ୯ ଯାଏ ଝଡବର୍ଷା ସମ୍ଭାବନା

**୧୦ରୁ ବଢିବ ତାତି**

ଭୁବନେଶ୍ୱର,୬।୩(ବ୍ୟୁରୋ)- ଝଡବର୍ଷା ଯୋଗୁ ଗତ କିଛି ଦିନ ହେବ ରାଜ୍ୟରେ ଥଣ୍ଡା ପାଗ ରହିଛି। ଏଥିଯୋଗୁ ତାତି ନିୟନ୍ତ୍ରଣରେ ରହିଛି। ତେବେ ଆସନ୍ତା ୧୦ ତାରିଖରୁ ରାଜ୍ୟରେ ତାତି ବଢିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ଆସନ୍ତା ୯ ତାରିଖ ଯାଏ ଆଭ୍ୟନ୍ତରୀଣ, ଉପକୂଳ ଓ ଦକ୍ଷିଣ ଓଡିଶାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଖୋର୍ଦ୍ଧା, ପୁରୀ, ଢେଙ୍କାନାଳ, କଟକ, କେନ୍ଦ୍ରାପଡା, ଜଗତସିଂହପୁର, ନୟାଗଡ, ଗଞ୍ଜାମ, ଗଜପତି, ରାୟଗଡା ଏବଂ କୋରାପୁଟ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଝଡବର୍ଷା ହେବାର ସମ୍ଭାବନା ରହିଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

### GOVT. OF ODISHA
## OFFICE OF THE ENGINEER-IN-CHIEF, RURAL WORKS, BHUBANESWAR

Identification No: Online- / 2018-19 (RFP-Plan Roads)

Letter No. 7402 Dt. 02.03.2019

**REQUEST FOR PROPOSAL (RFP)**

No.1912-O:- **(SERVICES FOR SUPERVISION CONSULTANT)**

1. The Chief Engineer, Plan Roads, Rural Works, Odisha (the "Authority) on behalf of the Rural Development Department, Govt. of Odisha is engaged in the development of Rural Roads Infrastructure and as part of this endeavor, Govt. of Odisha decided to undertake bidding process with selection of Consultants for Construction Supervision of rural roads under OMBADC funding consisting of 60 numbers of different road work grouped in to two packages as Package-I & Package-II for engagement of Supervision consultant.

| Sl. No. | Name of the Work | Indicative Length of Roads (in KM) | Concerned E.E. with Head-quarter | Cost of Document | Security Deposit |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Supervision Consultancy for construction of 32 numbers of different roads under OMBADC funding in the district of Keonjhar (Package-I) | 66.098 Km | R.W. Division-II, Keonjhar | Rs. 10,000.00 | Rs. 50,000/- |
| 2 | Supervision Consultancy for construction of 28 numbers of different roads under OMBADC funding in the district of Keonjhar (Package-II) | 93.882 Km | R.W. Division-II, Keonjhar | Rs. 10,000.00 | Rs. 50,000/- |

1. The Chief Engineer, Plan Roads, Rural Works, Odisha intends to appoint reputed Consulting Firm having proven track record in providing consultancy services for the above projects under two different packages. Accordingly Request for Proposal (RFP) is hereby invited from the eligible consulting engineering firms (Consultants) for the purpose. Joint venture or Association with other consulting firms/ agencies shall not be allowed.
2. The Request for Proposal (the "RFP" document) will be available in the website https://tendersodisha.gov.in from 10.00 AM of 12.03.2019 to 5.00 PM of 03.04.2019 for online bidding.
3. The bidder must possess compatible Digital Signature Certificate (DSC) of Class II or Class III for online bidding.
4. The Request for Proposal documents shall be received only on "online" on or before 5.00 PM of 03.04.2019.
5. Applications received on line shall be opened at 11.30 AM on 08.04.2019 in the office of the Engineer-in-Chief, Rural Works, Odisha, Sachivalaya Marg, Unit-IV, Bhubaneswar, Odisha-751001.
6. Further details can be seen from the website https://tendersodisha.gov.in.

Sd./-
Chief Engineer, Plan Roads,
Rural Works, Odisha

25123/11/0069/1819

## OFFICE OF THE ENGINEER-IN-CHIEF (CIVIL), ODISHA
## NIRMAN SOUDHA, UNIT-V, BHUBANESWAR

E-mail ID: cebuildings_orissa@yahoo.co.in, cebuildings@rediffmail.com, Tel. -(0674)- 2391523, Fax:- (0674)-2395245

1366-B

**INVITATIONS FOR BIDS (IFB)**

File No-B-IV-H-(H&D)-38/2018 Lr. No.- 12037 / Bhubaneswar, the 2nd March. 2019

**Invitation for Bids**

Bid Identification No. CE (B) –57 / 2018-19

| | | | |
|---|---|---|---|
| 1. | The Chief Engineer (Buildings) Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for Construction of Building works as detailed below. | | |
| 2. | Nature of work | : | Building works |
| 3. | No. of work | : | 02 nos. |
| 4. | Bid Cost. | : | ₹.10,000/- (each) |
| 5. | Class of Contractor | : | 'A' / Special / Super |
| 6. | Availability of Bid Documents in the website | | From dt. 15.03.2019 to 17.00 Hours of dt.30.03.2019. |
| 7. | Date of Opening of Bid | : | Dt. 02.04 .2019 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

34117/11/0233/1819 Sd./- Chief Engineer (Buildings), Odisha, Bhubaneswar

### GOVERNMENT OF ODISHA
## OFFICE OF THE EXECUTIVE ENGINEER, RURAL WORKS DIVISION, BALLIGUDA

Phone No.-06846-243114, Mobile No: 9437562286

No.1919-O:- E-Mail: rw_balliguda@yahoo.com

No. 604 / RWDB, Dated: 01.03.2019

**Government of Odisha e-Procurement Notice**

**Bid Identification No. Online Tender/ 17 /EE RWD BLG/2018-19**

1. Name of the work :: Building Works.
2. Total Number of Works :: 3 (Three) Nos.
3. Estimated cost :: As per Annexure
4. Class of Contractors :: As per Annexure
5. Period of Completion :: As per Annexure
6. Others Details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, Rural Works Division, Balliguda | Online Tender/ 17 /EE RWD BLG/ 2018-19 | 08.03.2019 at 10.00 AM | 23.03.2019 up to 5.00 PM |

Further details can be seen from the e-procurement portal website www.tendersorissa.gov.in.

25164/11/0005/1819 Executive Engineer, Rural Works Division, Balliguda

### GOVERNEMENT OF ODISHA
## OFFICE OF THE SUPERINTENDING ENGINEER, SOUTHERN (R&B) CIRCLE, BERHAMPUR

1371-B

Phone : 0680-2281582, e-mail : sescpwd@yahoo.co.in

**INVITATIONS FOR BIDS (IFB) [e-Procurement]**

**Bid Identification No. S.E, S.C (R&B)-BAM-22/2018-19 No. 724 // Dated : 02.03.2019**

1) The Superintending Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Building works as detailed in the table below.
2) Nature of work : Road works
3) No. of work : 01 No.
4) Tender Cost : Rs.10,000/- (online)
5) Class of Contractor : "B" & "A" Class
6) Availability of Bid document in the website : From 18.03.2019, 10.00 AM to 04.04.2019, 4.00 PM
7) Date of Opening of Bid : 05.04.2019 at 11.30AM
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in.
9) Any addendum / corrigendum / cancellation of tender can also be seen in the said website only.

*Sd./- Superintending Engineer*
*Southern (R&B) Circle, Berhampur*

34103/11/0052/1819

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଋଣ
ସିଟି ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ, 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
9205075808
9205047642
citifinanceindialtd@gmail.com
Add : - 41/14, Sec.1, Pushp Vihar, Delhi

COMMERCIAL PROPERTY AT PRIME LOCATION OF BALASORE FOR SALE:
Location: Beside NH-5 with 240' frontage.
Property type: 2.23 Acre, Kisam GHARABARI
Amenities: 40000 sqft of shed along with 10000 RCC ready to use for warehouse/ factory and office.
Cover: Fully Brick wall covered with fencing.
Water: Borewell
Electrical: 98kw connected load
CONTACT:
6370114355- Mr. D Mishra

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

FINANCE
ବାଲାଜୀ ଫାଇନାନ୍ସ କମ୍ପାନୀ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ।
୨% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765611461
7839995611

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

## OFFICE OF THE ENGINEER-IN-CHIEF, RURAL WATER SUPPLY & SANITATION

JAL "O" PARIMAL BHAWAN, UNIT-V, BHUBANESWAR-751001, ODISHA
Tel: 0674-2395734, FAX: 0674-2394946, e-mail: cerwssodisha@gmail.com

**INVITATION FOR BIDS (IFB)**

1921-O

**BID IDENTIFIACTION NO. EIC/RWSS/74/2018-19**

No. 2846 Date: 06.03.2019

| | | | |
|---|---|---|---|
| 1 | The Engineer-In-Chief, RWSS, Odisha, Bhubaneswar, on behalf of Panchayati Raj & Drinking Water Department, Governor of Odisha invite tenders in double cover system in ONLINE MODE only for implementation of LED Street lighting system in one village of each Gramapanchayat district wise in 16 districts of Odisha on turn-key basis including AMC for 5 years after one year guarantee period and 2 years extended warranty period throughout the state. | | |
| 2 | Nature of work | : | Implementation of LED Street lighting system in one village of each Gramapanchayat district wise in 16 districts of Odisha on turnkey basis including AMC for 5 years after one year guarantee period and 2 years extended warranty period throughout the state. |
| 3 | Number of works | : | 16 Nos individual works (01 no. per each district) |
| 4 | Estimated Cost | : | Ranging from Rs. 1.0 crore to Rs.7.5 Crore |
| 5 | Cost of Bid Document | : | Rs. 10,000/- each district (Non-refundable) |
| 6 | Class of Contractor | : | Sole Proprietor/Partnership firms/ company having electrical contract license (MV & above) or HT license registered with the State Government/ Central Government/ MES/ Railway or other Licensing Authority or OEM (LED Bulb) or its authorized dealer in Odisha in consortium with electrical contractors having license (MV & above or HT license). |
| 7 | Availability of Bid Documents in the portal for Online Bidding | : | From 5 PM of 11.03.2019 to 5 PM of 11.04.2019 |
| 8 | Date of opening of Bid in Online | : | 12.04.2019 at 11 AM |
| 9 | Instructions to Bidder | : | One bidder can participate up to a maximum of 5 districts. |
| 10 | The bidders have to participate in ONLINE Bidding only for which the bidder must possess compatible Digital Signature Certificate (DSC) of Class II or Class III. Further details can be seen from the e-procurement portal http://tendersorissa.gov.in | | |

25040/11/0050/1819 *Sd./- 6.3.2019, Engineer-in-Chief, RWSS*



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଇମରସନ



# ୮ରୁ ଏସ୍‌ପ୍ଲାନେଡ୍ ୱାନ୍‌ରେ 'ସି ରକ୍ସ'

ଭୁବନେଶ୍ୱର,୬।୩(ବ୍ୟୁରୋ)

ଅନ୍ତର୍ଜାତୀୟ ମହିଳା ଦିବସକୁ ନିଆରା ଭାବେ ପାଳନ କରିବ ରସୁଲଗଡ଼ସ୍ଥିତ ଏସ୍‌ପ୍ଲାନେଡ୍ ୱାନ୍ ଶପିଂ ମଲ୍। ଏହି ଅବସରରେ ମଲ୍‌ପକ୍ଷରୁ ମାର୍ଚ୍ଚ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯିବ। କେବଳ ମହିଳାଙ୍କ ପାଇଁ ଏସ୍‌ପ୍ଲାନେଡ୍ ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ସହ ସ୍ୱତନ୍ତ୍ର କର୍ମଶାଳା କରାଯିବ। ଏହାସହ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିତ୍ୱମାନଙ୍କୁ ନେଇ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହେବ। ମହିଳାମାନଙ୍କ ଭିନ୍ନ ଅନୁଭୂତି ପ୍ରଦାନ ସହ ସେମାନେ ସମାଜ ପାଇଁ କେତେ ମୂଲ୍ୟବାନ୍, ତାହା ସେମାନଙ୍କୁ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିବ। ବିଶେଷକରି କର୍ମଜୀବୀ ମହିଳା ଓ ଛାତ୍ରୀମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମକୁ ଉତ୍ସର୍ଗ କରାଯିବ। ଏଠାରେ ଅନୁଷ୍ଠିତ ହେବାକୁ ଥିବା କର୍ମଶାଳା ସମସ୍ତଙ୍କ ପାଇଁ ଖୋଲାରହିବ ଏବଂ ପଞ୍ଜୀକରଣ କରି ମହିଳାମାନେ ଭାଗନେଇପାରିବେ। ଏ ନେଇ ଏସ୍‌ପ୍ଲାନେଡ୍ ୱାନ୍‌ର ସେଣ୍ଟର ହେଡ୍ ପାର୍ଥ ନାୟକ କହିଛନ୍ତି, ମହିଳାମାନଙ୍କୁ ସ୍ୱତନ୍ତ୍ର ଅନୁଭୂତି ଦେବାକୁ ଏକ ନିର୍ଦ୍ଦିଷ୍ଟ ଦିନ ଆବଶ୍ୟକ ବୋଲି ଆମେ ଭାବୁନୁ। ହେଲେ ଏହା ଏସ୍‌ପ୍ଲାନେଡ୍‌ର ପ୍ରଥମ ଅନ୍ତର୍ଜାତୀୟ ମହିଳା ଦିବସ। ତେଣୁ ଏଠାକୁ ଆସୁଥିବା ପ୍ରତ୍ୟେକ ମହିଳାଙ୍କୁ 'ସି ରକ୍ସ' କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କ ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇବାର ପ୍ରଚେଷ୍ଟା କରିବୁ। ବିଭିନ୍ନ କ୍ଷେତ୍ରରେ କାମ କରୁଥିବା ଲୋକପ୍ରିୟ ଓ ଜଣାଶୁଣା ମହିଳା କାର୍ଯ୍ୟକ୍ରମରେ ଯୋଗଦେଇ ସାଧାରଣ ଲୋକଙ୍କ ସହ ଭାବର ଆଦାନ ପ୍ରଦାନ କରିବେ। ସେମାନଙ୍କ କାହାଣୀ କହିବେ। ତେଣୁ ସମସ୍ତେ ଯେପରି ଏହାର ଅଂଶ ହୋଇପାରିବେ, ସେଥିଲାଗି କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ମୁକ୍ତ ରଖାଯାଇଛି ବୋଲି ସେ କହିଛନ୍ତି।

# ଥାନା ଭଙ୍ଗାରୁଜା, ପୋଲିସକୁ ମାଡ଼ ଘଟଣା

# କୁଆଡ଼େ ଗଲେ ବିଜେଡି ନେତା ପ୍ରକାଶ

ଭୁବନେଶ୍ୱର,୬।୩(ବ୍ୟୁରୋ)

## ମୁଖ୍ୟ ସହଯୋଗୀଙ୍କ ସମେତ ଆଉ ୨ ଗିରଫ

- ପୋଲିସ ଯୋଗାଯୋଗରେ ଥିବା ସୂଚନା
- ବଦନାମରୁ ମୁକୁଳିବା ପାଇଁ ଚାଲିଛି ଯୋଜନା



ବାଣୀକଲ୍ୟାଣ ମହାନ୍ତି

ଅପରାଧୀ, ରାଜନେତାଙ୍କ ସହ ସୁସମ୍ପର୍କ ପୋଲିସ ପାଇଁ ମହଙ୍ଗା ପଡ଼ିଛି। ଖାକିରେ ରକ୍ତ ବୋହିବା ପରେ କମିଶନରେଟ ପୋଲିସର ଚେତା ପଶିଛି। ଶହୀଦନଗର ଥାନା ଭଙ୍ଗାରୁଜା ଓ ପୋଲିସକୁ ମାଡ଼ ଘଟଣାରେ ସମସ୍ତ ଅଭିଯୁକ୍ତଙ୍କୁ ଧରାଯିବ ବୋଲି କମିଶନର କହୁଛନ୍ତି। ହେଲେ ଏହି ଘଟଣାରେ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାଁରେ ମାମଲା ରୁଜୁ ହୋଇଥିବାବେଳେ ଘଟଣାର ୪ ଦିନ ପରେ ମାତ୍ର ୪ଜଣଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ବିଜୁ ଛାତ୍ର ଜନତା ଦଳ(ବିସିଜେଡି)ର ରାଜ୍ୟ ସାଧାରଣ ସମ୍ପାଦକ ଅମିତ ଜେନା ଓ ଶିବାନନ୍ଦ ନାଥଙ୍କୁ ଗିରଫ କରିଥିବାବେଳେ ବୁଧବାର ଆଉ ଦୁଇଜଣଙ୍କୁ ଧରିଛି। ସେମାନେ ହେଲେ ଭଦ୍ରକ ଜିଲା ଗୋବିନ୍ଦପୁର ଅଞ୍ଚଳର ବାଣୀକଲ୍ୟାଣ ମହାନ୍ତି ଓ ପୁରୀ ଜିଲା ପିପିଲି ଅଞ୍ଚଳର ଅଶୋକ ମଲ୍ଲିକ। ହେଲେ ଘଟଣାର ମାଷ୍ଟରମାଇଣ୍ଡ ତଥା ମୁଖ୍ୟ ଅଭିଯୁକ୍ତ ରାଜ୍ୟ ବିଜୁ ଯୁବ ଜନତାର ଉପସଭାପତି ପ୍ରକାଶ ତ୍ରିପାଠୀଙ୍କ ଟେର୍ ପାଇପାରୁନି ପୋଲିସ। ଘଟଣା ସହ ଭିଡିଓ ଲିଙ୍କ୍ ଓ ପୋଲିସର ଅପରାଧୀ ପ୍ରତି ବାଧକ ସାଜିଛି। ପ୍ରକାଶଙ୍କୁ ଖସାଇଦେବା ପାଇଁ ଏବେ ତାଙ୍କୁ ଧରିବା ପାଇଁ ଚଢ଼ାଉ ଚାଲିଛି। ଘଟଣା ପରେ ଦୀର୍ଘ ସମୟ ଧରି ପ୍ରକାଶ ଓ ଅନ୍ୟ ଅଭିଯୁକ୍ତମାନେ ଥାନାରେ ଉପସ୍ଥିତ ଥିଲେ। ଏପରିକି ଗିରଫ କରି ଦେଖ କହି ଏସିପି ଓ ଥାନାଧିକାରୀଙ୍କୁ ନାଲିଆଖି ଦେଖାଉଥିଲେ। ପୋଲିସ ମଧ୍ୟ ସେମାନଙ୍କୁ ଗେହ୍ଲାପୁଅ ଭଳି ହାତଯୋଡ଼ି ବୁଝାଇ ଛାଡ଼ିଥିଲେ। ସେ ସମୟରେ ତାଙ୍କୁ ନ ଧରି ଏବେ ତାଙ୍କୁ ଫେରାର ଥିବା କହି ଭିତରେ ସୁରକ୍ଷା ଯୋଗାଉଥିବା ଚର୍ଚ୍ଚା ହେଉଛି। ଶୁଣାଯାଉଛି ଯେ, ତାଙ୍କୁ ରାଜ୍ୟ ବାହାରକୁ ପଠାଇ ଦିଆଯାଇଛି। ଜଣେ ବିଧାୟକ ଓ ଅନ୍ୟ କେତେଜଣ ରାଜନେତାଙ୍କ ସୁରକ୍ଷାରେ ସେ ଆଶ୍ରୟ ନେଇ ରହିଛନ୍ତି। ସେ ଜଣେ ସକ୍ରିୟ ନେତା। ସେ ଯେଉଁଠି ଥାଉନା କାହିଁକି ଅନ୍ୟ କାହା ସହ ଯୋଗାଯୋଗରେ ନିଶ୍ଚିତ ରହୁଥିବେ। ଏବେ ଅପରାଧୀଙ୍କୁ ଧରିବା ପାଇଁ କମିଶନରେଟ ପୋଲିସ ପାଖରେ ଅତ୍ୟାଧୁନିକ ବ୍ୟବସ୍ଥା ରହିଥିବାବେଳେ ପ୍ରକାଶଙ୍କୁ କିପରି ଧରିପାରୁନି ତାହା ଘଟଣାକୁ ରହସ୍ୟମୟ କରିଦେଇଛି। ଏହି ଘଟଣାକୁ ନେଇ ପୁରା ପୋଲିସ ବିଭାଗ ବଦନାମ ହୋଇଛି। ଏପରିସ୍ଥଳେ ପ୍ରକାଶଙ୍କୁ ଗିରଫ କରି ବଦନାମରୁ ମୁକୁଳିବା ପାଇଁ ପୋଲିସ ଅଧିକାରୀମାନେ ଚାହୁଁଛନ୍ତି। ଏକ ବିଶ୍ୱସ୍ତ ସୂତ୍ରରୁ ଶୁଣିବାକୁ ମିଳୁଛି ଯେ, ପ୍ରକାଶଙ୍କୁ ପୋଲିସ ଠାବ କରିବା ସହ ଯୋଗାଯୋଗରେ ରହିଛି। କିନ୍ତୁ ରାଜନୈତିକ ଚାପ ରହୁଥିବାରୁ ତାଙ୍କ ଉପରେ ପଦକ୍ଷେପ ପାଇଁ କିପରି ସାପ ମରିବ କିନ୍ତୁ ବାଡ଼ି ନ ଭାଙ୍ଗିବ ତାହାର ଉପାୟ ଖୋଜା ଚାଲିଥିବା ଜଣାପଡ଼ିଛି। କିନ୍ତୁ ଏ ସଂକ୍ରାନ୍ତରେ ଉଚ୍ଚ ପଦସ୍ଥ ପୋଲିସ ଅଧିକାରୀ ମୁହଁ ଖୋଲୁନାହାନ୍ତି। ଅନ୍ୟପକ୍ଷରେ ଗିରଫ ହୋଇଥିବା ବାଣୀକଲ୍ୟାଣ ହେଉଛନ୍ତି ପ୍ରକାଶଙ୍କ ମୁଖ୍ୟ ସହଯୋଗୀ। ସେ ଠିକାଦାରୀ କରନ୍ତି। କଟକ ମାଲଗୋଦାମ ଥାନାରେ ୯ଟି ଓ ସହୀଦନଗର ଥାନାରେ ମଧ୍ୟ ମାମଲା ରହିଛି। ଦାଦାଗିରି ଓ ଅନ୍ୟ କେତେକ ଅପରାଧରେ ତାଙ୍କର ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଛି।

# ଉତ୍କଳ ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ଛାତ୍ରଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୬।୩(ବ୍ୟୁରୋ)



ଦିବସ ବେହେରା

ଉତ୍କଳ ବିଶ୍ୱବିଦ୍ୟାଳୟ ପରିସର ମଧୁସୂଦନ ଛାତ୍ରାବାସର ରୁମ୍ ନଂ.୧୨୫ରେ ଜଣେ ଛାତ୍ର ବୁଧବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ନୟାଗଡ଼ ଜିଲା ଦଶପଲ୍ଲା ଅଞ୍ଚଳର ଦିବସ ବେହେରା (୨୨)। ସେ ପର୍ସନେଲ ମ୍ୟାନେଜମେଣ୍ଟ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର। ଶହୀଦନଗର ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦିବସ ଜଣେ ମେଧାବୀ ଛାତ୍ର। ସେ ତାଙ୍କ ବ୍ୟାଚ୍‌ର ସେମିନାର ସେକ୍ରେଟାରୀ ମଧ୍ୟ ଥିଲେ। ବୁଧବାର କ୍ୟାମ୍ପସରେ ବିଭାଗ ପକ୍ଷରୁ ଚାଲିଥିବା ଏକ ସେମିନାର ସରିବା ପରେ ସେ ଅପରାହ୍ନ ୩ଟାରେ ହଷ୍ଟେଲ ଫେରିଥିଲେ। ଅପରାହ୍ନ ୪ଟାରେ ଦିବସ ଫୋନ୍ କାହିଁକି ଉଠାଉନାହାନ୍ତି ବୋଲି ଜଣେ ସହପାଠିନୀ ତାଙ୍କ ସାଙ୍ଗମାନଙ୍କୁ ଫୋନ୍ କରି ଜଣାଇଥିଲେ। ସାଙ୍ଗମାନେ ତୁରନ୍ତ ହଷ୍ଟେଲରେ ପହଞ୍ଚି ସେ ରହୁଥିବା ରୁମ୍ କବାଟ ବନ୍ଦ ଥିବା ଦେଖି ଡାକିଥିଲେ ମଧ୍ୟ କିଛି ଉତ୍ତର ମିଳି ନ ଥିଲା। ଏକ ଗାମୁଛାରେ ଫ୍ୟାନରେ ଝୁଲୁଥିବା ଅବସ୍ଥାରେ ଝରକା ଦେଇ ଦେଖିବା ପରେ କବାଟ ଭାଙ୍ଗି ଦିବସଙ୍କୁ ଉଦ୍ଧାର କରିଥିଲେ। ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଉପସ୍ଥିତିରେ ପୋଲିସ ମୃତଦେହକୁ କ୍ୟାମ୍ପସ ପରିସର ଡିସ୍‌ପେନ୍‌ସାରିକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍ www.dharitri.com/main/selfie_list/

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି : metroselfie@gmail.com



ସଙ୍କେତ



ସମୀର



ସଞ୍ଜୟ



ଟୁବଲା



ସତ୍ୟ



ସନ୍ଦୀପ



ଦେବାଶିଷ



ମନୋରଞ୍ଜନ


## ପୂର୍ବ ତଟ ରେଳପଥ
### ଇଂଜିନିୟରିଂ କାର୍ଯ୍ୟ

ଟେଣ୍ଡର ବିଜ୍ଞପ୍ତି ସଂ. 13/ET/SBP/ENGG/2018-19, ତା: 27.02.2019

1) ଇ-ଟେଣ୍ଡର ସଂ. 40-eT-DENC-SBP-18

[illegible]

₹17,07,775.49, EMD (ଟଙ୍କାରେ) : ₹ 34,200/-, ଟେଣ୍ଡର ଫର୍ମର ମୂଲ୍ୟ : ₹ 2,000/-+18% GST, ... : 04 ମାସ।

### ଭଡ଼ା ସୂତ୍ରରେ ଗାଡ଼ି

2) ଇ-ଟେଣ୍ଡର ସଂ. 39-eT-DENC-SBP-18

[illegible]

₹20,30,300.54, EMD (ଟଙ୍କାରେ) : ₹ 40,700/-, ଟେଣ୍ଡର ଫର୍ମର ମୂଲ୍ୟ : ₹ 3,000/-+18% GST, ... : 36 ମାସ।

ତା.29.03.2019 ରେ 1500 ଘଣ୍ଟା ...

[illegible]

http://www.ireps.gov.in

PR-518/1/18-19

## ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
### ରକ୍ଷଣାବେକ୍ଷଣ ଏବଂ ଦେଖାରେଖ କାର୍ଯ୍ୟ ପାଇଁ ଟେଣ୍ଡର

[illegible]

https://www.ireps.gov.in

CPR/10/432

ସ୍ୱଚ୍ଛ ଭାରତ ଅଭିଯାନ

## राष्ट्रीय विज्ञान शिक्षा एवं अनुसंधान संस्थान, भुवनेश्वर
(परमाणु ऊर्जा विभाग, भारत सरकार का एक स्वयं शासित संस्थान)

NATIONAL INSTITUTE OF SCIENCE EDUCATION AND RESEARCH, BHUBANESWAR
(AN AUTONOMOUS INSTITUTE UNDER DEPT. OF ATOMIC ENERGY, GOVT. OF INDIA)
Po-Bhimpur-Padanpur, Via-Jatni, Dist-Khurda-752050
Phone- 0674-2494013, Fax-0674-2494004, web:- http://www.niser.ac.in

पीएचडी कार्यक्रम–2019 (ग्रीष्मकालीन सत्र) में प्रवेश हेतु सूचना / Notice for Admission to Ph.D. Programme – 2019 (Summer Session)

विज्ञापन सं. / Advt. No: NISER/ACAD/Ph.D/2019-20(1)

एनआईएसईआर भुवनेश्वर में निम्नलिखित स्कूलों में 26 जुलाई, 2019 (शुक्रवार) से शुरू होने वाले पीएचडी कार्यक्रम में प्रवेश के लिए भारतीय नागरिकों से आवेदन आमंत्रित किये जाते हैं।

Applications are invited from Indian citizens for admission to Ph.D Program scheduled to commence from 26th July, 2019 (Friday) in the following schools at NISER Bhubaneswar:

1. जैविक विज्ञान / School of Biological Sciences
2. रसायन विज्ञान / School of Chemical Sciences
3. कम्प्यूटर विज्ञान / School of Computer Sciences
4. मानविकी एवं सामाजिक विज्ञान / School of Humanities & Social Sciences
5. गणितीय विज्ञान / School of Mathematical Sciences
6. भौतिक विज्ञान / School of Physical Sciences

छात्रों से कोई आवेदन / प्रवेश शुल्क नहीं लिया जाएगा। परीक्षा / साक्षात्कार के लिए बुलाये गये उम्मीदवारों को दूसरी स्लीपर कक्षा में आने–जाने का रेलवे किराया प्रदान किया जाएगा।

No application/entrance fee is charged to the student. To and Fro single 2nd sleeper class railway fare will be provided to candidates called for the test/interview.

महत्वपूर्ण तिथियाँ / Important dates:

ऑनलाईन आवेदन सक्रिय होने की तिथि / Online application will be activated on : 02/03/2019

ऑनलाईन आवेदन भरने की अंतिम तिथि / Last date for filling up online application : 04/04/2019

योग्यता मानदंड, आवेदन प्रक्रिया एवं चयन प्रक्रिया के बारे में विस्तृत जानकारी हेतु कृपया हमारे वेबसाईट http://www.niser.ac.in देखें।

Kindly refer to our website http://www.niser.ac.in for details regarding eligibility criteria, application procedure and selection procedure.

ह०/– संकाय प्रभारी (शैक्षणिक कार्य)
Sd/- Faculty-In-Charge (Academic Affairs)

## ପୂର୍ବ ତଟ ରେଳପଥ
### ଚୁକ୍ତିଭିତ୍ତିକ ମେଡିକାଲ ଫାର୍ମାସିଷ୍ଟ, ହେଲ୍‌ଥ ଏବଂ ମେଲେରିଆ ଇନ୍‌ସପେକ୍ଟର ଏବଂ ନର୍ସିଙ୍ଗ ଅଧୀକ୍ଷକଙ୍କ ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ

ବିଜ୍ଞାପନ ବିଜ୍ଞପ୍ତି ସଂ. P/KUR/Med/Contract Para Med/2019, ତା. 27.02.2019

[illegible]

ପୋଷ୍ଟ ସଂ.01, ବର୍ଗ/ପଦ ନାମ : ଫାର୍ମାସିଷ୍ଟ
PB+GP/Level : PB-2+GP-4200/-ଲେଭେଲ-6, ପଦବୀ ସଂଖ୍ୟା : 02 ... ଶିକ୍ଷାଗତ/ବୃତ୍ତିଗତ/ବୈଷୟିକ ଯୋଗ୍ୟତା ... | ଦୈନିକ ମାଡ : C-2 (Cee two)

ପୋଷ୍ଟ ସଂ.02, ବର୍ଗ/ପଦନାମ : ହେଲ୍‌ଥ ଏବଂ ମେଲେରିଆ ଇନ୍‌ସପେକ୍ଟର
PB+GP/Level : PB-2+GP-4200/-ଲେଭେଲ-6, ପଦବୀ ସଂଖ୍ୟା : 04 ... B.Sc ... (NTC) ... C-1(Cee one)

ପୋଷ୍ଟ ସଂ.03, ବର୍ଗ/ପଦନାମ : ନର୍ସିଙ୍ଗ ଅଧୀକ୍ଷକ
PB+GP/Level : PB-2+GP-4200/-ଲେଭେଲ-7, ପଦବୀ ସଂଖ୍ୟା : 01 ... (Midwifery) ... B.Sc ... C-1(Cee one)

"ୱାକ୍-ଇନ୍ ଇଣ୍ଟରଭ୍ୟୁ" ସ୍ଥାନ, ତାରିଖ ଓ ସମୟ :

| | |
|---|---|
| ସ୍ଥାନ : | ମୁଖ୍ୟ ଚିକିତ୍ସା ଅଧୀକ୍ଷକଙ୍କ କାର୍ଯ୍ୟାଳୟ, ମଣ୍ଡଳ ରେଳବାଇ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼, ସା/ପୋ-ଜଟଣୀ, ଖୋର୍ଦ୍ଧା, ପିନ୍-752050 |
| ତାରିଖ : | ତା.19.03.2019ରିଖ |
| ସମୟ : | ... 09.00 ଘଟିକା ଠାରୁ 10.00 ଘଟିକା ପର୍ଯ୍ୟନ୍ତ ... 1100 ଘଟିକା ଠାରୁ ଆରମ୍ଭ। |

ଦ୍ରଷ୍ଟବ୍ୟ : ... ତା.19.03.2019ରିଖ 1000 ଘଟିକା ...

www.eastcoastrail.indianrailways.gov.in

PR-522/1/18-19

ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ଖୋର୍ଦ୍ଧା ରୋଡ଼

## ବ୍ୟାଙ୍କ ଅଫ୍ ଇଣ୍ଡିଆ BOI Bank of India
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୧୫

## ଦଖଲ ନୋଟିସ୍
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର [ରୁଲ-୮(୧)]

[illegible]

| ଭୁବନେଶ୍ୱର ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତି ଗୁଡ଼ିକର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଏସ୍ ଚନ୍ଦ୍ରା କମ୍ପାନୀ ... [illegible] | ଟ.୪୫,୭୦,୭୭୩.୧୨ + ସୋଦବେ ... | ୧୬.୦୮.୨୦୧୮ / ୦୧.୦୩.୨୦୧୯ | [illegible] |
| ଋଣଗ୍ରହୀତା: ମେସର୍ସ ବିଜୟ ମେରାଇନ ... [illegible] | ଟ.୨୯,୩୦,୫୩୨.୫୬ + ସୋଦବେ ... | ୧୬.୦୮.୨୦୧୮ / ୦୧.୦୩.୨୦୧୯ | [illegible] |

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୭.୦୩.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

प्रधानमंत्री भारतीय जन औषधि परियोजना

ସମସ୍ତଙ୍କ ପାଇଁ ସୁଲଭ ମୂଲ୍ୟରେ ଗୁଣମାନଯୁକ୍ତ ଜେନେରିକ୍ ଔଷଧ

ପ୍ରତ୍ୟେକ ରୋଗୀଙ୍କୁ ଔଷଧ ମିଳୁ, ଚିକିତ୍ସା ବି ହେଉ। ଆୟୁଷ୍ମାନ୍ ହେଉ ଭାରତ, ସୁସ୍ଥ ସମାଜ ବି ହେଉ।।



"ଗରିବଙ୍କ ପାଖରେ ସୁଲଭ ମୂଲ୍ୟରେ ଔଷଧ ପ୍ରତି ପହଞ୍ଚ ରହିବା ଜରୁରୀ, ଔଷଧର ଅଭାବ କାରଣରୁ ଗରିବ ପ୍ରାଣତ୍ୟାଗ ନ କରୁ... ସେଇଥିପାଇଁ ସାରା ଦେଶରେ ଜନ ଔଷଧି କେନ୍ଦ୍ରର ଯୋଜନା କରାଯାଇଛି"

WHO GMP QUALITY ASSURED NABL TESTED

ଏନ୍‌ଏବିଏଲ୍ ସ୍ୱୀକୃତିପ୍ରାପ୍ତ ପରୀକ୍ଷାଗାରରୁ ପ୍ରମାଣିତ ଡବ୍ଲ୍ୟୁଏଚ୍‌ଓ-ଜିଏମ୍‌ପି ବିନିର୍ମାତାଙ୍କ ଦ୍ୱାରା ଗୁଣମାନଯୁକ୍ତ ଔଷଧ ପ୍ରସ୍ତୁତି

୮୦୦ ରୁ ଊର୍ଦ୍ଧ୍ୱ ଗୁଣମାନଯୁକ୍ତ ଔଷଧ

୧୫୪ ଅସ୍ତ୍ରୋପଚାର ଉପକରଣ ଉପଲବ୍ଧ

ବ୍ରାଣ୍ଡେଡ୍ ଔଷଧଗୁଡ଼ିକ ତୁଳନାରେ ୫୦%-୯୦% କମ୍ ମୂଲ୍ୟ

୫୦୫୩ରୁ ଅଧିକ ପିଏମ୍‌ବିଜେପି କେନ୍ଦ୍ର ୬୫୨ ଜିଲ୍ଲାରେ

# ଜନ ଔଷଧି ଦିବସ

୭ ମାର୍ଚ୍ଚ, ୨୦୧୯ ଅବସରରେ

ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ

ଅପରାହ୍ନ ୧.୦୦ ଘଟିକାରେ ଦୂରଦର୍ଶନ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି କେନ୍ଦ୍ରର ଲାଭାର୍ଥୀ ଏବଂ ମାଲିକମାନଙ୍କ ସହ ଭାବ ବିନିମୟ କରିବେ

NAMUMKIN AB MUMKIN HAI

ଫାର୍ମାସ୍ୟୁଟିକାଲ୍ ବିଭାଗ, ରାସାୟନିକ ଓ ସାର ମନ୍ତ୍ରଣାଳୟ, ଭାରତ ସରକାର | BPPI | @pmbjpbppi | janaushadhi.gov.in | ୧୮୦୦ ୧୮୦ ୮୦୮୦



"ରାଫାଲ ଡିଲ୍‌ରେ ବଡ଼ଧରଣର ଦୁର୍ନୀତି ହୋଇଛି। ଏ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଫାଇଲ ପ୍ରତିରକ୍ଷା ମନ୍ତ୍ରଣାଳୟରୁ ଚୋରି ହୋଇଯାଇଛି ବୋଲି କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇବା ଅତ୍ୟନ୍ତ ଲଜ୍ଜାଜନକ। କେନ୍ଦ୍ରର ଏଭଳି ଆଭିମୁଖ୍ୟ ଯୋଗୁ ଦେଶର ସାର୍ବଭୌମତ୍ୱ ଓ ନିରାପତ୍ତା ବିପନ୍ନ ହେବାର ଆଶଙ୍କା ରହିଛି।
- ଡି. ରାଜା, ସିପିଆଇ ନେତା



## ସଂକ୍ଷେପରେ

### ବିସ୍ଫୋରଣରେ ୧୬ ନିହତ

କାବୁଲ୍,୬।୩(ପି.ଟି.): ଆଫଗାନିସ୍ତାନର ଜଲାଲାବାଦ ବିମାନବନ୍ଦର ନିକଟରେ ଥିବା ଏକ ନିର୍ମାଣ କମ୍ପାନୀ ବିଲ୍ଡିଂରେ ବୁଧବାର ସକାଳେ ଆତଙ୍କବାଦୀମାନେ ପ୍ରବେଶ କରି ଆତ୍ମଘାତୀ ବିସ୍ଫୋରଣ ଘଟାଇଛନ୍ତି। ଏହି ବିସ୍ଫୋରଣରେ ୧୬ ଜଣଙ୍କ ମୃତ୍ୟୁ ହୋଇଛି ଓ ୯ ଆହତ ହୋଇଛନ୍ତି। ଆକ୍ରମଣ ପାଇଁ କୌଣସି ଆତଙ୍କବାଦୀ ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ନଙ୍ଗରହାର ପ୍ରଦେଶର ଉକ୍ତ ଅଞ୍ଚଳରେ ତାଲିବାନ ଏବଂ ଆଇଏସ୍ ଗ୍ରୁପ୍ ସକ୍ରିୟ ରହିଛନ୍ତି।

### ପଞ୍ଜାବରେ କୃଷକ ଆନ୍ଦୋଳନ: ୩୮ ଟ୍ରେନ ବାତିଲ

ନୂଆଦିଲ୍ଲୀ,୬।୩(ପି.ଟି.): ପଞ୍ଜାବରେ କୃଷକମାନଙ୍କ ଆନ୍ଦୋଳନ ଯୋଗୁ ବୁଧବାର ଅମୃତସର ଏବଂ ଦିଲ୍ଲୀ ମଧ୍ୟରେ ଟ୍ରେନ ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ୩୮ଟି ଟ୍ରେନକୁ ବାତିଲ କରିଦିଆଯାଇଥିଲା। ପରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କ ହସ୍ତକ୍ଷେପ ଫଳରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। କୃଷିଋଣ ସମ୍ପୂର୍ଣ୍ଣ ଛାଡ଼ ସମେତ ବିଭିନ୍ନ ଦାବି ନେଇ ପଞ୍ଜାବର କୃଷକମାନେ ୪ ତାରିଖରୁ ଆନ୍ଦୋଳନ ଚଳାଇଥିଲେ। ଆନ୍ଦୋଳନକାରୀ କୃଷକଙ୍କ ଗିରଫଦାରି ବିରୋଧରେ ମଙ୍ଗଳବାର ହାଇକୋର୍ଟରେ ପିଟିଶନ ଦାଏର ହୋଇଥିଲା।

### କଂଗ୍ରେସକୁ ୧୦ ଆସନ ମାଗିଲା ଜେଡିଏସ୍

ନୂଆଦିଲ୍ଲୀ,୬।୩(ପି.ଟି.): କର୍ନାଟକରେ ନିର୍ବାଚନୀ ମେଣ୍ଟକୁ ନେଇ ବୁଧବାର ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ.ଡି. ଦେବେଗୌଡ଼ା ଓ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ୨୮ ଲୋକ ସଭା ଆସନ ମଧ୍ୟରୁ ଜେଡିଏସ୍‌କୁ ଅନ୍ୟୂନ ୧୦ଟି ଛାଡ଼ିଦେବା ଲାଗି ଦେବେଗୌଡା ରାହୁଲଙ୍କୁ କହିଛନ୍ତି। ପୂର୍ବରୁ ଜେଡିଏସ୍ ୧୨ ଆସନରେ ଲଢ଼ିବାକୁ ଚାହୁଁଥିଲା। ବୈଠକରେ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଏବଂ ଜେଡିଏସ୍‌ର ଜାତୀୟ ସାଧାରଣ ସମ୍ପାଦକ ଦାନିଶ୍ ଅଲି ଉପସ୍ଥିତ ଥିଲେ।

### 'ଜେଇଏମ୍ ପାକିସ୍ତାନରେ ନାହିଁ'

ଇସ୍‌ଲାମାବାଦ,୬।୩(ପି.ଟି.): ପୁଲୱାମା ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିବା ଜୈଶ୍-ଇ-ମହମ୍ମଦ (ଜେଇଏମ୍) ପାକିସ୍ତାନରେ ନାହିଁ ବୋଲି ସେଠାର ସୈନ୍ୟବାହିନୀ ମୁଖପାତ୍ର ମେଜର ଜେନେରାଲ ଅସିଫ୍ ଗଫୁର କହିଛନ୍ତି। ଦୁଇ ଦେଶ ଯୁଦ୍ଧର ନିକଟତର ହୋଇଥିଲେ କି ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଭାରତ ବାୟୁସୀମା ଉଲ୍ଲଂଘନ କରିବାରୁ ଆମେ ତା'ର ଜବାବ ଦେବାକୁ ଯାଇଥିଲୁ।

### ଇତିହାସର ଆଇନାରେ
### ମାର୍ଚ୍ଚ ୭ର ପ୍ରମୁଖ ଘଟଣା

୧୯୫୧ ମାର୍ଚ୍ଚ ୭ ତାରିଖରେ ତେହେରାନର ଶାହ ମସ୍‌ଜିଦ୍‌ଠାରେ ଇରାନର ପ୍ରଧାନମନ୍ତ୍ରୀ ଅଲ୍ଲୀ ରାଜମାରା (୪୯)ଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଫଦାୟାନ-ଇ-ଇସ୍‌ଲାମ ସଂଗଠନର ଖଲିଲ୍ ତାହାମାସେବି(୨୬) ତାଙ୍କୁ ଟାର୍ଗେଟ୍ କରି ଗୁଳିମାଡ଼ କରିଥିଲେ।

୧୯୬୫ ମାର୍ଚ୍ଚ ୭ ତାରିଖରେ ସେଲ୍‌ମାରୁ ରାଜଧାନୀ ସହର ମୋଣ୍ଟଗୋମରୀ ୮୭ କି.ମି. ପର୍ଯ୍ୟନ୍ତ ତିନୋଟି ବିରାଟ ବିକ୍ଷୋଭ ଶୋଭଯାତ୍ରା ବାହାରିଥିଲା।

# ଚୌକିଦାରଙ୍କ ନାକତଳୁ ଚୋରି

ନୂଆଦିଲ୍ଲୀ,୬।୩(ପି.ଟି./ଆଇଏଏନ୍ଏସ୍)

ପ୍ରତିରକ୍ଷା ମନ୍ତ୍ରଣାଳୟରୁ ଚୋରି ହୋଇଥିବା ରାଫାଲ ଚୁକ୍ତି ସମ୍ପର୍କିତ ଦସ୍ତାବିଜ ଆଧାରରେ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଏହାକୁ ନେଇ ଦାଏର ପିଟିଶନର ଶୁଣାଣି କରି ପୂର୍ବ ରାୟର ସମୀକ୍ଷା କରା ନ ଯାଉ। ସୁପ୍ରିମକୋର୍ଟରେ ବୁଧବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଟର୍ନି ଜେନେରାଲ କେ.କେ. ବେଣୁଗୋପଳ ଏଭଳି ଯୁକ୍ତି ବାଢ଼ିଛନ୍ତି। ଗୋପନୀୟ ଫାଇଲ୍ ଚୋରି ବିଷୟ ସାମ୍ନାକୁ ଆସିବା ପରେ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ ଉଠାଇବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଘେରିଛନ୍ତି ବିରୋଧୀ।

ଭାରତ ହେଉଛି ପ୍ରତିରକ୍ଷା ବଜେଟ କ୍ଷେତ୍ରରେ ପଞ୍ଚମ ବୃହତ୍ ଦେଶ। ଆମ ଦେଶର ପ୍ରତିରକ୍ଷା ମନ୍ତ୍ରଣାଳୟ ନୂଆଦିଲ୍ଲୀ ରାଜପଥ ମାର୍ଗର ସେଣ୍ଟ୍ରାଲ୍ ସେକ୍ରେଟାରିଏଟ୍‌ସ୍ଥିତ ହାଇ ସିକ୍ୟୁରିଟି ଜୋନ୍ ସାଉଥ୍ ବ୍ଲକ୍‌ରେ ଅବସ୍ଥିତ। ଏହି ମନ୍ତ୍ରଣାଳୟ ଅଧୀନରେ ତିନି ସଶସ୍ତ୍ର ବଳ ସ୍ଥଳସେନା, ନୌସେନା ଓ ବାୟୁସେନା ଏବଂ ତଟରକ୍ଷୀ ବାହିନୀ ସହ ଅନ୍ୟାନ୍ୟ ପ୍ରତିଷ୍ଠାନ ରହିଛି। ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନଙ୍କ ଅଧୀନରେ ତଥା କଡ଼ା ସୁରକ୍ଷା ବଳୟ ମଧ୍ୟରେ ରହିଥିବା ଏହି ମନ୍ତ୍ରଣାଳୟରୁ ରାଫାଲ ଚୁକ୍ତି ସମ୍ପର୍କିତ ଦସ୍ତାବିଜ ଚୋରି ହୋଇଥିବା ନେଇ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି। ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ଅନେକ ପ୍ରଶ୍ନ ଉଠାଇ କେନ୍ଦ୍ର ସରକାରଙ୍କ ବିରୋଧରେ ନାନା ଅଭିଯୋଗ ଆଣିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି, ରାଫାଲ ଚୁକ୍ତିରେ ଦୁର୍ନୀତି ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ ହୋଇ ପ୍ରଧାନମନ୍ତ୍ରୀଙ୍କଠାରେ ଶେଷ ହୋଇଛି। ମୋଦିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପର୍ଯ୍ୟାପ୍ତ ପ୍ରମାଣ ରହିଛି। ମୋଦି ଦୁର୍ନୀତି ସମ୍ପର୍କିତ ପ୍ରମାଣଗୁଡ଼ିକୁ ନିଶ୍ଚିହ୍ନ କରିଛନ୍ତି। ଏହା ପରେ ଦୁର୍ନୀତିକୁ ଘଣ୍ଟ ଘୋଡ଼ାଇବାକୁ ଯାଇ ଗୁରୁତ୍ୱପୂର୍ଣ୍ଣ ଫାଇଲ ଚୋରି ହୋଇଥିବା ସୁପ୍ରିମକୋର୍ଟଙ୍କୁ କହିଛନ୍ତି। ଯେଉଁ ଦସ୍ତାବିଜଗୁଡ଼ିକୁ ନେଇ ମୋଦିଙ୍କ ବିରୋଧରେ ମାମଲା ଦାଏର ହେବା କଥା ସେଗୁଡ଼ିକ ପ୍ରତିରକ୍ଷା ମନ୍ତ୍ରଣାଳୟରୁ କିପରି ଚୋରି ହୋଇଗଲା ବୋଲି ଟୁଇଟରରେ ରାହୁଲ ପ୍ରଶ୍ନ କରିଛନ୍ତି। କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେଓ୍ୱାଲା କହିଛନ୍ତି, ରାଫାଲ ଚୁକ୍ତି ଚୂଡ଼ାନ୍ତ କରାଯିବାବେଳେ ଭାରତୀୟ ଆଲୋଚନାକାରୀ ଦଳ (ଆଇଏନ୍‌ଟି)କୁ ଅଣଦେଖା କରାଯାଇଥିଲା। ପିଏମ୍‌ଓର ଇଙ୍ଗିତରେ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ ଡୋଭାଲ ଆଲୋଚନା ଚୂଡ଼ାନ୍ତ କରିଥିଲେ। ଉପା ସରକାର ଅମଳରେ ନିର୍ଦ୍ଧାରିତ ଦରଠାରୁ ଢେର ଅଧିକ ମୂଲ୍ୟରେ ରାଫାଲ ଯୁଦ୍ଧବିମାନ କିଣିବା ପାଇଁ ଚୁକ୍ତି କରାଯାଇଛି। ୫୯,୦୦୦ କୋଟି ଟଙ୍କାରେ ୩୬ ଯୁଦ୍ଧବିମାନ କିଣାଯିବା ପାଇଁ ଚୁକ୍ତି ହୋଇଛି ବୋଲି ସରକାର କରୁଥିବା ଦାବି ଭୁଲ। ଏହା ୬୪,୦୦୦ କୋଟି ଟଙ୍କା ବୋଲି ଆଇଏନ୍‌ଟି କହିସାରିଛି। ମୋଦି ଦାସଲ୍ଟ ଆଭିଏଶନ୍‌କୁ ଫାଇଦା ପହଞ୍ଚାଇବା ପାଇଁ ନିଜ ଅଫିସର ଅପବ୍ୟବହାର କରିଛନ୍ତି। ଏହାଦ୍ୱାରା ରାଜକୋଷକୁ ବିପୁଳ କ୍ଷତି ସହିବାକୁ ପଡ଼ିଛି। ତେଣୁ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନାନୁସାରେ ମାମଲା ରୁଜୁ କରାଯାଉ ବୋଲି ସେ ଦାବି କରିଛନ୍ତି। ସେହିପରି ଏନ୍‌ସିପି ନେତା ଜୟନ୍ତ ପାଟିଲ କହିଛନ୍ତି, ସୁପ୍ରିମକୋର୍ଟରେ କେନ୍ଦ୍ରର ଯୁକ୍ତି ପ୍ରମାଣିତ କରୁଛି ଯେ, ଚୌକିଦାର ବାସ୍ତବରେ ଜଣେ ଚୋର। ପ୍ରଧାନମନ୍ତ୍ରୀଙ୍କ ନାକତଳେ ଥିବା ପ୍ରତିରକ୍ଷା ମନ୍ତ୍ରଣାଳୟରୁ ଫାଇଲ ଚୋରି ହୋଇଛି ବୋଲି କହିବା ରାଫାଲ ଦୁର୍ନୀତିକୁ ଘଣ୍ଟ ଘୋଡ଼ାଇବା ବ୍ୟତୀତ କିଛି ନୁହେଁ। ସେପଟେ ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ମଧ୍ୟ ଏହି ପ୍ରସଙ୍ଗ ଉଠାଇ ମୋଦିଙ୍କୁ ଘେରିଛନ୍ତି। ରାଫାଲ ଫାଇଲ ଚୋରି ହୋଇଛି ବୋଲି ସ୍ୱୀକାର କରୁଥିବା ମୋଦି ସରକାରଙ୍କ ହାତରେ ଦେଶର ନିରାପତ୍ତା ଦାୟିତ୍ୱ କିପରି ଛାଡ଼ି ଦିଆଯିବ ବୋଲି ୟେଚୁରୀ ପ୍ରଶ୍ନ ଉଠାଇବା ସହ ତାଙ୍କ ବିରୋଧରେ ମାମଲା ଦାଏର କରିବା ଜରୁରୀ ହୋଇପଡ଼ିଛି ବୋଲି କହିଛନ୍ତି।

ଅନ୍ୟପକ୍ଷରେ ତଥାକଥିତ ଚୋରି ଦସ୍ତାବିଜ ଆଧାରରେ ରିପୋର୍ଟ ପ୍ରସ୍ତୁତ କରିଥିବା 'ଦି ହିନ୍ଦୁ' ଚେୟାରମ୍ୟାନ୍ ଏନ୍. ରାମ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ରାଫାଲ ଚୁକ୍ତି ସମ୍ପର୍କିତ ଦସ୍ତାବିଜଗୁଡ଼ିକୁ ଜନସ୍ୱାର୍ଥ ପାଇଁ ପ୍ରକାଶ କରାଯାଇଛି। ଗୋପନୀୟ ସୂତ୍ରରୁ ସେ ତଥ୍ୟ ହାସଲ କରିଥିବାରୁ ସେନେଇ କେହି କୌଣସି ସୂଚନା ପାଇପାରିବେ ନାହିଁ ବୋଲି ଏନ୍. ରାମ କହିଛନ୍ତି।



"ରାଫାଲ ଫାଇଲକୁ ସୁରକ୍ଷିତ ରଖିପାରୁ ନ ଥିବା ସରକାରଙ୍କ ହାତରେ ଦେଶର ନିରାପତ୍ତା ଦାୟିତ୍ୱ କିପରି ନ୍ୟସ୍ତ କରାଯାଇପାରିବ? ମୋଦି ଏବେ ବର୍ତ୍ତିପାରିବେ ନାହିଁ। ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଉ।
- ସୀତାରାମ ୟେଚୁରୀ, ସିପିଆଇଏମ୍ ସାଧାରଣ ସମ୍ପାଦକ

**ଲେଉଟିଲା ରାଫାଲ ଝଡ଼**
- ଗୋପନୀୟ ଫାଇଲ୍‌କୁ ନେଇ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ
- ମୋଦିଙ୍କ ନାଁରେ ଏଫ୍ଆଇଆର୍ ଦାଏର ପାଇଁ ଦାବିକଲେ ବିରୋଧୀ



"ରାଫାଲ ଦୁର୍ନୀତିରେ ପ୍ରଧାନମନ୍ତ୍ରୀଙ୍କୁ ଆଇନର କାଠଗଡ଼ାକୁ ଟାଣିବା ଲାଗି ପର୍ଯ୍ୟାପ୍ତ ପ୍ରମାଣ ରହିଛି। ଭ୍ରଷ୍ଟାଚାର ମୋଦିଙ୍କଠାରୁ ଆରମ୍ଭ ହୋଇ ତାଙ୍କଠାରେ ଶେଷ ହୋଇଛି। ଫାଇଲ ଚୋରି ହୋଇଛି ବୋଲି କହିବାର ତାତ୍ପର୍ଯ୍ୟ ହେଉଛି ପ୍ରମାଣ ନଷ୍ଟ କରିବା।
-ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ



ସୁପ୍ରିମକୋର୍ଟ ବିଚାରପତି ଅର୍ଜନ କୁମାର ସିକ୍ରି (ଡାହାଣ) ବୁଧବାର ଅବସର ନେଇଛନ୍ତି। ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇବା ପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ(ବାମ)ଙ୍କ ସହ ଜଷ୍ଟିସ୍ ସିକ୍ରି।

### ପାକିସ୍ତାନକୁ ଆମେରିକାର ଝଟକା
## ଭିଜା ଅବଧି ବର୍ଷେକୁ ହ୍ରାସ

ଇସ୍‌ଲାମାବାଦ,୬।୩(ପି.ଟି.)

ପାକିସ୍ତାନୀ ନାଗରିକଙ୍କ ପାଇଁ ଆମେରିକା ଏହାର ଭିଜା ନୀତିରେ ପରିବର୍ତ୍ତନ କରିଛି। ସେମାନଙ୍କ ପାଇଁ ଭିଜା ଅବଧି ୫ ବର୍ଷରୁ ୧ ବର୍ଷକୁ କମାଇ ଦିଆଯାଇଛି। ଆମେରିକା ଦୂତାବାସ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ଅସ୍ଥାୟୀ କାମ ପାଇଁ ଭିଜା, ସାମ୍ବାଦିକ ଓ ମିଡିଆ ଭିଜା, ଆନ୍ତଃ କମ୍ପାନୀ ବଦଳି ଭିଜା, ଧର୍ମୀୟ କର୍ମୀ ଭିଜା ଆଦିର ଦେୟ ବଢ଼ାଇ ଦିଆଯାଇଛି। ଗସ୍ତ ଅନୁମତିକୁ ନବୀକରଣ ନକଲେ ସେଠାରେ ପାକିସ୍ତାନୀ ସାମ୍ବାଦିକ ଓ ଅନ୍ୟ ମିଡିଆ କର୍ମଚାରୀଙ୍କୁ ୩ ମାସରୁ ଅଧିକ ରହିବାକୁ ଅନୁମତି ମିଳିବ ନାହିଁ।

## ଏଲ୍‌ଓସିରେ ସୈନ୍ୟ ଠୁଳ




ନୂଆଦିଲ୍ଲୀ,୬।୩(ପି.ଟି.)

ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଲାଗି ରହିଥିବାବେଳେ ଇସ୍‌ଲାମାବାଦ ନିୟନ୍ତ୍ରଣ ରେଖା(ଏଲ୍‌ଓସି) ନିକଟକୁ ଅଧିକ ସୈନ୍ୟ ଏବଂ ଯୁଦ୍ଧାସ୍ତ୍ର ପଠାଇଥିବା ଜଣାପଡିଛି। ଆଫଗାନିସ୍ତାନ ସୀମାନ୍ତରୁ ସୈନ୍ୟ ହ୍ରାସ କରି ପାକିସ୍ତାନ ସେମାନଙ୍କୁ କଶ୍ମୀର ସୀମାରେ ମୁତୟନ କରିଛି। ଏଲ୍‌ଓସି ନିକଟସ୍ଥ ଗ୍ରାମର ସାଧାରଣ ଲୋକଙ୍କୁ ପାକିସ୍ତାନ ଟାର୍ଗେଟ କରୁଥିବାରୁ ବୁଧବାର ଭାରତୀୟ ସେନା ପକ୍ଷରୁ କଡା ଚେତାବନୀ ଦିଆଯାଇଛି। ଆଗାମୀ ଦିନରେ ପାକ୍ ସେନାର ଏଭଳି ଗୁଳିଗୋଳା ମାଡ଼ର ପରିଣତି ସାଙ୍ଘାତିକ ହେବ ବୋଲି ଭାରତ କହିଛି। ପାକିସ୍ତାନ ୧୫୫ ଏମ୍.ଏମ୍. କମାଣରେ ନୌଶେରା ସେକ୍ଟରର ସେନା ଘାଟିକୁ ଟାର୍ଗେଟ କରିବାରୁ ଭାରତୀୟ ଯବାନମାନେ ବୋଫର୍ସ କମାଣରେ ଏହାର ଜବାବ ଦେଇଥିଲେ। ମଙ୍ଗଳବାର ଦୁଇ ଦେଶର ସେନା ଅଧିକାରୀ ହଟ୍‌ଲାଇନରେ ପରସ୍ପର ସହ କଥା ହୋଇଥିଲେ। ଏଲ୍‌ଓସିରେ ରହୁଥିବା ନିରୀହ ଲୋକଙ୍କୁ ଟାର୍ଗେଟ ନ କରିବା ପାଇଁ ଭାରତ ପାକିସ୍ତାନକୁ କହିଥିଲା। ଏହା ସତ୍ତ୍ୱେ ପାକିସ୍ତାନ ସେନା ଅସ୍ତ୍ରବିରତି ଉଲ୍ଲଂଘନ ଜାରି ରଖିଛି।



ପଶ୍ଚିମବଙ୍ଗ ରାଜଧାନୀସ୍ଥିତ କୋଲକାତା ମଇଦାନର ଏକ ଗଛରେ ବସିଛି ଗୁଣ୍ଡୁଚି ମୂଷା।

## କର୍‌ତାରପୁର କରିଡର୍ ୧୪ରେ ଆସିବ ପାକ୍ ଦଳ

ନୂଆଦିଲ୍ଲୀ,୬।୩(ପି.ଟି.)

ପଞ୍ଜାବ ସୀମାରେ କର୍‌ତାରପୁର କରିଡର ନିର୍ମାଣ ପାଇଁ ପାକିସ୍ତାନୀ ଦଳ ଆସନ୍ତା ୧୪ ତାରିଖରେ ଭାରତ ଆସିବ। ଅଟ୍ଟାରୀ-ୱାଘା ସୀମାରେ ଏହି ଦିନ ଉଭୟ ପକ୍ଷଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ହେବ। କରିଡର୍‌ର ବିଭିନ୍ନ ଦିଗ ସମ୍ପର୍କରେ ଉକ୍ତ ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ପାକିସ୍ତାନର ନରୋୱାଲ ଜିଲାରେ ଅବସ୍ଥିତ ଗୁରୁଦ୍ୱାରା କର୍‌ତାରପୁର ସାହିବ୍‌କୁ ଭିଜା ମୁକ୍ତ ଯାତ୍ରା ପାଇଁ ଆଗ୍ରହୀ ଶିଖ୍ ଶ୍ରଦ୍ଧାଳୁଙ୍କୁ ଅନୁମତି ଦିଆଯିବ ବୋଲି ମଙ୍ଗଳବାର ଇସ୍‌ଲାମାବାଦ ପକ୍ଷରୁ କୁହାଯାଇଛି। ଆସନ୍ତା ୧୪ରେ ହେବାକୁ ଥିବା ପ୍ରଥମ ଦ୍ୱିପାକ୍ଷିକ ବୈଠକରେ ଏ ସମ୍ପର୍କିତ ଚିଠା ବୁଝାମଣା ନେଇ ଆଲୋଚନା ହେବ। ପ୍ରକାଶ ଯେ, ଗୁରୁ ନାନକ ଦେବଙ୍କ ୫୫୦ତମ ଜନ୍ମବାର୍ଷିକୀରେ କର୍‌ତାରପୁର କରିଡର୍ ନିର୍ମାଣ ନେଇ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ। ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଗତ ନଭେମ୍ବର ୨୬ରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

## ସିଜିଓ କମ୍ପ୍ଲେକ୍ସରେ ନିଆଁ

ନୂଆଦିଲ୍ଲୀ,୬।୩

**ସିଆଇଏସ୍ଏଫ୍ ଅଫିସର ଦଗ୍ଧ**



ଦକ୍ଷିଣ ଦିଲ୍ଲୀର ସିଜିଓ କମ୍ପ୍ଲେକ୍ସରେ ଅଗ୍ନିକାଣ୍ଡ ଘଟି କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସଏଫ)ର ଜଣେ ସବ୍‌ଇନ୍ସପେକ୍ଟରଙ୍କ ମୃତ୍ୟୁ ହୋଇଛି। ଅଗ୍ନିକାଣ୍ଡରେ ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜଳିଯାଇଛି। ୧୧ ମହଲା ବିଶିଷ୍ଟ ପଣ୍ଡିତ ଦୀନଦୟାଲ ଅନ୍ତୋଦୟ ଭବନର ପଞ୍ଚମ ମହଲାରେ ନିଆଁ ଲାଗିଥିଲା। ଉକ୍ତ ବିଲ୍ଡିଂରେ କେତେକ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ରହିଛି। ସବ୍‌ଇନ୍ସପେକ୍ଟର ଏମ୍.ପି. ଗୋଦରା ଅନ୍ୟମାନଙ୍କୁ ବାହାର କରିଥିଲେ। କିନ୍ତୁ ବିଷାକ୍ତ ଗ୍ୟାସ୍ ଯୋଗୁ ସେ ଅଚେତ ହୋଇପଡିଥିଲେ। ତାଙ୍କୁ ଏମ୍ସ ନିଆଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ନିଆଁଲିଭା କାର୍ଯ୍ୟରେ ଦିଲ୍ଲୀ ଅଗ୍ନିଶମ ବିଭାଗର ୨୫ଟି ଦମକଳ ଗାଡ଼ିକୁ ନିୟୋଜିତ କରାଯାଇଥିଲା।

### ଅଷ୍ଟ୍ରେଲିଆରେ ଭାରତୀୟ ମହିଳା ଡାକ୍ତରଙ୍କୁ ହତ୍ୟା
## ସୁଟକେସ୍‌ରୁ ମିଳିଲା ମୃତଦେହ

ମେଲବର୍ନ,୬।୩(ପି.ଟି.)



ଅଷ୍ଟ୍ରେଲିଆରୁ ରହସ୍ୟଜନକ ଭାବେ ନିଖୋଜ ହୋଇଯାଇଥିବା ଜଣେ ୩୨ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ମହିଳା ଦାନ୍ତ ଡାକ୍ତରଙ୍କ ମୃତଦେହ ସିଡନୀରୁ ମିଳିଛି। ପ୍ରୀତି ରେଡ୍ଡୀ ନାମ୍ନୀ ଏହି ଡାକ୍ତରଙ୍କ ମୃତଦେହକୁ ଏକ ସୁଟକେସରେ ପୂରାଇ ତାଙ୍କ କାରରେ ରଖାଯାଇଥିଲା। ଶରୀରରେ ଏକାଧିକ କ୍ଷତଚିହ୍ନ ଥିବାରୁ ତାଙ୍କୁ ଛୁରିଭୁସି ହତ୍ୟା କରାଯାଇଥିବା ଜଣାପଡିଛି। ପ୍ରୀତିଙ୍କୁ ତାଙ୍କ ପୁରୁଷ ବନ୍ଧୁ ତଥା ଅନ୍ୟତମ ଭାରତୀୟ ବଂଶୋଦ୍ଭବ ଦାନ୍ତ ଡାକ୍ତର ହର୍ଷ ନାର୍‌ଦେ ହତ୍ୟା କରିଥିବା ସନ୍ଦେହ କରାଯାଉଛି।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ଆଂଶିକ ମେଘୁଆ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସାମାନ୍ୟ ବର୍ଷା କିମ୍ବା ଘଡଘଡି ସହ ବର୍ଷା ହୋଇପାରେ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୦ | ୧୯.୨ |
| ଚାନ୍ଦବାଲି | ୩୦.୨ | ୨୨.୫ |
| କଟକ | ୩୨.୦ | ୨୧.୦ |
| ପାରାଦ୍ୱୀପ | ୩୦.୧ | ୨୩.୮ |
| ଭୁବନେଶ୍ୱର | ୩୩.୫ | ୨୩.୨ |
| ଗୋପାଳପୁର | ୩୨.୫ | ୨୩.୯ |
| ପୁରୀ | ୩୦.୪ | ୨୪.୮ |
| ଅନୁଗୋଳ | ୩୩.୧ | ୨୦.୦ |
| ବାରିପଦା | ୩୦.୦ | ୨୦.୦ |
| ଝାରସୁଗୁଡ଼ା | ୩୧.୮ | ୧୮.୩ |
| କେନ୍ଦୁଝର | ୨୮.୮ | ୧୮.୬ |
| ସମ୍ବଲପୁର | ୩୩.୫ | ୨୦.୪ |
| ସୁନ୍ଦରଗଡ଼ | ୩୩.୦ | ୧୪.୦ |
| ହୀରାକୁଦ | ୩୨.୯ | ୨୧.୬ |
| ତାଲଚେର | --- | ୨୧.୩ |
| ଭବାନୀପାଟଣା | ୩୫.୨ | ୨୦.୦ |
| ବଲାଙ୍ଗୀର | --- | ୨୨.୫ |
| କୋରାପୁଟ | ୩୨.୦ | ୧୯.୦ |
| ଫୁଲବାଣୀ | --- | ୧୬.୦ |
| ଟିଟିଲାଗଡ଼ | ୩୫.୦ | ୧୯.୦ |
| ମାଲକାନଗିରି | ୩୮.୦ | ୧୯.୫ |
| ସୋନପୁର | ୩୪.୨ | ୧୮.୫ |
| ଦାରିଙ୍ଗିବାଡ଼ି | ୩୦.୫ | ୧୭.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଜେୟୁଡି ସମ୍ପତ୍ତି ବାଜ୍ୟାପ୍ତ

ଇସ୍‌ଲାମାବାଦ,୬।୩(ଆଇଏଏନ୍ଏସ୍)



ହାଫିଜ୍ ସୟିଦ

ପାକିସ୍ତାନ ସରକାର ହାଫିଜ୍ ସୟିଦଙ୍କ ଆତଙ୍କବାଦୀ ସଂଗଠନ ଜମାତ-ଉଦ୍-ଦାୱା (ଜେୟୁଡି) ଏବଂ ଏହାର ସହଯୋଗୀ ଦାତବ୍ୟ ଅନୁଷ୍ଠାନ ଫଲାହ-ଇ-ଇନ୍‌ସାନିୟତ (ଏଫଆଇଏଫ) ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଜେୟୁଡିର ଦୁଇଟି ମଦ୍ରାସା ଏବଂ ସମ୍ପତ୍ତିକୁ ଜବତ କରାଯାଇଛି। ପୁଲ୍‌ୱାମା ଆକ୍ରମଣ ପରେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିବା ବେଳେ ବୁଧବାର ଇସ୍‌ଲାମିକ୍ ସଂଗଠନଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ମଙ୍ଗଳବାର ଜୈଶ୍-ଇ-ମହମ୍ମଦ (ଜେଇଏମ୍) ମୁଖ୍ୟ ମାସୁଦ ଆଝାରଙ୍କ ଭାଇ ଓ ପୁଅଙ୍କ ସମେତ ଅନ୍ୟ ୪୨ ଜଣଙ୍କୁ ଗିରଫ କରାଯାଇଥିଲା। ଜେୟୁଡି ଏବଂ ଏଫଆଇଏଫ ସମେତ ୭୦ଟି ସଂଗଠନକୁ ପାକିସ୍ତାନର ଜାତୀୟ ଆତଙ୍କବାଦ ନିରୋଧୀ କର୍ତ୍ତୃପକ୍ଷ ବେଆଇନ ତାଲିକାଭୁକ୍ତ କରିଥିଲେ।

### ଭାରତକୁ ଜାତିସଂଘ ମାନବାଧିକାର କମିଶନ୍‌ର ଚେତାବନୀ
## ବିଦ୍ୱେଷ ସୃଷ୍ଟି କରିବ ବିଭାଜନବାଦୀ ରାଜନୀତି

ଜାତିସଂଘ,୬।୩



ମିଶେଲ ବାଚ୍‌ଲେଟ

ଭାରତରେ ବିଭାଜନବାଦୀ ରାଜନୀତି ବିଦ୍ୱେଷ ସୃଷ୍ଟି କରିଛି। ଏଥିଯୋଗୁ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ସମାଜରେ ନିଜକୁ ଅସୁରକ୍ଷିତ ମଣିବେ ବୋଲି ଜାତିସଂଘ ପକ୍ଷରୁ ବୁଧବାର କ୍ଷୋଭବ୍ୟକ୍ତ କରାଯାଇଛି। ଜେନେଭାସ୍ଥିତ ଜାତିସଂଘ ମାନବାଧିକାର ପରିଷଦର ଏକ ଅଧିବେଶନରେ ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତ ମିଶେଲ ବାଚ୍‌ଲେଟ ଯୋଗଦେଇ କହିଛନ୍ତି, ଭାରତୀୟ ସମାଜରେ ଦାରିଦ୍ର୍ୟ ସାଙ୍ଗକୁ ଅସମାନତା ଭରିରହିଛି। ସଂକୀର୍ଣ୍ଣ ରାଜନୈତିକ କାର୍ଯ୍ୟସୂଚୀ ସଂଖ୍ୟାଲଘୁଙ୍କୁ ବଞ୍ଚିତ କରୁଛି। ଆଗକୁ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ବିଭାଜନବାଦୀ ନୀତି ଓ ସଂକୀର୍ଣ୍ଣ ରାଜନୀତି ବାଧକ ସାଜିପାରେ। ମୁସଲମାନ ସମ୍ପ୍ରଦାୟର ଲୋକଙ୍କୁ ଭାରତରେ ଟାର୍ଗେଟ କରାଯାଉଛି। ସେହିପରି ଦଳିତ, ଆଦିବାସୀମାନଙ୍କୁ ମଧ୍ୟ ହଇରାଣ କରାଯାଉଥିବା ନେଇ ଅନେକ ରିପୋର୍ଟ ଆମ ପାଖକୁ ଆସୁଛି। ଏହା ଦେଶର ଲୋକଙ୍କୁ କ୍ଷତି ପହଞ୍ଚାଇବା ସହ ଅର୍ଥନୈତିକ ଅଭିବୃଦ୍ଧି ପଥରେ କଣ୍ଟା ସାଜିବ ବୋଲି ବାଚ୍‌ଲେଟ ଚେତାଇ ଦେଇଛନ୍ତି।

सत्यमेव जयते

ଜାହାଜ ପରିବହନ ମନ୍ତ୍ରଣାଳୟ
ଭାରତ ସରକାର



# ବନ୍ଦର ଓ ଜଳମାର୍ଗ ହୋଇଛି ଆର୍ଥିକ ବିକାଶର ବାହକ

## ବନ୍ଦରରୁ ଆର୍ଥିକ ବିକାଶ

- ବିଗତ 5 ବର୍ଷରେ ପ୍ରମୁଖ ବନ୍ଦରଗୁଡ଼ିକର କ୍ଷମତା ୪,005 ଲକ୍ଷ ଟନ୍‌ରୁ ବୃଦ୍ଧି ପାଇ 14,772 ଲକ୍ଷ ଟନ୍ ହୋଇଛି
- ବିଗତ ପାଞ୍ଚ ବର୍ଷରେ ପ୍ରମୁଖ ବନ୍ଦରଗୁଡ଼ିକର ରାଜସ୍ୱ ୨,162 କୋଟିରୁ ବୃଦ୍ଧି ପାଇ 13,070 କୋଟି ଟଙ୍କା ହୋଇଛି
- ବିଗତ ପାଞ୍ଚ ବର୍ଷରେ ପ୍ରମୁଖ ବନ୍ଦରଗୁଡ଼ିକର ଲାଭ 1,026 କୋଟି ଟଙ୍କାରୁ ବୃଦ୍ଧି ପାଇ 3,405 କୋଟି ଟଙ୍କାରେ ପହଞ୍ଚିଛି
- ଭାରତ ପ୍ରଥମ ଥର ପାଇଁ ବିଦେଶରେ ପୋର୍ଟ ପରିଚାଳନା ଆରମ୍ଭ କରିଛି। ଭାରତ ଇରାନ୍‌ରେ ଚାବହର ପୋର୍ଟ ତିଆରି କରି କାର୍ଗୋ କରିଡର୍ ନିର୍ମାଣ କରିଛି

## ଲଜିଷ୍ଟିକ୍ ବ୍ୟୟ ସଞ୍ଚୟ, ହରିତ୍ ପରିବହନକୁ ପ୍ରୋତ୍ସାହନ

- ଜଳମାର୍ଗ ପରିବହନ ଦ୍ୱାରା ଲଜିଷ୍ଟିକ୍ ବ୍ୟୟ ହ୍ରାସ ପାଇଛି। ଏହାଦ୍ୱାରା କୃଷି ଉତ୍ପାଦ, ଉଦ୍ୟାନକୃଷି, ମତ୍ସ୍ୟ ପାଳନ ଏବଂ ସାରର ପରିବହନ ବୃଦ୍ଧି ପାଇବ
- କଣ୍ଟେନର୍ କାର୍ଗୋ ପାଇଁ ଭାରତୀୟ ବନ୍ଦରଗୁଡ଼ିକୁ ଟ୍ରାନ୍ସଶିପ୍‌ମେଣ୍ଟ ହବ୍ ଭାବେ ପ୍ରୋତ୍ସାହନ
- ବିଗତ 2 ବର୍ଷରେ ତଟୀୟ କାର୍ଗୋ ୪୨ ଏମ୍‌ଏମ୍‌ଟିରୁ ବୃଦ୍ଧି ପାଇ 116 ଏମ୍‌ଏମଟିରେ ପହଞ୍ଚିଛି
- ଗୁଜରାଟରେ ଘୋଘା–ଦାହେଜ ମଧ୍ୟରେ ରୋ–ରୋ ସେବା ଆରମ୍ଭ ହେବା ଦ୍ୱାରା ଯାତ୍ରା ଦୂରତା 294 କିମିରୁ ହ୍ରାସ ପାଇ 31 କିମି ହୋଇଛି
- ''ଟ୍ରେଡିଂ ଆକ୍ରସ୍ ବର୍ଡର୍ ପାରାମିଟର୍ ଅଫ୍ ଇଜ୍ ଅଫ୍ ଡୁଇଂ ବିଜ୍‌ନେସ୍'' ମାନ୍ୟତାରେ ଭାରତର ସ୍ଥାନ ବର୍ଷ 201୪ରେ 146ତମ ସ୍ଥାନରୁ ୪0ତମ ସ୍ଥାନରେ ପହଞ୍ଚିଥିଲା

## ଜଳମାର୍ଗରୁ ନବ ଭାରତର ନିର୍ମାଣ

- କାର୍ଗୋ ଏବଂ ଯାତ୍ରୀମାନଙ୍କ ଯିବାଆସିବା ପାଇଁ ଗଙ୍ଗା ଜଳମାର୍ଗ (ଜାତୀୟ ଜଳମାର୍ଗ–1)ର 5369 କୋଟି ଟଙ୍କାର ନିବେଶରେ ବିକାଶ କାର୍ଯ୍ୟ ଆରମ୍ଭ
- ବାରାଣସୀରେ ଗଙ୍ଗା ଉପରେ ସର୍ବପ୍ରଥମ ମଲ୍ଟି ମଡେଲ୍ ଟର୍ମିନାଲ୍‌ର ପ୍ରଚଳନ
- ଗଙ୍ଗାରେ ପ୍ରଥମଥର କୋଲକାତା–ବାରାଣସୀ ମଧ୍ୟରେ କଣ୍ଟେନର କାର୍ଗୋର ଚଳପ୍ରଚଳ ଆରମ୍ଭ
- ୪ଟି ନୂଆ ଜାତୀୟ ଜଳମାର୍ଗ ଉପରେ କାର୍ଯ୍ୟ ଆରମ୍ଭ
- ବ୍ରହ୍ମପୁତ୍ର ଉପରେ ରୋଲ୍ ଅନ୍–ରୋଲ୍ ଅଫ୍ ସେବା ଆରମ୍ଭ, ଯାହାଦ୍ୱାରା କାର, ଟ୍ରକ୍, ବସ୍‌କୁ ଜାହାଜରେ ନଦୀ ପାରି ହେବା ପାଇଁ ଲାଗୁଥିବା ସମୟର ସଞ୍ଚୟ
- ଉତ୍ତର–ପୂର୍ବାଞ୍ଚଳକୁ ଭାରତ–ବାଂଲାଦେଶ ପ୍ରୋଟୋକଲ୍ ରୁଟ୍ ମାଧ୍ୟମରେ ଯୋଡ଼ିବା ପାଇଁ ବାଂଲାଦେଶରେ ଜଳମାର୍ଗର ବିକାଶ ଦ୍ୱାରା ଗଙ୍ଗା ଓ ବ୍ରହ୍ମପୁତ୍ରକୁ ସଂଯୋଗ କରାଯାଇଛି
- କାର୍ଗୋ ପରିବହନ ପାଇଁ ଗଙ୍ଗା ଏବଂ ଏହାର ସହାୟକ ନଦୀଗୁଡ଼ିକୁ ସଂଯୋଗ କରାଯାଇ ନେପାଳକୁ କୋଲକାତା/ହଳଦିଆ ସାମୁଦ୍ରିକ ବନ୍ଦର ସହ ସଂଯୋଗୀକରଣ

## କ୍ରୁଜ୍ ଦ୍ୱାରା ପର୍ଯ୍ୟଟନକୁ ପ୍ରୋତ୍ସାହନ, ରୋଜଗାରର ନୂଆ ସୁଯୋଗ

- ମୁମ୍ବାଇ ଏବଂ ଗୋଆ ମଧ୍ୟରେ ପ୍ରଥମ ଘରୋଇ କ୍ରୁଜ୍ ସେବା ଆରମ୍ଭ
- ଭାରତକୁ ଯାତ୍ରାରେ ଆସୁଥିବା କ୍ରୁଜ୍‌ଗୁଡ଼ିକର ସଂଖ୍ୟା ବିଗତ ପାଞ୍ଚ ବର୍ଷରେ 102ରୁ ବୃଦ୍ଧି ପାଇ 139 ହୋଇଛି
- ବିଗତ ପାଞ୍ଚ ବର୍ଷରେ କ୍ରୁଜ୍ ଯାତ୍ରୀମାନଙ୍କ ସଂଖ୍ୟା ୪0,000ରୁ ବୃଦ୍ଧି ପାଇ 1,60,000ରୁ ଅଧିକ ହୋଇଛି
- ଗୋଆ ଏବଂ ଚେନ୍ନାଇଠାରେ ନୂଆ ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲ୍

## ସାଗରମାଳା ପ୍ରକଳ୍ପ ଦ୍ୱାରା ବନ୍ଦର ଆଧାରିତ ବିକାଶ

- ବନ୍ଦର କ୍ଷେତ୍ରରେ ଏ ପର୍ଯ୍ୟନ୍ତର ସବୁଠାରୁ ବଡ଼ ଏଫ୍‌ଡିଆଇ–7915 କୋଟି ଟଙ୍କାର ନିବେଶ ଦ୍ୱାରା ଜେଏନ୍‌ପିଟି, ମୁମ୍ବାଇରେ ଚତୁର୍ଥ କଣ୍ଟେନର୍ ଟର୍ମିନାଲ୍ ନିର୍ମାଣ
- ହରିଦାସପୁରରୁ ପାରାଦୀପ ପର୍ଯ୍ୟନ୍ତ ବନ୍ଦର ସଂଯୋଗୀକରଣ ପାଇଁ 2600 କୋଟି ଟଙ୍କା ବ୍ୟୟରେ ୪2 କିମି ନୂଆ ରେଳ ଲାଇନ୍ ନିର୍ମାଣ
- ବନ୍ଦର ସଡ଼କ ସଂଯୋଗୀକରଣ ପ୍ରକଳ୍ପରେ ଜେଏନ୍‌ପିଟିକୁ ସଂଶ୍ଳିଷ୍ଟ କରିବା ପାଇଁ 2,051 କୋଟି ଟଙ୍କା ବ୍ୟୟରେ 46 କିମିର 6/୪ ଲେନ୍ ସଡ଼କ ନିର୍ମାଣ କାର୍ଯ୍ୟ ଆରମ୍ଭ
- 5151 କୋଟି ଟଙ୍କା ବ୍ୟୟରେ କାମରାଜାର ବନ୍ଦରରେ 5 ଏମ୍‌ଟିପିଏର ଏଲ୍‌ଏନ୍‌ଜି ଆମଦାନୀ ଟର୍ମିନାଲ୍ ନିର୍ମିତ
- ୪11 କୋଟି ଟଙ୍କା ବ୍ୟୟରେ ଜବାହର ଦ୍ୱୀପ, ମୁମ୍ବାଇ ବନ୍ଦରରେ 22 ଏମ୍‌ଟିପିଏର ନୂଆ ଅଏଲ୍ ବର୍ଥ ନିର୍ମିତ
- 469 କୋଟି ଟଙ୍କା ବ୍ୟୟରେ ନ୍ୟୁ ମାଙ୍ଗାଲୋର ବନ୍ଦରରେ 1.7 ଏମ୍‌ଟିପିଏର ଯାନ୍ତ୍ରିକ କୋଇଲା ବର୍ଥ ନିର୍ମିତ
- 740 କୋଟି ଟଙ୍କା ବ୍ୟୟରେ ପାରାଦୀପ ବନ୍ଦରରେ 10 ଏମ୍‌ଟିପିଏ ଡିପ୍ ଡ୍ରାଫ୍ଟ ଆଇରନ୍ ଓର୍ ବର୍ଥର ନିର୍ମାଣ

## ବନ୍ଦର ପରିପାର୍ଶ୍ୱରେ ଔଦ୍ୟୋଗିକ କ୍ଷେତ୍ର ନିର୍ମାଣ

- 3,000 କୋଟି ଟଙ୍କା ନିବେଶ କ୍ଷମତାରୁ 6୪4 ଏକର ଉପରେ ଜେଏନ୍‌ପିଟି ସ୍ପେଶାଲ୍ ଇକୋନୋମିକ୍ ଜୋନ୍ ନିର୍ମାଣ ଆରମ୍ଭ, ଏଥିମଧ୍ୟରୁ 77 ଏକର ଭୂମି, ଉଦ୍ୟୋଗଗୁଡ଼ିକୁ ଆବଣ୍ଟିତ, ଏହାଦ୍ୱାରା 1.25 ଲକ୍ଷ ରୋଜଗାରର ସୃଜନ ହେବ
- 6,000 କୋଟି ଟଙ୍କାର ନିବେଶ କ୍ଷମତାରେ କାଣ୍ଡଲାଠାରେ 1,430 ଏକରର ସ୍ମାର୍ଟ ଇଣ୍ଡଷ୍ଟ୍ରିଆଲ୍ ପୋର୍ଟ ସିଟିର ନିର୍ମାଣ ଆରମ୍ଭ, ଯାହାଦ୍ୱାରା 50,000 ରୋଜଗାରର ସୃଜନ ହେବ
- 5,000 କୋଟି ଟଙ୍କାର ନିବେଶ କ୍ଷମତାରେ କାଣ୍ଡଲାଠାରେ 700 ଏକରର ସ୍ମାର୍ଟ ଇଣ୍ଡଷ୍ଟ୍ରିଆଲ୍ ପୋର୍ଟ ସିଟିର ନିର୍ମାଣ ଆରମ୍ଭ, ଯାହାଦ୍ୱାରା 11,350 ରୋଜଗାରର ସୃଜନ ହେବ

## ମେକ୍–ଇନ୍–ଇଣ୍ଡିଆ

- ଜଳଯାନ ବ୍ୟୟର 20% ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରି ପୋତ ନିର୍ମାଣକୁ ପ୍ରୋତ୍ସାହନ
- 2,୪00 କୋଟି ଟଙ୍କା ବ୍ୟୟରେ କୋଚିନ୍ ଶିପ୍‌ୟାର୍ଡ ଲିଃ ସବୁଠାରୁ ବଡ଼ ଡ୍ରାଏ ଡକ୍ ଏବଂ ଇଣ୍ଟରନ୍ୟାଶନାଲ ଶିପ୍ ମରାମତି କେନ୍ଦ୍ର ନିର୍ମାଣ
- ପ୍ରଥମ ଥର ପାଇଁ, ଚାର୍ଟରିଂ ଟେଣ୍ଡରରେ ''ରାଇଟ୍ ଅଫ୍ ଫାର୍ଷ୍ଟ ରିଫ୍ୟୁଜାଲ'' ମାଧ୍ୟମରେ ଭାରତରେ ନିର୍ମିତ ପୋତଗୁଡ଼ିକ ପାଇଁ ମାର୍କେଟିଂ ଓ ବ୍ୟବସାୟ ସହାୟତା

## ରୋଜଗାରରେ ବୃଦ୍ଧି, ସ୍ଥାୟୀ ଜୀବିକା ସୃଜନ

- 0୪ ଉପକୂଳବର୍ତ୍ତୀ ରାଜ୍ୟରେ 1470 କୋଟି ଟଙ୍କା ନିବେଶରେ 17 ଫିଶିଂ ହାର୍ବର୍‌ର ଆଧୁନିକୀକରଣ
- ସ୍ୱଦେଶୀ ଅଭିନବତା ଏବଂ ବୈଷୟିକ ସହାୟତା ପାଇଁ ଆଇଆଇଟି ଚେନ୍ନାଇରେ ବନ୍ଦର, ଜଳମାର୍ଗ ଏବଂ ତଟ ପାଇଁ ନ୍ୟାଶନାଲ ଟେକ୍ନୋଲୋଜି ସେଣ୍ଟର ସ୍ଥାପନ
- ମୁମ୍ବାଇ ଏବଂ ବିଶାଖାପାଟଣାରେ ମ୍ୟାରିଟାଇମ୍ ଏବଂ ଜାହାଜ ନିର୍ମାଣ ପାଇଁ ଅତ୍ୟାଧୁନିକ ଏବଂ ଉଚ୍ଚକୋଟିର ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ, ଏହା ଏସିଆର ଏପରି ପ୍ରଥମ କେନ୍ଦ୍ର ଅଟେ
- ଉପକୂଳବର୍ତ୍ତୀ ଏବଂ ଅନ୍ତର୍ଦେଶୀୟ ଜଳମାର୍ଗ ପାଇଁ ପୋତ ଡିଜାଇନ୍ ଏବଂ ପୋତ ନିର୍ମାଣ କ୍ଷେତ୍ରରେ ଗବେଷଣା ଓ ପରୀକ୍ଷଣ ଲାଗି ଆଇଆଇଟି ଖଡ଼ଗପୁରରେ ନୂଆ ଟେକ୍ନୋଲୋଜି କେନ୍ଦ୍ର ସ୍ଥାପନ
- ଅଲାଙ୍ଗ, ଗୁଜରାଟଠାରେ ବିଶ୍ୱର ସବୁଠାରୁ ବଡ଼ ଶିପ୍ ବ୍ରେକିଂ ୟାର୍ଡରେ ସମସ୍ତ ଶ୍ରମିକଙ୍କୁ ପ୍ରଶିକ୍ଷଣର ସୁବିଧା
- ବିଗତ ପାଞ୍ଚବର୍ଷ ଅବଧିରେ ନାବିକଙ୍କ ନିୟୋଜନ ସଂଖ୍ୟା 1 ଲକ୍ଷରୁ ବୃଦ୍ଧି ପାଇ 2 ଲକ୍ଷରେ ପହଞ୍ଚିଛି

SAGARMALA
PORT-LED PROSPERITY

ଏବେ ଅସମ୍ଭବ
ହୋଇଛି ସମ୍ଭବ

davp 37201/13/0009/1819



www.sagarmala.gov.in | www.shipping.nic.in  facebook.com/ShipminIndia  twitter.com/shipmin_india

### ଏସ୍‌ସିବି ପଲ୍‌ମନାରୀ ମେଡିସିନ ବିଭାଗ

# ସେଣ୍ଟର ଅଫ୍ ଏକ୍ସଲେନ୍ସ ପାଇଁ ମିଳିଲା ଅନୁମତି

**କଟକ ଅଫିସ, ୬।୩**

- ପ୍ରକଳ୍ପ ପାଇଁ ଖର୍ଚ୍ଚ ହେବ ୨୦ କୋଟି
- କୋଠା ନିର୍ମାଣ ପାଇଁ ୫.୩ କୋଟିର ଅନୁଦାନ ଗୃହୀତ

ଏସ୍‌ସିବି ମେଡିକାଲର ଯକ୍ଷ୍ମା ଓ ଛାତି ରୋଗ ବିଭାଗ (ପଲ୍‌ମନାରୀ ମେଡିସିନ)କୁ ଉତ୍କୃଷ୍ଟ ଚିକିତ୍ସା ପ୍ରତିଷ୍ଠାନ (ସେଣ୍ଟର ଅଫ୍ ଏକ୍ସଲେନ୍ସ) କରିବା ପାଇଁ ପ୍ରଶାସନିକ ଅନୁମତି ମିଳିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଉକ୍ତ ବିଭାଗରେ ପ୍ରାଥମିକ ପର୍ଯ୍ୟାୟରେ ଏକ ୭ ମହଲା କୋଠା ନିର୍ମାଣ ନିମନ୍ତେ ୫ କୋଟି ୩ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ଗୃହୀତ ହୋଇଛି। ମୋଟ ୨୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ନିର୍ମାଣ ବିଭାଗ ପକ୍ଷରୁ ଏକ ଚିଠି ଏସ୍‌ସିବି ମେଡିକାଲରେ ପହଞ୍ଚିଛି।

ସେଣ୍ଟର୍ ଅଫ୍ ଏକ୍ସଲେନ୍ସ ହେବା ଦ୍ୱାରା ଉକ୍ତ ବିଭାଗରେ ସୁପର ସ୍ପେଶିଆଲିଟି ପାଠ୍ୟକ୍ରମ ସମେତ ପିଏଫ୍‌ଟି (ପଲ୍‌ମନାରୀ ଫଙ୍କଶନ ଟେଷ୍ଟ), ରେସ୍‌ପିରେଟୋରି ଫିଜିଓଥେରାପିଷ୍ଟ ପାଠ୍ୟକ୍ରମ ଆଦି ଆରମ୍ଭ କରାଯିବ। ଏହାବାଦ ଇବୋସ୍ ଚିକିତ୍ସା ପ୍ରଣାଳୀ ମାଧ୍ୟମରେ ଛାତିରେ ହେଉଥିବା କର୍କଟ ରୋଗର ଚିକିତ୍ସା ସମେତ ଇଣ୍ଟରଭେନ୍‌ଶନ ପଲ୍‌ମୋଲୋଜି ଆଦି ଜଟିଳ ଯକ୍ଷ୍ମାର ଚିକିତ୍ସା କରାଯାଇପାରିବ। ସେହିଭଳି ଲେଜର ଓ ସିଆର୍‌ଓ ଚିକିତ୍ସା ପ୍ରଣାଳୀ ମଧ୍ୟ ଆରମ୍ଭ କରାଯିବ। ୧୦ ବେଡ୍ ବିଶିଷ୍ଟ ଆଇସୋଲେଶନ ଆଇସିୟୁ ୟୁନିଟ୍ ନିର୍ମାଣ କରାଯିବ। ଏହା ପରେ ଅନେକ ଅତ୍ୟାଧୁନିକ ଯନ୍ତ୍ରପାତି ଯଥା ରିଜିଡ୍ ବ୍ରୋଙ୍କୋସ୍କୋପି ପ୍ରଭୃତି ମେଶିନ ଆସିବ ବୋଲି ପଲ୍‌ମନାରୀ ବିଭାଗର ବରିଷ୍ଠ ପ୍ରଫେସର ଡା. ମନୋରଞ୍ଜନ ପଟ୍ଟନାୟକ କହିଛନ୍ତି। ରିଜିଡ ବ୍ରୋଙ୍କୋସ୍କୋପି ମାଧ୍ୟମରେ ଛୋଟ ପିଲାମାନେ ବିଭିନ୍ନ ସମୟରେ ଗିଳି ଦେଉଥିବା କଏନ୍ ଓ ଅନ୍ୟାନ୍ୟ ବାହ୍ୟ ପଦାର୍ଥକୁ କାଢିବାରେ ସହଜ ହେବ ବୋଲି ଡାକ୍ତର ପଟ୍ଟନାୟକ ସୂଚନା ଦେଇଛନ୍ତି।

### ବାଣୀବିହାର ଛାତ୍ର ଆନ୍ଦୋଳନ ସମୟରେ ମହିଳାଙ୍କ ମୃତ୍ୟୁ ଘଟଣା

# ସରକାରଙ୍କୁ ହାଇକୋର୍ଟଙ୍କ ରିପୋର୍ଟ ତଲବ



**କଟକ ଅଫିସ, ୬।୩**

୨୦୧୫ ସେପ୍ଟେମ୍ବର ୨୬ ତାରିଖରେ ବାଣୀବିହାର ସମ୍ମୁଖ ଜାତୀୟ ରାଜପଥରେ ଚାଲିଥିବା ଛାତ୍ର ଆନ୍ଦୋଳନ ଯୋଗୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ସେ ହେଲେ ଜାମ୍‌ସେଦ୍‌ପୁର ଅଞ୍ଚଳର ସୁମନ ଶର୍ମା। ବାଣୀବିହାରରେ ନିର୍ବାଚନ ବାତିଲକୁ ନେଇ ଆନ୍ଦୋଳନକାରୀ ଛାତ୍ରମାନେ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରୁ ବାହାରି ସମ୍ମୁଖ ଜାତୀୟ ରାଜପଥରେ ଆନ୍ଦୋଳନ ଚଳାଇଥିଲେ। ଏହି ସମୟରେ ସେହି ରାସ୍ତା ଦେଇ ସୁମନ କାର ଯୋଗେ ଘରକୁ ଫେରୁଥିଲେ। ତେବେ ଆନ୍ଦୋଳନକାରୀ ଛାତ୍ରମାନେ ତାଙ୍କ କାରକୁ ଭଙ୍ଗାରୁଜା କରିବା ପରେ ସେ କାର ଭିତରେ ଅଚେତ ହୋଇପଡ଼ିଥିଲେ। ଏହାପରେ ପୋଲିସ ତାଙ୍କୁ କାର ଭିତରୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ନେଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ସୁମନଙ୍କ ମୃତ୍ୟୁକୁ ନେଇ ସାମାଜିକ ଅନୁଷ୍ଠାନ ମୈତ୍ରୀ ସଂସଦ ପକ୍ଷରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା। ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ୍ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରି ସରକାରଙ୍କୁ ଏ ସମ୍ପର୍କରେ ରିପୋର୍ଟ ତଲବ କରିଛନ୍ତି। ମୁଖ୍ୟତଃ ଏଭଳି ପରିସ୍ଥିତିକୁ ଏଡାଇବା ପାଇଁ ସରକାର କିଭଳି ପଦକ୍ଷେପମାନ ଗ୍ରହଣ କରିଛନ୍ତି, ସେ ସମ୍ପର୍କରେ ସତ୍ୟପାଠ ଜରିଆରେ ଜବାବ ରଖିବାକୁ ଖଣ୍ଡପୀଠ ଆଦେଶ ଦେଇଛନ୍ତି। ଆସନ୍ତା ଏପ୍ରିଲ ୧୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ଆବେଦନକାରୀଙ୍କ ପକ୍ଷରୁ ଆଡ୍‌ଭୋକେଟ ଅଜୟ ମହାନ୍ତି ମାମଲା ପରିଚାଳନା କରୁଛନ୍ତି। ମହାନ୍ତି କହିଛନ୍ତି ଯେ, ପ୍ରଥମତଃ ଉତ୍ୟକ୍ତ ଛାତ୍ରମାନେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରୁ ବାହାରି ରାଜପଥ ଉପରକୁ ଆସିଥିଲେ ମଧ୍ୟ ପୋଲିସ ସେଠାରେ ନୀରବଦ୍ରଷ୍ଟା ସାଜିଥିଲା। ସେହିପରି ଆନ୍ଦୋଳନକାରୀମାନେ ସୁମନଙ୍କ ଗାଡ଼ିକୁ ଭଙ୍ଗାରୁଜା କରିବା ପରେ ସେ ସେଠାରେ ଅଚେତ ହୋଇପଡ଼ିଥିଲେ। ବାଣୀବିହାର ଓ ସନ୍ନିକଟ ଅଞ୍ଚଳରେ ଅନେକ ଡାକ୍ତରଖାନା ଥିଲେ ମଧ୍ୟ ତାଙ୍କୁ ସେଠାରୁ ଦୂର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯିବା ଦ୍ୱାରା ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାର ନିରପେକ୍ଷ ତଦନ୍ତ ପାଇଁ ମୈତ୍ରୀ ସଂସଦ ପକ୍ଷରୁ ପୂର୍ବରୁ ମୁଖ୍ୟ ଶାସନ ସଚିବଙ୍କ ସମେତ ବହୁ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଲିଖିତ ଦାବି କରାଯାଇଥିଲା। ଯେହେତୁ ଆନ୍ଦୋଳନକାରୀମାନେ ବିଭିନ୍ନ ରାଜନୈତିକ ସଂଗଠନ ସହ ଜଡ଼ିତ ଅଛନ୍ତି, ତେଣୁ ସରକାର ଏହାର ନିରପେକ୍ଷ ତଦନ୍ତ କରି ନ ଥିଲେ। ଫଳରେ ସଂସଦ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ କରାଯାଇଥିଲା।

### ମଦ ବିରୋଧୀଙ୍କୁ ଏସିପି ଚାପୁଡ଼ା ମାରିବା ଘଟଣା

# ଏନ୍‌ଏଚ୍‌ଆରସିରେ ଅଭିଯୋଗ

**କଟକ ଅଫିସ,୬।୩**

ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଏବଂ ମଦମୁକ୍ତି ଯୁବ ବାହିନୀ ପକ୍ଷରୁ ମଙ୍ଗଳବାର କଟକରେ ଶୋଭାଯାତ୍ରା କରାଯାଉଥିଲା। ଏହି ସମୟରେ ବାଦାମବାଡି ନିକଟରେ ପୋଲିସ ସେମାନଙ୍କୁ ରୋକିବାକୁ ଚେଷ୍ଟା କରିଥିଲା। ଏହାକୁ ନେଇ ଅଭିଯାନର କର୍ମୀମାନଙ୍କ ସହ ପୋଲିସର ଯୁକ୍ତିତର୍କ ହେବାରୁ କଟକ ଜୋନ୍-୨ ଏସିପି ଏସ୍‌କେ ସପ୍ରୁଦ୍ଦିନ ଅଭିଯାନ କର୍ମୀ ଉମେଶ କୁମାର ନାୟକଙ୍କୁ ଚାପୁଡ଼ା ମାରିଥିଲେ। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଲୋକମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ତେବେ ଏହି ଘଟଣାକୁ ନେଇ ଗୁରୁବାର ଅଭିଯାନ ତରଫରୁ ଡିଜିପିଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି ଉମେଶ କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ଉପରେ ମାନବାଧିକାର କର୍ମୀ ସୁଜିତ କୁମାର ସାହୁ ବୁଧବାର ଅନ୍‌ଲାଇନ ଜରିଆରେ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆରସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। କେଉଁ ଆଇନ ବଳରେ ପୋଲିସ ସାଧାରଣ ଜନତାଙ୍କ ଉପରେ ହାତ ଉଠାଇଲା ବୋଲି ସେ ଅଭିଯୋଗରେ ପ୍ରଶ୍ନ ଉଠାଇଛନ୍ତି। ତେବେ ଏହି ଘଟଣା ଉପରେ ପ୍ରତିକ୍ରିୟା ରଖି ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି, ବିଶୃଙ୍ଖଳା କରୁଥିବା ପୋଲିସ କର୍ମଚାରୀ ଅବା ଅଫିସରଙ୍କୁ ବରଦାସ୍ତ କରାଯିବନି। ଯଦି ଆଇନକୁ ହାତକୁ ନେଇ କୌଣସି ପୋଲିସ କର୍ମଚାରୀ କିମ୍ବା ଅଫିସର ସାଧାରଣ ଜନତାଙ୍କୁ ଆଘାତ କରନ୍ତି, ତେବେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ସମସ୍ତ ରେଞ୍ଜର ଆଇଜି, ଡିଆଇଜି ଏବଂ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

**ପୋଲିସର ବିଶୃଙ୍ଖଳାକୁ ବରଦାସ୍ତ କରାଯିବନି: ଡିଜିପି**

# ଦୋଳପୂର୍ଣ୍ଣିମା ନୀତି ନିର୍ଘଣ୍ଟ

**ପୁରୀ ଅଫିସ,୬।୩**

ଆସନ୍ତା ୨୧ ତାରିଖରେ ଦୋଳପୂର୍ଣ୍ଣିମା। ଏହିଦିନ ମହାପ୍ରଭୁଙ୍କ ରାଜାଧିରାଜ ବା ସୁନାବେଶ ଅନୁଷ୍ଠିତ ହେବ। ସକାଳ ୮ଟାରୁ ସାଢେ ୯ଟା ମଧ୍ୟରେ ଦାରୁବିଗ୍ରହଙ୍କ ଏହି ଦୁର୍ଲଭ ବେଶ ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ବୁଧବାର ନୀତି ସବ୍ କମିଟି ବୈଠକରେ ଦୋଳ ପୂର୍ଣ୍ଣିମା ଏବଂ ମେଣ୍ଢାପୋଡ଼ି ନୀତି ନିର୍ଘଣ୍ଟ କରାଯାଇଛି। ଏହି ବୈଠକରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଅଧ୍ୟକ୍ଷତା କରିଥିଲେ।ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ୨୦ ତାରିଖରେ ମେଣ୍ଢାପୋଡ଼ି ନୀତିକୁ ସଅଳ ସାରି ରାତି ୧୨ଟାରେ ପହୁଡ଼ କରାଯିବ। ରାତ୍ର ୩ଟାରେ ଦ୍ୱାର ଫିଟାଯାଇ ଅନ୍ୟାନ୍ୟ ନୀତି ଚାଲିବ। ୨୧ତାରିଖ ପୂର୍ବାହ୍ନ ୧୦ଟାରେ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ବିମାନକୁ ବିଜେ କରିବେ। ପୂର୍ବାହ୍ନ ସାଢେ ୧୧ଟା ସୁଦ୍ଧା ବେଢା ପରିକ୍ରମା କରିସାରିବା ପରେ ଦୋଳବେଦିକୁ ବିଜେ କରିବେ। ପରେ ଅନ୍ୟାନ୍ୟ ନୀତି ସରି ରାତି ୧୦ଟା ୩୫ରେ ଦାରୁବିଗ୍ରହଙ୍କ ସୁନାବେଶ ମଇଲମ ବା ଓଲାଗି କରାଯିବ। ରାତ୍ର ୩ଟା ୪୫ରେ ରାତ୍ର ପହୁଡ଼ ହେବା ଲାଗି ନୀତି ନିର୍ଘଣ୍ଟ ହୋଇଛି।

# ପ୍ରଶାନ୍ତ କୁମାର ସେନାପତି ରାଜସ୍ୱ ପର୍ଷଦର ନୂତନ ସଚିବ

**କଟକ ଅଫିସ, ୬।୩**

ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ପ୍ରଶାନ୍ତ କୁମାର ସେନାପତି ବୁଧବାର ରାଜସ୍ୱ ପର୍ଷଦର ନୂତନ ସଚିବ ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ସେନାପତି ରାଜସ୍ୱ ପର୍ଷଦର ସଦସ୍ୟ ଜି.ଭି.ଭି. ଶର୍ମାଙ୍କୁ ସାକ୍ଷାତ କରି ତାଙ୍କର ଯୋଗଦାନ ସମ୍ପର୍କରେ ଅବଗତ କରାଇବା ସହିତ ରାଜସ୍ୱ ପର୍ଷଦର ବିଭିନ୍ନ କାର୍ଯ୍ୟକ୍ରମ ତଥା ସମସ୍ୟା ସମ୍ପର୍କରେ ଅଧିକାରୀ ଓ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। ରାଜସ୍ୱ ପର୍ଷଦର ବିଭିନ୍ନ ଶାଖା ପକ୍ଷରୁ ଅଧିକାରୀ ଓ କର୍ମଚାରୀମାନେ ନୂତନ ସଚିବଙ୍କୁ ସାକ୍ଷାତ କରି ସ୍ୱାଗତ କରିବା ସହିତ ଶୁଭେଚ୍ଛା ଜଣାଇଥିଲେ।

# ମାଟ୍ରିକ୍ ବିଜ୍ଞାନ ପରୀକ୍ଷା: ୨୭୯ ମାଲପ୍ରାକ୍ଟିସ

**କଟକ ଅଫିସ, ୬।୩**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ମାଟ୍ରିକ ପରୀକ୍ଷାରେ ବୁଧବାର ବିଜ୍ଞାନ ପରୀକ୍ଷା ଥିଲା। ଏଥିରେ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ମୋଟ ୨୭୯ଜଣ କପି କରି ମାଲପ୍ରାକ୍ଟିସ ହୋଇଥିବା ବୋର୍ଡ ପକ୍ଷରୁ ସୂଚନା ମିଳିଛି। ତେବେ ଶାନ୍ତିଶୃଙ୍ଖଳାରେ ପରୀକ୍ଷା ଚାଲିଥିବା ବୋର୍ଡ ସଭାପତି ଡ. ଜହାଁ ଆରା ବେଗମ କହିଛନ୍ତି।

# ମୁଖ୍ୟ ଆକର୍ଷଣ ସାଜିଲା ପଣ୍ଡିତ ବିର୍ଜୁ ମହାରାଜଙ୍କ କଥକ ନୃତ୍ୟ



**ଭୁବନେଶ୍ୱର,୬।୩(ବ୍ୟୁରୋ)**

**ବୃନ୍ଦାବନ ମହୋତ୍ସବ**

ଏସ୍‌ବିଆଇ, ଏସ୍‌ବିଆଇ ମିଚୁଆଲ ଫଣ୍ଡ ଏବଂ ବୃନ୍ଦାବନ ଗୁରୁକୁଳର ମିଳିତ ଆନୁକୂଲ୍ୟରେ ଗତ ୩ତାରିଖରେ ସୋଆ ବିଶ୍ୱବିଦ୍ୟାଳୟ ଅଡିଟୋରିୟମ୍‌ଠାରେ 'ବୃନ୍ଦାବନ ମହୋତ୍ସବ' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପଦ୍ମବିଭୂଷଣ ପଣ୍ଡିତ ହରିପ୍ରସାଦ ଚୌରାସିଆ ଓ ଏସ୍‌ବିଆଇ ମୁଖ୍ୟ ମହାପ୍ରବନ୍ଧକ ପ୍ରବୀଣା କାଲା ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୩ ମହାପ୍ରବନ୍ଧକ ଦେବୀ ଶଙ୍କର ମିଶ୍ର, ଗୌତମ ଭଟ୍ଟାଚାର୍ଯ୍ୟ ଓ ଅବନୀ କୁମାର ଗୁପ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ପଦ୍ମବିଭୂଷଣ ପଣ୍ଡିତ ବିର୍ଜୁ ମହାରାଜଙ୍କ ଦ୍ୱାରା ପରିବେଷିତ କଥକ ନୃତ୍ୟ ମୁଖ୍ୟ ଆକର୍ଷଣ ସାଜିଥିଲା। ତାଙ୍କୁ ତବଲାରେ ଯୋଗେଶ ଶାମ୍‌ସୀ ଓ ସିତାରରେ ପୂର୍ବେନ ଚାଟାର୍ଜୀ ସହଯୋଗ କରିଥିଲେ।

# ୮ରୁ ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**କଟକ ଅଫିସ, ୬।୩**

ବିଭିନ୍ନ ଦାବି ନେଇ ରାଜ୍ୟର ବିଭିନ୍ନ ଅଗ୍ନିଶମ କେନ୍ଦ୍ରରେ ଆସନ୍ତା ୮ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅଗ୍ନିଶମ କର୍ମଚାରୀମାନେ ଆନ୍ଦୋଳନ କରିବେ। ଏଥିରେ ୫ ହଜାରରୁ ଊର୍ଦ୍ଧ୍ୱ ଅଗ୍ନିଶମ କର୍ମଚାରୀ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ଏହି ସମୟ ମଧ୍ୟରେ ଯଦି ଲୋକଙ୍କର କୌଣସି କ୍ଷତି ଘଟେ, ଏଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ବୁଧବାର ବକ୍ସିବଜାରସ୍ଥିତ ଅଗ୍ନିଶମ କେନ୍ଦ୍ର ସଂଘ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ପକ୍ଷରୁ କୁହାଯାଇଛି। ସମ୍ମିଳନୀରେ ରବୀନ୍ଦ୍ର କେତନ ସାହୁ, ଅକ୍ଷୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ଗୃହ ମନ୍ତ୍ରଣାଳୟ
ଭାରତ ସରକାର



## ଏନ୍.ଡି.ଆର୍.ଏଫ୍. - ବିପର୍ଯ୍ୟୟରୁ ସୁରକ୍ଷାକୁ ସୁନିଶ୍ଚିତ କରୁଛି

ବନ୍ୟା, ବାତ୍ୟା, ସୁନାମି ହେଉ କିମ୍ବା ଔଦ୍ୟୋଗିକ ବିପର୍ଯ୍ୟୟ, ଏନ୍.ଡି.ଆର୍.ଏଫ୍. ଦେଶର ସେବା ପାଇଁ ସଦା ତତ୍ପର । ଆମର ସିଦ୍ଧାନ୍ତ ହେଉଛି **ଆପଦା ସେବା ସଦୈବ**। ବିପର୍ଯ୍ୟୟ ସମୟରେ ଏନ୍.ଡି.ଆର୍.ଏଫ୍. ସାଧାରଣ ନାଗରିକଙ୍କ ପ୍ରକୃତ ସାଥୀ ଏବଂ ଜୀବନରକ୍ଷକ ହେବା ସହିତ ବିପର୍ଯ୍ୟୟ ନିରୋଧୀ ନାଗରିକ-କ୍ଷମତା ନିର୍ମାଣ ଏବଂ ସଶକ୍ତୀକରଣ କ୍ଷେତ୍ରରେ କାର୍ଯ୍ୟରତ।

ଏନ୍.ଡି.ଆର୍.ଏଫ୍. ବର୍ଷ **୨୦୧୯ର ପ୍ରଥମ ସୁଭାଷ ଚନ୍ଦ୍ର ବୋଷ ବିପର୍ଯ୍ୟୟ ପରିଚାଳନା ପୁରସ୍କାରରେ** ସମ୍ମାନିତ ହୋଇଥିଲା। ଏନ୍.ଡି.ଆର୍.ଏଫ୍.କୁ ନିଜର ତତ୍ପରତା ଏବଂ କର୍ତ୍ତବ୍ୟପରାୟଣତା ପାଇଁ **ଆଞ୍ଜେଲ୍‌ସ ଇନ୍ ଅରେଞ୍ଜ - Angels In Orange -** ମଧ୍ୟ କୁହାଯାଇଥାଏ !

**ବିଗତ କିଛି ବର୍ଷରେ ଏନ୍.ଡି.ଆର୍.ଏଫ୍. ଦ୍ୱାରା ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ-**

- ଏନ୍.ଡି.ଆର୍.ଏଫ୍. ବାଟାଲିୟନ୍‌ର ସଂଖ୍ୟା ୧୨ରୁ ବୃଦ୍ଧି ପାଇଁ ୧୬ ହୋଇଛି।
- ରିଜିଓନାଲ ରେସ୍‌ପନ୍ସ ସେଣ୍ଟର ୨୩ରୁ ବୃଦ୍ଧି ପାଇ ୨୮ ହୋଇଛି ।
- ୧୭୪୦ ଉଦ୍ଧାର ଓ ସହାୟତା ଅପରେଶନ୍ ସଞ୍ଚାଳିତ ।
- ୫୫ ହଜାର ଜୀବନ ରକ୍ଷା କରାଯାଇଛି ଏବଂ ୩.୩୦ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ପହଞ୍ଚାଯାଇଛି।
- ୨୨ ଲକ୍ଷ ନାଗରିକଙ୍କୁ ୪୩୮୦ ଗୋଷ୍ଠୀ ସଚେତନତା ଶିବିର ଦ୍ୱାରା ପ୍ରଶିକ୍ଷିତ କରାଯାଇଛି।
- ୮ ଲକ୍ଷ ଛାତ୍ରଛାତ୍ରୀଙ୍କୁ ୧୯୩୫ ବିଦ୍ୟାଳୟ ସୁରକ୍ଷା ଶିବିର ଜରିଆରେ ପ୍ରଶିକ୍ଷିତ କରାଯାଇଛି।
- ୭.୫ ଲକ୍ଷ ଲୋକ ୧୮୦୦ ମକ୍ ବିପର୍ଯ୍ୟୟ-ପ୍ରତ୍ୟୁତ୍ତର ଅଭ୍ୟାସରେ ଭାଗ ନେଇଛନ୍ତି।
















NDRF · INDIA
Saving Lives & Beyond...
www.ndrf.gov.in

ଏବେ ଅସମ୍ଭବ ହୋଇଛି ସମ୍ଭବ

davp 19101/13/0022/1819



ମହାନ୍ ପୁରୁଷ ଓ ମହାନ୍ ମହିଳାଙ୍କଠାରୁ ଏ ଦୁନିଆରେ ବଡ଼ କିଛି ନାହିଁ। ଲୋକେ ସେମାନଙ୍କୁ ବିଶ୍ୱାସ କରନ୍ତି। ସେହି ମହାନ୍ ପୁରୁଷ ଓ ମହିଳାମାନେ ୯୯ ପ୍ରତିଶତ ଠିକ୍ ତୁମ ଭଳି।
-କୋପରନିକସ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ପରିଚୟ ଫାଉଣ୍ଡେଶନ ପକ୍ଷରୁ ଅଲ ଓମେନ ହେରିଟେଜ ୱାକ୍, ମୁକ୍ତେଶ୍ୱର ମନ୍ଦିର, ସକାଳ ୬ଟା ୩୦।
- ଲୋକ ପ୍ରଶାସନ ବିଭାଗ ପକ୍ଷରୁ ଜାତୀୟ ସେମିନାର, କନଫରେନ୍ସ ହଲ,ଡିଡିସିଇ, ଉତ୍କଳ ୟୁନିଭରସିଟି, ପୂର୍ବାହ୍ନ ୧୦ଟା।
- ପିପୁଲ୍ସ ମେନିଫେଷ୍ଟୋ ଅନ ଫୁଡ ଆଣ୍ଡ ନ୍ୟୁଟ୍ରିଶନ, ପାନ୍ଥ ନିବାସ, ପୂର୍ବାହ୍ନ ୧୦ଟା ୩୦।
- ସିପିଆଇ(ଏମ୍), ଓଡ଼ିଶା ଆଦିବାସୀ ଅଧିକାରୀ ମଞ୍ଚ, ଓଡ଼ିଶା ଦଳିତ ଶୋଷଣ ମୁକ୍ତି ମଞ୍ଚ, ଓଡ଼ିଶା କୃଷକ ସଭା, ଓଡ଼ିଶା କ୍ଷେତମଜଦୁର ୟୁନିୟନ ପକ୍ଷରୁ ପଦଯାତ୍ରା, କଳିଙ୍ଗ ଷ୍ଟୁଡିଓ ଛକ(ଭରତପୁର), ପୂର୍ବାହ୍ନ ୧୧ଟା ୩୦।
- ଜୋନ୍‌ସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ, ଖଦି ବୋର୍ଡ କାର୍ଯ୍ୟାଳୟ ପରିସର, ଜନପଥ, ଖାରବେଳ ନଗର, ଅପରାହ୍ନ ୨ଟାରୁ ରାତି ୯ଟା।
- ବରିଷ୍ଠ ଅନୁସନ୍ଧାନକାରୀ ସାମ୍ବାଦିକ ଭୂପେନ୍ଦ୍ର ସିଂ ପଟେଲଙ୍କ 'ଓ୍ୱାନ ଅଫ ଦ ବିଗେଷ୍ଟ ଏକ୍ସପୋଜ' ଡକ୍ୟୁମେଣ୍ଟ, ପ୍ରେସ କ୍ଲବ ଅଫ ଓଡ଼ିଶା, ଅପରାହ୍ନ ୩ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପୁସ୍ତକ ଚର୍ଚ୍ଚା କାର୍ଯ୍ୟକ୍ରମ, ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପରିସର, ସନ୍ଧ୍ୟା ୬ଟା।
- ପରିଚୟ ଫାଉଣ୍ଡେଶନ ପକ୍ଷରୁ ଆର୍ଯ୍ୟ ଆୱାର୍ଡ୍ସ, ହୋଟେଲ କ୍ରାଉନ, ସନ୍ଧ୍ୟା ୬ଟା।
- ଓରିଶା ମଡର୍ନ ଆର୍ଟ ଗ୍ୟାଲେରି ପକ୍ଷରୁ ପ୍ରଦର୍ଶନୀ ଉତ୍ସବ, ଓରିଶା ମଡର୍ନ ଆର୍ଟ ଗ୍ୟାଲେରି, ଫରେଷ୍ଟ ପାର୍କ, ସନ୍ଧ୍ୟା ୬ଟା।
- ବୟନିକା, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଜାତୀୟ ହସ୍ତତନ୍ତ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡିଆ, ସନ୍ଧ୍ୟା ୬ଟା ୩୦।
- ଶ୍ରୁତି ପକ୍ଷରୁ ଚତୁର୍ଦ୍ଦଶ ଓଡ଼ିଶୀ ସଙ୍ଗୀତ ଓ ଲଘୁ ସଙ୍ଗୀତ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ଧାରା ଶ୍ରୀ ରାଧା ଟ୍ରଷ୍ଟ ପକ୍ଷରୁ ପୁସ୍ତକ ଉନ୍ମୋଚନ ଉତ୍ସବ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର,ଜାଭିୟର ଛକ, ଜୟଦେବ ବିହାର, ସନ୍ଧ୍ୟା ୬ଟା ୩୦।
- ଜୀବନ ରେଖା ସଂସ୍ଥାର ନାଟ୍ୟ ଉତ୍ସବ ରଙ୍ଗ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା ୨୫।

# ସମ୍ପରେ ଶ୍ୱାସରୁଦ୍ଧ ହୋଇ ଶ୍ରମିକ ମୃତ

■ ଚାବିରେ ରହିଗଲା ହାତ, ପଶିଗଲା ପାଣି
■ ଠିକାଦାରଙ୍କ ଗିରଫ ଦାବିରେ ଥାନା ଘେରାଉ

**ଭୁବନେଶ୍ୱର, ୬।୩(ବ୍ୟୁରୋ)**



ଉତ୍ତ୍ୟକ୍ତ ଲୋକେ ଥାନା ଘେରାଉ କରୁଛନ୍ତି।

ରାଜଧାନୀରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଶହୀଦନଗର ଥାନା ଅନ୍ତର୍ଗତ ଭିଏସ୍‌ଏସ୍ ନଗରସ୍ଥିତ ତାରିଣୀ ବସ୍ତିରେ ପାଇପ୍ ଲାଇନ୍ କାମ ଚାଲିଥିବାବେଳେ ସମ୍ପ ଭିତରେ ପାଣି ପଶିଯିବାରୁ ଶ୍ୱାସରୁଦ୍ଧ ହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ଶ୍ରମିକ ହେଲେ ନୟାପଲ୍ଲୀ ଗଣପତି ବସ୍ତିର ବି.ରୁଦ୍ର ଦୋରା। ଘଟଣା ପରେ ଠିକାଦାର ଫେରାର ହୋଇଯାଇଥିବାବେଳେ ମୃତକଙ୍କ ପରିବାର ଲୋକେ ଓ ସମ୍ପର୍କୀୟ ଥାନା ଆଗରେ ଧାରଣା ଦେଇଥିଲେ। ସୂଚନାଯୋଗ୍ୟ, ଭିଏସ୍‌ଏସ ନଗର ତାରିଣୀ ବସ୍ତିରେ ଥିବା ଏକ ପାଣି ସମ୍ପର କାମ ଚାଲିଥିଲା । ସମ୍ପର ଭିତରେ ରହି ରୁଦ୍ର କାମ କରୁଥିବାବେଳେ ତାଙ୍କ ହାତ ସମ୍ପ୍ ଚାବି ଭିତରେ ପଶି ଯାଇଥିଲା। ହାତ ବାହାର କରିବାକୁ ରୁଦ୍ର ଉଦ୍ୟମ କରୁଥିବାବେଳେ କେହି ଜଣେ ହଠାତ୍ ପାଣି ଚାବି ଖୋଲିଦେଇଥିଲେ। ଫଳରେ ସମ୍ପକୁ ପାଣି ଆସି ଯାଇଥିଲା। ସମ୍ପରେ ପାଣି ବଢୁଥିବାବେଳେ ରୁଦ୍ର ବଞ୍ଚାଅ ବଞ୍ଚାଅ କହି ଚିତ୍କାର କରୁଥିଲେ। ସେଠାରେ ଉପସ୍ଥିତ ଅନ୍ୟମାନେ ରୁଦ୍ରଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ମାତ୍ର ହାତଟି ଚାବିରୁ ବାହାରି ପାରି ନ ଥିଲା। ଫଳରେ କିଛି ସମୟ ମଧ୍ୟରେ ରୁଦ୍ର ପାଣି ଭିତରେ ବୁଡି ଯାଇଥିଲେ। ଅନ୍ୟମାନଙ୍କ ଆଖି ସାମ୍ନାରେ ଏହି ହୃଦୟ ବିଦାରକ ଘଟଣା ଘଟିଥିଲା। ଘଟଣାକୁ ନେଇ ସେଠାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ କଳ୍ପନା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ପାଣିରୁ ରୁଦ୍ରଙ୍କୁ ବାହାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ବ୍ରିଟିଶ ବୈଜ୍ଞାନିକ ଆସର୍ ମିନ୍‌ସଙ୍କ ସହ ଅନ୍ୟମାନେ।

# ବ୍ରିଟିଶ୍ ବୈଜ୍ଞାନିକ ଆସର୍ ମିନ୍‌ସଙ୍କ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ପରିଦର୍ଶନ

**ଭୁବନେଶ୍ୱର,୬।୩(ବ୍ୟୁରୋ)**

ଜଳବାୟୁ ପରିବର୍ତ୍ତନ ଉପରେ ଗବେଷଣା କରୁଥିବା ୟୁକେର ଜଣାଶୁଣା ବୈଜ୍ଞାନିକ ଆସର୍ ମିନ୍‌ସ ବୁଧବାର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ପରିଦର୍ଶନରେ ଆସିଥିଲେ। ଆସର୍ ଏବେ ଟାଇଣ୍ଡାଲ୍ ସେଣ୍ଟର୍ ଅଫ୍ କ୍ଲାଇମେଟ୍ ଚେଞ୍ଜ୍ ରିସର୍ଚ୍ଚରେ କାର୍ଯ୍ୟକାରୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ସହ ଇଂଲିଶ ଆଣ୍ଡ ସ୍କିଲ୍ ଅଫ୍ ଦ ବ୍ରିଟିଶ୍ କାଉନସିଲ୍‌ର ଜୟଦୀପ ବୋର୍‌ଡୋଲୋଇ ମଧ୍ୟ ସ୍କୁଲ ପରିଦର୍ଶନ କରିଥିଲେ। ଏହି ଅବସରରେ ଆସର୍ ଜଳବାୟୁ ପରିବର୍ତ୍ତନ ସଞ୍ଚାର ବିଜ୍ଞାନକୁ ଏକ ଗ୍ରାଫିକାଲ୍ ପ୍ରେଜେଣ୍ଟେଶନ ମାଧ୍ୟମରେ ଛାତ୍ରୀଛାତ୍ର ଓ ଶିକ୍ଷୟତ୍ରୀ, ଶିକ୍ଷକଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଏହାସହିତ ଅଙ୍ଗାରକାମ୍ଳର ଉତ୍ପତ୍ତି, କୃଷି, ସ୍ୱାସ୍ଥ୍ୟ, ଉତ୍ପାଦନ ଆଦି ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ବିଷୟରେ ଆଲୋଚନା କରିଥିଲେ। ବର୍ତ୍ତମାନ ସମୟରେ ସୌରଶକ୍ତିର ଆବଶ୍ୟକତା ସମ୍ପର୍କରେ ସେ କହିବା ସହ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।

ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଚେୟାରମ୍ୟାନ୍ ଡ. ବିଜୟ କୁମାର ସାହୁ କହିଥିଲେ, ଆସର୍ ମିନ୍‌ସଙ୍କ ଏହି ଆଲୋଚନା ଛାତ୍ରୀଛାତ୍ରଙ୍କ ଉପରେ ଏକ ଗଭୀର ପ୍ରଭାବ ପକାଇବ। ଜଳବାୟୁ ପରିବର୍ତ୍ତନ ବିଷୟରେ ଜାଣିବାର ଜିଜ୍ଞାସା ରଖିଥିବା ଛାତ୍ରୀଛାତ୍ରମାନେ ତାଙ୍କଠାରୁ ଅନେକ କିଛି ଜାଣିବାକୁ ପାଇଛନ୍ତି। ଏହି ଅବସରରେ ସ୍କୁଲ ଅଧ୍ୟକ୍ଷ ହରିସ୍ ସାନ୍ଦୁଜା ଉପସ୍ଥିତ ଥିଲେ।

# ୧ ହଜାର କୋଟିର ଡ୍ରେନ୍ ପ୍ୟାକେଜ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

■ ଆବାସ ମିଶନ ଯୋଜନାରେ ବାସଗୃହ ବଣ୍ଟନର ଶୁଭାରମ୍ଭ
■ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, 'ଭୁବନେଶ୍ୱର.ମି' ପୋର୍ଟାଲ ଉଦ୍‌ଘାଟନ

**ଭୁବନେଶ୍ୱର, ୬।୩(ବ୍ୟୁରୋ)**

ବର୍ଷା ଋତୁରେ ଭୁବନେଶ୍ୱର ମହାନଗର ନିଗମର କେତେକ ଅଞ୍ଚଳ ବୁଡି ରହୁଛି। ଲୋକମାନେ ନାହିଁ ନ ଥିବା ହୀନସ୍ତା ହେଉଛନ୍ତି। ସହରର ଡ୍ରେନ ବ୍ୟବସ୍ଥାକୁ ସୁଧାରିବା ପାଇଁ ୧ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଜନତା ମଇଦାନରେ ଅନୁଷ୍ଠିତ ଏକ ଜନସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗରିବ ଲୋକଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ସର୍ବଦା ପ୍ରାଥମିକତା ଦେଇ ଆସିଛନ୍ତି। ସେ ସବୁବେଳେ ଗରିବ ଲୋକଙ୍କ ସହ ରହିଛନ୍ତି। ସରକାର ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରିଛନ୍ତି। ୨୦୧୪ରେ ମିଶନ ଶକ୍ତିରେ ସ୍ୱୟଂସହାୟକ ଗୋଷ୍ଠୀ(ଏସଏଚଜି)କୁ ୧ ପ୍ରତିଶତ ସୁଧରେ ଋଣ ଦେଉଥିବାବେଳେ ବର୍ତ୍ତମାନ ବିନା ସୁଧରେ ଦିଆଯାଉଛି। ସହରରେ ରହୁଥିବା ବସ୍ତିବାସିନ୍ଦାଙ୍କୁ ଜାଗା ମିଶନ ଜରିଆରେ ଜମି ପଟ୍ଟା ଅଧିକାର ଦିଆଯାଇଛି। ଗରିବ ଲୋକ, ମହିଳା, ଚାଷୀ ଓ ସମସ୍ତଙ୍କ ସୁଖଦୁଃଖରେ ସେ ରହିଛନ୍ତି। ସେମାନଙ୍କ ପାଇଁ କାମ କରୁଛନ୍ତି ଏବଂ କରି ଚାଲିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳର ୧୦ ହଜାର ବସ୍ତିବାସିନ୍ଦାଙ୍କ ପାଇଁ ଆବାସ ମିଶନ ଯୋଜନାରେ ବାସଗୃହ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ୧୩୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏଥିସହିତ ୮,୬୬୫ ସ୍ୱତ୍ୱ ପ୍ରମାଣପତ୍ର ଓ ୧୦୪ ଚୂଡାନ୍ତ ଅନୁମୋଦନ ଚିଠି ବସ୍ତିବାସିନ୍ଦାଙ୍କୁ ପ୍ରଦାନ କରିଛନ୍ତି। ୨୦୨୨ ସୁଦ୍ଧା ରାଜ୍ୟରେ କୌଣସି ଚାଳଘର ରହିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ବିଏମ୍‌ସି ଅଞ୍ଚଳରେ ୧୧୬୦ କୋଟି ଟଙ୍କାର ୪୦ ପ୍ରକଳ୍ପ ଓ ୭ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ 'ଭୁବନେଶ୍ୱର.ମି' ନାମରେ ଏକ ୟୁନିଫାଏଡ୍ ପୋର୍ଟାଲର ମଧ୍ୟ ଶୁଭାରମ୍ଭ କରିଛନ୍ତି।

## ୟାମିନୀ ଷଡ଼ଙ୍ଗୀ ଓସାକ୍ସର ନୂତନ ପ୍ରକଳ୍ପ ନିର୍ଦ୍ଦେଶିକା



**ଭୁବନେଶ୍ୱର,୬।୩**

ବରିଷ୍ଠ ପ୍ରଶାସନିକ ଅଧିକାରୀ ୟାମିନୀ ଷଡ଼ଙ୍ଗୀ, ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି(ଓସାକ୍ସ)ର ପ୍ରକଳ୍ପ ନିର୍ଦ୍ଦେଶିକା ଭାବେ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ଓସାକ୍ସର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ୟାମିନୀଙ୍କୁ ବିବରଣୀ ପ୍ରଦାନ କରାଯାଇଥିଲା। ଏଚ.ଆଇ.ଭି/ଏଡ୍‌ସ ଦୂରୀକରଣ କରିବା ଦିଗରେ ଓସାକ୍ସର କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ପ୍ରକଳ୍ପ ନିର୍ଦ୍ଦେଶିକା ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ପ୍ରକାଶଥାଉ କି, ୨୦୦୮ ବ୍ୟାଚ୍‌ର ପ୍ରଶାସନିକ ଅଧିକାରୀ ଷଡ଼ଙ୍ଗୀ ନବରଙ୍ଗପୁର, କୋରାପୁଟ, କନ୍ଧମାଳ, ଜଗତସିଂହପୁର, ବରଗଡର ଜିଲାପାଳ ଭାବେ ସଫଳତାପୂର୍ବକ କାର୍ଯ୍ୟ କରିଥିଲେ। ସେ ବର୍ତ୍ତମାନ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ସଚିବ ଭାବେ ଅବସ୍ଥାପିତ ଏବଂ ଏଥିସହିତ ସେ ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶିକା ଭାବେ କାର୍ଯ୍ୟ କରିବେ। ଏହାପୂର୍ବରୁ ସେ ଜଗତସିଂହପୁର ଜିଲାପାଳ ଥିଲେ।

# ଯୌତୁକ ନିର୍ଯାତନା ସହି ନ ପାରି ମହିଳାଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର,୬।୩(ବ୍ୟୁରୋ)**

ଯୌତୁକ ନିର୍ଯାତନା ସହି ନ ପାରି ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ମୃତା ମହିଳା ଜଣକ ହେଲେ ସହୀଦନଗର ଥାନା ଅନ୍ତର୍ଗତ କେଶୁରାସ୍ଥିତ ଆଶୁତୋଷ ନଗରରେ ରହୁଥିବା ପ୍ରଭାତ କୁମାର ମହାରଣାଙ୍କ ସ୍ୱାମୀ ଦିପ୍ତୀମତି ଓଝା। ମଙ୍ଗଳବାର ଦିପ୍ତୀମତିଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ପୋଲିସ ଉଦ୍ଧାର କରିଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ ବୁଧବାର ମହିଳାଙ୍କ ବାପଘର ଲୋକେ ଥାନାରେ ଯୌତୁକ ଜନିତ ହତ୍ୟା ଅଭିଯୋଗ ଆଣିଛନ୍ତି। ପୋଲିସ ଆଉ ଏକ ମାମଲା ନଂ.୧୧୩/୧୯ ରୁଜୁ କରି ସ୍ୱାମୀ ପ୍ରଭାତଙ୍କୁ ଗିରଫ କରିଛି। ଏହି ଘଟଣାରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହାକୁ ତଦନ୍ତ ଚଳାଇଛି ପୋଲିସ। ପୋଲିସ ସୂଚନା ମୁତାବକ, କେନ୍ଦ୍ରାପଡା ଭାଗିଦେଇପୁରର ବଙ୍ଗାଳୀ ଓଝାଙ୍କ ଝିଅ ଦିପ୍ତୀମତି ଗତ ୪ ବର୍ଷ ତଳେ ପ୍ରଭାତଙ୍କୁ ବିବାହ କରିଥିଲେ। ମଙ୍ଗଳବାର ଅପରାହ୍ନରେ ଦିପ୍ତୀମତି ଆତ୍ମହତ୍ୟା କରିଥିବା ନେଇ ପ୍ରଭାତଙ୍କ ପରିବାର ଲୋକଙ୍କଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତଦେହକୁ ଜବତ କରିବା ସହ ଏ ସଂକ୍ରାନ୍ତରେ ଦିପ୍ତୀଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲା। ଏଥିସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ କ୍ୟାପିଟାଲ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତା ଦିପ୍ତୀଙ୍କ ବାପା କହିଛନ୍ତି, ଝିଅ ରଶି ଲଗାଇ ଆତ୍ମହତ୍ୟା କରି ନାହିଁ। ଯୌତୁକ ପାଇଁ ଶାଶୁଘର ଲୋକେ ସବୁବେଳେ ଝିଅ ସହ ଝଗଡ଼ା କରୁଥିଲେ। ଶେଷରେ ଝିଅକୁ ସେମାନେ ମାରି ଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

## କିନ୍ନର-ଯୁବକଙ୍କ ମଧ୍ୟରେ ମାରପିଟ୍

**ପୁରୁଣା ଭୁବନେଶ୍ୱର, ୬। ୩(ଡି.ଏନ୍.ଏ.):** ଏୟାରପୋର୍ଟ ଥାନା ଅଧୀନ କାର୍ଗିଲ ରୋଡରେ ବୁଧବାର ସନ୍ଧ୍ୟାରେ ଜଣେ କିନ୍ନର-କେତେଜଣ ଯୁବକଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ମିଳିଥିବା ଖବର ମୁତାବକ, ସନ୍ଧ୍ୟାରେ ଜଣେ କିନ୍ନରଙ୍କ ଘରେ କେତେଜଣ ଯୁବକ ପଶିଥିଲେ। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଯୁବକମାନେ କିନ୍ନର ଜଣଙ୍କୁ ମାଡ଼ ମାରିଥିଲେ। କିନ୍ନର ଜଣଙ୍କ ପାଟି ଶୁଣି ତାଙ୍କ ସାଥୀମାନେ ଆସି ପହଞ୍ଚିଥିଲେ। ଏହା ପରେ ଉଭୟଗୋଷ୍ଠୀଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଯୁବକମାନେ କିନ୍ନରଙ୍କ ଘରେ ଥିବା ଆସବାବପତ୍ର ଏଣେତେଣେ ପକାଇ ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ଆହତ କିନ୍ନର ଓ ଯୁବକମାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ପରେ ଉଭୟଙ୍କ ମଧ୍ୟରେ ଆପୋଷ ସମାଧାନ ହୋଇଥିବା ଜଣାପଡିଛି।

## ୧୭ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଅଭିଯୁକ୍ତ ଗିରଫ

**କଟକ ରୋଡ,୬।୩(ଡି.ଏନ୍.ଏ.):** ରାଜଧାନୀ ପାଲଟିଛି ବ୍ରାଉନସୁଗାର ବ୍ୟବସାୟୀଙ୍କ ଆଡ୍ଡାସ୍ଥଳି। ଲକ୍ଷ୍ମୀସାଗର ଥାନା ପଛ ହଳଦୀପଡିଆ ବସ୍ତିରେ ବ୍ରାଉନସୁଗାର ବ୍ୟବସାୟ ରୋକାଯାଇପାରୁ ନ ଥିବା ବେଳେ ଶହୀଦନଗର ଥାନା ନିକଟରେ ବହୁଦିନ ଧରି ବ୍ରାଉନସୁଗାର ବିକୁଥିବା ଜଣେ ବ୍ୟବସାୟୀଙ୍କୁ କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ସଂସ୍ଥା ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଶହୀଦନଗର ଥାନା ଭୋଇନଗର ଶୁକବିହାର ବସ୍ତିରେ ରହୁଥିବା ଏ.ଉମାଶଙ୍କର ରାଓ। ତାଙ୍କଠାରୁ ୧୭୦ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏହି ନିଶାସାମଗ୍ରୀର ମୂଲ୍ୟ ୧୭ଲକ୍ଷ ଟଙ୍କା ହେବ ବୋଲି ଗୋଇନ୍ଦା ସଂସ୍ଥା ପକ୍ଷରୁ କୁହାଯାଇଛି। ଅଭିଯୁକ୍ତଜଣଙ୍କ ରାଜଧାନୀର ଏକ ପ୍ରତିଷ୍ଠିତ କଲେଜର ପୂର୍ବତନ ଛାତ୍ର ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ଉମାଶଙ୍କର ଥାନା ଠାରୁ କିଛି ଦୂରରେ ଥିବା ଶନି ମନ୍ଦିର ନିକଟରେ ବହୁଦିନ ଧରି ବ୍ରାଉନସୁଗାର ବ୍ୟବସାୟ ଚଳାଇଥିବା ନେଇ କେନ୍ଦ୍ରାଞ୍ଚଳ ଗୋଇନ୍ଦା ଅଧିକାରୀଙ୍କୁ ସୂଚନା ମିଳିଥିଲା। ଅପରାହ୍ନ ପ୍ରାୟ ୨ଟା ରେ ଏକ ଟିମ୍ ସେଠାରେ ଚଢ଼ାଉ କରି ଉମାଶଙ୍କରଙ୍କୁ ଧରିଥିଲେ। ଏନେଇ ଅବକାରୀ ବିଭାଗରେ ମାମଲା(ନଂ. ୨୦୭/୧୮-୧୯)ରୁଜୁ ହୋଇଛି। ଥାନା ନିକଟରେ ବ୍ୟବସାୟ ଚାଲିଥିବା ନେଇ ଅବକାରୀ ବିଭାଗକୁ ତଥ୍ୟ ମିଳିଥିବା ବେଳେ ସ୍ଥାନୀୟ ପୋଲିସ ଏ ସମ୍ପର୍କରେ କିପରି ସୂଚନା ପାଇଲା ନାହିଁ ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

### ବିଟ୍ ଇନ୍‌ଷ୍ଟିଚ୍ୟୁଶନ୍‌ର ବାର୍ଷିକୋତ୍ସବ 'ଟେକ୍‌ନୋ ଜିଙ୍ଗ' ଉଦ୍‌ଘାଟିତ

# ଈଶ୍ୱରଙ୍କ ବିନା ବିଜ୍ଞାନ ଅସମ୍ପୂର୍ଣ୍ଣ : ରାଜ୍ୟପାଳ

**ଝାଁଳା, ୬।୩(ଡି.ଏନ.ଏ.):**



ବାର୍ଷିକୋତ୍ସବରେ ଯୋଗଦେଇଥିବା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ।

ବିଜ୍ଞାନ ଯୁଗରେ ଈଶ୍ୱରଙ୍କ ଉପସ୍ଥିତିକୁ ଅଣଦେଖା କରାଯାଇ ପାରିବ ନାହିଁ। କାରଣ ଈଶ୍ୱରଙ୍କ ବିନା ବିଜ୍ଞାନ ଅସମ୍ପୂର୍ଣ୍ଣ। ବୁଧବାର ଜଟଣୀ ନିକଟବର୍ତ୍ତୀ ରେତଙ୍ଗସ୍ଥିତ ବିଟ୍ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍‌ର ତ୍ରିଦିବସୀୟ ବାର୍ଷିକ ଉତ୍ସବ ଟେକ୍‌ନୋ ଜିଙ୍ଗ-୨୦୧୯କୁ ବୁଧବାର ଉଦ୍‌ଘାଟନ କରି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ବାର୍ତ୍ତା ଦେଇଛନ୍ତି। ପ୍ରତ୍ୟେକ ମନୁଷ୍ୟଙ୍କ ମଧ୍ୟରେ ଈଶ୍ୱର ବିଦ୍ୟମାନ ଥିବାରୁ ସମସ୍ତଙ୍କୁ ସମ୍ମାନ ଦେବା ଆବଶ୍ୟକ। ପଢିବା ସହ ଈଶ୍ୱର ବିଶ୍ୱାସୀ ହେବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ରାଜ୍ୟପାଳ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିବା ସହ ଶିକ୍ଷାନୁଷ୍ଠାନର ବାର୍ଷିକ ପତ୍ରିକା ଟେକ୍ନୋଭିଜନର ଉନ୍ମୋଚନ କରିଥିଲେ। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସର୍କଲ ମୁଖ୍ୟ ଗଣପତ ଲାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇନ୍‌ଷ୍ଟିଚ୍ୟୁଶନର ସଭାପତି ଅମୀୟ ରଞ୍ଜନ ବଡଜେନା, ବିଦ୍ୟାର୍ଥୀ ବ୍ୟାପାର ଡିନ୍ ବିଶ୍ୱରଞ୍ଜନ ବଡଜେନା, ଶିକ୍ଷାନୁଷ୍ଠାନର ଏଓ ଜିତେନ୍ଦ୍ର କୁମାର ମିଶ୍ର ପ୍ରମୁଖଙ୍କ ସହ ଶତାଧିକ ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ। ପ୍ରାଧ୍ୟାପକ ପ୍ରଫେସର ସ୍ୱଦେଶ ରଞ୍ଜନ ମହାନ୍ତି ଓ ଦୀପ୍ତି ପାଲ ମଞ୍ଚ ପରିଚାଳନା କରିଥିଲେ।

## ୫ ପ୍ରକଳ୍ପ, ୨ ଶିଳାନ୍ୟାସ ଉଦ୍‌ଘାଟିତ

**ବାଲିଅନ୍ତା,୬।୩(ଡି.ଏନ୍.ଏ)**

ବାଲିଅନ୍ତା ବ୍ଲକ ଅଧୀନ ବଇଁଚୁଆ ପଞ୍ଚାୟତର ୫ଟି ପ୍ରକଳ୍ପର ବୁଧବାର ଉଦ୍‌ଘାଟିତ ହୋଇଥିବାବେଳେ ୨ଟି ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବର ଅର୍ଥ ଓ ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା ଅତିଥି ଭାବେ ଯୋଗଦେଇ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ କରିଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକକାଳୀନ ୭ଟି ପ୍ରକଳ୍ପ ଓ ଶିଳାନ୍ୟାସର ଉଦ୍‌ଘାଟନ ହୋଇଥିଲା। ଏଥିରେ ଜିଲା ପରିଷଦ ସଭ୍ୟା ଅରୁନ୍ଧତୀ ସାହୁ, ସରପଞ୍ଚ ବିଜୟ କୁମାର ସାହୁ, ପୂର୍ବତନ ସମିତିସଭ୍ୟ ନବୀନଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଝାରପଡ଼ାରେ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ

**କଟକ ରୋଡ,୬।୩(ଡି.ଏନ୍.ଏ.)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଧୀନ ୩୨ନଂ. ୱାର୍ଡ ଅନ୍ତର୍ଗତ ଝାରପଡ଼ାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ପକ୍ଷରୁ ନିର୍ମାଣ ହୋଇଥିବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଛ। ୭୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରିଥିଲେ। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ହିଃବିଭାଗ ସହ ପ୍ରସୂତି, ଶିଶୁରୋଗ, ଭେଷଜ, ଡାକ୍ତରୀ ସେବା ଉପଲବ୍ଧ ହେବ। ୩୪୭ଡେସିମିଲ ପରିମିତ ସ୍ଥାନରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହୋଇଛି। ଏହି ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ, ମଧ୍ୟମ ବିଧାୟକ ବିଜୟ କୁମାର ମହାନ୍ତି, ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନା ଓ ପୂର୍ବତନ କର୍ପୋରେଟର ଶ୍ରୀଧର ଜେନା, ସାମାଜିକ କର୍ମୀ ଶିଖର ଚନ୍ଦ୍ର ଜେନା, ଉଗ୍ରସେନ ମଙ୍ଗରାଜ, ଦିଲୀପ ଜେନା, ସଞ୍ଜିବ ହରିଚନ୍ଦନ ଓ ମୁସାରଫ ଖାନଙ୍କ ସହ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ।



ଶିଳାନ୍ୟାସ ଉଦ୍‌ଘାଟନ ଅବସରରେ ଯୋଗଦେଇଥିବା ଅତିଥି।

■ ରାଜ୍ୟ ସରକାର କଲେନି, ଶିଳ୍ପୀ ମହାସଂଘ କରିବ

# ପ୍ରତିଷ୍ଠା ହେବ ଧର୍ମପଦଙ୍କ ପ୍ରଥମ ପ୍ରତିମୂର୍ତ୍ତି

**କୋଣାର୍କରେ ପ୍ରତିଫଳିତ ହେବ ଧରମା କାହାଣୀ**

**ଭୁବନେଶ୍ୱର,୬।୩(ବ୍ୟୁରୋ)**



ଅତିଥିମାନେ ଧର୍ମପଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି ।

ଶିଳ୍ପୀକୂଳର ମାନ ରକ୍ଷା ନିମନ୍ତେ କୋଣାର୍କ ସୂର୍ଯ୍ୟମନ୍ଦିରର ମୁଣ୍ଡି ମାରି ସାରିବା ପରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ୧୨ ବର୍ଷର ବାଳକ ଧର୍ମପଦ। ଯେଉଁ କାମ ୧୨୦୦ ବଢ଼େଇ କରିପାରି ନ ଥିଲେ, ସେ କାମ ସେ ଏକା କରି ଦେଖାଇଥିଲେ। ଧର୍ମପଦଙ୍କ ଏହି ତ୍ୟାଗ ଓ ପ୍ରତିଭାର କାହାଣୀ ଓଡ଼ିଶାର ଘରେ ଘରେ ଗୁଞ୍ଜରିତ। ତାଙ୍କ ବଳିଦାନର ଗାଥା ଆଜି ବି ଅନେକଙ୍କୁ ସ୍ୱାର୍ଥ କଥା ଭୁଲି ସମାଜ ପାଇଁ କିଛି କରିବାକୁ ପ୍ରେରଣା ଯୋଗାଏ। କେବଳ ଶିଳ୍ପୀକୂଳ ନୁହେଁ, ସମଗ୍ର ଓଡ଼ିଆ ଜାତି ପାଇଁ ସେ ପ୍ରେରଣାର ଉତ୍ସ। ଧର୍ମପଦଙ୍କ ଏହି ବଳିଦାନର କାହାଣୀକୁ ଆଗାମୀ ପିଢ଼ି ସହ ରାଜ୍ୟ ଓ ଦେଶ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ନିକଟରେ ପହଞ୍ଚାଇବାକୁ କୋଣାର୍କରେ ପ୍ରତିଷ୍ଠା ହେବ ଧର୍ମପଦଙ୍କ ପ୍ରତିମୂର୍ତ୍ତି। ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିରର ମୁଣ୍ଡି ମାରି ମନ୍ଦିର ତିଆରିରେ ସର୍ବଶ୍ରେଷ୍ଠ ଅବଦାନ ରଖିଥିବା ଧର୍ମପଦଙ୍କର ଏହା ପ୍ରଥମ ପ୍ରତିମୂର୍ତ୍ତି ହେବ। ଏହାକୁ ରାଜ୍ୟ ଶିଳ୍ପୀ ଓ ବୁଣାକାରଙ୍କ ନିଜସ୍ୱ ସଙ୍ଗଠନ ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ପ୍ରତିଷ୍ଠା କରାଯିବ।

ଧର୍ମପଦଙ୍କ ସ୍ମୃତିରକ୍ଷା ନିମନ୍ତେ ତାଙ୍କର ଏକ ପରିକଳ୍ପିତ ପ୍ରତିମୂର୍ତ୍ତି ସ୍ଥାପନ ହେବ। ଏଥିଲାଗି ବୁଧବାରଠାରୁ ଭୁବନେଶ୍ୱରଠାରେ ପ୍ରତିମୂର୍ତ୍ତି ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ବାଲେଶ୍ୱରର ବରିଷ୍ଠ ଭାସ୍କର୍ଯ୍ୟ ଶିଳ୍ପୀ ବ୍ରଜକିଶୋର ଜେନାଙ୍କ ମାର୍ଗଦର୍ଶନରେ ପ୍ରତିମୂର୍ତ୍ତି ନିର୍ମାଣ କରାଯିବ। ୧୨ ଫୁଟ ଉଚ୍ଚତା ବିଶିଷ୍ଟ ଏହି ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ଏ ପର୍ଯ୍ୟନ୍ତ ସ୍ଥାନ ନିର୍ଦ୍ଧାରଣ ହୋଇ ନ ଥିବାବେଳେ କୋଣାର୍କ ମେଡିକାଲ ଛକ କିମ୍ବା ଥାନା ଛକରେ ସ୍ଥାନ ଯୋଗାଇଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛି ମହାସଂଘ। ଅନ୍ୟପକ୍ଷରେ ବୁଧବାର ଜୟଦେବ ବିହାରସ୍ଥିତ ସୁଦର୍ଶନ ଆର୍ଟ ଆଣ୍ଡ କ୍ରାଫ୍ଟ ଭିଲେଜ ପରିସରରେ ମୂଳ ପ୍ରତିମୂର୍ତ୍ତିର ଏକ ପ୍ରତୀକ ପ୍ରତିକୃତି ଉନ୍ମୋଚିତ ହୋଇଯାଇଛି। ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଓ ରାଜ୍ୟ ସଭା ସଦସ୍ୟ ପ୍ରଶାନ୍ତ ନନ୍ଦ ଏହାର ଶୁଭ ଉନ୍ମୋଚନ କରି କହିଥିଲେ, ଶିଳ୍ପୀକୂଳର ପ୍ରେରଣା ତଥା ତ୍ୟାଗର ପ୍ରତୀକ ଧର୍ମପଦ। ତାଙ୍କ କାହଣୀ ଆଜି ବି ଅନେକଙ୍କୁ ସମାଜ ପ୍ରତି ଥିବା ଉତ୍ତର ଦାୟିତ୍ୱକୁ ମନେ ପକାଇଦିଏ। କୋଣାର୍କରେ ଧର୍ମପଦଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ଓଡ଼ିଶା ଶିଳ୍ପୀ ମହାସଂଘର ପ୍ରଚେଷ୍ଟାକୁ ଉଭୟ ପ୍ରଶଂସା କରିବା ସହ ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇଦେବେ ବୋଲି କହିଥିଲେ। ଶିଳ୍ପୀ ମହାସଂଘ ସଭାପତି ଉଦୟ ମହାନ୍ତି, ପଦ୍ମଶ୍ରୀ ସୁଦର୍ଶନ ସାହୁ, ପଦ୍ମଶ୍ରୀ ପ୍ରଭାକର ମହାରଣା, ବରିଷ୍ଠ ଭାସ୍କର୍ଯ୍ୟ ଶିଳ୍ପୀ ବ୍ରଜକିଶୋର ଜେନା, ସଙ୍ଗଠନ ସମ୍ପାଦକ ପ୍ରିୟରଞ୍ଜନ କର ପ୍ରମୁଖ ଉପସ୍ଥିତ ରହି ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଯଦି ଓଡ଼ିଶାର ପ୍ରତ୍ୟେକ ଶିଳ୍ପୀ ଦୁଇଟଙ୍କା ଲେଖାଏ ଦିଅନ୍ତି, ତା'ହେଲେ କାହାର ସହଯୋଗ ଆବଶ୍ୟକ ନାହିଁ ବୋଲି କହିଥିଲେ।

ଅନ୍ୟପକ୍ଷରେ ଧର୍ମପଦଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ଆଜି ପର୍ଯ୍ୟନ୍ତ ସରକାରୀ ସ୍ତରରେ ଉଦ୍ୟମ କରାଯାଇ ନ ଥିଲା। ବିଶ୍ୱ ଐତିହ୍ୟସ୍ଥଳୀ ମାନ୍ୟତା ପାଇଥିବା ଓଡ଼ିଶାର ଏହି ଏକମାତ୍ର କୀର୍ତ୍ତିରାଜିରେ ଯିଏ ଶେଷସ୍ପର୍ଶ ଦେଇଥିଲେ, ସମ୍ମାନସୂଚକ ଭାବେ ତାଙ୍କ ପ୍ରତିମୂର୍ତ୍ତିଟିଏ ପ୍ରତିଷ୍ଠା କରିବାକୁ ବିଭିନ୍ନ ସମୟରେ ଦାବି ହୋଇଥିଲେ ମଧ୍ୟ ତାହା ହୋଇପାରି ନ ଥିଲା।

# ସଞ୍ଜୟଙ୍କ ପାଇଁ ପଦ୍ମ କଣ୍ଟା

**ହେମନ୍ତ ନାୟକ**
**ପୁରୀ ଅଫିସ,୬।୩**

**ମୋଟ ଭୋଟର ସଂଖ୍ୟା** ୨,୧୪,୩୦୫
**ପୁରୁଷ ଭୋଟର** ୧,୧୦,୮୫୭
**ମହିଳା ଭୋଟର** ୧,୦୩,୪୩୭




ପୁରୀ ଜିଲାର ଅନ୍ୟତମ ଚର୍ଚ୍ଚିତ ବିଧାନସଭା ନିର୍ବାଚନମଣ୍ଡଳୀ ବ୍ରହ୍ମଗିରି। ଏକଦା ଏହା କଂଗ୍ରେସର ଗଡ଼ ଥିଲା। ଏଠାରେ ଗତ ଦୁଇଟି ନିର୍ବାଚନର ଫଳାଫଳ ବିଜେଡି ସପକ୍ଷରେ ଯାଇଛି। କିନ୍ତୁ ବିଜେଡିକୁ ଏହି ବିଜୟ ସହଜ ହୋଇନାହିଁ। ଲୁଲୁ-ସଞ୍ଜୟ ଲଢେଇ ଏଠି ଜୋର୍‌ଦାର ହେଉଥିଲା। ଭୋଟ ଗଣତି ଶେଷ ପର୍ଯ୍ୟନ୍ତ ହାରଜିତ୍‌କୁ ନେଇ ଏକପ୍ରକାର ଉତ୍କଣ୍ଠା ଲାଗି ରହୁଥିଲା। ହେଲେ ଏଥର ବଦଳିଯାଇଛି ଦୃଶ୍ୟପଟ। ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର (ଲୁଲୁ)ଙ୍କ ପରଲୋକ ପରେ ହଲ୍‌ଚଲ ହୋଇଯାଇଛି ବ୍ରହ୍ମଗିରିର ରାଜନୀତି ସମୀକରଣ। ଲୁଲୁଙ୍କ ଭାଇ ଲଳିତେନ୍ଦୁ ଏବଂ ଝିଅ ଉପାସନା ହାତ ସହ ସମ୍ପର୍କ ଛିନ୍ନ କରି ପଦ୍ମକୁ ଭରସା କରିଛନ୍ତି। ତେଣୁ ଏମିତି ସ୍ଥିତିରେ କିଏ ଜିତିବ ବ୍ରହ୍ମଗିରି ତାକୁ ନେଇ ଚାଲିଛି ଅଙ୍କକଷା।

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ସଞ୍ଜୟ କୁମାର ଦାସବର୍ମା | ୭୮,୬୭୫ |
| କଂଗ୍ରେସ | ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର | ୭୭,୩୩୪ |
| ଭାଜପା | ଦେବେନ୍ଦ୍ରନାଥ ତରାଇ | ୩,୨୭୭ |

**ନିର୍ବାଚନମଣ୍ଡଳୀ ରୂପରେଖ**
ବ୍ରହ୍ମଗିରି ବ୍ଲକର ୨୫ ପଞ୍ଚାୟତ, କୃଷ୍ଣପ୍ରସାଦ ବ୍ଲକର ୨୧ ପଞ୍ଚାୟତ ଏବଂ ପୁରୀ ସଦର ବ୍ଲକର ୧୧ ପଞ୍ଚାୟତକୁ ନେଇ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଗଠିତ।

ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରୁ ଲୁଲୁ ମହାପାତ୍ର ୧୯୯୫ରୁ ୨୦୦୪ ଲଗାତର ତିନିଥର ଜିତିଥିଲେ। ୨୦୦୯ ଏବଂ ୨୦୧୪ରେ ଲୁଲୁ ପରାଜିତ ହୋଇଥିଲେ। ବିଜେଡିର ସଞ୍ଜୟ ଦାସବର୍ମା ଏହି ଦୁଇ ନିର୍ବାଚନରେ ବିଜୟୀ ହୋଇଥିଲେ ହେଁ ଭୋଟ ବ୍ୟବଧାନ ବହୁତ କମ୍ ରହିଥିଲା। ୨୦୦୯ରେ ସଞ୍ଜୟ ୪,୮୮୬ ଏବଂ ୨୦୧୪ରେ ମାତ୍ର ୧,୩୪୧ ଭୋଟରେ ଜିତିଥିଲେ। ହେଲେ ଲୁଲୁଙ୍କ ମୃତ୍ୟୁର ପ୍ରାୟ ବର୍ଷକ ପରେ ତାଙ୍କ ଝିଅ ଉପାସନା ମହାପାତ୍ର ଏବଂ ଭାଇ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ସମର୍ଥକଙ୍କ ସହ ଭାଜପାରେ ଯୋଗଦେବା ପରେ ରାଜନୀତିରେ ପଟ ପରିବର୍ତ୍ତନ ହେବା ଦେଖିବାକୁ ମିଳୁଛି। ଏଥର ନିର୍ବାଚନରେ ସଞ୍ଜୟଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ଲଳିତେନ୍ଦୁ ଭାଜପାରୁ ଅଣ୍ଟା ଭିଡ଼ିଛନ୍ତି। ସେ ଲୁଲୁ ସେନା ଓ କଂଗ୍ରେସର ଏକ ବଡ଼ ସମର୍ଥକ ଗୋଷ୍ଠୀକୁ ନେଇ ଭାଜପାରେ ଯୋଗଦେବା ପରେ ବ୍ରହ୍ମଗିରିରେ ଭାଜପା ସକ୍ରିୟ ହୋଇଉଠିଛି। ଅନ୍ୟପକ୍ଷରେ ଲୁଲୁଙ୍କ ଅବର୍ତ୍ତମାନରେ ବି ତାଙ୍କ ଉପରେ ଭରସା ରଖିଛି କଂଗ୍ରେସ। ଭାଜପା ଲୁଲୁଙ୍କ କାର୍ଯ୍ୟକଳାପକୁ ନେଇ ଅନୁକମ୍ପାମୂଳକ ଭୋଟ ଗୋଟାଇବାକୁ ଉଦ୍ୟମ ଜାରି ରଖିଥିବାବେଳେ କଂଗ୍ରେସ ମଧ୍ୟ ବ୍ୟାନର ଓ ପୋଷ୍ଟରରେ ଲୁଲୁଙ୍କ ଫଟୋକୁ ରଖି ଜନତାଙ୍କ ନିକଟତର ହେବାକୁ ଚେଷ୍ଟା କରୁଛି। କିଛି ନୂଆମୁହଁ କଂଗ୍ରେସର ମଙ୍ଗୁଆଳ ସାଜିବାକୁ ଆଗେଇ ଆସିଛନ୍ତି।

ଅନ୍ୟପକ୍ଷରେ ସଞ୍ଜୟ ୧୦ ବର୍ଷ କ୍ଷମତାରେ ଥିଲେ ମଧ୍ୟ ବ୍ରହ୍ମଗିରିକୁ ଏନ୍‌ଏସି କରିବାରେ ବିଫଳତା, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଏଭଳି ଏକାଧିକ ପ୍ରସଙ୍ଗକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ରାଜ୍ୟ ରାଜନୀତିରେ ନିଜକୁ ପ୍ରଭାବଶାଳୀ ପ୍ରତିପାଦିତ କରୁଥିବା ସଞ୍ଜୟ କିନ୍ତୁ ନିଜ ନିର୍ବାଚନମଣ୍ଡଳୀରେ ଏତେଟା ଲୋକପ୍ରିୟ ହୋଇପାରି ନାହାନ୍ତି। ଦଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ହିଁ ତାଙ୍କ ବିଜୟର ମୁଖ୍ୟ ଆୟୁଧ ବୋଲି ଚର୍ଚ୍ଚା ହେଉଛି। ସ୍ଥାନୀୟ ରାଜନୈତିକ ସମୀକ୍ଷକଙ୍କ କହିବାନୁଯାୟୀ, ୨୦୦୯ରେ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପରେ ପୁରୀ ସଦର ବ୍ଲକର ୧୧ଟି ପଞ୍ଚାୟତର ମିଶ୍ରଣ ହିଁ ସଞ୍ଜୟଙ୍କୁ ରାଜନୈତିକ ଫାଇଦା ଦେଉଛି। ଗତ ଦୁଇଟି ନିର୍ବାଚନ ଫଳାଫଳକୁ ଦେଖିଲେ ସଞ୍ଜୟଙ୍କ ଭୋଟ ଏବଂ ବିରୋଧୀ ଭୋଟ ପ୍ରାୟତଃ ପାଖାପାଖି ରହୁଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କଂଗ୍ରେସରୁ ଜଣେ ଲୋକପ୍ରିୟ ପ୍ରାର୍ଥୀଙ୍କୁ ଟିକେଟ ମିଳୁ ବୋଲି ବିଜେଡି ଗୋଷ୍ଠୀ ଚିନ୍ତା କରୁଛି। ଏହାଦ୍ୱାରା ବିଜେଡି ବିରୋଧରେ ଥିବା ଭୋଟ ଦୁଇଭାଗ ହୋଇଯିବ ଏବଂ ବିଜେଡିର ବିଜୟ ସୁଗମ ହେବ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସହ ସଞ୍ଜୟଙ୍କ ବ୍ୟକ୍ତିଗତ ସମ୍ପର୍କ ଭଲ ଥିବାରୁ ଏଥିରେ ସେ ସଫଳ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତେବେ ଏଥର ଲୁଲୁ ସିନା ନାହାନ୍ତି କିନ୍ତୁ ସଞ୍ଜୟଙ୍କ ପାଇଁ ପଦ୍ମ କଣ୍ଟା ହେବ ବୋଲି ବ୍ରହ୍ମଗିରିରେ ଜୋର୍‌ଦାର ଆଲୋଚନା ଚାଲିଛି।

ଅନ୍ୟପକ୍ଷରେ ବିଜେଡିରେ କନ୍ଦଳ ମଧ୍ୟ ସଞ୍ଜୟଙ୍କୁ ଅଡୁଆରେ ପକାଇପାରେ। ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ଦଳର କେତେଜଣ ଆଗଧାଡ଼ିର ନେତା ଅସନ୍ତୁଷ୍ଟ ରହିଥିବା ପଦାକୁ ଆସିଛି। ମଝିରେ ମଝିରେ ଏମାନେ ମେଳି ବାନ୍ଧି ସଞ୍ଜୟଙ୍କୁ ବିରୋଧ କରୁଛନ୍ତି। ତାଙ୍କ ଉପରେ ଅସନ୍ତୁଷ୍ଟ ହୋଇ କେତେଜଣ ଦଳ ମଧ୍ୟ ଛାଡିଛନ୍ତି। ଏହାସତ୍ତ୍ୱେ ଏଥର ବି ସଞ୍ଜୟ ଟିକେଟ ପାଉଥିବା ନିଶ୍ଚିତ ବୋଲି କୁହାଯାଉଛି। ଏ ସମ୍ପର୍କରେ ସଞ୍ଜୟ କହିଛନ୍ତି, ଟିକେଟ ନେଇ ଦଳର ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଁ ଯାହା ନିଷ୍ପତ୍ତି ନେବେ। ବ୍ରହ୍ମଗିରି ବିଜେଡିରେ କନ୍ଦଳ ଥିବା ସ୍ୱୀକାର କରି ସଞ୍ଜୟ କହିଛନ୍ତି, ମଝିରେ ମଝିରେ ସେମାନେ ମୋ ବିରୋଧରେ ପ୍ରତିକୂଳ ମନ୍ତବ୍ୟ ଦେଉଛନ୍ତି। କିନ୍ତୁ ଏ ନେଇ ମୋର କୌଣସି ଅଭିଯୋଗ ନାହିଁ।


ସଞ୍ଜୟ ଦାସବର୍ମା


ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର


ଉମାକାନ୍ତ ବରାଳ

ଅନ୍ୟପକ୍ଷରେ କଂଗ୍ରେସରୁ ଏଥର ପୁରୀ ଲୋକ ସଭା ଯୁବ କଂଗ୍ରେସ କମିଟି ସଭାପତି ଶେଖ୍ ସଫିକ୍ ଉଦ୍ଦିନ, ପୁରୀ ଜିଲା କଂଗ୍ରେସ ଉପସଭାପତି ବାନାମ୍ବର ବାରିକୀ, ଉମାକାନ୍ତ ବରାଳଙ୍କ ନାଁକୁ ନେଇ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଶେଖ୍ ସଫିକ୍ ଉଦ୍ଦିନ କହିଛନ୍ତି, କଂଗ୍ରେସ ଏଥର ଯୁବଗୋଷ୍ଠୀଙ୍କୁ ପ୍ରାଧାନ୍ୟ ଦେଉଛି। ସେହିଭଳି ଯେଉଁମାନେ ତୃଣମୂଳ ସ୍ତରରେ ଲୋକମାନଙ୍କ ସହ ରହିଛନ୍ତି ଏବଂ ଲୋକଙ୍କ ପାଇଁ କାମ କରୁଛନ୍ତି ସେମାନଙ୍କୁ ଦଳ ସୁଯୋଗ ଦେବାକୁ ନିଷ୍ପତ୍ତି ନେଇଛି। ମୁଁ ଲୋକମାନଙ୍କ ପାଇଁ କାମ କରୁଛି। ବ୍ରହ୍ମଗିରି ହେଉଛି କଂଗ୍ରେସର ଗଡ଼। ଏବେ ବି କଂଗ୍ରେସ ଏଠି ଭଲ ସ୍ଥିତିରେ ଅଛି। ପିସିସି ସଭାପତି ଏବଂ ଏଆଇସିସି ସଭାପତିଙ୍କ ଉପରେ ମୋର ଭରସା ରହିଛି। ତେଣୁ ଟିକେଟ ମିଳିବ ବୋଲି ଆଶା ରଖିଛି। ଅନ୍ୟତମ ଆଶାୟୀ ଉମାକାନ୍ତ ବରାଳ କହିଛନ୍ତି, ପିସିସି ସଭାପତି ଯାହା ନିଷ୍ପତ୍ତି ନେବେ ତାହାକୁ ମୁଁ ମାନିନେବି। ବାନାମ୍ବର ବାରିକୀ କହିଛନ୍ତି, ମୁଁ ବିଭିନ୍ନ ସଙ୍ଗଠନ ସହ ସମ୍ପୃକ୍ତ ରହିଛି। କଂଗ୍ରେସ ପାଇଁ କାମ କରୁଛି। ଟିକେଟ ପାଇବି ବୋଲି ଆଶାବାଦୀ ଅଛି। ଦଳ ଏ ନେଇ ଯାହା ନିଷ୍ପତ୍ତି ନେବ।

ଭାଜପାର ଏକମାତ୍ର ପ୍ରାର୍ଥୀ ଭାବେ ବିଭିନ୍ନ ସ୍ଥାନରେ ସଭା, ସମାବେଶ କରୁଥିବା ଲଳିତେନ୍ଦୁ ମହାପାତ୍ର କହିଛନ୍ତି, ଭାଜପାରେ ଯୋଗଦେବା ପରଠାରୁ ବ୍ରହ୍ମଗିରିରେ ଦଳର ସଙ୍ଗଠନକୁ ସୁଦୃଢ଼ କରିବାରେ ଲାଗିଛି। ବହୁ ଲୁଲୁପ୍ରେମୀଙ୍କ ସହଯୋଗ ବି ରହିଛି। ସେମାନେ ବି ମୋତେ ଭରସା କରି ଭାଜପାରେ ଯୋଗଦେଇଛନ୍ତି। ଟିକେଟ କଥା ଦଳ ହିଁ ନିଷ୍ପତ୍ତି ନେବ। ଜଣେ ଶୃଙ୍ଖଳିତ କର୍ମୀ ଭାବେ ଦଳ ପକ୍ଷରୁ ମୋତେ ଯାହା ନିର୍ଦ୍ଦେଶ ମିଳିବ ତାହା ମୁଁ ପାଳନ କରିବି।

# ସବୁ ଦଳରେ ଦ୍ୱନ୍ଦ୍ୱ

**ରତନ ନାୟାର**
**ଢେଙ୍କାନାଳ ଅଫିସ, ୬।୩**

ରାଜ୍ୟ ରାଜନୀତିରେ ସର୍ବଦା ଚର୍ଚ୍ଚିତ ଢେଙ୍କାନାଳ ଜିଲା। ଖାସ୍ କରି ଲୋକ ସଭା, ବିଧାନସଭା ନିର୍ବାଚନରେ ଏହି ଜିଲାର ଗୁରୁତ୍ୱ ବେଶି। ଏଠାକାର ଜନସାଧାରଣ ସବୁଦଳକୁ ସମ୍ମାନ ଦେଇ ଆସିଥିବାବେଳେ ଏକ ଦଶନ୍ଧି ଧରି ବିଜେଡି ହାତରେ ରହିଛି କ୍ଷମତା। ଆଗାମୀ ନିର୍ବାଚନରେ ମଧ୍ୟ ଶାସକ ଦଳ ଏହାର ପୁନରାବୃତ୍ତି କରିବା ଆଶାରେ ରହିଛି। ହେଲେ ଧୀରେ ଧୀରେ ବଳ ଗୋଟାଉଥିବା ଭାଜପା, କଂଗ୍ରେସ ମଧ୍ୟ ଶାସନ ଡୋରି ଧରିବାକୁ ଆପ୍ରାଣ ଉଦ୍ୟମ ଆରମ୍ଭ କଲେଣି। ୨୦୧୯ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ଏହାକୁ ନେଇ ସମସ୍ତ ଦଳୀୟ ଶିବିରରେ ହଇଚଇ ଆରମ୍ଭ ହେଲାଣି। ତେବେ ପ୍ରତି ଦଳରେ ଲମ୍ବି ଚାଲିଥିବା ଆଶାୟୀଙ୍କ ସଂଖ୍ୟା ଏବେ ସୃଷ୍ଟି କରିଛି ଅନେକ ଦ୍ୱନ୍ଦ୍ୱ। କିଏ ଟିକେଟ ପାଇବ, କିଏ କଟିବେ ସେ ନେଇ ଅଙ୍କ କଷିବା ଆରମ୍ଭ କରିଛନ୍ତି ଆଶାୟୀ। ଗତ ୨୦ବର୍ଷର ରାଜନୈତିକ ସ୍ଥିତିକୁ ବିଚାର କଲେ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀର ସଚେତନ ଭୋଟର ବିଭିନ୍ନ ଦଳର ପ୍ରାର୍ଥୀଙ୍କୁ ଜିତାଇ ଆସିଛନ୍ତି। ୨୦୦୦ରେ ଭାଜପାର କୃଷ୍ଣଚନ୍ଦ୍ର ପାତ୍ର ବିଜୟୀ ହୋଇ ବିଧାୟକ ହୋଇଥିଲେ। ଏହାପରେ ୨୦୦୪ରେ ପୁଣି ମତ ବଦଳାଇଲେ ଭୋଟର। ସେହି ବର୍ଷ ହୋଇଥିବା ନିର୍ବାଚନରେ କଂଗ୍ରେସର ସୁଧୀର କୁମାର ସାମଲ ବାଜି ମାରିଥିଲେ। ୨୦୦୯ରେ ଏନ୍‌ସିପି ହାତେଇଥିଲା ଏହି ଆସନ। ଏନ୍‌ସିପିରୁ ଛିଡ଼ା ହୋଇଥିବା ନବୀନ ନନ୍ଦ ବିଜୟ ପରେ ବିଜେଡିରେ ସାମିଲ ହୋଇଥିଲେ। ୨୦୧୪ରେ ବିଜେଡି ସପକ୍ଷରେ ବହୁମତ ରଖିଥିଲେ ଭୋଟର। ସରୋଜ କୁମାର ସାମଲ ନିର୍ବାଚିତ ହୋଇ ବିଧାୟକ ହୋଇଥିଲେ। ୨୦୦୯ ପୂର୍ବରୁ ଏହି ନିର୍ବାଚନମଣ୍ଡଳୀର ରୂପରେଖ ଭିନ୍ନ ଥିଲା। ପରଜଙ୍ଗ ନୂତନ ନିର୍ବାଚନମଣ୍ଡଳୀର ମାନ୍ୟତା ପାଇବା ପରେ ଗଁଦିଆ ନିର୍ବାଚନମଣ୍ଡଳୀ ଢେଙ୍କାନାଳ ବିଧାନସଭା କ୍ଷେତ୍ର ସହ ସମ୍ମିଶ୍ରଣ ହୋଇଥିଲା। ପୁରୁଣା ଗଁଦିଆ ବିଧାନସଭା କ୍ଷେତ୍ରରୁ ୨୦୦୦ରେ ବିଜେଡିରୁ ନବୀନ ନନ୍ଦ ଏବଂ ୨୦୦୪ରେ ସରୋଜ କୁମାର ସାମଲ ବିଧାୟକ ହୋଇଛନ୍ତି। ଶିଳ୍ପସମୃଦ୍ଧ ଜିଲାର ଏହି ନିର୍ବାଚନମଣ୍ଡଳୀର ଶାସନ କ୍ଷମତା ବିଜେଡି ହାତକୁ ଯିବା ପରେ ଅନେକ ସମସ୍ୟାର ସମାଧାନ ହେବ ବୋଲି ଆଶା କରାଯାଉଥିଲା। ହେଲେ ତାହା ସମ୍ଭବ ହୋଇପାରିନାହିଁ। ପୌରାଞ୍ଚଳର ୧ ୦ ୱାର୍ଡରେ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ। ସ୍ୱାସ୍ଥ୍ୟ, ରାସ୍ତାଘାଟ, ବିଦ୍ୟୁତୀକରଣ ବ୍ୟବସ୍ଥା, ପରିମଳ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ଏପରି ଅନେକ ସମସ୍ୟା ଗ୍ରାମାଞ୍ଚଳବାସୀଙ୍କ ବିକାଶରେ ମଧ୍ୟ ପ୍ରତିବନ୍ଧକ ସାଜିଛି। ଆଗାମୀ ନିର୍ବାଚନରେ ଏହାକୁ ପ୍ରମୁଖ ପ୍ରସଙ୍ଗ କରି ପ୍ରାର୍ଥୀମାନେ ନିର୍ବାଚନ ବୈତରଣୀ ପାରହେବାକୁ ଚେଷ୍ଟା କରିବା ଯଥେଷ୍ଟ ସମ୍ଭାବନା ରହିଛି।

ଗତ ନିର୍ବାଚନରେ ବିଜେଡି-ଭାଜପା ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ସରୋଜ କୁମାର ସାମଲ ମାତ୍ର ୩,୪୭୫ ଭୋଟରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ଭାଜପାର କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ହରାଇଥିଲେ। ସରୋଜଙ୍କୁ ୬୮,୯୮୦ ଭୋଟ ମିଳିଥିବାବେଳେ କୃଷ୍ଣଚନ୍ଦ୍ର ପାଇଥିଲେ ୬୫,୫୦୫। ଏହି କ୍ରମରେ କଂଗ୍ରେସର ସିଦ୍ଧେଶ୍ୱରୀ ପ୍ରସାଦ ମିଶ୍ର ୩୦,୬୪୩ ଭୋଟ ପାଇବା ସହ ୩ୟ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲେ। ଚଳିତବର୍ଷ ମଧ୍ୟ ବିଜେଡି-ଭାଜପା ମଧ୍ୟରେ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱିତା ହେବା ଆଲୋଚନା ହେଉଛି। ଏବେ ବିଜେଡିର ପ୍ରମୁଖ ଆଶାୟୀଙ୍କ ମଧ୍ୟରେ ବିଧାୟକ ସରୋଜ କୁମାର ସାମଲ, ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତି, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ପୂର୍ବତନ ଡ୍ରିଟ୍ ଅଧ୍ୟକ୍ଷ ଦେବୀ ପ୍ରସାଦ ଭୂତିଆ, ହର୍ଷବର୍ଦ୍ଧନ ସିଂଦେଓ ପ୍ରମୁଖ ଅଛନ୍ତି। ସେହିପରି କଂଗ୍ରେସର ଜିଲା ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ନଗରପାଳ ଶ୍ରୀଧର ସାହୁ, କାର୍ଯ୍ୟକାରୀ ସଭାପତି ସରୋଜ କୁମାର ପଟ୍ଟନାୟକ, ଏଆଇସିସି ସଭ୍ୟା ସୁବାସିନୀ ମହାକୁଡ, ସୁନୀଲ ଦାଶ, ଶୁଭ ପଣ୍ଡା ଏବଂ ଭାଜପାରୁ ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ଜିଲା ମହିଳା ମୋର୍ଚ୍ଚା ସଭାପତି ନୀରୋଜ ନଳିନୀ ମହାଳିକ ପ୍ରମୁଖ ଆଶାୟୀ ଅଛନ୍ତି। ଏ ନେଇ ବିଧାୟକ ସରୋଜ କୁମାର ସାମଲ କୁହନ୍ତି, ସେ ନିର୍ବାଚନମଣ୍ଡଳୀର ଲୋକଙ୍କ ସହ ସର୍ବଦା ରହିଆସିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣ ଯୋଜନାର ସୁଫଳ ଲୋକମାନେ ପାଇଛନ୍ତି। ଜନସାଧାରଣଙ୍କ ଶ୍ରଦ୍ଧା ତାଙ୍କ ଉପରେ ରହିଛି। ତେଣୁ ସେ ପ୍ରାର୍ଥୀ ହେବା ନିଶ୍ଚିତ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତି କୁହନ୍ତି, ତାଙ୍କୁ ଦିଆଯାଇଥିବା ସମବାୟ ଦାୟିତ୍ୱକୁ ସେ ସୁଚାରୁରୂପେ ନିଭାଇଛନ୍ତି। ଚାଷୀଙ୍କୁ ଏକାଠି କରିବାରେ ଯଥାସାଧ୍ୟ ଉଦ୍ୟମ କରିଛନ୍ତି। ସୁଯୋଗ ମିଳିଲେ ସେ ସଫଳ ହେବେ ବୋଲି କହିଛନ୍ତି। ବିଜେଡି ସାଧାରଣ ସମ୍ପାଦକ ସୁଧୀର କୁମାର ସାମଲ କୁହନ୍ତି, ସେ ଆତ୍ମଘୋଷିତ ପ୍ରାର୍ଥୀ ନୁହନ୍ତି। ଦଳ ଯାହା ଦାୟିତ୍ୱ ଦେଇଛି ସେ ତାହା କରିଛନ୍ତି। ଆଗକୁ ମଧ୍ୟ ତାହା ଜାରି ରହିବ। ପୂର୍ବତନ ଡ୍ରିଟ୍ ଅଧ୍ୟକ୍ଷ ଦେବୀ ପ୍ରସାଦ ଭୂତିଆ କୁହନ୍ତି, ଅତୀତରେ ବହୁ ପଦପଦବୀରେ ରହି ସଙ୍ଗଠନ ସହ ନିବିଡ଼ ଭାବେ ଜଡ଼ିତ ଅଛନ୍ତି। ଦଳ ମୁଖିଆ ଯାହା ନିଷ୍ପତ୍ତି ନେବେ ତାକୁ ଗ୍ରହଣ କରିବେ। ହର୍ଷବର୍ଦ୍ଧନ ସିଂଦେଓ କୁହନ୍ତି, ସେ ୫ବର୍ଷ ହେଲା ସଙ୍ଗଠନ ସହ ଜଡ଼ିତ। ଭାଜପା ଆଡ଼କୁ ମୁହାଁଉଥିବା ଲୋକଙ୍କୁ ବିଜେଡିରେ ସାମିଲ କରିବାରେ ସେ ଯଥାସାଧ୍ୟ ଉଦ୍ୟମ କରୁଛନ୍ତି। ଜନସାଧାରଣ, ଦଳ ଚାହିଁଲେ ସେ ମଧ୍ୟ ଲଢ଼ିବେ ବୋଲି କହିଛନ୍ତି। ପୂର୍ବତନ ଭାଜପା ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର କୁହନ୍ତି, ନିର୍ବାଚନ ଲଢିବା ପାଇଁ ପ୍ରସ୍ତୁତି ସାରିଛନ୍ତି। ସମସ୍ତଙ୍କ ସହାୟତା ମିଳିଲେ ନିଶ୍ଚିତ ସଫଳ ହେବେ। ମହିଳା ମୋର୍ଚ୍ଚା ସଭାପତି ନୀରୋଜ ନଳିନୀ ମହାଳିକ କୁହନ୍ତି, ୩ଥର ହାରିଥିବା ପ୍ରାର୍ଥୀଙ୍କୁ ଦଳ ଆଉ ଟିକେଟ ଦେବନାହିଁ। ଦଳ ନୂଆ ମୁହଁ ଖୋଜୁଛି। ମହିଳା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ମିଳିବା ଆଶା ରହିଛି।

ସେହିପରି କଂଗ୍ରେସ ପ୍ରାର୍ଥୀ ଦୌଡ଼ରେ ଜିଲା ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ତଥା ଶିକ୍ଷାବିତ୍ ସରୋଜ କୁମାର ପଟ୍ଟନାୟକ, ସୁବାସିନୀ ମହାକୁଡ଼ ଅଛନ୍ତି। ତେବେ ସୁବାସିନୀଙ୍କ ପ୍ରତିକ୍ରିୟା କଂଗ୍ରେସ ଶିବିରରେ ଦ୍ୱନ୍ଦ୍ୱ ବଢ଼ାଇଛି। ସେ କହିଛନ୍ତି, ବିଗତ ଦିନରେ ବିଧାୟକମାନେ ଢେଙ୍କାନାଳର ବିକାଶ ଲାଗି କିଛି କରିନାହାନ୍ତି। ଏବେ ମହିଳାଙ୍କୁ ଅଗ୍ରାଧିକାର ଦେବା ସମୟ ଆସିଛି। ଏପରି ହେଲେ ସେ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବେ ବୋଲି କହିଛନ୍ତି। ଏସବୁ ଭିତରେ ନବୀନ ନନ୍ଦଙ୍କ ଉପରେ ସମସ୍ତଙ୍କ ଫୋକସ ରହିଛି। କାରଣ ସେ ବିଜେଡି ଛାଡ଼ିବା ପରେ ଏବେ ସୁଦ୍ଧା କୌଣସି ଦଳରେ ଯୋଗଦେଇନାହାନ୍ତି। କିନ୍ତୁ ଆଗାମୀ ନିର୍ବାଚନରେ ନିଶ୍ଚିତ ପ୍ରାର୍ଥୀ ହେବେ ବୋଲି ଘୋଷଣା କରିସାରିଛନ୍ତି। ତାଙ୍କ ପାଇଁ ସବୁ ବିକଳ୍ପ ଖୋଲା ରହିଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

**ଅନ୍ୟାନ୍ୟ ଭୋଟର** ୨୫
**ମୋଟ ଭୋଟର ସଂଖ୍ୟା** ୨,୪୯,୫୯୩
**ପୁରୁଷ ଭୋଟର** ୧,୨୯,୫୭୪
**ମହିଳା ଭୋଟର** ୧,୧୯,୯୯୪




| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ସରୋଜ କୁମାର ସାମଲ | ୬୮,୯୮୦ |
| ଭାଜପା | କୃଷ୍ଣଚନ୍ଦ୍ର ପାତ୍ର | ୬୫,୫୦୫ |
| କଂଗ୍ରେସ | ସିଦ୍ଧେଶ୍ୱରୀ ପ୍ରସାଦ ମିଶ୍ର | ୩୦,୬୪୩ |
| ଅନ୍ୟାନ୍ୟ | --- | ୧୩,୪୮୯ |

**ନିର୍ବାଚନମଣ୍ଡଳୀ ରୂପରେଖ**
ଗଁଦିଆ ବ୍ଲକର ୩୦ ପଞ୍ଚାୟତ, ସଦର ବ୍ଲକର ୩୦ ପଞ୍ଚାୟତରୁ ୨୧, ଢେଙ୍କାନାଳ ପୌରାଞ୍ଚଳର ୨୩ ୱାର୍ଡକୁ ନେଇ ଗଠିତ ଢେଙ୍କାନାଳ ବିଧାନସଭା କ୍ଷେତ୍ର। ଏହି ଆସନ ସାଧାରଣ ବର୍ଗଙ୍କ ଲାଗି ସଂରକ୍ଷିତ ରହିଛି।

ସରୋଜ ସାମଲ


କୃଷ୍ଣଚନ୍ଦ୍ର ପାତ୍ର


ନବୀନ ନନ୍ଦ


ସୁରେଶ ଚନ୍ଦ୍ର ପାଣିଗ୍ରାହୀ


# ନିର୍ଣ୍ଣାୟକ ହୋଇପାରେ ଭୂୟାଁ ଆଦିବାସୀ ଭୋଟ

**ଅଶୋକ ଷଡଙ୍ଗୀ**
**ବଡଗାଁ,୬।୩(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲାର ତଳସରା ନିର୍ବାଚନମଣ୍ଡଳୀ ବଡଗାଁ, ସବ୍‌ଡେଗା, ବାଲିଶଙ୍କରା ବ୍ଲକ ଓ ଲେଫ୍ରିପଡା ବ୍ଲକର ୧୦ ପଞ୍ଚାୟତକୁ ନେଇ ଗଠିତ। ଗତ ବିଧାନସଭା ନିର୍ବାଚନରେ ଶାସକ ଦଳ ଭଲ ପ୍ରଦର୍ଶନ କରିଥିଲା। ହେଲେ ଗୋଷ୍ଠୀ କନ୍ଦଳ ଯୋଗୁ ବିଜେଡି ପ୍ରାର୍ଥୀ ବିନୟ ଟପ୍ପୋ କଂଗ୍ରେସ ପ୍ରାର୍ଥୀ ଡା. ପ୍ରଫୁଲ୍ଲ ମାଝିଙ୍କଠାରୁ ମାତ୍ର ୧୪୩୮ ଭୋଟରେ ପରାଜିତ ହୋଇଥିଲେ। ଆଗାମୀ ବିଧାନସଭା ନିର୍ବାଚନରେ ସବ୍‌ଡେଗା, ବାଲିଶଙ୍କରା ଓ ଲେଫ୍ରିପଡା ବ୍ଲକ୍ ଅଞ୍ଚଳର ସର୍ବାଧିକ ୬ଜଣ ଆଶାୟୀ ବିଜେଡି ଟିକେଟ୍ ଦୌଡରେ ଅଛନ୍ତି। ସେମାନେ ହେଲେ ଡବ୍ଲ୍ୟୁଓଡିସି ଏକ୍ସପର୍ଟ ମେମ୍ବର ଓକିଲ ବିନୟ ଟପ୍ପୋ, ପୂର୍ବତନ ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ପୂର୍ବତନ ବିଧାୟକ ରଣଜିତ ଭିତ୍ରିଆ, ସୁନ୍ଦରଗଡ଼ ପୋଲିସ ଡିଏସ୍‌ପି ଦାମୋଦର ଭୋଇ, ହକି ତାରକା ପ୍ରବୋଧ ତିର୍କୀ ଓ ପୂର୍ବତନ ବିଧାୟକ ନେଲସନ ସୋରେଙ୍ଗଙ୍କ ପୁଅ ଷ୍ଟିଫେନ୍ ସୋରେଙ୍ଗ।

କଂଗ୍ରେସରେ ମାତ୍ର ୨ଜଣ ଆଶାୟୀ ଅଛନ୍ତି। ବର୍ତ୍ତମାନର ବିଧାୟକ ଡା. ପ୍ରଫୁଲ୍ଲ ମାଝି ଏଥର ବି ଟିକେଟ୍ ପାଇବେ ବୋଲି ଆଶା ବାନ୍ଧିଛନ୍ତି। ତାଙ୍କ ସହିତ ଜିଲା ପରିଷଦ ସଭ୍ୟା ଗେରୋଟି ଖେସ ମଧ୍ୟ ଟିକେଟ୍ ଦୌଡ଼ରେ ଅଛନ୍ତି।

ଭାଜପାରେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଧ୍ରୁବ କାଲୋ, ଭାଜପା ଜିଲା ଉପସଭାପତି ସୁରେନ୍ଦ୍ର ଭିତ୍ରିଆ ଓ ଭବାନୀ ଭୋଇ ଟିକେଟ ପାଇବାକୁ ଆଶା ରଖିଛନ୍ତି। ଧ୍ରୁବ କାଲୋ କହନ୍ତି, ନିର୍ବାଚନ ମଣ୍ଡଳୀରେ ଆଖିଦୃଶିଆ ବିକାଶ ହୋଇନାହିଁ। ଯୁଗୀ ଯୁଗେନ ଡ୍ୟାମ, କରମଡିହିରୁ ଏନଏଚ ରାସ୍ତା, ଆବଶ୍ୟକ ୧୫ଟି ବ୍ରାଞ୍ଚ ବ୍ୟାଙ୍କ ଶାଖା ଖୋଲିବା, ପର୍ଯ୍ୟଟନ ସ୍ଥଳର ବିକାଶ ଆଦି ଅନେକ କାମ ରାଜନୈତିକ ଇଚ୍ଛା ଶକ୍ତିର ଅଭାବରୁ ହୋଇପାରିନି। ଏସବୁ କାମ ଉପରେ ପ୍ରାଥମିକତା ରହିବ। ଜନ ସମ୍ପର୍କ ଠିକ୍ ଚାଲିଛି। ଲୋକେ ଚାହୁଁଥିବାରୁ ଟିକେଟ୍ ମିଳିଲେ ନିଶ୍ଚୟ ଜିତିବି।

ଶାସକ ଦଳରୁ ବିନୟଙ୍କୁ ଟିକେଟ ମିଳିବା ନେଇ ଚର୍ଚ୍ଚା ହେଉଥିଲା ବେଳେ ଯଦି ଦଳ ମହିଳା ସଂରକ୍ଷଣ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଏ ତେବେ କୁଞ୍ଜଲତା ଏକମାତ୍ର ମହିଳା ଆଶାୟୀ ହୋଇଥିବାରୁ ତାଙ୍କୁ ଟିକେଟ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ଏହି ନିର୍ବାଚନ ମଣ୍ଡଳୀରେ ଭୂୟାଁ ଆଦିବାସୀ ଭୋଟ ନିର୍ଣ୍ଣାୟକ ହେଉଥିବା ଧାରଣା ରହି ଆସିଥିବାରୁ ରଣଜିତ ଭିତ୍ରିଆ ଓ କୁଞ୍ଜଲତା ଏହାକୁ ଆୟୁଧ କରି ଟିକେଟ ପାଇଁ ଦାବି କରୁଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଆଶାୟୀ ଆଡ଼ଭୋକେଟ ବିନୟ ଟପ୍ପୋ କହନ୍ତି, ୨୦୧୪ରେ ସ୍ୱଳ୍ପ ବ୍ୟବଧାନରେ ହାରିଥିଲି। ଗାଁ ଗହଳିରେ ବହୁ କାମ କରିଛି। ଜନସାରଣଙ୍କ ସହ ଭଲ ଜନସମ୍ପର୍କ ଥିବାରୁ ଯଦି ଟିକେଟ୍ ମିଳେ ମୁଁ ବିଜୟୀ ହେବି ବୋଲି ଆଶା ରଖିଛି।

ବିଧାୟକ ଡା. ମାଝିଙ୍କ ସମେତ ଅନ୍ୟ ଆଶାୟୀମାନେ ବି ନିଜ ଉଦ୍ୟମର ଜନସମ୍ପର୍କ ରଖିଛନ୍ତି। ତଥାପି ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀର ୭ଟି ଜିଲା ପରିଷଦ ଆସନରେ ଭାଜପା ବଡଗାଁର ୨, ବାଲିଶଙ୍କରା ବ୍ଲକର ୨ ଓ ଲେଫ୍ରିପଡା ବ୍ଲକର ଗୋଟିଏକୁ ମିଶାଇ ମୋଟ ୫ ଆସନ ଅକ୍ତିଆର କରିଥିଲା। ସବ୍‌ଡେଗା ବ୍ଲକର ଗୋଟିଏ ଆସନ କଂଗ୍ରେସ ଓ ଗୋଟିଏ ବିଜେଡି ହାତକୁ ଯାଇଥିଲା। କଂଗ୍ରେସର କେତେକ ବ୍ଲକସ୍ତରୀୟ ନେତାଙ୍କ କଥାରେ ପଡି ବିଧାୟକ କର୍ମୀ, ସହଯୋଗୀମାନଙ୍କୁ ଅଣଦେଖା କରିଥିବା, ଠିକାକାମ ନିର୍ଦ୍ଦିଷ୍ଟ କେତେଜଣ କର୍ମକର୍ତ୍ତା କରିବା ଯୋଗୁ ଅସନ୍ତୁଷ୍ଟ କର୍ମୀମାନେ ଖୋଲାଖୋଲି ବିରୋଧୀ ଭୂମିକା ନିଭାଇଥିଲେ, ଯାହା କଂଗ୍ରେସକୁ ଧକ୍କା ଦେଇଥିଲା। ଏ ସମ୍ପର୍କରେ ବର୍ତ୍ତମାନର ବିଧାୟକ ଡ. ପ୍ରଫୁଲ୍ଲ ମାଝି କହନ୍ତି, ନିର୍ବାଚନମଣ୍ଡଳୀର ବିକାଶ ପାଇଁ କାମ କରିଛି। ଲୋକେ ଚାହୁଁ ଥିବାରୁ ବିଜୟ ନିଶ୍ଚିତ। ଅନ୍ୟପକ୍ଷେ ଭାଜପା ଜିଲା ପରିଷଦ ନିର୍ବାଚନରେ ଭଲ ପ୍ରଦର୍ଶନ କରିଥିଲା। ସେଥିପାଇଁ ଭାଜପାର ଆଶାୟୀମାନେ ଜନସମ୍ପର୍କରେ ଲାଗି ପଡିଛନ୍ତି। ହେଲେ ଆଗାମୀ ନିର୍ବାଚନରେ ଭୂୟାଁ ଆଦିବାସୀ ଭୋଟ ନିର୍ଣ୍ଣାୟକ ହେବା ଆଶଙ୍କା କ୍ଷୀଣ ବୋଲି କେତେକ ରାଜନୈତିକ ସମୀକ୍ଷକ କହିଛନ୍ତି। କାରଣ ଗତ କେତେକ ନିର୍ବାଚନକୁ ଅନୁଧ୍ୟାନ କଲେ ଏହା ବୁଝାପଡୁଛି। ସମସ୍ତ ଦଳରେ ଭୂୟାଁ ପ୍ରାର୍ଥୀ ରହୁଥିବାରୁ ଏକତରଫା ଭୋଟ ଯିବା ସମ୍ଭାବନା ନାହିଁ। ଏବେ ସମସ୍ତ ଦଳର ନେତା ଗାଁ ମୁହାଁ ହେଲେଣି। ସେଥିପାଇଁ ଗାଁ ରାଜନୀତି ଚଳଚଞ୍ଚଳ ଥିବା ଦେଖାଯାଉଛି। ଆଗାମୀ ନିର୍ବାଚନରେ ପ୍ରାର୍ଥୀ ଓ ଦଳ ମୁଖିଆଙ୍କ କାର୍ଯ୍ୟକଳାପର ପ୍ରଭାବ ଭୋଟରଙ୍କ ଉପରେ ପଡିବ ବୋଲି ମତ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ତଳସରା ନିର୍ବାଚନ ମଣ୍ଡଳୀରେ ୧୯୬୧ରୁ ୨୦୧୪ ମସିହା ମଧ୍ୟରେ ୧୩ ଥର ନିର୍ବାଚନ ହୋଇଛି। ଏଥିରେ ଗଙ୍ଗାଧର ପ୍ରଧାନ ୧୯୬୧ରେ ଗଣତନ୍ତ୍ର ପରିଷଦ, ୧୯୬୭ରୁ ୧୯୭୧ ପର୍ଯ୍ୟନ୍ତ ସ୍ୱତନ୍ତ୍ର ପାର୍ଟିରୁ ବିଧାୟକ ଥିଲେ। ୧୯୭୪ରେ କଂଗ୍ରେସରୁ ପ୍ରେମାନନ୍ଦ କାଲୋ, ୧୯୭୭ରେ ଜନତା ଦଳରୁ ଇଗ୍ନେସ ମାଝି, ୧୯୮୦ ଓ ୧୯୮୫ରେ କଂଗ୍ରେସରୁ ଗଜାଧର ମାଝି, ୧୯୯୦ରେ ଜନତା ଦଳରୁ ରଞ୍ଜିତ ଭିତ୍ରିଆ, ୧୯୯୫ରେ କଂଗ୍ରେସରୁ ଗଜାଧର ମାଝି, ୨୦୦୦ରୁ ଅଦ୍ୟାବଧି କଂଗ୍ରେସରୁ ଡା. ପ୍ରଫୁଲ୍ଲ ମାଝି ବିଧାୟକ ରହିଛନ୍ତି।

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| କଂଗ୍ରେସ | ଡା. ପ୍ରଫୁଲ୍ଲ ମାଝି | ୪୫,୬୮୯ |
| ବିଜେଡି | ବିନୟ ଟପ୍ପୋ | ୪୪,୨୫୧ |
| ଭାଜପା | ସନ୍ତୋଷ ଅମାତ | ୪୧,୭୭୨ |

**ମୋଟ ଭୋଟର ସଂଖ୍ୟା** ୨,୦୬,୨୪୫
**ପୁରୁଷ ଭୋଟର** ୧,୦୦,୩୦୫
**ମହିଳା ଭୋଟର** ୧,୦୨,୩୦୯

ତଳସରା ବିଧାନସଭା ନିର୍ବାଚନମଣ୍ଡଳୀ



ପ୍ରଫୁଲ୍ଲ ମାଝି


ବିନୟ ଟପ୍ପୋ


ଧ୍ରୁବ କାଲୋ

# ବଲାଙ୍ଗୀରରେ ହେବ ମିଶନ ଶକ୍ତି ଭବନ: ମୁଖ୍ୟମନ୍ତ୍ରୀ

**ବଲାଙ୍ଗୀର ଅଫିସ, ୬।୩**

ବଲାଙ୍ଗୀର ପଥରଚେପା ପଡ଼ିଆରେ ଆୟୋଜିତ ମିଶନ ଶକ୍ତି ମହାସମାବେଶରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ମିଶନ ଶକ୍ତି ଭବନ ନିର୍ମାଣ ପାଇଁ ୧ କୋଟି ଟଙ୍କା ଅନୁଦାନ ଘୋଷଣା କରିଛନ୍ତି। ବଲାଙ୍ଗୀରରେ ମିଶନ ଶକ୍ତି ଭବନ ନିର୍ମାଣ ହେବ ବୋଲି ସୂଚନା ଦିଆଯାଇଛି। ଏହି ମହାସମାବେଶରେ ଯୋଗଦେଇଥିବା ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ନମସ୍କାର ଜଣାଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ତାଙ୍କ ବକ୍ତବ୍ୟ ଆରମ୍ଭ କରିଥିଲେ। ଏହି ସଂକ୍ଷିପ୍ତ ବକ୍ତବ୍ୟରେ ମିଶନ ଶକ୍ତି ଭବନ ପାଇଁ ଅନୁଦାନ ଘୋଷଣା କରିଥିଲେ। ପରେ ସମସ୍ତଙ୍କୁ ଧନ୍ୟବାଦ ଦେଇ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ।

ଏହି ମହାସମାବେଶ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏଥିରେ ପ୍ରାୟ ୫୦ ହଜାର ମହିଳା ଯୋଗଦେଇଥିଲେ।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଶନ ଶକ୍ତି କାର୍ଯ୍ୟକ୍ରମରେ ବକ୍ତବ୍ୟ ଦେଉଛନ୍ତି (ବାମ)। ମିଶନ ଶକ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା।

**No. 1910-O:-** The Executive Engineer, RWS&S. Division, Koraput on behalf of the Governor of Odisha invites Percentage Rate Bids in Double cover (P1contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN.The bid should be submitted on-line in the website www.tendersorissa.gov.in separately for the works.

| | | |
|---|---|---|
| 1. | Nature of Work | Rural Piped Water Supply Work (Civil) |
| 2. | Estimated Cost | Varies from 20.95 Lakhs to 83.19 Lakhs |
| 3. | No. of Works | 15 Nos. |
| 4. | Tender cost | 6000.00 to 10000.00 |
| 5. | Class of Contractor | "C" "B" & "A" |
| 6. | Availability of Bid document in the website | Dt.11.3.2019, 17 hours to 18.3.2019, 17 hours. |
| 7. | Date of Seeking clarification | During the Office hours of 11.3.2019 to 17.3.2019 |
| 8. | Date of Opening of Bid | Dt. 19.3.2019 at.11 hours |

Further details can be seen in the bidding documents which is available in the e-procurement portal https//www.tendersorissa.gov.in. Subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.

*Sd./- Executive Engineer, R.W.S&S. Division, Koraput*

25034/11/0044/1819



**GOVERNMENT OF ODISHA**

**DEPARTMENT OF WATER RESOURCES**

**OFFICE OF THE SUPERINTENDING ENGINEER**

**SUBARNAREKHA IRRIGATION CIRCLE**

**AT/PO: LAXMIPOSI, DIST.- MAYURBHANJ**

1380-A

**Government of Odisha "e" Procurement Notice**

**Bid Identification No. 03/18-19 of SE-SIC, Laxmiposi**

| | | |
|---|---|---|
| i. | Name of Work | Balance work of Cement concrete lining to gap at RD 43090M. RD 42780M, RD 42320M, RD 40940M and RD 38000M of Subarnarekha Main Canal along with Inspection road |
| ii. | Estimated Cost (Lakh) | Rs. 114.42 Lakh |
| iii. | Period of Completion | 6 (Six) Calendar months |
| iv. | Date & time of availability of bid document in the portal | 08.03.2019 at 10AM |
| v. | Last date / time for receipt of Bid in the portal | 23.03.2019 upto 5.00PM |
| vi. | Name & address of the O.I.T. | Superintending Engineer, Subarnarekha Irrigation Circle, Laxmiposi, Mayurbhanj |

Further details can be seen from the e-Procurement portal "https://tendersodisha.gov.in"

*Sd./- Superintending Engineer*
*Subarnarekha Irrigation Circle, Laxmiposi*
*sesic12@gmail.com*

32120/11/0004/1819



**DISTRICT EDUCATION OFFICE, NUAPADA**

**No. 2454** **Date: 06.03.2019**

**TENDER CALL NOTICE**

Sealed tenders are invited from the Manufacturers/ Authorized dealers/ Distributors/ Govt. registered Electrical Contractors having valid GST Registration Certificate and Number for supply, installation and commissioning of Desktop Computers, Generators Set, Colour Television with DTH Connection, Public address System, Water Cooler with Filter (RO) and All in One Laser Printers in different locations of Nuapada district through Registered/ Speed Post only. The detailed specifications, terms and conditions can be downloaded from the website www.nuapada.nic.in. The last date for receipt of tender paper is 16.03.2019 till 5.00 PM and the tender will be opened on 18.03.2019 at 4.00 PM at Conference Hall of Collectorate, Nuapada. The authority reserves the right to modify the content, accept or reject or cancel the tender without assigning any reason thereof.

**Sd./- District Education Officer, Nuapada**



**Odisha Livelihoods Mission**
**Panchayati Raj & Drinking Water Department**
**Government of Odisha**

**EOI No: 06/2018-19** **Date: 06.03.2019**

**No.88-i:-** **Request for Expression of Interest**

**"Hiring of CA Firm for Statutory Audit for the Financial Year 2018-2019 under Odisha Livelihoods Mission:"**

1. The Government of India has availed a credit from International Development Association (IDA), towards the National Rural Livelihoods Project which aims to support the National Rural Livelihoods Mission under the Ministry of Rural Development, Government of India and intends to apply part of the loan proceeds to make payments under the contract for the following services.
2. The Odisha Livelihoods Mission (OLM) now invites eligible Consultant to indicate their interest in providing the Services. Interested Consultant should provide information demonstrating that they have the required qualifications and relevant experience to perform the Services in the prescribed format at Annex-A & B.
3. Firm may associate with other firm in the form of a joint venture to enhance their qualifications & experience.
4. Firm will be selected in accordance with the Least Cost Selection (LCS) method set out in the Consultant Guidelines (NRLM Procurement Manual).
5. Further information can be obtained at the address below during office hours i.e. 10.00 to 17.00 hours and the details ToR and NRLM Procurement Manual can be seen and downloaded in OLM website www.olm.nic.in.
6. In case of any Addendum/ Clarification / Corrigendum/ Extension regarding this EOI, the same will be published in the above websites.
7. Expression of interest in sealed envelope must be delivered in a written to the address below (in person, or by post/courier) latest by 20.03.2019, 3.30 PM Hours (IST).
8. Authority reserves the right to accept or reject any proposal and to cancel the procurement process and reject all proposals, at any time prior to the award of contract, without assigning any reason thereof.

State Mission Director-cum-CEO
Odisha Livelihoods Mission (OLM)
SIRD Campus, Unit-8, Bhubaneswar
Contact Person-

**Sd./- State Mission Director-cum-CEO**

**SIRD Campus, Unit VIII, Bhubaneswar- 751012, Odisha**

**Tel: 0674-2560169, e-mail: smmu.olm@gmail.com/po.tripti@gmail.com**

19018/11/0046/1819



**'e' - Procurement Notice**

**Tender Reference No.- TCRM-WS-74/2018-19**

**Bid Identification No.- 2019_ORULB**

**No. 1005** **Dt.02.03.2019**

No. 537-C: Bid documents consisting of works with their estimated cost, cost of tender paper, EMD, time of completion, class of contractor and the set of terms & conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

| | | | |
|---|---|---|---|
| 1. | Name of the Work | : | Water Supply work as mentioned in the website |
| 2. | No. of Works | : | 3 Nos. |
| 3. | Estimated Cost | : | 3.35 to 3.65 Lakhs |
| 4. | Period of Completion | : | As per DTCN |
| 5. | Date & time of availability of Bid document in the portal | : | From Dt.04.03.2019 to Dt.11.03.2019 upto 5.00 P.M. |
| 6. | Last date & time for receipt of Bid in the portal | : | Upto 5.00 P.M. to Dt.11.03.2019 |
| 7. | Last date for receipt of Financial document | : | Upto 1.00 P.M. of Dt.12.03.2019 |
| 8. | Bid received Online shall be opened on | : | Dt.12.03.2019 at 3.00 P.M. |
| 9. | Name & Address of the Officer Inviting the Bid | : | Executive Officer, Talcher Municipality |

Further details can be seen from the procurement portal i.e. **www.tendersorissa.gov.in**.

**Sd./- Executive Officer Talcher Municipality**

13077/11/0024/1819



**GOVERNMENT OF ODISHA**

**DEPARTMENT OF WATER RESOURCES**

**OFFICE OF THE EXECUTIVE ENGINEER, EARTH DAM DIVISION, CHITRAKONDA**

**DISTRICT: MALKANGIRI**

**E-mail ID –executiveengineereddckd@gmail.com**

**"e" Procurement Notice** No.1376-A

1. Name of Work: As per detailed Tender Call Notice, (2) Total No. of package: 02 Nos. individual package, (3) Estimated cost of package(s): Varies from Rs. 12.84 Lakhs to Rs. 39.93 Lakhs, (4) Period of completion: 12 (Twelve) Calendar Months)

| Procurement Officer | Bid Identification No. | Availability of tender on line for bidding | | Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Earth Dam Division, Chitrakonda | EDD-07 of 2018-19 On-line | 08.03.2019 at 1.00 PM | 18.03.19 up to 5.00 PM. | 19.03.2019 at 11.00 A.M on wards at S.I Sub Division Malkangiri |

Further details can be seen from the Govt. website **www.tendersorissa.gov.in.** Corrigendum / addendum / Cancelation of tender can also be seen in the aforesaid website.

**Sd./- Executive Engineer, Earth Dam Division,Chitrakonda, Malkangiri (O).**

32019/11/0014/1819



**OFFICE OF THE EXECUTIVE ENGINEER MINOR IRRIGATION DIVISION, KHURDA**

**E-mail: eemidkhurda@yahoo.co.in**

**GOVERNMENT OF ODISHA**

**e-PROCUREMENT NOTICE**

**No.1382-A:- BID IDENTIFICATION No: EEMIDKHD 28 /2018-19**

| | | |
|---|---|---|
| Name of work | : | Civil Construction Works (Check dams) |
| No. of works | : | 10(Ten ) Nos. |
| Estimated cost | : | Rs. 18.37 lakh to 49.70 lakh. |
| Tender paper cost | : | Rs. 6,000.00 |
| Period of completion | : | 120 days. |
| Class of Contractor | : | "A", "B", "C "& "D". |
| Availability of bid documents | : | From 08.03.2019, 11.00 AM to 18.03.2019 up to 5.00 PM in website (www.tendersorissa.gov.in). |
| Period of Receipt of bid through on Line | : | From 08.03.2019, 11.00AM to 18.03.2019 upto 5.00 PM through On- Line. |
| Mode of Payment | : | Online. |
| Date of opening of bid documents | : | 19.03.2019. |
| Date of Lottery( If required) | : | On dt. 23.03.2019 at 11.00 AM on wards. |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class-II or Class-III. |
| The detail tender call notice can also be seen in the DOWR website- http://dowrorissa.gov.in. | | |
| Name & Address of the OIT | : | Executive Engineer, M.I.Division, Khurda, At- Pallahat , PO-Khurda, Dist:- Khurda, PIN-752056, E-mail ID-eemidkhurda@yahoo.co.in. |
| Further details can be seen from the e-Procurement market place. | : | http://tendersorissa.gov.in. |

**Executive Engineer M.I.Division, Khurda**

**32042/11/0024/1819**

“ଯଦି ଷ୍ଟିଭେନ ସ୍ମିଥ୍ ଓ ଡେଭିଡ୍ ୱାର୍ନର ଟିମ୍‌ରେ ରୁହନ୍ତି ତେବେ ଅଷ୍ଟ୍ରେଲିଆ ଆଗାମୀ ଆଇସିସି ବିଶ୍ୱକପ୍ ଜିତିପାରିବ ।

– ସେନ୍ ୱର୍ନ, ମହାନ ଅଷ୍ଟ୍ରେଲୀୟ ସ୍ପିନର



“ଆମେରିକାରେ ପ୍ରଫେସନାଲ ବକ୍ସିଂ ଉଚ୍ଚତମସ୍ତରର ହୋଇଥାଏ। ଟ୍ରେନର ଫ୍ରେଡି ରୋଚ୍‌ଙ୍କ ତତ୍ତ୍ୱାବଧାନରେ ଶ୍ରେଷ୍ଠ ପ୍ରଦର୍ଶନ କରିବି ବୋଲି ଆଶା ରହିଛି ।

– ବିଜେନ୍ଦର ସିଂ, ଭାରତୀୟ ପ୍ରଫେଶନାଲ ବକ୍ସର



## ସଂକ୍ଷେପରେ

### ଅଲ୍ ଇଂଲଣ୍ଡ ବ୍ୟାଡମିଣ୍ଟନ ସିନ୍ଧୁ ଆଉଟ୍

ବର୍ମିଂହାମ, ୬।୩(ପି.ଟି.): ବିଶ୍ୱର ସର୍ବପୁରାତନ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍ ବୁଧବାରଠାରୁ ଏଠାରେ ଆରମ୍ଭ ହୋଇଛି। ତେବେ ପ୍ରଥମ ଦିବସରେ ଭାରତକୁ ଝଟ୍‌କା ଲାଗିଛି। ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ପି.ଭି. ସିନ୍ଧୁ ପ୍ରଥମ ରାଉଣ୍ଡରୁ ହାରି ଏହି ସମ୍ମାନଜନକ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ତେବେ ପୁରୁଷ ସିଙ୍ଗଲ୍ସରେ ବି. ସାଇ ପ୍ରଣୀଥ୍ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ପଞ୍ଚମ ସିଡ୍ ମାନ୍ୟତା ସିନ୍ଧୁ କୋରିଆର ସୁଙ୍ଗ୍ ଜି ହ୍ୟୁନଙ୍କ ନିକଟରୁ ୧୬-୨୧, ୨୨-୨୦, ୧୮-୨୧ ଗେମ୍‌ରେ ପରାସ୍ତ ହୋଇଛନ୍ତି। ଏହି ମ୍ୟାଚଟି ଏକ ଘଣ୍ଟା ୨୧ ମିନିଟ୍ ଧରି ଚାଲିଥିଲା। ପୂର୍ବରୁ ଉଭୟ ସଟ୍‌ଲରଙ୍କ ମଧ୍ୟରେ ଅନୁଷ୍ଠିତ ଶେଷ ୩ଟି ମୁକାବିଲାରୁ ସିନ୍ଧୁ ୨ଥର ପରାସ୍ତ ହୋଇଥିଲେ। ସୁଙ୍ଗ୍‌ଙ୍କ ବିପକ୍ଷରେ ସିନ୍ଧୁଙ୍କର ଏହା ମୋଟ୍ ୧୫ତମ ମୁକାବିଲା ଥିବାବେଳେ ସେଥିରୁ ୮ ବିଜୟ ଓ ୭ଟି ପରାଜୟବରଣ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସୁଙ୍ଗ୍ ହଂକଂର ଚେଉଙ୍ଗ୍ ନଗନ ୟିଙ୍କୁ ଭେଟିବେ। ଅପରପକ୍ଷରେ ପୁରୁଷ ସିଙ୍ଗଲ୍ସରେ ଅଲ୍‌ଇଣ୍ଡିଆ ମୁକାବିଲା ଦେଖିବାକୁ ମିଳିଥିଲା। ୨୦୧୭ ସିଙ୍ଗାପୁର ଓପନ୍ ଚାମ୍ପିୟନ ବି. ସାଇ ପ୍ରଣୀଥ୍ ୨୧-୧୯, ୨୧-୧୯ ସିଧାସଳଖ ଗେମ୍‌ରେ ନିଜ ଦେଶର ଏଚ୍.ଏସ୍. ପ୍ରଣୟଙ୍କୁ ହରାଇ ଦେଇଛନ୍ତି। ମହିଳା ଡବଲ୍ସରେ ମେଘନା ଜକ୍କାମପୁଡି ଓ ପୁରଭିଶ ଏସ୍. ରାମ ଯୋଡ଼ି ୨୧-୧୮, ୧୨-୨୧, ୧୨-୨୧ରେ ରୁଷିଆ ଯୋଡ଼ି ଏକତ୍ରିନା ବୋଲୋତୋଭା ଓ ଏଲିନା ଡାଭେଲତୋଭାଙ୍କ ନିକଟରୁ ହାରିଯାଇଛନ୍ତି।

### କ୍ୱାର୍ଟରରେ ଗ୍ରୀନ୍ସ



ଭୁବନେଶ୍ୱର, ୬।୩(କ୍ରୀଡ଼ା ପ୍ରତିନିଧି): ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଆୟୋଜିତ ଅରବିନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ଗ୍ରୀନ୍ସ ଏକାଡେମୀ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ଫାଇନାଲରେ ଗ୍ରୀନ୍ସ କଟକର ନିମପୁର ସ୍ପୋର୍ଟ୍ସକୁ ୭ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ନିମପୁର ସ୍ପୋର୍ଟିଂ ୩୪.୪ ଓଭରରେ ୧୦୮ ରନ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଶ୍ରେୟାଂଶୁ ପଣ୍ଡା ସର୍ବାଧିକ ୩୮ ରନ କରିଥିଲେ। ଗ୍ରୀନ୍ସର ତାରିଣୀ ନାୟକ ଓ ସୂର୍ଯ୍ୟକାନ୍ତ ଭୂତିଆ ୩ଟି ଏବଂ ସୁମିତ ମିଶ୍ର ଓ ଆୟୁଷ ସାମନ୍ତରାୟ ୨ଟି ଲେଖାଏ ଉଇକେଟ ନେଇଥିଲେ। ଗ୍ରୀନ୍ସ ଏକାଡେମୀ ୧୭.୨ ଓଭରରେ ମାତ୍ର ୩ ଉଇକେଟ ହରାଇ ୧୧୦ ରନ କରି ବିଜୟୀ ହୋଇଥିଲା। ଏସ.ହିମାଂଶୁ ୪୩ ବଲ୍‌ରୁ ୫୦ ଓ ଅନୁରାଗ ପଟ୍ଟନାୟକ ୨୫ ରନ ସ୍କୋର କରିଥିଲେ। ପରାଜିତ ଦଳର ପୋନକାଲା ଶଶାଙ୍କ, ସ୍ୱାଧୀନ ପାତ୍ର ଓ ସୋମାଶିଷ ବାରିକ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ। ଓଡ଼ିଶା ରଣଜୀ ତାରକା ଦେବାଶିଷ ସାମନ୍ତରାୟ ଅତିଥିଭାବେ ଯୋଗଦେଇ ଗ୍ରୀନ୍ସର ଏସ.ହିମାଂଶୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ନିମପୁର ସ୍ପୋର୍ଟ୍ସର ଏସ.ବାରିକ ଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଥିଲେ।

### ଇନକ କୋପ ୧୦ ବର୍ଷ ବାସନ୍ଦ

ଦୁବାଇ,୬।୩: ପୂର୍ବତନ ଜିମ୍ବାୱେ କ୍ରିକେଟ ଦଳର ଡିରେକ୍ଟର ଇନକ କୋପଙ୍କୁ ସମସ୍ତ ପ୍ରକାର କ୍ରିକେଟରୁ ୧୦ ବର୍ଷ ଲାଗି ବାସନ୍ଦ କରାଯାଇଛି। ଆଇସିସି ଆଣ୍ଟି କରପଶନ ଟ୍ରିବ୍ୟୁନାଲ ତାଙ୍କୁ ଦୋଷୀ ପାଇବାପରେ ଏହି ଦଣ୍ଡାଦେଶ ଦେଇଛି। ଆଣ୍ଟି କରପଶନ ୟୁନିଟ୍ (ଏସିୟୁ) ପକ୍ଷରୁ କରାଯାଇଥିବା ଯାଞ୍ଚ ପ୍ରକ୍ରିୟାବେଳେ ସେ ସହଯୋଗ କରି ନ ଥିଲେ। ସଠିକ ଓ ସମ୍ପୂର୍ଣ୍ଣ ତଥ୍ୟ ମଧ୍ୟ ପ୍ରଦାନ କରି ନ ଥିଲେ। ଏପରି କି ସେ ନିଜ ମୋବାଇଲ ଓ ତଥ୍ୟ ଦେବାକୁ ମନା କରି ଦେଇଥିଲେ। ତଦନ୍ତରେ ବିଳମ୍ବ କରିବା ଓ ସହଯୋଗ ନ କରିବାକୁ ଦୁର୍ନୀତି ଭାବେ ଗ୍ରହଣ କରାଯିବ ବୋଲି ଏସିୟୁ ନିୟମରେ ରହିଛି। ସେ ୩ଟି ନିୟମ ଭଙ୍ଗ କରିଛନ୍ତି। ପ୍ରତ୍ୟେକ ଏସିୟୁ ନିୟମ ଭଙ୍ଗ କରିବା ପାଇଁ ତାଙ୍କୁ ୫ ବର୍ଷ ଲେଖାଏ ବାସନ୍ଦ କରାଯାଇଥିଲା।

# ଭାରତୀୟ ଦଳରେ ୩ ଓଡ଼ିଆ



ଭାରତୀୟ ଦଳର ଖେଳାଳିମାନେ।

ନୂଆଦିଲ୍ଲୀ,୬।୩(ପି.ଟି.)

ଚଳିତ ମାସ ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ମାଲେସିଆର ଇପୋଠାରେ ୨୮ତମ ଆଜଲାନ ଶାହ କପ୍ ହକି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ଇଭେଣ୍ଟ ଲାଗି ମନପ୍ରୀତ ସିଂଙ୍କ ନେତୃତ୍ୱରେ ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ମନପ୍ରୀତଙ୍କ ସହାୟତା ଲାଗି ଡିଫେଣ୍ଡର ସୁରେନ୍ଦର କୁମାର ଉପଅଧିନାୟକ ମନୋନୀତ ହୋଇଛନ୍ତି। ଏହି ଦଳରେ ଓଡ଼ିଶାର ୩ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ ଓ ଫରୱାର୍ଡ ଶିଳାନନ୍ଦ ଲାକ୍ରା।

ଭାରତ ଓ ଆୟୋଜକ ମାଲେସିଆ ବ୍ୟତୀତ ଆଜଲାନ ଶାହ ଟୁର୍ଣ୍ଣାମେଣ୍ଟରେ କାନାଡା, କୋରିଆ, ଦକ୍ଷିଣ ଆଫ୍ରିକା, ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟୀ ଜାପାନ ଅଂଶଗ୍ରହଣ କରିବେ। ଭାରତୀୟ ଦଳ ଉଦ୍‌ଘାଟନୀ ମ୍ୟାଚରେ ଜାପାନ ସହିତ ମୁକାବିଲା କରିବ। ଏକାଧିକ ସିନିୟର ଖେଳାଳି ଆହତ ଥିବାରୁ ଦଳରେ ଜୁନିୟରଙ୍କୁ ସୁଯୋଗ ଦିଆଯାଇଛି। ଏସ୍.ଭି. ସୁନୀଲ, ଆକାଶଦୀପ ସିଂ, ରମଣଦୀପ ସିଂ, ଲଳିତ ଉପାଧ୍ୟାୟ (ଫରୱାର୍ଡ), ରୁପିନ୍ଦର ପାଲ ସିଂ, ହରମନପ୍ରୀତ ସିଂ(ଡିଫେଣ୍ଡର), ଚିଙ୍ଗଲେନ୍‌ସାନା (ମିଡ୍‌ଫିଲ୍ଡର) ଆହତ ସମସ୍ୟା ଯୋଗୁ ଦଳରୁ ବାଦ୍ ପଡ଼ିଛନ୍ତି। ଏଥିଯୋଗୁ ଦୁଇ ଯୁବ ଖେଳାଳି ଯଥା ବିଶାଲ ଆଣ୍ଟିଲ ଓ ପ୍ରଦୀପ ସିଂଙ୍କୁ ଦଳରେ ସାମିଲ କରାଯାଇଛି। ଦଳର ଗୋଲକିପର ଦାୟିତ୍ୱ ନେବେ ଅଭିଜ୍ଞ ପି.ଆର. ଶ୍ରୀଜେଶ। ଆହତ ସମସ୍ୟା ଯୋଗୁ ଆମର କିଛି ମୁଖ୍ୟ ଖେଳାଳି ସୁଲତାନ ଆଜଲାନ ଶାହ କପ୍ ଟୁର୍ଣ୍ଣାମେଣ୍ଟରେ ଖେଳିପାରିବେ ନାହିଁ। ଏହା ଦୁର୍ଭାଗ୍ୟର ବିଷୟ। ସେମାନଙ୍କୁ ଶତପ୍ରତିଶତ ଫିଟ୍ ହୋଇ ଫେରିବାକୁ ପଡ଼ିବ। ଆଗକୁ ଏଫ୍‌ଆଇଏଚ୍ ସିରିଜ ଫାଇନାଲ ରହିଛି। ଏହା ୨୦୨୦ ଅଲିମ୍ପିକ୍ସ ଯୋଗ୍ୟତା ଟୁର୍ଣ୍ଣାମେଣ୍ଟ। ତେଣୁ ଆମେ ବର୍ତ୍ତମାନ ଯୁବ ଦଳକୁ ନେଇ ଖେଳିବୁ ବୋଲି ହକି ଇଣ୍ଡିଆର ହାଇ ପରଫର୍ମାନ୍ସ ଡାଇରେକ୍ଟର ଡେଭିଡ୍ ଜନ କହିଛନ୍ତି। ଉଲ୍ଲେଖଥାଉ କି, ଭୁବନେଶ୍ୱରରେ ଅନୁଷ୍ଠିତ ହକି ବିଶ୍ୱକପ୍‌ରେ ଭାରତୀୟ ଦଳ କ୍ୱାର୍ଟର ଫାଇନାଲରୁ ବିଦାୟ ନେବାପରେ ହରେନ୍ଦ୍ର ସିଂଙ୍କୁ ମୁଖ୍ୟ କୋଚ୍ ପଦରୁ ବିଦା କରାଯାଇଛି। ଏହା ପରଠାରୁ ଭାରତୀୟ ହକି ଦଳର ମୁଖ୍ୟ କୋଚ୍ ପଦ ଖାଲି ପଡ଼ିଛି। ଚଳିତମାସ ୧୮ ତାରିଖରେ ଭାରତୀୟ ଦଳ ବେଙ୍ଗାଲୁରୁରୁ ମାଲେସିଆ ଯାତ୍ରା କରିବ।

**ସୁଲତାନ ଆଜଲାନ୍ ଶାହ କପ୍ ହକି**

**ଭାରତୀୟ ଦଳ**

**ଗୋଲକିପର:** ପି.ଆର. ଶ୍ରୀଜେଶ ଓ କ୍ରିଶନ ବି. ପାଠକ।

**ଡିଫେଣ୍ଡର:** ସୁରେନ୍ଦର କୁମାର (ଉପଅଧିନାୟକ), ଗୁରିନ୍ଦର ସିଂ, ବୀରେନ୍ଦ୍ର ଲାକ୍ରା, କୋଥାଜିତ ସିଂ ଖାଡଙ୍ଗବାମ, ବରୁଣ କୁମାର ଓ ଅମିତ ରୋହିଦାସ।

**ମିଡ୍‌ଫିଲ୍ଡ ବିଭାଗ:** ମନପ୍ରୀତ ସିଂ (ଅଧିନାୟକ), ବିବେକ ସାଗର ପ୍ରସାଦ, ହାର୍ଦ୍ଦିକ ସିଂ, ସୁମିତ ଓ ନୀଳକାନ୍ତ ଶର୍ମା।

**ଫରୱାର୍ଡ:** ମନଦୀପ ସିଂ, ସିମରନଜିତ ସିଂ, ଗୁରଜାନ୍ତ ସିଂ, ଶିଳାନନ୍ଦ ଲାକ୍ରା ଓ ସୁମିତ କୁମାର।

# ରାହୁଲ- ପାଣ୍ଡ୍ୟା ମାମଲାର ତଦନ୍ତ କରିବେ ବିସିସିଆଇ ନୂଆ ଲୋକପାଳ

ନୂଆଦିଲ୍ଲୀ, ୬।୩(ପି.ଟି.)

ଲୋକେଶ ରାହୁଲ ଓ ହାର୍ଦ୍ଦିକ ପାଣ୍ଡ୍ୟା ମାମଲାର ତଦନ୍ତ ଭାର ନବନିଯୁକ୍ତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଲୋକପାଳଙ୍କୁ ଦିଆଯିବ ବୋଲି କ୍ରିକେଟ ପ୍ରଶାସକ କମିଟି (ସିଓଏ) ତରଫରୁ କୁହାଯାଇଛି। ଭାରତୀୟ କ୍ରିକେଟର ସଂଚାଳନ କରୁଥିବା ସିଓଏ ଗୁରୁବାର ହେବାକୁ ଥିବା ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେବ। ସୂଚନାଯୋଗ୍ୟ ଯେ, ରାହୁଲ ଓ ପାଣ୍ଡ୍ୟା ଏକ ଜଣାଶୁଣା ଟିଭି ଶୋ’ରେ ନାରୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇ ବେଶ୍ ସମାଲୋଚିତ ହୋଇଥିଲେ ଓ ସାମୟିକ ଭାବେ ବାସନ୍ଦ ମଧ୍ୟ ହୋଇଥିଲେ। ଏ ନେଇ ତଦନ୍ତ ଚାଲୁ ରହିଥିଲେ ମଧ୍ୟ ଏହି ଦୁଇ କ୍ରିକେଟରଙ୍କ ଉପରୁ ବାସନ୍ଦାଦେଶ ଉଠାଇ ଦିଆଯାଇଥିଲା।

ସୁପ୍ରିମକୋର୍ଟଙ୍କ ଦ୍ୱାରା ନବନିଯୁକ୍ତ ଲୋକପାଳ ଡି.କେ. ଜୈନ ଏବେ ଏହି ମାମଲାର ତଦନ୍ତ କରିବେ। ଲୋକପାଳ ନିଯୁକ୍ତି ପରେ ସିଓଏର ଏହା ହେବ ପ୍ରଥମ ସମ୍ପୂର୍ଣ୍ଣ ବୈଠକ। ଜୈନ ମଧ୍ୟ ଜଣେ ପୂର୍ବତନ ସୁପ୍ରିମ୍‌କୋର୍ଟ ବିଚାରପତି। ‘କଫି ୱିଥ୍ କରନ’ ଟିଭି ଶୋ’ରେ ରାହୁଲ ଓ ପାଣ୍ଡ୍ୟା ମହିଳାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେବା ପରେ ଏହି ଦୁଇ କ୍ରିକେଟରଙ୍କୁ ଅଷ୍ଟ୍ରେଲିଆ ଗସ୍ତ ଅଧାରୁ ଦେଶକୁ ପଠାଇ ଦିଆଯାଇଥିଲା। ଏହି ବୈଠକରେ ସିଓଏର ନୂଆ ସଦସ୍ୟ ରବି ଥୋଡଗେ ମଧ୍ୟ ଅଂଶଗ୍ରହଣ କରିବେ। ଆତଙ୍କବାଦକୁ ପ୍ରଶ୍ରୟ ଦେଉଥିବା ଦେଶଗୁଡିକ ସହ ସମ୍ପର୍କ ଛିନ୍ନ କରିବା ପାଇଁ ବିସିସିଆଇ ଦେଇଥିବା ପ୍ରସ୍ତାବକୁ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଅଗ୍ରାହ୍ୟ କରିଥିଲା। ଏ ନେଇ ଏହି ବୈଠକରେ ଆଲୋଚନା ହେବ। ପୁଣି ମାର୍ଚ୍ଚ ୨୩ରୁ ଆରମ୍ଭ ହେବାକୁ ଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ନେଇ ମଧ୍ୟ ଆଲୋଚନ ହେବ। ଆଇପିଏଲର ପ୍ରଥମ ଦୁଇ ସପ୍ତାହର କାର୍ଯ୍ୟସୂଚୀ ଘୋଷିତ ହୋଇଛି। ଦେଶରେ ହେବାକୁ ଥିବା ସାଧାରଣ ନିର୍ବାଚନ ତାରିଖ ଘୋଷଣା ହେବା ପରେ ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଘୋଷଣା ହେବ ବୋଲି ଆଶା କରାଯାଉଛି। ଆଇପିଏଲର ଆର୍ଥିକ ମାମଲା ଓ ସମ୍ଭାବ୍ୟ କାର୍ଯ୍ୟସୂଚୀ ନେଇ ଏହି ବୈଠକରେ ସବିଶେଷ ଆଲୋଚନା କରାଯିବ ବୋଲି ବିସିସିଆଇ ସୂତ୍ରରୁ ଜଣାଯାଇଛି।




# ୫ ପଦକ ସହ ଫେରିଲେ ପାର୍ବତୀ



ପାର୍ବତୀ ସେଠୀ।

ଭୁବନେଶ୍ୱର, ୬।୩(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ମହିଳା ଆଥଲେଟ୍ ପାର୍ବତୀ ସେଠୀଙ୍କ ଭଲ ପ୍ରଦର୍ଶନ ଅବ୍ୟାହତ ରହିଛି। ସେ କ୍ରମାଗତ ୩ଟି ଟୁର୍ଣ୍ଣାମେଣ୍ଟରୁ ୫ ପଦକ ହାସଲ କରି ବିରଳ ସଫଳତା ଲାଭ କରିଛନ୍ତି। ଡେରାଡୁନଠାରେ ଅନୁଷ୍ଠିତ ମାଷ୍ଟର ଗେମ୍ସରେ ପାର୍ବତୀ ୨ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଲାଭ କରିଥିଲେ। ମାର୍ଚ୍ଚ ୨ରେ ସଙ୍ଗୃରଠାରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୩ରେ ସେ ଡିସ୍‌କସ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ବୁଧବାର ପଞ୍ଚକୁଲାରେ ଆୟୋଜିତ ଇଣ୍ଡିଆନ ଗ୍ରାଁ ପ୍ରି-୪ର ଡିସ୍‌କସ୍ ଥ୍ରୋରେ ସେ ରୌପ୍ୟ ପଦକ ଲାଭ କରିଛନ୍ତି। ଏଥିସହ ପାର୍ବତୀ ୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ସହ ନିଜର ଅଭିଯାନ ଶେଷ କରିଛନ୍ତି। ସରକାରୀ ସାହାଯ୍ୟ ସହଯୋଗ ମିଳିଲେ ଆଗାମୀ ଦିନରେ ରାଜ୍ୟ ପାଇଁ ଆହୁରି ଅଧିକ ସଫଳତା ଲାଭ କରିପାରିବି ବୋଲି ପାର୍ବତୀ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ଆନ୍ତଃ ବିଶ୍ୱବିଦ୍ୟାଳୟ କିକ୍‌ବକ୍ସିଂରେ ଭାଗନେବ ଉତ୍କଳ

ଭୁବନେଶ୍ୱର, ୬।୩(କ୍ରୀଡ଼ା ପ୍ରତିନିଧି)

ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ବିଶାଖାପାଟଣାଠାରେ ଚଳିତମାସ ୮ରୁ ୧୧ ପର୍ଯ୍ୟନ୍ତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କିକ୍‌ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ୮ ଜଣିଆ ଦଳ ଅଂଶଗ୍ରହଣ କରିବ। ୪ ମହିଳା ଓ ୪ ପୁରୁଷଙ୍କୁ ନେଇ ଗଠିତ ଏହି ଦଳ ତାତ୍‌ମି ପଏଣ୍ଟ ଫାଇଟ୍ ବିଭାଗରେ ଭାଗନେବ। ପ୍ରଥମଥର ପାଇଁ ଏପରି ଏକ ସମ୍ମାନଜନକ ପ୍ରତିଯୋଗିତାରେ ଭାଗନେବାକୁ ଯାଉଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଦଳର ଏକ ପ୍ରସ୍ତୁତି ଶିବିର ଅନୁଗୋଳଠାରେ ଅନୁଷ୍ଠିତ ହୋଇ ଖେଳାଳି ଚୟନ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ମହିଳା ଖେଳାଳିମାନେ ହେଲେ ମଧୁମିତା ସାହୁ(୫୦ କେଜି), ନମ୍ରତା ନନ୍ଦା(୫୫), ସୁଜାତା ସାହୁ(୬୦) ଓ କୀର୍ତ୍ତିରାଣୀ ସାହୁ। ସେହିପରି ପୁରୁଷ ବିଭାଗରେ ସନ୍ତୋଷ କୁମାର ରାଉତ(୫୭), ଜଗନ୍ନାଥ ଦାସ(୬୯), ଆଦିତ୍ୟ ନାରାୟଣ ଲେଙ୍କା(୭୪) ଓ ଅବିନାଶ ଦାସ(୮୪ କେଜି)। ପ୍ରବୀର କୁମାର ମହାନ୍ତି ମ୍ୟାନେଜର ଓ ମିହିର କୁମାର ସାହୁ କୋଚ୍‌ଭାବେ ଦଳସହ ଯାତ୍ରା କରିବେ ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ କବୀର ମୋହନ ସେଠୀ ପ୍ରକାଶ କରିଛନ୍ତି।

# ଧୋନୀ ଏକମାତ୍ର ଭାରତୀୟ କ୍ରିକେଟର

ନାଗପୁର,୬।୩– ଏଠାରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌କୁ ଜିତି ଭାରତୀୟ ଦଳ ୫୦୦ତମ ଦିନିକିଆ ବିଜୟ ହାସଲ କରିଛି। ଏହି ଦଳର ସଦସ୍ୟ ଥିବା ଉଇକେଟକିପର ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀ ଏକ ବିରଳ କୃତିତ୍ୱର ଅଧିକାରୀ ହୋଇଛନ୍ତି। ସେ ଦେଶର ଏକମାତ୍ର କ୍ରିକେଟର ଭାବେ ୩୦୦, ୪୦୦ ଓ ୫୦୦ତମ ଦିନିକିଆ ବିଜୟ ହାସଲ କରିଥିବା ଭାରତୀୟ ଦଳର ସଦସ୍ୟ ହୋଇ ରହିଛନ୍ତି। ତାଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳି ଏହି ସବୁ ଐତିହାସିକ ମ୍ୟାଚ୍‌ରେ ଖେଳିନାହାନ୍ତି। ଆଉ ଏକ କୌତୁହଳର ବିଷୟ ହେଉଛି କି, ବିରାଟ କୋହଲି ଭାରତୀୟ ଦଳର ୪୦୦, ୪୫୦ ଓ ୫୦୦ତମ ଦିନିକିଆ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପ୍ରତ୍ୟେକ ଥର ସେ ଶତକ ଲଗାଇଛନ୍ତି।



## ସଂକ୍ଷେପରେ

### ପୁତୁରାର ଠେଙ୍ଗାମାଡ଼ରେ ମଉସା ମୃତ

ଠେଙ୍ଗା ଜବତ, ପୁତୁରା ଗିରଫ

**ରେଙ୍ଗାଲି, ୬।୩ (ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ପିତାପାଲି ଗ୍ରାମରେ ଜଣେ ବ୍ୟକ୍ତି ତାଙ୍କ ମଉସାଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବିନୋଦ ସୋହେଲା (୫୦)। ସେ ଠେମରାର ମୂଳନିବାସୀ। ଅଭିଯୁକ୍ତ ପୁତୁରା ଜଗନ୍ନାଥ ମାଳିଙ୍କୁ ପୋଲିସ ଗିରଫ କରିଛି। ରେଙ୍ଗାଲି ପୋଲିସ ଏ ନେଇ ଏକ ହତ୍ୟା ମାମଲା (ନଂ. ୩୭/୧୯) ରୁଜୁ କରି ଠେଙ୍ଗା ଜବତ କରିଛି। ବ୍ୟବଚ୍ଛେଦ ପାଇଁ ମୃତଦେହକୁ ବୁର୍ଲା ଡାକ୍ତରଖାନା ପଠାଯାଇଛି। ପୋଲିସଠାରୁ ମିଳିଥିବା ତଥ୍ୟ ଅନୁସାରେ, ବିନୋଦ ତାଙ୍କ ସ୍ତ୍ରୀଙ୍କ ଭଉଣୀ ଘର ପିତାପାଲିଠାରେ ରହୁଥିଲେ । ମଝିରେ ମଝିରେ ସେ କାମ କରିବା ପାଇଁ ବାହାରକୁ ଯାଆନ୍ତି। ଦୁଇ ତିନି ଦିନ ହେବ ଫେରିଥିଲେ। ମଙ୍ଗଳବାର ଘରେ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳ ସମୟରେ ବିନୋଦଙ୍କ ସ୍ତ୍ରୀ ସୁରତି ସୋହେଲା ତାଙ୍କ ନାନି ଦେବକୀ ମାଳି ଏବଂ ଦେବକୀଙ୍କ ସାନ ପୁଅ ଜଗନ୍ନାଥ ଘର ଭିତରେ ଥିଲେ । ଗଣ୍ଡଗୋଳରେ ଉତକ୍ଷିପ୍ତ ହୋଇ ଜଗନ୍ନାଥ ରାଗି ଯାଇଥିଲେ। ଏକ ବାଉଁଶ ଠେଙ୍ଗା ଧରି ସେ ମଉସା ବିନୋଦଙ୍କୁ ଗୋଡେଇ ଗୋଡେଇ ପିଟିଥିଲେ। ଗାଁରୁ ପ୍ରାୟ ୧ କି.ମି. ଦୂର ବନ୍ଧ ପାଖରେ ପକାଇ ଦେଇ ଘରକୁ ଫେରିଥିଲେ। ବିଳମ୍ବିତ ରାତିରେ କିଛି ଲୋକ ବିନୋଦଙ୍କୁ ନିଶ୍ଚଳ ଅବସ୍ଥାରେ ଦେଖି ପୋଲିସକୁ ଖବର ଦେଇଥିଲେ ।

### ଟ୍ରକ୍ ଧକ୍କା: ହେଲପର ମୃତ

**ରେଙ୍ଗାଲି, ୬।୩ (ଡି.ଏନ.ଏ.):** ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେ ତଥା ଶାସନ ଥାନା ଅନ୍ତର୍ଗତ ଶାସନ ବାଇପାସ ବିକାଶ ସ୍କୁଲ ସମ୍ମୁଖରେ ମଙ୍ଗଳବାର ବିଳମ୍ବିତ ରାତିରେ ଦୁଇଟି ଟ୍ରକ୍ ମଧରେ ଧକ୍କା ହୋଇଛି। ଏଥିରେ ଜଣେ ହେଲପରଙ୍କ ମୃତ୍ୟୁ ଘଟିଛି। ହେଲେ ତାଙ୍କ ପରିଚୟ ଜଣାପଡି ନାହିଁ। ବିକାଶ ସ୍କୁଲ ସମ୍ମୁଖରେ ଓଡି ୩୫ ସି- ୨୨୪୩ ଟ୍ରକ୍ ଖରାପ ହୋଇ ଛିଡା ହୋଇଥିଲା। ହେଲପର ଟ୍ରକର ପଛପଟେ ଯାଞ୍ଚ କରୁଥିଲେ। ଏତିକିବେଳେ ସମ୍ବଲପୁରରୁ ଝାରସୁଗୁଡା ଅଭିମୁଖେ ଯାଉଥିବା ଓଆର୍ ୧୯ ଏଫ- ୬୫୯୩ ଟ୍ରକ ଛିଡା ହୋଇଥିବା ଟ୍ରକକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ହେଲପର ଚାପି ହୋଇ ଯାଇଥିଲେ। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ସରିଲା ପ୍ରଦେଶ କଂଗ୍ରେସ ନିର୍ବାଚନ କମିଟି ବୈଠକ

■ ଲବି ପାଇଁ ଦିଲ୍ଲୀରେ ଜମିବ ଆଶାୟୀଙ୍କ ଭିଡ଼

■ ହେଲାନାହିଁ ପୁଙ୍ଖାନୁପୁଙ୍ଖ ଆଲୋଚନା

■ ଅଡୁଆରେ ପଡ଼ିବେ ହାଇକମାଣ୍ଡ

**ଭୁବନେଶ୍ୱର,୬।୩(ବ୍ୟୁରୋ)**

ପ୍ରଦେଶ କଂଗ୍ରେସ ନିର୍ବାଚନ କମିଟି(ପିଇସି) ବୈଠକ ବୁଧବାର ଶେଷ ହୋଇଛି। ୨୧ ଲୋକ ସଭା ଏବଂ ୧୪୭ ବିଧାନସଭା ଲାଗି ଚୂଡ଼ାନ୍ତ ପ୍ରାର୍ଥୀ ଘୋଷଣା କରିବା ପାଇଁ ହାଇକମାଣ୍ଡ ରାହୁଲ ଗାନ୍ଧୀଙ୍କୁ ଅନୁରୋଧ କରାଯାଇଛି। ଏଥିସହିତ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା କେନ୍ଦ୍ରୀୟ ନିର୍ବାଚନ କମିଟି(ସିଇସି)କୁ ପଠାଯାଇଛି। ହେଲେ କୌତୂହଳର ବିଷୟ ନିର୍ବାଚନମଣ୍ଡଳୀୱାରୀ ଆସିଥିବା ନାଁ ଉପରେ କୌଣସି ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇନାହିଁ। ଉପରଠାଉରିଆ ଭାବେ କେତେଜଣ ନେତାଙ୍କୁ ୨ରୁ ୩ ମିନିଟ୍ ଲେଖାଏଁ କହିବାକୁ ସୁଯୋଗ ମିଳିଛି। ପଶ୍ଚିମ ଓଡ଼ିଶାର ଜନୈକ କଂଗ୍ରେସ ନେତାଙ୍କ କହିବାନୁଯାୟୀ, ପରୀକ୍ଷାରେ ମଲ୍ଟିପଲ୍ ଚଏସ ଅପ୍ସନ ଦେବାଭଳି ୧୭୦ ପୃଷ୍ଠାର ଏକ ନଥି ପ୍ରସ୍ତୁତ କରାଯାଇଥିଲା। ଏଥିରେ ସମସ୍ତ ବିଧାନସଭା ଏବଂ ଲୋକ ସଭା ଆସନର ପ୍ରାର୍ଥୀଙ୍କ ନାଁ ରହିଥିଲା। ପିଇସିର ସଦସ୍ୟମାନଙ୍କୁ ନିର୍ବାଚନମଣ୍ଡଳୀୱାରୀ ନିଜ ମନପସନ୍ଦ ପ୍ରାର୍ଥୀ ନାଁରେ ଠିକ୍ ଚିହ୍ନ ମାରିବାକୁ କୁହାଯାଇଥିଲା। ତେଣୁ ପୂର୍ବରୁ କୁହାଯାଇଥିବା ଜିତିବା ସମ୍ଭାବନା ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦେବା କଥା କେବଳ ଧର୍ମକୁ ଆଖିଠାର ସଦୃଶ ଥିଲା। ଜିତିବା ସମ୍ଭାବନା ନ ଥିବା ପ୍ରାର୍ଥୀ ଯଦି ସଂଖ୍ୟାଧିକ ପିଇସି ସଦସ୍ୟଙ୍କୁ ପ୍ରଭାବିତ କରିଥାନ୍ତି, ତେବେ ଯୋଗ୍ୟ କଂଗ୍ରେସ ପ୍ରାର୍ଥୀ ସେଠାରେ ଦଳୀୟ ଟିକେଟ୍ ପାଇବାରୁ ବଞ୍ଚିତ ହେବା ସ୍ୱାଭାବିକ ବୋଲି ସେ କହିଛନ୍ତି।

ସେହିପରି କେତେକ ଆସନରେ କୌଣସି ନାଁ ସୁପାରିସ କରାଯାଇନାହିଁ। ପୂର୍ବରୁ କୁହାଯାଇଥିବା ଜିତିବା ସମ୍ଭାବନାକୁ ଏତେଟା ଗୁରୁତ୍ୱ ନ ଦିଆଯାଇ ନିଜସ୍ୱ ଗୋଷ୍ଠୀକୁ ପ୍ରାଧାନ୍ୟ ଦିଆଯାଇଥିବା ଜନୈକ ପିସିସି ସମ୍ପାଦକ କହିଛନ୍ତି। ସିଇସିକୁ ଆସନ ପିଛା ଏକାଧିକ ନାଁ ଯାଇଥିବାରୁ ହାଇକମାଣ୍ଡ ଅଡୁଆରେ ପଡିପାରନ୍ତି। ଲବି ଥିବା ନେତାମାନେ ସିଇସିକୁ ପ୍ରଭାବିତ କରିବା ପାଇଁ ଗୁରୁବାର ଦିଲ୍ଲୀ ଗସ୍ତ କରୁଥିବା ଜଣାପଡିଛି। ମହିଳା, ଯୁବତୀଯୁବକଙ୍କୁ ପ୍ରାଧାନ୍ୟ ଦିଆଯିବ ବୋଲି କୁହାଯାଇଛି। ହେଲେ ତାହା କେତେ ମାତ୍ରାରେ ପ୍ରତିଫଳିତ ହୋଇଛି, ତାହା ପ୍ରାର୍ଥୀ ତାଲିକା ଘୋଷଣା ପରେ ଜଣାପଡ଼ିବ। ସେହିପରି ମହିଳା କଂଗ୍ରେସ ନେତ୍ରୀ ସୁମିତ୍ରା ଜେନା ଭଦ୍ରକ ବିଧାନସଭା ପାଇଁ ଆଶାୟୀ ଥିଲେ। ହେଲେ ତାଙ୍କ ନାଁ ପ୍ରାଥମିକ ତାଲିକାରେ ନ ଥିଲା। ତେଣୁ ପିଇସି ବୈଠକ ପରେ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ତାଙ୍କ ନାଁ ପରବର୍ତ୍ତୀ ସମୟରେ ତାଲିକାଭୁକ୍ତ କରାଯାଇଛି ନା ନାହିଁ, ସେ କଥା ସୁମିତ୍ରା ମଧ ଜାଣିନାହାନ୍ତି।

ହେଲେ କୌଣସି ବରିଷ୍ଠ ନେତୃବୃନ୍ଦ ଏନେଇ କିଛି ପ୍ରତିକ୍ରିୟା ଦେଇନାହାନ୍ତି। ପ୍ରଭାରୀ ତଥା ଛତିଶଗଡ କ୍ୟାବିନେଟ୍ ମନ୍ତ୍ରୀ ଟି.ଏସ୍. ସିଂଦେଓ କହିଛନ୍ତି ଯେ, ୨୧ ଲୋକ ସଭା ଏବଂ ସମସ୍ତ ବିଧାନସଭା ପାଇଁ ତାଲିକା ପଠାଯାଇଛି। ଏଣିକି କଂଗ୍ରେସ ଅଧକ୍ଷ ଚୂଡାନ୍ତ ନିଷ୍ପତ୍ତି ନେବେ ବୋଲି ଟି.ଏସ୍. କହିଛନ୍ତି। ସେହିପରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମଧ ଅନୁରୂପ ମନ୍ତବ୍ୟ ଦେଇଛନ୍ତି। ପ୍ରକାଶ ଯେ, ପିଇସି ବୈଠକରେ ମଲ୍ଟିପଲ୍ ଅପ୍ସନ ଦିଆଯିବ ବୋଲି ଧରିତ୍ରୀ ପକ୍ଷରୁ ସର୍ବପ୍ରଥମେ ଗତ ୧୮ ଫେବୃୟାରୀରେ ଏକ ଖବର ପ୍ରକାଶ ପାଇଥିଲା, ଯାହାର ଶୀର୍ଷକ ଥିଲା 'ଆଶାୟୀଙ୍କୁ ଅଡୁଆ ଏକାଧିକ ଚୟନ'। ଏହି ପୂର୍ବାନୁମାନ ଶତପ୍ରତିଶତ ସତ ଥିଲା ବୋଲି ବୁଧବାର ପିଇସି ବୈଠକ ପରେ ସ୍ପଷ୍ଟ ହୋଇଯାଇଛି। ଅନ୍ୟମାନଙ୍କ ମଧରେ ଏହି ବୈଠକରେ ମୁଖ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ, ରୁଦ୍ରରାଜୁ, ମୋହନ ଶର୍ମା, ଜଗନ୍ନାଥ ପଟ୍ଟନାୟକ, ଶରତ ପଟ୍ଟନାୟକ, କାହ୍ନୁ ଲେଙ୍କା, ପ୍ରସାଦ ହରିଚନ୍ଦନ, ଜୟଦେବ ଜେନା, ହେମାନନ୍ଦ ବିଶ୍ୱାଳ ଏବଂ ଭକ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରଦେଶ କଂଗ୍ରେସ ନିର୍ବାଚନ କମିଟି ବୈଠକରେ ଦଳୀୟ ନେତୃବୃନ୍ଦ।

# ଲୋକ ସଭା ଆସନରେ ଏକାଧିକ ଆଶାୟୀ

**କଂଗ୍ରେସ ରାଜନୀତି**

**ଭୁବନେଶ୍ୱର,୬।୩(ବ୍ୟୁରୋ)**

ପ୍ରଦେଶ ନିର୍ବାଚନ କମିଟି(ପିଇସି) ପକ୍ଷରୁ କେନ୍ଦ୍ରୀୟ ନିର୍ବାଚନ କମିଟି(ସିଇସି)କୁ ସମ୍ଭାବ୍ୟ ନାମ ପଠାଯାଇଛି। ପିସିସି ଅଫିସିଆଲ ଇ-ମେଲ୍ ଆଇଡିରୁ ଏହି ନାଁ କେନ୍ଦ୍ରକୁ ଯାଇଛି। ଅଧିକାଂଶ ସ୍ଥାନରେ ଏକାଧିକ ଆଶାୟୀ ଥିବାରୁ ପ୍ରାର୍ଥୀ ସମ୍ଭାବ୍ୟ ତାଲିକା ବେଶ୍ ଲମ୍ବା ହୋଇଛି। ସୁନ୍ଦରଗଡ ଲୋକ ସଭା ଆସନ ପାଇଁ ଜର୍ଜ ତିର୍କୀ ଏବଂ ପ୍ରଫୁଲ୍ଲ ମାଝି, ସମ୍ବଲପୁର ପାଇଁ ଶରତ ପଟ୍ଟନାୟକ ଏବଂ ଅମର ପ୍ରଧାନ, କେନ୍ଦୁଝର ପାଇଁ ହରମୋହନ ସୁରେନ ଏବଂ ବିନତା ମାଝି, ବାଲେଶ୍ୱର ପାଇଁ ନବଜ୍ୟୋତି ପଟ୍ଟନାୟକ ଏବଂ ସୁଦର୍ଶନ ଦାସ, ଭଦ୍ରକ ପାଇଁ ଅନନ୍ତ ସେଠୀ ଏବଂ ପଞ୍ଚାନନ ମଣ୍ଡଳ, ବ୍ରହ୍ମପୁର ଲୋକ ସଭା ପାଇଁ ତିରୁପତି ପାଣିଗ୍ରାହୀ ଏବଂ ତ୍ରିନାଥ ବେହେରାଙ୍କ ନାମ ସିଇସିକୁ ସୁପାରିସ କରାଯାଇଛି। ଯାଜପୁର ଲୋକ ସଭା ପାଇଁ ମାନସ ଜେନା ଏବଂ ଅର୍ଜୁନ ଚରଣ ଦାସ, ଢେଙ୍କାନାଳ ପାଇଁ କେ.ପି. ସିଂଦେଓ ଏବଂ ରାମଚନ୍ଦ୍ର ଖୁଣ୍ଟିଆ, ବଲାଙ୍ଗୀର ପାଇଁ ସମରେନ୍ଦ୍ର ମିଶ୍ର ଏବଂ ଲକ୍ଷ୍ମଣ କୁମାର ମେହେର, ପୁରୀ ପାଇଁ ସତ୍ୟପ୍ରକାଶ ନାୟକ ଏବଂ ବିଶ୍ୱରଞ୍ଜନ ମହାନ୍ତି, ଜଗତସିଂହପୁର ପାଇଁ ବିଭୁପ୍ରସାଦ ତରାଇ ଏବଂ ପ୍ରଶାନ୍ତ ମଲିକ, କେନ୍ଦ୍ରାପଡା ପାଇଁ ଧରଣୀଧର ନାୟକ ଏବଂ ଚିନ୍ମୟ ବେଉରାଙ୍କ ନାମ ଚୂଡାନ୍ତ ହୋଇଛି। ଏଥିସହିତ ନବରଙ୍ଗପୁର ପାଇଁ ପ୍ରଦୀପ ମାଝି ଓ ଚନ୍ଦ୍ରଶେଖର ମାଝି, କୋରାପୁଟ ପାଇଁ ଡମ୍ବରୁଧର ଉଲାକା ଏବଂ ଆକାଶ ଉଲାକା, କଳାହାଣ୍ଡି ପାଇଁ ଭକ୍ତଚରଣ ଦାସ ଏବଂ ଜଗନ୍ନାଥ ପଟ୍ଟନାୟକ, କଟକ ପାଇଁ ପଞ୍ଚାନନ କାନୁନଗୋ ଏବଂ ସୁରେଶ ମହାପାତ୍ରଙ୍କ ନାଁ ସୁପାରିସ କରାଯାଇଛି। ଭୁବନେଶ୍ୱର, ଆସ୍କା ଏବଂ ମୟୂରଭଞ୍ଜ ଲୋକ ସଭା ଆସନରେ କଂଗ୍ରେସ ଯଥାକ୍ରମେ ସିପିଏମ୍, ସିପିଆଇ ଏବଂ ଜେଏମ୍ଏମ୍ ସହ ଆସନ ବୁଝାମଣା କରିବ।

■ କଂଗ୍ରେସ ବିଧାନସଭା ସମ୍ଭାବ୍ୟ ତାଲିକା

# ବହୁ ଆଶାୟୀ ସିଇସିକୁ ଅଡୁଆ

**ଭୁବନେଶ୍ୱର, ୬।୩(ବ୍ୟୁରୋ)**

ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ବିଧାନସଭା ଆସନଗୁଡିକ ପାଇଁ ସମ୍ଭାବ୍ୟ ନାମ କେନ୍ଦ୍ରୀୟ ନିର୍ବାଚନ କମିଟି(ସିଇସି)କୁ ସୁପାରିଶ କରାଯାଇଛି। ସେଥିରେ ଅଧିକାଂଶ ସ୍ଥାନରେ ଏକାଧିକ ଆଶାୟୀଙ୍କ ନାଁ ରହିଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଘସିପୁରା ଏବଂ ଭଣ୍ଡାରିପୋଖରୀ ଆସନ ପାଇଁ ଆଶାୟୀ ଅଛନ୍ତି। ଆନନ୍ଦପୁର ପାଇଁ ଜୟଦେବ ଜେନା ଏବଂ ତାଙ୍କ ପୁତ୍ର ସଂଗ୍ରାମ ଜେନାଙ୍କ ନାଁ ସୁପାରିସ କରାଯାଇଛି। ସିଇସି ବାପ ଏବଂ ପୁଅ ମଧ୍ୟରୁ ଜଣଙ୍କୁ ହିଁ ଚୟନ କରିବ। ହେଲେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପୁତ୍ର ନବଜ୍ୟୋତି ପଟ୍ଟନାୟକଙ୍କ ନାମ ବାଲେଶ୍ୱର ଲୋକ ସଭାରୁ ସୁପାରିସ କରାଯାଇଛି। ତେଣୁ ଜୟଦେବଙ୍କ ଉପରେ ନିରଞ୍ଜନ ମଧୁର ପ୍ରତିଶୋଧ ନେଇଥିବା ଆଲୋଚନା ହୋଇଛି। ନିରଞ୍ଜନଙ୍କ ସହ ଭଣ୍ଡାରିପୋଖରୀରୁ ସୁବ୍ରତ ଦାସଙ୍କ ନାମ ମଧ ସୁପାରିସ କରାଯାଇଛି। ବହୁ ବିଧାନସଭା ଆସନରେ ଏକାଧିକ ଆଶାୟୀ ଥିବାରୁ ସିଇସିକୁ ନାମ ଚୂଡ଼ାନ୍ତ କରିବାରେ ଅଡୁଆ ହେବ।

କେତେକ ବିଧାନସଭା ଆସନରେ ପ୍ରାର୍ଥୀ ସୁପାରିସ କରାଯାଇନାହିଁ। ଏହି ଆସନଗୁଡ଼ିକ ହେଉଛି-ଖଲ୍ଲିକୋଟ, ଯଶୀପୁର, ରେମୁଣା, ବାଙ୍ଗିରିପୋଷୀ, ଉଦଳା ଏବଂ ଆଠମଲ୍ଲିକ। ଏହି ଆସନଗୁଡିକ ମଧ୍ୟରୁ କିଛି ଆସନ ସହଯୋଗୀଙ୍କୁ ଛଡ଼ାଯିବ। ସେହିପରି କେତେକ ଆସନରେ କେବଳ ଗୋଟିଏ ନାଁ ସୁପାରିସ କରାଯାଇଛି। ଏହି ଆସନଗୁଡ଼ିକ ହେଉଛି- ବେଗୁନିଆରୁ ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଖଣ୍ଡପଡ଼ାରୁ ବିନୋଦିନୀ ମହାନ୍ତି, ଭୁବନେଶ୍ୱର(ମଧ)ରୁ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏବଂ ବଣାଇରୁ ଜନାର୍ଦ୍ଦନ ଦେହୁରୀ। ସେହିପରି ଆଠଗଡ଼ରୁ ଉମାବଲ୍ଲଭ ରଥ ଏବଂ ଚିତ୍ତରଞ୍ଜନ ମୁଦୁଲି, କଟକ-ବାରବାଟୀରୁ ମହମ୍ମଦ ମୋକିମ୍ ଏବଂ ସୁରେଶ ମହାପାତ୍ର, ଜୟପୁରରୁ ତାରାପ୍ରସାଦ ବାହିନୀପତି ଏବଂ ମୀନାକ୍ଷୀ ବାହିନୀପତି, ନିମାପଡ଼ାରୁ ସତ୍ୟବ୍ରତ ପାତ୍ର ଏବଂ ଦିଲୀପ ନାୟକ, ସତ୍ୟବାଦୀରୁ ପ୍ରସାଦ ହରିଚନ୍ଦନ ଏବଂ ସ୍ନେହାଶ୍ରୀ ହରିଚନ୍ଦନ, ଖୋର୍ଦ୍ଧାରୁ ରାମଚନ୍ଦ୍ର ମହାପାତ୍ର ଏବଂ ସ୍ୱାଗତିକା ପଟ୍ଟନାୟକ, ଜଟଣୀରୁ ସୁରେଶ ରାଉତରାୟ ଏବଂ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନାଁ ସୁପାରିସ କରାଯାଇଛି। ରଣପୁରରୁ ଶୁଭଶ୍ରୀ ପଣ୍ଡା ଏବଂ ସତ୍ୟବ୍ରତ ନାୟକ, ଚୌଦ୍ୱାର-କଟକରୁ ଜଗଦୀଶ ମହାନ୍ତି ଏବଂ ମାନସ ଚୌଧୁରୀ, ମହାକାଳପଡାରୁ ଲୋକନାଥ ମହାରଥୀ ଏବଂ ବିଭ୍ରାଂଶୁ ଲେଙ୍କା, ସାଲେପୁରରୁ ପ୍ରକାଶ ବେହେରା ଏବଂ ଗୁରୁପଦ ନନ୍ଦ, ବ୍ରହ୍ମଗିରିରୁ ଉମା ବରାଳ ଏବଂ ବାନାମ୍ବର ବାରିକ, ଜଗତ୍‌ସିଂହପୁରରୁ ଚିରଞ୍ଜୀବ ବିଶ୍ୱାଳ ଏବଂ ବିଷ୍ଣୁ ବାରିକଙ୍କ ନାମ ସୁପାରିସ କରାଯାଇଛି।

# ୧୦୮କୁ ପୂରିଲା ୬ ବର୍ଷ

**୨୧ ଲକ୍ଷରୁ ଅଧିକ ରୋଗୀ ପାଇଛନ୍ତି ମାଗଣା ଆମ୍ବୁଲାନ୍ସ ସେବା**

**ଭୁବନେଶ୍ୱର,୬।୩(ବ୍ୟୁରୋ)**

ମାଗଣା ଆମ୍ବୁଲାନ୍ସ ସେବା ପ୍ରଦାନ କରି ଲୋକଙ୍କୁ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିବା ୧୦୮ ଆମ୍ବୁଲାନ୍ସ ସେବାକୁ ଇତିମଧ୍ୟରେ ପୂରିଛି ୬ବର୍ଷ। ରାଜ୍ୟରେ ୨୦୧୩ ମାର୍ଚ୍ଚରେ ୧୦୮ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ ପରେ ଏହା ୨୧ଲକ୍ଷରୁ ଅଧିକ ରୋଗୀଙ୍କୁ ଜରୁରିକାଳୀନ ଆମ୍ବୁଲାନ୍ସ ସେବା ପ୍ରଦାନ କରିଛି। ରାଜ୍ୟର ସହରାଞ୍ଚଳ ସହିତ ଗ୍ରାମାଞ୍ଚଳର ରୋଗୀମାନେ ଏହାର ସୁବିଧା ପାଇପାରିଛନ୍ତି। ଏହି ଆମ୍ବୁଲାନ୍ସ ସେବା ସ୍ୱାସ୍ଥ୍ୟକ୍ଷେତ୍ରରେ ଓଡ଼ିଶାକୁ ଆଉପାଦେ ଆଗକୁ ନେଇଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍ଏଚ୍ଏମ୍)ର ମିଶନ ଡାଇରେକ୍ଟର ଶାଳିନୀ ପଣ୍ଡିତ କହିଛନ୍ତି।

ଏନ୍ଏଚ୍ଏମ୍ ଓଡ଼ିଶା ସହବନ୍ଧିତାରେ ଜିକିତ୍ସା ହେଲ୍‌ଥକେୟାର ଲିଃ. ଦ୍ୱାରା ପରିଚାଳିତ ହେଉଥିବା ୧୦୮ ଆମ୍ବୁଲାନ୍ସର ୬ବର୍ଷ ପୂର୍ତ୍ତି ପାଳନ ଅବସରରେ ସ୍ଥାନୀୟ ଜିକିତ୍ସା ହେଲ୍‌ଥକେୟାର କାର୍ଯ୍ୟାଳୟଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରକୁ ଓଲିଉଡ୍ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଓ ଶାଳିନୀ ପଣ୍ଡିତ ଉଦ୍‌ଘାଟନ କରିଥିଲେ। ସଂସ୍ଥାର ଶତାଧିକ କର୍ମଚାରୀ ଓ ସଦସ୍ୟ ଏଥିରେ ଅଂଶଗ୍ରହଣ କରି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିକିତ୍ସା ହେଲ୍‌ଥକେୟାରର ସବ୍ୟସାଚୀ ବିଶ୍ୱାଳ ଜୀବନରକ୍ଷାକାରୀ ଏହି ଆମ୍ବୁଲାନ୍ସ ସେବା ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ କ୍ଷେତ୍ରରେ ଏକ ବୃହତ୍ ପ୍ରଭାବ ପକାଇ ପାରିଥିବା କହିଥିଲେ। ଓଡ଼ିଶାରେ ୪,୨୦,୦୦୦ ଲିଟର ରକ୍ତ ଆବଶ୍ୟକ ଥିବାବେଳେ ରକ୍ତଭଣ୍ଡାର ବିଭିନ୍ନ ଉତ୍ସରୁ ୩,୭୯,୦୦୦ ଲିଟର ରକ୍ତ ସଂଗ୍ରହ କରିପାରିଛି। ଆମେ ଏହି ଉଦ୍ୟମ ଦ୍ୱାରା ରକ୍ତ ଆବଶ୍ୟକ କରୁଥିବା ରୋଗୀଙ୍କୁ ଏକ ଛୋଟ ସାହାଯ୍ୟ କରିବାର ପ୍ରୟାସ କରୁଛୁ ବୋଲି ସେ କହିଥିଲେ। ସମ୍ପ୍ରତି ଓଡ଼ିଶାର ୩୦ ଜିଲାରେ ୫୧୨ଟି ଆମ୍ବୁଲାନ୍ସ ମାଧ୍ୟମରେ ୧୦୮ ଜରୁରିକାଳୀନ ସେବା ପ୍ରଦାନ କରାଯାଉଛି। ଏହି ସେବା ଦ୍ୱାରା ବିଗତ ୫ବର୍ଷ ଧରି ୨,୧୬୪,୯୧୭ରୁ ଅଧିକ ରୋଗୀ ସୁବିଧା ପାଇଛନ୍ତି।


୧୦୮ ଆମ୍ବୁଲାନ୍ସ ସେବାର ୬ ବର୍ଷ ପୂର୍ତ୍ତି ଉପଲକ୍ଷେ ଏନ୍ଏଚ୍ଏମ୍ର ମିଶନ ଡାଇରେକ୍ଟର ଶାଳିନୀ ପଣ୍ଡିତ ଓ ଅଭିନେତ୍ରୀ ଅର୍ଚ୍ଚିତା ସାହୁ କେକ୍ କାଟୁଛନ୍ତି।

# ୧୦ରୁ ଭାଜପାର ବିଜୟ ସଂକଳ୍ପ ବୈଠକ



ଖବରଦାତା ସମ୍ମିଳନୀରେ ଗୋଲକ ମହାପାତ୍ର ଓ ପୃଥ୍ୱୀରାଜ ହରିଚନ୍ଦନ।

**ଭୁବନେଶ୍ୱର,୬।୩ (ବ୍ୟୁରୋ)**

ଭାଜପାର ବିଜୟ ସଂକଳ୍ପ ଯୋଜନା ବୈଠକ ବୁଧବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ହୋଇଛି। ପୂରା ପ୍ରଦେଶର ସମସ୍ତ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ସମ୍ମୁଖରେ ଦଳ ବିଜୟ ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମର ଖସଡ଼ା ପ୍ରସ୍ତୁତ କରିଛି। ଦୁଇଟି ନିର୍ଣ୍ଣାୟକ ପ୍ରସଙ୍ଗ ନେଇ ଭାଜପା ସାଢ଼େ ୪କୋଟି ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ । ନରେନ୍ଦ୍ର ମୋଦିଙ୍କୁ ଆଉଥରେ ପ୍ରଧାନମନ୍ତ୍ରୀ ଭାବେ କ୍ଷମତାକୁ ଆଣିବା ଓ ଓଡ଼ିଶାକୁ ଦୀର୍ଘ ୧୯ବର୍ଷ ଧରି ଶାସନ କରୁଥିବା ଏକ ଅପାରଗ ଏବଂ ସ୍ଥାଣୁ ସରକାରକୁ କ୍ଷମତାରୁ ଗାଦିଚ୍ୟୁତ କରିବା ପାଇଁ ଦୃଢ଼ ସଙ୍କଳ୍ପ ଗୃହୀତ ହୋଇଛି । ଏହି ଲକ୍ଷ୍ୟରେ ଆଗାମୀ ୧୦ତାରିଖଠାରୁ ୭ ଦିନ ଧରି ରାଜ୍ୟର ୧୪୭ ବିଧାନସଭା ନିର୍ବାଚନ କ୍ଷେତ୍ରରେ ୫ହଜାର ବିଜୟ ସଂକଳ୍ପ ବୈଠକ କରିବ ବୋଲି ଦଳର ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ କହିଛନ୍ତି ଯେ, ଦେଶବାସୀ ଜାଣିଛନ୍ତି ମୋଦିଙ୍କ ୫ବର୍ଷ ଶାସନରେ ଭାରତକୁ ଏକ ବିଶ୍ୱଗୁରୁର ମାନ୍ୟତା ମିଳିବାର ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ସେଥିରେ ସଫଳ ମଧ ହୋଇଛନ୍ତି। ସମଗ୍ର ବିଶ୍ୱ ଆଗରେ ବର୍ତ୍ତମାନ ଭାରତ ଏକ ଅର୍ଥନୈତିକ ଶକ୍ତିରେ ଉଭା ହୋଇଛି। ଅର୍ଥନୈତିକ ବିକାଶ ହୋଇ ଜିଡିପିରେ ବୃଦ୍ଧି ଘଟିଛି। ଅର୍ଥନୀତିର ପ୍ରତିଟି କ୍ଷେତ୍ରରେ ଭାରତବର୍ଷ ଉଲ୍ଲେଖନୀୟ ପ୍ରଗତି କରିଛି। ଭାରତବର୍ଷ ଆସନ୍ତା ପାଞ୍ଚ ବର୍ଷରେ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୈତିକ ବ୍ୟବସ୍ଥା ହେବ। ଭାରତକୁ ମେକ୍ ଇନ୍ ଇଣ୍ଡିଆ ଯୋଜନାରେ ସାଧାରଣ ଗରିବ ଘରର ପୁଅ ଓ ଝିଅମାନଙ୍କୁ ଚାକିରି ପାଇବା ପ୍ରକ୍ରିୟା, ଫରେନ୍ ଡାଇରେକ୍ଟ ଇନ୍‌ଭେଷ୍ଟମେଣ୍ଟ ପ୍ରକ୍ରିୟା ଆରମ୍ଭ କରିଥିଲେ। ଭାରତବର୍ଷର ଗରିବ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରତି ଘରେ ସ୍ୱଚ୍ଛ ଇନ୍ଧନ ଉଜ୍ଜ୍ୱଳା ଗ୍ୟାସ ଯୋଜନା, ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ, କୃଷକ ସମ୍ମାନ ନିଧି ଯୋଜନା, ଶ୍ରମିକମାନଙ୍କ ପାଇଁ ମନଧନ ଯୋଜନା କରି ବିକାଶ ଆଣିଛନ୍ତି। ରାଜ୍ୟ ଓ କେନ୍ଦ୍ରରେ ଭାଜପା ସରକାର ଆସିଲେ ଓଡ଼ିଶାରେ ଡବଲ ଇଞ୍ଜିନରେ ବିକାଶ ହେବ। ଆସନ୍ତା ୧୦ରେ ରାଜ୍ୟର ସମସ୍ତ ଗାଁ ଓ ସହରର ସବୁ ଅଞ୍ଚଳରେ ଭାଜପା ଏହି ବାର୍ତ୍ତା ପହଞ୍ଚାଇବ ବୋଲି ପୃଥ୍ୱୀରାଜ କହିଛନ୍ତି।

# ଦୁଇତୃତୀୟାଂଶ ପଞ୍ଚାୟତରେ ସ୍ଥାୟୀ ବ୍ୟାଙ୍କ ନାହିଁ

■ ଋଣ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରୁନାହାନ୍ତି ବ୍ୟାଙ୍କ

■ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ଉଦ୍‌ବେଗ

**ଭୁବନେଶ୍ୱର,୬।୩(ବ୍ୟୁରୋ)**

ରାଜ୍ୟର ଦୁଇତୃତୀୟାଂଶ ଗ୍ରାମ ପଞ୍ଚାୟତରେ ସ୍ଥାୟୀ ବ୍ୟାଙ୍କ ଶାଖା ନ ଥିବାରୁ ଲୋକମାନେ ବ୍ୟାଙ୍କ ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କ ନ ଥିବା ଗ୍ରାମ ପଞ୍ଚାୟତ ଏବଂ ମାଓବାଦୀ ପ୍ରବଣ ଅଞ୍ଚଳଗୁଡିକରେ ଅଧିକରୁ ଅଧିକ ସ୍ଥାୟୀ ବ୍ୟାଙ୍କ ଖୋଲିବାକୁ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ବ୍ୟାଙ୍କଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ଅବିଭକ୍ତ କୋରାପୁଟ ଜିଲାର କୋଟିଆ, ମାଲକାନଗିରିର ଚିତ୍ରକୋଣ୍ଡା ସମେତ ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, ଗଜପତି, ରାୟଗଡା ଏବଂ ନୂଆପଡା ଜିଲାରେ ଅଧିକ ସ୍ଥାୟୀ ବ୍ୟାଙ୍କ ଏବଂ ଏଟିଏମ୍ ଖୋଲିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ବୁଧବାର ଏଠାରେ ଆୟୋଜିତ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ୧୫୪ତମ ତ୍ରୈମାସିକ ବୈଠକରେ ଯୋଗ ଦେଇ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ୨୧୯୬ ଗ୍ରାମରେ ବ୍ୟାଙ୍କିଙ୍ଗ ଆଉଟଲେଟ ନ ଥିବା ବେଳେ ୨୦୧୯ ଫେବୃୟାରୀ ୨୧ ସୁଦ୍ଧା ୨୦୮୮ ଗ୍ରାମକୁ ବ୍ୟାଙ୍କିଙ୍ଗ ଆଉଟଲେଟ ସୁବିଧା ଯୋଗାଇ ଦିଆଯାଇଛି। ଅବଶିଷ୍ଟ ୧୦୯ ଗ୍ରାମକୁ ମାର୍ଚ୍ଚ ୩୧ ସୁଦ୍ଧା ବ୍ୟାଙ୍କିଙ୍ଗ ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟାଙ୍କ କାରବାର ଓ ନଗଦ ଉଠାଣ ନିମନ୍ତେ ବ୍ୟାଙ୍କିଙ୍ଗ କରେସପଣ୍ଡେଣ୍ଟ ଧାର୍ଯ୍ୟ ଗ୍ରାମ ପଞ୍ଚାୟତରେ ସର୍ବଦା କାର୍ଯ୍ୟ କରିବା ଉପରେ ବ୍ୟାଙ୍କଗୁଡିକ ପଦକ୍ଷେପ ନେବା ଆବଶ୍ୟକ। ବ୍ୟାଙ୍କିଙ୍ଗ କରେସପଣ୍ଡେଣ୍ଟ ନିମନ୍ତେ ଦୁର୍ଗମ ଅଞ୍ଚଳଗୁଡିକରେ ନିୟମିତ ଇଣ୍ଟରନେଟ ସୁବିଧା ଉପଲବ୍ଧ ହେଉ ନ ଥିବାରୁ ସେହି ସବୁ ଅଞ୍ଚଳରେ ଇଣ୍ଟରନେଟ ସୁବିଧା ଯୋଗାଇ ଦେବା ଉଦ୍ଦେଶ୍ୟରେ ଅର୍ଥ ବିଭାଗ ପକ୍ଷରୁ ଓଡିଶା ଜୀବିକା ମିଶନକୁ ୫୦ଟି ସୌରଚାଳିତ ଭିସାଟ ସ୍ଥାପନ କରିବା ପାଇଁ ୨ କୋଟି ଟଙ୍କା ଯୋଗାଇ ଦିଆଯାଇଛି। କୃଷକମାନଙ୍କର ଆୟକୁ ଦ୍ୱିଗୁଣିତ କରିବା ପାଇଁ ବ୍ୟାଙ୍କଗୁଡିକ ଅଧିକ ଋଣ ଦେବା ଦରକାର। ୨୦୧୮ ଡିସେମ୍ବର ମଧରେ କୃଷି କ୍ଷେତ୍ରରେ ବାର୍ଷିକ ଋଣ ପ୍ରଦାନ ସନ୍ତୋଷଜନକ ହୋଇ ନାହିଁ। ମତ୍ସ୍ୟ ଓ ଗୋପାଳନ କ୍ଷେତ୍ରରେ ଅଧିକ ଋଣ ପ୍ରଦାନର ଆବଶ୍ୟକତା ରହିଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କୃଷକଙ୍କ କଲ୍ୟାଣ ଉପରେ ଗୁରୁତ୍ୱ ଦେଉଥିବା ବେଳେ ବ୍ୟାଙ୍କଗୁଡିକ ଋଣ ପ୍ରଦାନରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

୨୦୧୮-୧୯ରେ ବାର୍ଷିକ ଋଣ ଯୋଜନାରେ ଧାର୍ଯ୍ୟ ୭୧,୪୨୦ କୋଟି ଟଙ୍କା ମଧ୍ୟରୁ ଡିସେମ୍ବର ୨୦୧୮ ସୁଦ୍ଧା ୪୪,୭୮୬.୧୯ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି, ଯାହାକି ଧାର୍ଯ୍ୟ ଲକ୍ଷ୍ୟର ମାତ୍ର ୬୨.୭୧%। ବୈଠକରେ ଯୋଗଦେଇ ଅର୍ଥ ବିଭାଗ ସଚିବ ଅଶୋକ କୁମାର ମୀନା କହିଛନ୍ତି ଯେ, ୨୦୧୮ ଡିସେମ୍ବର ୩୧ ସୁଦ୍ଧା ୮ ଜିଲାରେ ଜମା ଓ ଋଣ ଯୋଗାଣ ହାର ୪୦ ପ୍ରତିଶତରୁ କମ୍ ରହିଛି। ଏଥିରେ ଉନ୍ନତି ଆଣିବା ପାଇଁ ପରାମର୍ଶ ଦେଇଛନ୍ତି। ଅଗ୍ରାଧିକାର କ୍ଷେତ୍ରଗୁଡିକରେ ଋଣ ପ୍ରଦାନ ଅର୍ଥନୈତିକ ପ୍ରଗତିକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରୁଥିବାରୁ ବ୍ୟାଙ୍କଗୁଡିକ ଜମାରାଶି ଅନୁପାତରେ ଋଣ ପ୍ରଦାନର ହାରକୁ ବୃଦ୍ଧି କରିବା ପାଇଁ କହିଥିଲେ। ଏହି ବୈଠକରେ ପିଏମ୍-କିଷାନ ସମ୍ମାନ ନିଧି, ଗ୍ରାମାଞ୍ଚଳରେ ଇଣ୍ଟରନେଟ ସୁବିଧା ଉପଲବ୍ଧ କରାଇବା, କୃଷି ବୀମା, ବ୍ୟାଙ୍କ ଜମାଖାତାରେ ସିଧାସଳଖ ରିହାତି ହସ୍ତାନ୍ତର, ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଋଣ ପ୍ରଦାନ, ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ଆଦି ବିଷୟରେ ସମୀକ୍ଷା କରାଯାଇଥିଲା। ବୈଠକରେ ୟୁକୋ ବ୍ୟାଙ୍କ, ଭାରତୀୟ ରିଜର୍ଭ ବ୍ୟାଙ୍କ, ନାବାର୍ଡ, ଏସବିଆଇ ସମେତ ବିଭିନ୍ନ ବ୍ୟାଙ୍କିଙ୍ଗ ସଂସ୍ଥାର ବରିଷ୍ଠ ଅଧିକାରୀ ଓ ସରକାରୀ ପଦାଧିକାରୀମାନ ଯୋଗ ଦେଇଥିଲେ।

■ ଭଦ୍ରକରେ ଦିନିକିଆ ବାର୍ତ୍ତାଳାପ କର୍ମଶାଳା

# କେନ୍ଦ୍ର ସରକାରଙ୍କ ଯୋଜନା ସମ୍ପର୍କରେ ଟିପ୍ପଣୀ ରଖିଲେ

**ଭଦ୍ରକ ଅଫିସ, ୬।୩**

କେନ୍ଦ୍ର ସରକାରଙ୍କ ପତ୍ର ସୂଚନା ଓ ପ୍ରସାରଣ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ଭଦ୍ରକ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଗ୍ରାମୀଣ ଗଣମାଧମ ପ୍ରତିନିଧିଙ୍କୁ ନେଇ ବାର୍ତ୍ତାଳାପ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ସମ୍ପର୍କରେ ଗ୍ରାମାଞ୍ଚଳର ଖବରଦାତାମାନଙ୍କୁ ସୂଚନା ଦିଆଯାଇଥିଲା। ପତ୍ର ସୂଚନା ଓ ପ୍ରସାରଣ କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଶୈଳେଶ କୁମାର ମାଲବ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳର ଖବରଦାତାଙ୍କ କର୍ତ୍ତବ୍ୟ ଓ ଭୂମିକା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସାଧାରଣ ଲୋକଙ୍କ ସମସ୍ୟାଠାରୁ ବିଭିନ୍ନ ପ୍ରସଙ୍ଗଭିତ୍ତିକ ଖବର ସହ ସରକାରଙ୍କ ଯୋଜନାକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା କ୍ଷେତ୍ରରେ ଖବରଦାତାଙ୍କ ପ୍ରମୁଖ ଭୂମିକା ରହିଛି ବୋଲି ସେ ମତପ୍ରକାଶ କରିଥିଲେ। ମୁଖ୍ୟତଃ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଗ୍ରାମାଞ୍ଚଳର ଲୋକେ କିଭଳି ସଚେତନ ହେବେ ସେ ଦିଗରେ ଗ୍ରାମାଞ୍ଚଳସ୍ତରର ଖବରଦାତାଙ୍କ ଭୂମିକା ପ୍ରଶଂସନୀୟ ବୋଲି ସେ କହିଥିଲେ। ଭୁବନେଶ୍ୱର ପତ୍ର ସୂଚନା କାର୍ଯ୍ୟାଳୟର ଗଣ ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ବାର୍ତ୍ତାଳାପ କାର୍ଯ୍ୟକ୍ରମର ଆବଶ୍ୟକତା, ଗ୍ରାମାଞ୍ଚଳ ଖବରଦାତାଙ୍କ ଭୂମିକା ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା, ବରିଷ୍ଠ ଖବରଦାତା ଅମର ନାୟକ ପ୍ରମୁଖ କେନ୍ଦ୍ର ସରକାରଙ୍କ ଯୋଜନା ଓ ଖବରଦାତାଙ୍କ ଦାୟିତ୍ୱ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ଭାରତ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନ କଲ୍ୟାଣ ଯୋଜନା, ଜଳ ପରିମଳ ବିଭାଗ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ, ବିଦ୍ୟୁତ୍ ବିଭାଗ ନେସ୍କୋ ପକ୍ଷରୁ ସୌଭାଗ୍ୟ ଯୋଜନା, କୃଷି ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଫସଲ ବୀମା, ଡାକ ବିଭାଗ ପକ୍ଷରୁ 'ବେଟି ବଚାଓ ବେଟି ପଢାଓ' ଏବଂ ଉଜ୍ଜ୍ୱଳା ଯୋଜନା ଆଦି ସମ୍ପର୍କରେ ଜିଲାସ୍ତରୀୟ ଅଧିକାରୀମାନେ ଟିପ୍ପଣୀ ରଖିଥିଲେ। ଜିଲା ଓ ବ୍ଲକସ୍ତରୀୟ ସମସ୍ତ ଗଣମାଧମ ପ୍ରତିନିଧି କର୍ମଶାଳାରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ଏଭଳି କର୍ମଶାଳା ସମସ୍ତ ଜିଲାରେ କରାଯିବ ବୋଲି କୁହାଯାଇଥିଲା। ଶେଷରେ ପତ୍ର ସୂଚନା କାର୍ଯ୍ୟାଳୟର ଗଣ ଯୋଗାଯୋଗ ଅଧିକାରୀ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।



ବାର୍ତ୍ତାଳାପ କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



"ମହାନ୍ ପୁରୁଷ ଓ ମହାନ୍ ମହିଳାଙ୍କଠାରୁ ଏ ଦୁନିଆରେ ବଡ଼ କିଛି ନାହିଁ। ଲୋକେ ସେମାନଙ୍କୁ ବିଶ୍ୱାସ କରନ୍ତି। ସେହି ମହାନ୍ ପୁରୁଷ ଓ ମହିଳାମାନେ ୯୯ ପ୍ରତିଶତ ଠିକ୍ ତୁମ ଭଳି।
-କୋପରନିକସ



## ସଂକ୍ଷେପରେ

### ପ୍ରାଥମିକ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟ କରିବାକୁ ଆଲୋଚନା

**ବାଙ୍କୀ, ୬।୩(ସ୍ୱ.ପ୍ର.)**- ଡମପଡ଼ା ବ୍ଲକର ଦୁର୍ଗାପୁର ଶବରସାହିକୁ ଶିକ୍ଷିତ କରିବା ଉଦ୍ଦେଶ୍ୟରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଦ୍ୱାରା ଏହାକୁ ପୋଷ୍ୟଗ୍ରାମ ଭାବେ ଗହଣ କରାଯାଇଛି। ସେଠାରେ ପିଲାମାନଙ୍କୁ ଶିକ୍ଷା ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ଶବରସାହିର ପ୍ରାଥମିକ ବିଦ୍ୟାଳୟରେ ମହାବିଦ୍ୟାଳୟ ପକ୍ଷରୁ ବୁଧବାର ସଚେତନା ଓ ଶିକ୍ଷାଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ରୋଭର୍ସ ଓ ରେଞ୍ଜର ଗ୍ରୁପ ଦ୍ୱାରା ଏହାକୁ ଆୟୋଜନ କରାଯାଇଥିଲା। ଏହି ଅବସରରେ ରାଜକିଶୋର ସାହୁ ଓ ଶୁଭ୍ରାଜ୍ୟୋତି ଭୂୟାଁ ପିଲାମାନଙ୍କୁ ପାଠପଢ଼ା ସମ୍ପର୍କରେ ସଚେତନ କରିବା ସହ ବିଦ୍ୟାଳୟକୁ ଏକ ଆଦର୍ଶ ବିଦ୍ୟାଳୟରେ ପରିଣତ କରିବା ଉପରେ ଆଲୋଚନା କରାଯାଇଥିଲା।

### ପୂର୍ବତନ ମନ୍ତ୍ରୀ କାଳିନ୍ଦୀ ବେହେରାଙ୍କ ଶ୍ରାଦ୍ଧ ଦିବସ

**ନିଶ୍ଚିନ୍ତକୋଇଲି, ୬।୩(ସ୍ୱ.ପ୍ର/ ଡି.ଏନ୍.ଏ)**- ପୂର୍ବତନ ମନ୍ତ୍ରୀ, ସାହିତ୍ୟିକ ତଥା କବି କାଳିନ୍ଦୀ ବେହେରାଙ୍କ ୪ର୍ଥ ବାର୍ଷିକ ଶ୍ରାଦ୍ଧ ଉତ୍ସବ ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ପଞ୍ଚାୟତ ଅନ୍ତର୍ଗତ ବାଣୀନଗରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ କାଳିନ୍ଦୀ ବେହେରା ସ୍ମୃତି କମିଟିର ସଭାପତି କ୍ଷିରୋଦ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ କ୍ରୀଡା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ସାଲେପୁର ବ୍ଲକ ପ୍ରାକ୍ତନ ବ୍ଲକ ଅଧକ୍ଷା ପ୍ରମିଳା ବେହେରା, ଅଧାପକ ରବୀନ୍ଦ୍ର କୁମାର ପରିଡା, ପ୍ରଫୁଲ୍ଲ କୁମାର ଲେଙ୍କା, ଷ୍ଟାଲିନ ରାଉତ ଓ ବଟକୃଷ୍ଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ। କମିଟିର ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ଓ ସନ୍ତୋଷ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

### ହ୍ୟାଣ୍ଡଲୁମ କମ୍ପ୍ଲେକ୍ସ ଉଦ୍‌ଘାଟିତ

**ଟିଗିରିଆ, ୬।୩ (ଡି.ଏନ୍.ଏ.)**- ଟିଗିରିଆ ବ୍ଲକର ନୂଆପାଟଣାରେ ବୁଧବାର ଏକ ହ୍ୟାଣ୍ଡଲୁମ କମ୍ପ୍ଲେକ୍ସର ଉଦ୍‌ଘାଟନ କରାଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା ରୂପା ଦଳେଇ, ଆଠଗଡ଼ ବୟନ ମଣ୍ଡଳର ହସ୍ତତନ୍ତ ଓ ବୟନଶିଳ୍ପର ସହକାରୀ ନିର୍ଦ୍ଦେଶକ ଶିଶିର କୁମାର ନାଗ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାଲିକ ବିଜୟଲକ୍ଷ୍ମୀ ଖଟୁଆ, ଭୋଗଡ଼ା ସରପଞ୍ଚ ଶର୍ମିଳା ନାୟକ, ସମିତିସଭ୍ୟ ସଞ୍ଜୟ କୁମାର କର ଏବଂ ନୂଆପାଟଣା ସରପଞ୍ଚ ସବିତା କୁଣ୍ଡୁ ପ୍ରମୁଖ ଯୋଗଦେଇଥିଲେ। ୫୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କମ୍ପ୍ଲେକ୍ସକୁ ନିର୍ମାଣ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ବୈଷୟିକ ସହାୟକ ପ୍ରତାପ କୁମାର ପଣ୍ଡିତ, ବୟନ ନିରୀକ୍ଷକ କାହ୍ନୁ ଚରଣ ପାତ୍ର ଓ ବୟନ ପରିଦର୍ଶକ ଅରୂପ କୁମାର ମହାନ୍ତିଙ୍କ ସମେତ ନୂଆପାଟଣା ଅଞ୍ଚଳର ବିଭିନ୍ନ ହସ୍ତତନ୍ତ ସମିତିର କର୍ମକର୍ତ୍ତା ଓ ବୁଣାକାରମାନେ ଉପସ୍ଥିତ ଥିଲେ।

■ ସ୍ୱଚ୍ଛ ଭାରତ ଅଭିଯାନ ଦିଗହରା

# ଘୋଷଣା ହୋଇନି ବାହ୍ୟମଳମୁକ୍ତ ପଞ୍ଚାୟତ

**ନିଶ୍ଚିନ୍ତକୋଇଲି, ୬।୩ (ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକରେ ସ୍ୱଚ୍ଛ ଭାରତ ଅଭିଯାନ ଦିଗହରା ହୋଇପଡିଛି। ଏପର୍ଯ୍ୟନ୍ତ ଏହାକୁ ସମ୍ପୂର୍ଣ୍ଣ ଖୋଲା ବା ବାହ୍ୟ ମଳମୁକ୍ତ ବ୍ଲକଭାବେ ଘୋଷଣା କରାଯାଇନାହିଁ। କାଗଜ କଲମରେ କେବଳ ବ୍ଲକ ଅନ୍ତର୍ଗତ ୪୧ ପଞ୍ଚାୟତ ମଧ୍ୟରୁ ଗୋଟିଏ ପଞ୍ଚାୟତକୁ ବାହ୍ୟ ମଳମୁକ୍ତ ପଞ୍ଚାୟତ ଭାବେ ଘୋଷଣା କରାଯାଇଛି । ବ୍ଲକରେ ଗୋଟିଏ ହେଲେବି କମ୍ୟୁନିଟି ସାନିଟାରି କମ୍ପ୍ଲେକ୍ସ ନିର୍ମାଣ କରାଯାଇନାହିଁ। ଏବେବି ବ୍ଲକର ୭ହଜାର ୧୬ ପରିବାରକୁ ଶୌଚାଳୟ ସୁବିଧା ମିଳିପାରିନାହିଁ। ଏନେଇ ନିଶ୍ଚିନ୍ତକୋଇଲି ହାଟ ଓ ବସଷ୍ଟାଣ୍ଡଠାରେ କମ୍ୟୁନିଟି ସାନିଟାରି କମ୍ପ୍ଲେକ୍ସ କରିବାକୁ ବାରମ୍ବାର ଦାବି ହୋଇଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ। ସୂଚନାଯୋଗ୍ୟ, ଖୋଲାରେ ମଳତ୍ୟାଗ ବର୍ଜନ କରି ବ୍ଲକରେ ଶତପ୍ରତିଶତ ଶୌଚାଳୟ ନିର୍ମାଣ କରିବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ତାଗିଦ କରାଯାଇଥିଲା। ଏନେଇ ପ୍ରଶାସନ ପକ୍ଷରୁ ଜାନୁୟାରୀ ୨୬ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରାଯାଇଥିଲା। ମାତ୍ର କେବଳ କେନ୍ଦୁପାଟଣା ପଞ୍ଚାୟତକୁ ଛାଡିଦେଲେ ଅନ୍ୟ କୌଣସି ପଞ୍ଚାୟତକୁ ବାହ୍ୟ ମଳମୁକ୍ତ ପଞ୍ଚାୟତ ଭାବେ ଘୋଷଣା ହୋଇପାରିଲାନାହିଁ। ଅପରପକ୍ଷେ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ଜିଲା ଓ ବ୍ଲକସ୍ତରରେ ସଚେତନତା କରିବା ପାଇଁ ଯୋଜନା ପରେ ଯୋଜନା ଚାଲିଛି। ଏବେ ପଞ୍ଚାୟତସ୍ତରରେ ସଚେତନତା କରିବା ପାଇଁ ନିର୍ଦ୍ଦେଶନାମା ଆସିଛି। ଏଥିରେ ସ୍କୁଲ ଓ ସ୍ୱୟଂସହାୟିକା ଗୋଷ୍ଠୀ ସହାୟତା କରିପାରିବେ ବୋଲି କୁହାଯାଇଛି। କିନ୍ତୁ ଏହା ଫଳପ୍ରଦ ହେଉନାହିଁ ବୋଲି ମତ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ହାଟ ଓ ବଜାର ପାଖରେ ଶୌଚାଳୟ ବ୍ୟବସ୍ଥା ନ ଥିବାରୁ ସ୍ଥାନୀୟ ଲୋକେ ବାହାରେ ମଳ ତ୍ୟାଗ କରିବାକୁ ବାଧ ହେଉଛନ୍ତି। ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ବ୍ଲକ ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବ୍ଲକ ଅନ୍ତର୍ଗତ

**ନିଶ୍ଚିନ୍ତକୋଇଲି ବ୍ଲକ**
- ■୪୧ରୁ ଗୋଟିଏ ପଞ୍ଚାୟତ ବାହ୍ୟ ମଳମୁକ୍ତ ଘୋଷଣା
- ■୭ହଜାର ୧୬ ପରିବାରରେ ଶୌଚାଳୟ ସୁବିଧା ନାହିଁ

୪୧ ପଞ୍ଚାୟତରେ ୧୨ହଜାର ୩୬୨ ପରିବାର ପାଇଖାନା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ମଧ ବହୁ ପରିବାରକୁ ଅଦ୍ୟାବଧି ଶୌଚାଳୟ ନିର୍ମାଣ ପାଇଁ ଅର୍ଥ ମିଳିପାରିନାହିଁ। ସେହିପରି ପଞ୍ଚାୟତ ତଥ୍ୟକୁ ଅନୁଧ୍ୟାନ କଲେ କେଣ୍ଟାଳ ପଞ୍ଚାୟତର ୧୧୮୫ ହିତାଧିକାରୀଙ୍କ ମଧରୁ ମାତ୍ର ୩୮୭ ପରିବାର ଓ ନଗସପୁର ପଞ୍ଚାୟତର ୧୬୨ ପରିବାର ମଧ୍ୟରୁ ମାତ୍ର ୬୬ଟି ପରିବାର ଶୌଚାଳୟ ନିର୍ମାଣ କରିଛନ୍ତି। ଅପରପକ୍ଷେ ନରେନ୍ଦ୍ରପୁର ପଞ୍ଚାୟତରେ ସମସ୍ତ ପରିବାର ପାଇଁ ଶୌଚାଳୟ ରହିଛି ବୋଲି ସରକାରୀ ରେକର୍ଡରେ ଦର୍ଶାଯାଇଛି। ମାତ୍ର ଏପର୍ଯ୍ୟନ୍ତ ଏହାକୁ ବାହ୍ୟମଳମୁକ୍ତ ପଞ୍ଚାୟତ ଭାବେ ଘୋଷଣା କରାଯାଇନାହିଁ। କୋଲଣପୁର ପଞ୍ଚାୟତରେ ବହୁ ହିତାଧିକାରୀ ଶୌଚାଳୟ ନିର୍ମାଣ କରିଥିଲେ ମଧ ସେମାନଙ୍କୁ ଅଦ୍ୟାବଧି ଅର୍ଥ ମିଳିପାରିନାହିଁ। ବିଭାଗୀ ଯନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ ବହୁ ହିତାଧିକାରୀ ଶୌଚାଳୟ ଅର୍ଥ ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନ କହିଛନ୍ତି, ଖୁବ ଶୀଘ୍ର ସର୍ଭେକରାଯାଇ ବ୍ଲକ ଅନ୍ତର୍ଗତ ବହୁଗ୍ରାମକୁ ମଳମୂକ୍ତ ଗ୍ରାମ ଘୋଷଣା କରାଯିବ। ଏଥିସହ ଯେଉଁ ହିତାଧିକାରୀମାନେ ଘରେ ଶୌଚାଳୟ ନିର୍ମାଣ କରିଛନ୍ତି ସେମାନଙ୍କୁ ତୁରନ୍ତ ଅର୍ଥ ପ୍ରଦାନ କରିବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ତାଗିଦ କରାଯାଇଛି। ଯେଉଁ ହିତାଧିକାରୀମାନେ ଶୌଚାଳୟ ନିର୍ମାଣ କରିବାକୁ ଅକ୍ଷମ ସେମାନଙ୍କୁ ସ୍ୱୟଂ ସହାୟିକା ଗୋଷ୍ଠୀ ମାଧମରେ ତୁରନ୍ତ ଶୌଚାଳୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ଇଭିଏମ୍, ଭିଭିପାଟ ସଚେତନତା



ଉପଜିଲାପାଳ ସଚେତନତା ରଥକୁ ଉଦ୍‌ଘାଟନ କରୁଛନ୍ତି।

**ବାଙ୍କୀ, ୬।୩(ସ୍ୱ.ପ୍ର.)**

ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ୨ୟ ପର୍ଯ୍ୟାୟ ଇଭିଏମ ଓ ଭିଭିପାଟ ସଚେତନତା ରଥ ପରିକ୍ରମା ବୁଧବାର ଆରମ୍ଭ ହୋଇଛି। ଉପ ଜିଲାପାଳ ଅରୁଣ କୁମାର ବିଶ୍ୱାଳ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ସଚେତନତା ରଥ ବାଙ୍କୀ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମ ପରିକ୍ରମା କରି ଭୋଟରମାନଙ୍କୁ ଇଭିଏମ୍ ଓ ଭିଭିପାଟ ସମ୍ପର୍କରେ ଡେମୋ ପ୍ରଦର୍ଶନ କରିବ। ସହ ସଚେତନତା ସୃଷ୍ଟି କରିବ। ଏହି କାର୍ଯ୍ୟରେ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ ବ୍ଲକ, ବିଜ୍ଞାପିତ ଅଞ୍ଚଳର ବୁଥସ୍ତରୀୟ ଅଧିକାରୀ, ଆଶାକର୍ମୀ ଓ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି, ବାଙ୍କୀ ବ୍ଲକ ପଞ୍ଚାୟତ ଅଧିକାରୀ କୁମର ପ୍ରଧାନ, ବାଙ୍କୀ ବ୍ଲକ ମୁଖ୍ୟ କିରାଣି ବୃନ୍ଦାବନ ନାୟକ, ନିତ୍ୟାନନ୍ଦ ଶତପଥୀ, ପଠାଣି ଚରଣ ବାରିକ୍ ଓ ଦୁର୍ଯ୍ୟୋଧନ ବେହେରା ପମୁଖ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ସୈନିକ ସଂଘର ରାଷ୍ଟ୍ରୀୟ ରକ୍ଷାଦିବସ

**ବାଙ୍କୀ, ୬।୩(ବି.ପ୍ର)**

ଜିଲା ଅବସରପ୍ରାପ୍ତ ସୈନିକ ସଂଘ ବାଙ୍କୀ ଶାଖା ପକ୍ଷରୁ ସ୍ଥାନୀୟ ରୁଚିକା ହାଟ ପରିସରରେ ରାଷ୍ଟ୍ରୀୟ ରକ୍ଷାଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବାଙ୍କୀ ଶାଖା ସଭାପତି ରତ୍ନାକର ବେଉରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଓଡ଼ିଶା ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ କର୍ଣ୍ଣେଲ ଲୋକନାଥ ସାହୁ ଯୋଗଦେଇ ରାଷ୍ଟ୍ରୀୟ ସୁରକ୍ଷା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତାଭାବେ ରାଷ୍ଟ୍ରୀୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶୁଭ୍ରାଂଶୁ ମୋହନ ପାଢୀ ଯୋଗଦେଇ ପ୍ରତିରକ୍ଷା କ୍ଷେତ୍ରରେ ଭାରତ ସୁଦୃଢ଼ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ସଂଘ ସମ୍ପାଦକ ସୂର୍ଯ୍ୟନାରାୟଣ ସାମନ୍ତ ଏବଂ କୋଷାଧକ୍ଷ ସନ୍ତୋଷ ପଟ୍ଟନାୟକ ଯୋଗଦେଇ ରାଷ୍ଟ୍ରଗଠନରେ ଜନସାଧାରଣଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ୧୫୦ରୁ ଉର୍ଦ୍ଧ୍ୱ ଅବସରପ୍ରାପ୍ତ ସୈନିକଙ୍କ ସମେତ ୪୫ଜଣ ବୀର ନାରୀ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରତ୍ନାକର ମହାନ୍ତି, ପ୍ରହଲାଦ ଗଣ୍ଡିଆ, ନୃସିଂହ ଚରଣ ପ୍ରଧାନ , ଶ୍ରୀଧର ଦାଶ, ଗୌରାଙ୍ଗ ରଣା ଓ ସତୀଶ ଛାଟୋଇ ପ୍ରମୁଖ ସହଯୋଗ କରାଇଥିଲେ।



ଜଣେ ଅବସରପ୍ରାପ୍ତ ସୈନିକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

## ଗାଁ ଉନ୍ନତିରେ ରାଜ୍ୟର ବିକାଶ ସମ୍ଭବ

**ନିଶ୍ଚିନ୍ତକୋଇଲି, ୬।୩ (ସ୍ୱ.ପ୍ର./ଡି.ଏନ୍.ଏ)**

ଗାଁର ଉନ୍ନତି ହେଲେ ରାଜ୍ୟର ବିକାଶ ହେବ। ଯେଉଁ ଗାଁକୁ ଯିବା ପାଇଁ ରାସ୍ତାଟିଏ ନ ଥିଲା ସେଠାରେ ପକ୍କା ସଡକ ସାଙ୍ଗକୁ ଉଜ୍ଜ୍ୱଳ ଆଲୋକ ଭଳି ସୁବିଧା ମିଳିପାରିଛି। ସରକାରଙ୍କ ବିକାଶମୂଳକ ପଦକ୍ଷେପ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ନିଶ୍ଚିନ୍ତକୋଇଲିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବୁଧବାର ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ପ୍ରକାଶ କରିଛନ୍ତି। ସେ ବ୍ଲକର କଟରପଡା ଓ ସରପଡା ପଞ୍ଚାୟତ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ତାଙ୍କ ସହ ବ୍ଲକ ଅଧକ୍ଷା ସବିତା ଓଝା, ଉପାଧକ୍ଷା ସବିତା ମହାନ୍ତି, ବିବେକାନନ୍ଦ ସାମନ୍ତରାୟ ଓ ଅଶୋକ ଓଝା ପ୍ରମୁଖ ଉପସ୍ଥିତ ଥିଲେ।





କଟରପଡାଠାରେ ମା'ଜୟଚଣ୍ଡୀ କୋଠାଘରକୁ ମନ୍ତ୍ରୀ ପ୍ରତାପ ଜେନା ଶିଳାନ୍ୟାସ କରୁଛନ୍ତି।

ମନ୍ତ୍ରୀ ଜେନା କଟରପଡାରେ ଏକ ପାଠାଗାର, ମା'ଜୟଚଣ୍ଡୀ କୋଠାଘର, ଯୁବକସଙ୍ଘ ଗୃହ, ପିଠାପଡାସ୍ଥିତ କଲ୍ୟାଣ ମଣ୍ଡପ, ମୁସଲମାନ ସାହି କମ୍ୟୁନିଟି ସେଣ୍ଟର, ଅଙ୍ଗନୱାଡି ଗୃହ, ସାଙ୍କିଲୋ ନାଗେଶ୍ୱର ମନ୍ଦିର, ମୁରୁଦାବାଦ ଜୟଚଣ୍ଡି ଠାକୁରାଣୀ ମନ୍ଦିର, ସ୍ୱପ୍ନେଶ୍ୱର ମଠ, ଗୌଡବିଶି ମହାଦେବ ମନ୍ଦିର ସମେତ ବ୍ଲକର ଉଦ୍ୟାନ କୃଷି ଗୃହର ଲୋକାର୍ପଣ କରିଥିଲେ। ସରପଡା ପଞ୍ଚାୟତ ଗସ୍ତ କରି ୧୫ଟି ପ୍ରକଳ୍ପର ଉଦଘାଟନ କରିଥିଲେ। ପରେ କେନ୍ଦ୍ରାପଡା ସଦର କେନାଲ ନିକଟରେ ହେବାକୁ ଥିବା ଏକ ପୋଲର ଶିଳାନ୍ୟାସ କରିଥିଲେ। ରୁନୁବାଳା ମହାନ୍ତି, ବିବେକାନନ୍ଦ ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପ୍ରାଣୀବିଜ୍ଞାନ ବିଭାଗର ବିଦାୟକାଳୀନ ଉତ୍ସବ

**ବାଙ୍କୀ, ୬।୩(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଶେଷବର୍ଷ ଛତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ବୁଧବାର ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମହାବିଦ୍ୟାଳୟ ଅଧକ୍ଷ ଡ.ବାବାଜୀ ଚରଣ ଶତପଥୀ ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ଡ.କୃଷ୍ଣ ଚନ୍ଦ୍ର ରଥ ସ୍ୱାଗତ ଭାଷଣ ଦେବା ସହ ବିଭାଗର ଛତ୍ରୀଛାତ୍ରମାନେ ଭଲପାଠ ପଢି କଲେଜର ସୁନାମ ରଖିବାକୁ ପରାମର୍ଶ ଦେଇଥିଲେ। ଅତିଥିଭାବେ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ଡ.ଦେବରାଜ ମିଶ୍ର, ଡ.ଦିଲ୍ଲୀପ କୁମାର ମିଶ୍ର, ଡ.ଶିଶିଭୂଷଣ ମହାପାତ୍ର ଓ ଅଧାପକ ନିରଞ୍ଜନ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଦିବେଶ ମୋହନ ସେଠୀ ବିବରଣୀ ପାଠକରିଥିବା ବେଳେ ସହ ସମ୍ପାଦକ ଗୌରିଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶେଷବର୍ଷର ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା।

■ ଶିମିଳିପୁର ଜାଗର ମହୋତ୍ସବ

## କଳା ସଂସ୍କୃତିର ପ୍ରସାରରେ ସହାୟକ ହେଉଛି ମହୋତ୍ସବ

**ବାଙ୍କୀ, ୬।୩(ସ୍ୱ.ପ୍ର.)**

ଶିମିଳିପୁର ଜାଗର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ମଙ୍ଗଳବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଦେବୀଦତ୍ତ ବିଭୂତିରାୟ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ବିଧାୟକ ପ୍ରଭାତ ତ୍ରିପାଠୀ ଓ ସମ୍ମାନିତ ଅତିଥି ସୁବାସ ଚନ୍ଦ୍ର ପାଢୀ, ସମରେନ୍ଦ୍ର ମହାପାତ୍ର ଓ ଉପଦେଷ୍ଟା ସନ୍ତୋଷ କୁମାର ସାହୁ ଯୋଗଦେଇଥିଲେ। ମହୋତ୍ସବ ବାଙ୍କୀ ଉପଖଣ୍ଡ ତଥା ସାରା ଓଡ଼ିଶାରେ ନିଜର କଳାସଂସ୍କୃତିକୁ ପ୍ରସାର କରିବାରେ ସହାୟକ ହୋଇପାରିଛି। ଏହାକୁ ଦେଖିବା ଲାଗି ବାଙ୍କୀ ଉପଖଣ୍ଡର ଗ୍ରାମାଞ୍ଚଳରୁ ବହୁ ବ୍ୟକ୍ତି ଏଠାକୁ ଆସୁଛନ୍ତି



ଜାଗର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିମାନେ।

ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ନାଟ୍ୟକାର ବିଭୁପ୍ରସାଦ ସାହୁ, କବି ବିପ୍ଳବ ରାଉତଙ୍କୁ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଅଶୋକ ମହାପାତ୍ରଙ୍କ ପ୍ରଦତ୍ତ ଶ୍ୟାମସୁନ୍ଦର ସକୁନ୍ତଳା ସମ୍ମାନ ଏବଂ ରାକେଶ ପଲେଇଙ୍କୁ ଭୂମିପୁତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ବିଭୁପ୍ରସାଦ ସାମଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ସୁବୋଧ କୁମାର ସାମଲ ବିବରଣୀ ପାଠ କରିଥିଲେ। ପ୍ରସନ୍ନ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ

**ନିଶ୍ଚିନ୍ତକୋଇଲି/ ନେମାଳ, (ସ୍ୱ.ପ୍ର/ ଡି.ଏନ୍.ଏ) ୬।୩**

କଟକ ସଦର ବିଧାୟକ ତଥା କ୍ରୀଡାମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା ନିଶ୍ଚିନ୍ତକୋଇଲି ବ୍ଲକର ନେମାଳ ଓ ପାଳଦା ପଞ୍ଚାୟତ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ବେହେରା ପ୍ରଥମେ ନେମାଳ ପଞ୍ଚାୟତ ଗସ୍ତ କରି ପୁନ୍ଦାଳ ଶାଖା କେନାଲ ଉପରେ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଜାଗୁଳାଇ ସେତୁର ଶିଳାନ୍ୟାସ କରିଥିଲେ। ପରେ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟର କମର୍ସ ବିଭାଗ ଗୃହକୁ ଲୋକାର୍ପଣ କରିଥିଲେ। ପରେ ଜାଗୁଳାଇ ନିକଟରେ ବିଜୁ ଯୁବ ବାହିନୀ ସଦସ୍ୟଙ୍କୁ ମୋବାଇଲ କିଟ ବଣ୍ଟନ କରିଥିଲେ। ସେହିପରି ପାଳଦା ପଞ୍ଚାୟତ ଗସ୍ତ କରି ସେଠାରେ ଚିତ୍ରୋତ୍ପଳା ଦକ୍ଷିଣ ଶାଖା କେନାଲର ଉନ୍ନତୀ କରଣ ଓ ପୁନରୁଦ୍ଧାର ପାଇଁ ଶିଳାନ୍ୟାସ କରିଥିଲେ। ଜଳ ସମ୍ପଦ ବିଭାଗ ଦ୍ୱାରା ହେବାକୁ ଥିବା ଏହି କାର୍ଯ୍ୟ ପାଇଁ ୧ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି।

ଏହି କାର୍ଯ୍ୟକ୍ରମକୁ ସରପଞ୍ଚ ମୀନକେତନ ସ୍ୱାଇଁ, କାହ୍ନୁ ମଲିକ ଓ ବିମଳ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## କାର୍ଯ୍ୟରେ ଲାଗୁନି ବିଜୁ ଗ୍ରାମୀଣ ବଜାର

**ରଘୁନାଥପୁର, ୬।୩(ଡି.ଏନ.ଏ.)**

ସରକାରୀ ଯୋଜନାଗୁଡିକ ବାସ୍ତବତାଠାରୁ ଦୂରେଇ ଯାଉଛି। ଯେଉଁ ଉଦ୍ଦେଶ୍ୟ ସାଧନ ନିମନ୍ତେ ରାଜକୋଷରୁ ଲକ୍ଷାଧିକ ଟଙ୍କା ବିନିଯୋଗରେ ସାଧାରଣ ଲୋକଙ୍କୁ ସ୍ୱାବଲମ୍ବୀ ପାଇଁ ନିର୍ମାଣ କରାଯାଇଛି ବିଜୁ ଗ୍ରାମୀଣ ବଜାର। ଏହାର ସଫଳ ରୂପାୟନ ଉପରେ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ। ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି ରଘୁନାଥପୁର ବ୍ଲକ ନିକଟସ୍ଥ ଜଗନ୍ନାଥପୁର ପଞ୍ଚାୟତ ବିଜୁ ଗ୍ରାମୀଣ ବଜାର କ୍ଷେତ୍ରରେ। ବ୍ୟବସାୟିକ କେନ୍ଦ୍ରସ୍ଥଳ ଉପରେ ନିର୍ମିତ ୮ ବଖରା ଗତ ଦେଢବର୍ଷ ତଳୁ ତାଲା ପଡି ରହିଛି। ଅନେକ ବ୍ୟବସାୟୀ ଦୋକାନ ଗୃହଟିଏ ପାଇଁ ଚାହିଁ ବସିଥିବାବେଳେ ଅଦ୍ୟାବଧି ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ୨୦୧୮ ଅଗଷ୍ଟ ୨୧ ରେ ଏ ସମ୍ପର୍କରେ ଦୁର୍ଯ୍ୟୋଧନ ଖୁଣ୍ଟିଆ ବଡିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଗତ ଦେଢବର୍ଷ ତଳୁ ଗୃହଗୁଡିକ ଭଡା ଦିଆଯାଇଥିଲେ ୭୫ ହଜାର ଟଙ୍କା ପଞ୍ଚାୟତର ଆୟ ହୋଇଥାନ୍ତା ବୋଲି ଖୁଣ୍ଟିଆ କହିଛନ୍ତି। ଉକ୍ତ ଗୃହଗୁଡିକ ବ୍ୟବସାୟିକ ଅଞ୍ଚଳରେ ଥିବାରୁ ଏବଂ ଭଡା ନେବାକୁ ଅନେକ ବ୍ୟକ୍ତି ଆଶାୟୀ ରହିଥିବାବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କଠାରୁ କୌଣସି ଠିକ୍ ଉତ୍ତର ମିଳୁନାହିଁ ବୋଲି ଖୁଣ୍ଟିଆ କହିଛନ୍ତି। ଖୁବ୍‌ଶୀଘ୍ର ଦୋକାନ ଗୃହଗୁଡିକ ଆବଣ୍ଟନ କରିବାକୁ ଜଗତ୍‌ସିଂହପୁର ଜିଲାପାଳ ଓ ପଞ୍ଚାୟତିରାଜ ସଚିବଙ୍କୁ ସେ ଲିଖିତ ଅଭିଯୋଗ କରିଛନ୍ତି। ଯାହାଦ୍ୱାରା ପଞ୍ଚାୟତର ଆୟ ହେବା ସହ ବହୁ ବ୍ୟକ୍ତି ସ୍ୱାବଲମ୍ବୀ ହୋଇପାରିବେ ବୋଲି ଖୁଣ୍ଟିଆ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ତେବେ ବିଡିଓ ପଞ୍ଚାନନ ପଟାୟତଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ଏହାର ବ୍ୟବସ୍ଥା କରିଯିବ ବୋଲି ସେ କହିଥିଲେ।

**ଜଗନ୍ନାଥପୁର ପଞ୍ଚାୟତ**





ବନ୍ଦ ହୋଇପଡ଼ିଥିବା ବିଜୁ ଗ୍ରାମୀଣ ବଜାର

- ■ତାଲା ପଡି ରହିଛି ୮ ବଖରା
- ■ସରକାରୀ ଯୋଜନା ବାସ୍ତବତାଠାରୁ ଦୂରେଇ ଯାଉଛି

■ ଏସ୍‌ଏଚ୍‌ଜି ମହିଳାଙ୍କୁ ସୁଧ ଛାଡ଼

## ନୂତନ ବ୍ୟାଙ୍କ ଋଣ ସମ୍ପର୍କରେ ସଚେତନତା

**ରଘୁନାଥପୁର, ୬।୩(ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଜ୍ୟୋତି ମହାସଂଘ ସଭାକକ୍ଷରେ ଏସଏଚ୍‌ଜି ମହିଳାଙ୍କୁ ସୁଧ ଛାଡ଼ ଓ ନୂତନ ବ୍ୟାଙ୍କ ଋଣ ପ୍ରଦାନ ସମ୍ପର୍କିତ ଏକ ସଚେତନତା ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ଆନୁକୂଲ୍ୟରେ ଆୟୋଜିତ ସଚେତନତା ମେଳାରେ ସିଡିପିଓ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ ଅଧକ୍ଷତା କରିଥିଲେ। ମିଶନ ଶକ୍ତି ଡିପିସିଏ ଗୁଏସନ୍ ଖାତୁନ୍, ବିପିଏମ୍ ସ୍ନେହପ୍ରିୟା ସ୍ୱାଇଁ ଓ ଓଏଲ୍‌ଏମ୍ ବିଏଲସି ବିଶ୍ୱଜିତା ଦାସ ପ୍ରମୁଖ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ଜରିଆରେ ଏସ୍‌ଏଚଜି ମହିଳାଙ୍କ ନିମନ୍ତେ ଥିବା ସମସ୍ତ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ବ୍ୟାଙ୍କର୍ସ ପକ୍ଷରୁ ୟୁବିଆଇ ମ୍ୟାନେଜର ପ୍ରଦୀପ୍ତ କୁମାର ଆଚାର୍ଯ୍ୟ, ଓଜିବି ତାରପୁର ମ୍ୟାନେଜର ବିଜୟ କୁମାର ରାଉତ, ଓଜିବି ଜଇପୁର ମ୍ୟାନେଜର ଲକ୍ଷ୍ମୀଧର ଦାଶ ଓ କର୍ମଚାରୀ ଭିତ୍ତିଭଞ୍ଜନ ସ୍ୱାଇଁ, ସିସିବି ରଘୁନାଥପୁର ପକ୍ଷରୁ ଦୋଳଗୋବିନ୍ଦ କାଠୁଆ ପ୍ରମୁଖ ଯୋଗଦେଇଥିଲେ। ସେମାନେ ରାଜ୍ୟ ସରକାରଙ୍କ ଗାଇଡ୍ ଲାଇନ୍ ଅନୁଯାୟୀ ଥିବା ନୂତନ ବ୍ୟାଙ୍କ ଋଣ ଓ ସୁଧ ଛାଡ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବିଭିନ୍ନ ଏସ୍‌ଏଚଜି ଗ୍ରୁପ ସ୍ୱାବଲମ୍ବୀ ହେବା ପାଇଁ ବ୍ୟାଙ୍କରୁ ଋଣ ନେଇ ସମୟ ଅବଧି ମଧରେ ପଇଠ କରିଲେ, କେବଳ ୧ ପ୍ରତିଶତ ସୁଧ ଦେବାକୁ ପଡୁଥିଲା। ତେବେ ଆସନ୍ତା ଏପ୍ରିଲ ୧ ରୁ ନୂତନ ଭାବେ ଋଣ ନେଉଥିବା ଗ୍ରୁପକୁ ସମୟ ଅବଧି ମଧରେ ପଇଠ କଲେ କୌଣସି ସୁଧ ଦେବାକୁ ପଡିବ ନାହିଁ। ଶୂନ୍ ପ୍ରତିଶତ ସୁଧରେ ଏଣିକି ଗ୍ରୁପ୍‌ମାନଙ୍କୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯିବାର ବ୍ୟବସ୍ଥା ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ସମ୍ପର୍କରେ ସିଡିପିଓ ମଲ୍ଲିକ ଆଲୋଚନା କରିଥିଲେ। ଉପସ୍ଥିତ ଆଇସିଡିଏସ୍ ସୁପରଭାଇଜର ତଥା ମିଶନ ଶକ୍ତି ସଂଯୋଜିକା ପ୍ରମୋଦିନୀ ଦାଶ, ସୁପରଭାଇଜର ସଞ୍ଜୁକ୍ତା ଦାସ, ବିଜୟଲକ୍ଷ୍ମୀ ପଣ୍ଡା, ଲିପ୍‌ସା ପ୍ରିୟଦର୍ଶିନୀ, ସୋନାଲୀ ପ୍ରିୟଦର୍ଶିନୀ ଓ ମମତା ପକ୍ଷରୁ ରଶ୍ମିତା ଦାସ, ବିଜୟଲକ୍ଷ୍ମୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ମହିଳାଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଥିବା ବିଭିନ୍ନ ଯୋଜନା ଓ ଏଥିରେ ବ୍ୟାଙ୍କଗୁଡିକର ଭୂମିକା ସମ୍ପର୍କରେ ସବିଶେଷ ତଥ୍ୟ ରଖିଥିଲେ। ଉପସ୍ଥିତ ମହିଳା ସଦସ୍ୟମାନେ ମଧ ଅଧିକାରୀଙ୍କଠାରୁ ବିଭିନ୍ନ ପ୍ରଶ୍ନ ପଚାରି ବୁଝିଥିଲେ। ଏହି ଅବସରରେ ବିଭିନ୍ନ ବ୍ୟାଙ୍କରୁ ଋଣ ନେଇ ସମୟ ଅବଧି ମଧରେ ପରିଶୋଧ କରିଥିବା ସମସ୍ତ ଏସ୍‌ଏଚଜି ଗ୍ରୁପ୍‌କୁ ବ୍ୟାଙ୍କ ଜରିଆରେ ଗତ ୨୦୧୫ଠାରୁ ଥିବା ସବ୍‌ସିଡି ଅର୍ଥ ପ୍ରଦାନ କରାଯାଇଥିବା ସିଡିପିଓ ମଲ୍ଲିକ ଘୋଷଣା କରିଥିଲେ। ପରେ ଉପସ୍ଥିତ ଥିବା କେତେକ ଗ୍ରୁପ୍‌ର ସମ୍ପାଦିକା ଓ ସଭାନେତ୍ରୀଙ୍କୁ ସବ୍‌ସିଡି ଅର୍ଥ ପ୍ରଦାନ କରାଯାଇଥିଲା। ତେବେ ଋଣ ଅର୍ଥକୁ ଠିକ୍ ବିନିଯୋଗ କରି ମହିଳାମାନେ ସ୍ୱାବଲମ୍ବୀ ହେବା ପାଇଁ ସିଡିପିଓ ମଲ୍ଲିକ ପରାମର୍ଶ ରଖିବା ସହ ଧନ୍ୟବାଦ ଦେଇଥିଲେ।



ଏସଏଚ୍‌ଜି ଗ୍ରୁପ୍‌ର ମହିଳାମାନଙ୍କୁ ଋଣର ସବ୍‌ସିଡ୍ ଅର୍ଥ ପ୍ରଦାନ କରାଯାଉଛି।



"ମହାନ୍ ପୁରୁଷ ଓ ମହାନ୍ ମହିଳାଙ୍କଠାରୁ ଏ ଦୁନିଆରେ ବଡ଼ କିଛି ନାହିଁ। ଲୋକେ ସେମାନଙ୍କୁ ବିଶ୍ୱାସ କରନ୍ତି। ସେହି ମହାନ୍ ପୁରୁଷ ଓ ମହିଳାମାନେ ୯୯ ପ୍ରତିଶତ ଠିକ୍ ତୁମ ଭଳି।
-କୋପରନିକସ



**ଆଜି କ'ଣ କେଉଁଠି**

କଟକ

- ଗ୍ରୀଷ୍ମ ପ୍ରବାହ ଅବସ୍ଥାକୁ ନିବାରଣ ନିମନ୍ତେ ପ୍ରସ୍ତୁତି ବୈଠକ, ରେଡକ୍ରସ ଭବନ, ପୂର୍ବାହ୍ନ ୧୧ଟା।
- ଆଦିବାସୀ ଦଳିତ ସମନ୍ୱୟ ସମିତି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।

# ସମ୍ପରେ ଶ୍ୱାସରୁଦ୍ଧ ହୋଇ ଶ୍ରମିକ ମୃତ

- ଚାବିରେ ରହିଗଲା ହାତ, ପଶିଗଲା ପାଣି
- ଠିକାଦାରଙ୍କ ଗିରଫ ଦାବିରେ ଥାନା ଘେରାଉ

**ଭୁବନେଶ୍ୱର, ୬।୩(ବ୍ୟୁରୋ)**

ରାଜଧାନୀରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଶହୀଦନଗର ଥାନା ଅନ୍ତର୍ଗତ ଭିଏସ୍ଏସ୍ ନଗରସ୍ଥିତ ତାରିଣୀ ବସ୍ତିରେ ପାଇପ୍ ଲାଇନ୍ କାମ ଚାଲିଥିବାବେଳେ ସମ୍ପ ଭିତରେ ପାଣି ପଶିଯିବାରୁ ଶ୍ୱାସରୁଦ୍ଧ ହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ଶ୍ରମିକ ହେଲେ ନୟାପଲ୍ଲୀ ଗଣପତି ବସ୍ତିର ବି.ରୁଦ୍ର ଦୋରା। ଘଟଣା ପରେ ଠିକାଦାର ଫେରାର ହୋଇଯାଇଥିବାବେଳେ ମୃତକଙ୍କ ପରିବାର ଲୋକେ ଓ ସମ୍ପର୍କୀୟ ଥାନା ଆଗରେ ଧାରଣା ଦେଇଥିଲେ।
ସୂଚନାଯୋଗ୍ୟ, ଭିଏସ୍ଏସ ନଗର ତାରିଣୀ ବସ୍ତିରେ ଥିବା ଏକ ପାଣି ସମ୍ପର କାମ ଚାଲିଥିଲା। ସମ୍ପର ଭିତରେ ରହି ରୁଦ୍ର କାମ କରୁଥିବାବେଳେ ତାଙ୍କ ହାତ ସମ୍ପ୍ ଚାବି ଭିତରେ ପଶି ଯାଇଥିଲା। ହାତ ବାହାର କରିବାକୁ ରୁଦ୍ର ଉଦ୍ୟମ କରୁଥିବାବେଳେ କେହି ଜଣେ ହଠାତ୍ ପାଣି ଚାବି ଖୋଲିଦେଇଥିଲେ। ଫଳରେ ସମ୍ପକୁ ପାଣି ଆସି ଯାଇଥିଲା। ସମ୍ପରେ ପାଣି ବଢୁଥିବାବେଳେ ରୁଦ୍ର ବଞ୍ଚାଅ ବଞ୍ଚାଅ କହି ଚିତ୍କାର କରୁଥିଲେ। ସେଠାରେ ଉପସ୍ଥିତ ଅନ୍ୟମାନେ ରୁଦ୍ରଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ମାତ୍ର ହାତଟି ଚାବିରୁ ବାହାରି ପାରି ନ ଥିଲା। ଫଳରେ କିଛି ସମୟ ମଧ୍ୟରେ ରୁଦ୍ର ପାଣି ଭିତରେ ବୁଡି ଯାଇଥିଲେ। ଅନ୍ୟମାନଙ୍କ ଆଖି ସାମ୍ନାରେ ଏହି ହୃଦୟ ବିଦାରକ ଘଟଣା ଘଟିଥିଲା। ଘଟଣାକୁ ନେଇ ସେଠାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ କଳ୍ପନା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ପାଣିରୁ ରୁଦ୍ରଙ୍କୁ ବାହାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଗଡ଼ିଲା ଦ୍ୱିତୀୟ ପର୍ଯ୍ୟାୟ ଇଭିଏମ, ଭିଭିପାଟ ସଚେତନତା ରଥ




ସଚେତନତା ରଥକୁ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

**କଟକ ଅଫିସ, ୬।୩**

କଟକ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ଇଭିଏମ ଓ ଭିଭିପାଟ ସଚେତନତା ଅଭିଯାନ ରଥ ବୁଧବାରଠାରୁ ଭ୍ରମଣ ଆରମ୍ଭ କରିଛି। ଜିଲାପାଳ ଅରବିନ୍ଦ ଅଗ୍ରୱାଲ କଟକ ସଦର ବ୍ଲକର ସଚେତନତା ରଥକୁ ପତକା ଦେଖାଇ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯାନ ସମ୍ପର୍କରେ ସୂଚନା ଦିଆଯାଇଥିଲା।
ସମସ୍ତ ବ୍ଲକ୍, ଉପଖଣ୍ଡ, ମହାନଗର ନିଗମ, ପୌର ପରିଷଦ ମୁଖ୍ୟ ଦପ୍ତରରୁ ଏହି ରଥ ବାହାରିବ। ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ବିଭିନ୍ନ ୱାର୍ଡ ପରିକ୍ରମା କରି ମତଦାନ ପାଇଁ ଇଭିଏମ୍ ଓ ଭିଭିପାଟ୍ ମେଶିନ ବ୍ୟବହାରର ଡେମୋ ପ୍ରଦର୍ଶନ କରିବା ସହିତ ଭୋଟରମାନଙ୍କୁ ସଚେତନ କରାଇବ। ମତଦାନ ବେଳେ ଭିଭିପାଟ୍ ମେଶିନରେ ୭ ସେକେଣ୍ଡ ପର୍ଯ୍ୟନ୍ତ ଏକ କାଗଜ ଚିଠା ବାହାରିବ, ଯେଉଁଥିରେ ପ୍ରାର୍ଥୀଙ୍କର ସରଳ କ୍ରମିକ ସଂଖ୍ୟା, ନାମ ଏବଂ ନିର୍ବାଚନ ସଙ୍କେତ ଚିହ୍ନ ଦେଖାଦେବ। ଏହାଦ୍ୱାରା ଭୋଟର ନିଜର ମତଦାନ ସତ୍ୟତା ଜାଣିପାରିବେ। ଜିଲାରେ ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୬ରୁ ୭ଟି ଟିମ୍ ଗଠନ କରାଯାଇଛି। ପ୍ରତ୍ୟେକ ରଥ ଏହି ଟିମକୁ ଧରି ପ୍ରତିଦିନ ୪ଟି ରାଜସ୍ୱ ଗ୍ରାମ ପରିକ୍ରମା କରି ସଚେତନତା ସୃଷ୍ଟି କରାଇବ। ଏହି କାର୍ଯ୍ୟକ୍ରମରେ ବୁଥସ୍ତରୀୟ ଅଧିକାରୀ, ଅଙ୍ଗନୱାଡି ଓ ଆଶା କର୍ମୀ ଓ ସ୍ଥାନୀୟ ଶିକ୍ଷକମାନେ ସହଯୋଗ କରିବେ। ମାର୍ଚ୍ଚ ୧୦କୁ ସ୍ୱତନ୍ତ୍ର ସଚେତନତା ଦିବସ ଘୋଷଣା କରାଯାଇଛି ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ସୂଚନାଥାଉକି, ଜିଲାରେ ସମୁଦାୟ ୨୦ ଲକ୍ଷ ୨୯ ହଜାର ୮୫୫ ଜଣ ଭୋଟର ରହିଛନ୍ତି। ଏମାନଙ୍କ ମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୧୦ଲକ୍ଷ ୬୧ ହଜାର ୮୬୨, ମହିଳା ଭୋଟର ୯ ଲକ୍ଷ ୬୭ ହଜାର ୭୪୦ ଓ ଅନ୍ୟାନ୍ୟ ୨୫୩ ଜଣ ରହିଛନ୍ତି।

## ଜିଲାପାଳଙ୍କୁ ସିଡିଏ ଉପାଧକ୍ଷ ଦାୟିତ୍ୱ

**କଟକ ଅଫିସ, ୬।୩:** ଜିଲାପାଳ ଅରବିନ୍ଦ ଅଗ୍ରୱାଲ ବୁଧବାର ସିଡିଏର ନୂତନ ଉପାଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଉପାଧକ୍ଷ ଥିବା ରବୀନ୍ଦ୍ରନାଥ ମିଶ୍ର ସିଡିଏର ସଚିବ ଭାବେ ବଦଳି ହେବାପରେ ଅଗ୍ରୱାଲ ଏହି ପଦବୀରେ ଅବସ୍ଥାପିତ ହୋଇଛନ୍ତି। ଏହି ଅବସରରେ ସିଡିଏ କର୍ମଚାରୀ ସଂଘ ପକ୍ଷରୁ ନୂତନ ଉପାଧକ୍ଷଙ୍କୁ ସ୍ୱାଗତ କରାଯାଇଛି। ନୂତନ ଉପାଧକ୍ଷ ତାଙ୍କ ଆଲୋଚନାରେ କଟକ ସହରର ସୌନ୍ଦର୍ଯ୍ୟକରଣ ଏବଂ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ସମସ୍ତ ସହରବାସୀଙ୍କ ନିକଟରେ ଲୋକପ୍ରିୟ ହେବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ବିଜୟ ଭୂଷଣ ପତି, ଦେବାଶିଷ ଦାସ, ଅଜୟ ରାଉତ, ମନୋଜ ଦାସ, ସରୋଜକାନ୍ତ ପାଲ, ସିଡିଏର ସଚିବ ମନୋଜ ରଞ୍ଜନ ମହାପାତ୍ର, ରମେଶ କୁମାର ମହାନ୍ତି, ପ୍ଲାନିଂ ମେମ୍ବର କ୍ୱାଇସର ଅଲ୍ଲୀ, ଜ୍ଞାନେନ୍ଦ୍ର ସାମଲ, ସତ୍ୟନାରାୟଣ ବ୍ରହ୍ମା, ସରୋଜ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।




ପରିବର୍ତ୍ତନ ପାଇଁ ବୁଧବାର କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ସମାବେଶରେ ଏଆଇସିସି ସାଧାରଣ ସମ୍ପାଦକ ଜିତେନ୍ଦ୍ର ସିଂଙ୍କ ସମେତ ଦଳୀୟ ନେତୃବୃନ୍ଦ।

# ପରିବର୍ତ୍ତନ ପାଇଁ କଂଗ୍ରେସର ସଂକଳ୍ପ ସମାବେଶ

**କଟକ ଅଫିସ, ୬।୩**

କଟକ ନଗର କଂଗ୍ରେସ ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକସ୍ଥିତ ତୁଳସୀପୁର ଖ୍ରୀଷ୍ଟିୟାନ ସାହି ଫୁଟ୍‌ବଲ ପଡ଼ିଆରେ ବୁଧବାର ସନ୍ଧ୍ୟାରେ ଏକ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ନଗର କଂଗ୍ରେସ କମିଟି ସଭାପତି ଇଂ. ମହମ୍ମଦ ମୋକିମ ପୌରୋହିତ୍ୟ କରିଥିଲେ। ଓଡ଼ିଶାରେ ବିଜେଡି, ଭାଜପାକୁ ନିର୍ବାଚନରେ ପରାସ୍ତ କରିବା ଏବଂ କଟକ ସହରର ପରିବର୍ତ୍ତନ ଆଣିବାକୁ କଂଗ୍ରେସ ଦଳ ସହିତ ଗଠବନ୍ଧନ କରିଥିବା ସିପିଆଇ, ସିପିଏମ୍, ଓଡ଼ିଶା ସୁରକ୍ଷା ସେନାର ନେତୃବୃନ୍ଦ ଓ କର୍ମୀମାନେ ବହୁସଂଖ୍ୟାରେ ଯୋଗଦେଇଥିଲେ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଏଆଇସିସି ସାଧାରଣ ସମ୍ପାଦକ ଜିତେନ୍ଦ୍ର ସିଂ, ଛତିଶଗଡ଼ ରାଜ୍ୟର ବରିଷ୍ଠ ମନ୍ତ୍ରୀ ଟି.ଏସ୍. ସିଂଦେଓ, ଏଆଇସିସି ସମ୍ପାଦକ ଶରତ ରାଉତ, ଆଦିତ୍ୟ ଶର୍ମା, ରୁଦ୍ର ରାଜୁ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଓ ବିଜୟଲକ୍ଷ୍ମୀ ସାହୁ, ସିପିଆଇ ଜିଲା ସମ୍ପାଦକ ଅମରେନ୍ଦୁ ମହାନ୍ତି, ସିପିଏମ୍ ନେତା ବଦ୍ରି ନାରାୟଣ ଦାସ, ରବୀନ୍ଦ୍ର ମଲ୍ଲିକ, ଓଡ଼ିଶା ସୁରକ୍ଷା ସେନା ରାଜ୍ୟ ସଭାପତି ଅଭିଷେକ ଯୋଶୀ ପ୍ରମୁଖ ଯୋଗଦେଇ ଦୁର୍ନୀତିଗ୍ରସ୍ତ ଭ୍ରଷ୍ଟାଚାରୀ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ହଟାଇବାକୁ ଆହ୍ୱାନ ଦେଇଥିଲେ। ଏହିଅବସରରେ ବାରବାଟୀ–କଟକ ବିଧାନସଭା ନିର୍ବାଚନମଣ୍ଡଳୀରେ ପଦଯାତ୍ରା ନିମନ୍ତେ ଉପସ୍ଥିତ ନେତୃବୃନ୍ଦ କଂଗ୍ରେସ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ନଗର କଂଗ୍ରେସ ଉପସଭାପତି ବୀରେନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

## ଏସ୍‌ସିବିରେ ଖୋଲିଲା ଅଂଶୁଘାତ ୱାର୍ଡ

**କଟକ ଅଫିସ, ୬।୩**

ଆଗାମୀ ଗ୍ରୀଷ୍ମପ୍ରବାହକୁ ଆଖିଆଗରେ ରଖି ଏସ୍‌ସିବି ମେଡିକାଲରେ ସ୍ୱତନ୍ତ୍ର ଅଂଶୁଘାତ ୱାର୍ଡ ବୁଧବାରଠାରୁ କାର୍ଯ୍ୟକ୍ଷମ ହୋଇଛି। ମେଡିସିନ ବିଭାଗର ତୃତୀୟ, ଚତୁର୍ଥ ମହଲାରେ ଏହି ୱାର୍ଡ ନିମନ୍ତେ ୧୨ଟି ବେଡ୍ ପ୍ରସ୍ତୁତ କରାଯାଇଛି। ଉକ୍ତ ସ୍ୱତନ୍ତ୍ର ୟୁନିଟ୍‌କୁ ଶୀତତାପ ନିୟନ୍ତ୍ରିତ କରିବା ପାଇଁ ବ୍ୟବସ୍ଥା କରାଯାଇଥିବାବେଳେ ୱାଟର କୁଲର ମଧ୍ୟ ମହଜୁଦ ରଖାଯାଇଛି। ଆବଶ୍ୟକ ସ୍ଥଳେ ଗୁରୁତର ରୋଗୀଙ୍କୁ ତୁରନ୍ତ ଆଇସିୟୁକୁ ସ୍ଥାନାନ୍ତର କରିବା ପାଇଁ ବ୍ୟବସ୍ଥା ହୋଇଛି। ମେଡିସିନ ବିଭାଗର ସହଯୋଗୀ ପ୍ରଫେସର ଡା. ବିଜନ ପଟ୍ଟନାୟକଙ୍କୁ ଅଂଶୁଘାତ ୱାର୍ଡର ନୋଡାଲ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି। ଅଂଶୁଘାତ ରୋଗୀମାନଙ୍କ ନିମନ୍ତେ ଅତ୍ୟାବଶ୍ୟକ ଔଷଧ ମହଜୁଦ ରଖିବା ପାଇଁ ଷ୍ଟୋର ମେଡିକାଲ ଅଫିସରଙ୍କୁ କୁହାଯାଇଛି। ଏ ନେଇ ବୁଧବାର ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡାକ୍ତର ସିବିକେ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅଧୀକ୍ଷକଙ୍କ ଚାମ୍ବରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ହସ୍ପିଟାଲ ମ୍ୟାନେଜର ସୌମ୍ୟା ମହାନ୍ତି ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ବାଇକ୍ ପୋଡ଼ି: ଅଭିଯୁକ୍ତ ଗିରଫ

**କଟକ ଅଫିସ,୬।୩:** ଗଣ୍ଡଗୋଳକୁ କେନ୍ଦ୍ରକରି ବାଇକ୍ ପୋଡିବା ଅଭିଯୋଗରେ ବାଦାମବାଡି ପୋଲିସ ଜଣେ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଶଙ୍କରପୁର ଅଞ୍ଚଳର ଚିନ୍ମୟ ଦାସ। ଗତ ସୋମବାର ରାତିରେ ଶଙ୍କରପୁର ଅଞ୍ଚଳରେ ଦୁଇ ଗୋଷ୍ଠୀ ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳ ହୋଇଥିଲା। ପରେ ଏହାକୁ କେନ୍ଦ୍ରକରି ମଙ୍ଗଳବାର ଭୋର୍‌ରେ ଶଙ୍କରପୁର ଅଞ୍ଚଳରେ ରହୁଥିବା ଶିବ ନାୟକଙ୍କ ବାଇକ୍‌ରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲେ ଚିନ୍ମୟ। ଏ ନେଇ ଶିବ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୬୧/୧୯) ରୁଜୁ କରିଥିଲା।

# ଲାଞ୍ଚ: ଆର୍‌ଆଇ, ଶ୍ରମ ନିରୀକ୍ଷକ ଗିରଫ

**କଟକ ଅଫିସ, ୬।୩**

ସୁନ୍ଦରଗଡ଼ ଜିଲା ଧୁମବାହାଲ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ସୁଧୀର ନାୟକ ୮ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ବୁଧବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସେ ଏହି ଲାଞ୍ଚ ଲେଫ୍ରିପଡ଼ା ଥାନା ଅଧୀନ ଉପେନ୍ଦ୍ର ନାୟକଙ୍କଠାରୁ ଗ୍ରହଣ କରୁଥିଲେ। ଏକ ମ୍ୟୁଟେଶନ କେସ୍‌ର ରିପୋର୍ଟ ଦାଖଲ କରିବା ପାଇଁ ଆର୍‌ଆଇ ନାୟକ ଏହି ଲାଞ୍ଚ ଲେଫ୍ରିପଡ଼ା ଥାନା ଅଧୀନ ଉପେନ୍ଦ୍ର ନାୟକଙ୍କଠାରୁ ଦାବି କରିଥିଲେ। ତେଲିଣ୍ଡି ବଡ଼ାଚୌକଠାରେ ଆର୍‌ଆଇ ନାୟକ ଉପେନ୍ଦ୍ରଙ୍କଠାରୁ ଏହି ଲାଞ୍ଚ ଟଙ୍କା ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏହାପରେ ଭିଜିଲାନ୍ସ ପକ୍ଷରୁ ଝାରସୁଗୁଡ଼ା ସହରରେ ଥିବା ଆର୍‌ଆଇ ନାୟକଙ୍କ ଘରକୁ ଯାଞ୍ଚ କରାଯାଇଥିଲା। ଏ ନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୬/୨୦୧୯) ରୁଜୁ କରାଯାଇ ଆର୍‌ଆଇ ନାୟକଙ୍କୁ ଗିରଫ କରାଯାଇଛି।
ସେହିପରି ୩୨୫୦ ଟଙ୍କା ଲାଞ୍ଚ ନେଇ ସୁନ୍ଦରଗଡ଼ ଜିଲା ବଣାଇ ଗ୍ରାମ୍ୟ ଶ୍ରମ ନିରୀକ୍ଷକ ଅଶୋକ କୁମାର ଡୁଙ୍ଗଡୁଙ୍ଗ ଭିଜିଲାନ୍ସ ହାତରେ ବୁଧବାର ଧରାପଡ଼ିଛନ୍ତି। ସେ ଏହି ଲାଞ୍ଚ ରାଉରକେଲା ଅନ୍‌ଅର୍ଗାନାଇଜ ଲେବର ୟୁନିୟନର ସମ୍ପାଦକ ଦିଲୀପ ଲାହେରିଙ୍କଠାରୁ ଗ୍ରହଣ କରୁଥିଲେ। ୟୁନିୟନର ୬୫ ଜଣ ସଦସ୍ୟଙ୍କୁ ଲେବର କାର୍ଡ ଦେବା ନିମନ୍ତେ ଜଣକ ପିଛା ୫୦ ଟଙ୍କା ହିସାବରେ ନିରୀକ୍ଷକ ଡୁଙ୍ଗଡୁଙ୍ଗ ଏହି ଲାଞ୍ଚ ଦାବି କରିଥିଲେ। ଗତ ଶନିବାର ସନ୍ଧ୍ୟାରେ ପାନପୋଷ ହକିଚୌକ ନିକଟରେ ଡୁଙ୍ଗଡୁଙ୍ଗ ୟୁନିୟନର ସମ୍ପାଦକ ଲାହେରିଙ୍କଠାରୁ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏ ନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୫/୧୯) ରୁଜୁ କରାଯାଇ ଡୁଙ୍ଗଡୁଙ୍ଗଙ୍କୁ ଗିରଫ କରାଯାଇଥିଲା। ଗିରଫ ପରେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। କୋର୍ଟରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## କୃଷି ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ

**ନରାଜ/କଟକ ଅଫିସ, ୬।୩**

ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରା ପଞ୍ଚାୟତରେ ଥିବା କୃଷିକ୍ଷେତ୍ରକୁ ବୁଧବାର କୃଷି ଅଧିକାରୀମାନେ ଗସ୍ତ କରିଥିଲେ। ଡମପଡ଼ା କୃଷି ଅଧିକାରୀ ଗଣେଶ୍ୱର ରଥ, ଶସ୍ୟ ସଂରକ୍ଷଣ ଅଧିକାରୀ ହରିହର ବାରିକ, କୃଷକ ସାଥୀ ଡମ୍ବରୁଧର ସ୍ୱାଇଁ ପ୍ରମୁଖ ଚାଷୀମାନଙ୍କ ସହିତ ରୋଗପୋକ ନିୟନ୍ତ୍ରଣ ଓ କୀଟନାଶକ ପ୍ରୟୋଗ ସମ୍ପର୍କରେ ଆଲୋଚନା କରିଥିଲେ। କୃଷି ଅଧିକାରୀମାନଙ୍କ ସହିତ ସ୍ଥାନୀୟ ଅଞ୍ଚଳର ଚାଷୀ କେଶବ ଚନ୍ଦ୍ର ଜେନା, ଶୁକଦେବ ଜେନା ଓ ଗୁରୁପ୍ରସାଦ ଜେଠୀ ପ୍ରମୁଖ ଆଲୋଚନା କରିଥିଲେ।

- ଆଦର୍ଶ ସମବାୟ ସମିତି ଦୁର୍ନୀତି

# ଜାମିନ ପାଇଁ ହାଇକୋର୍ଟରେ ସଭାପତି, ସମ୍ପାଦକ

**କଟକ ଅଫିସ, ୬।୩**

ରାଉରକେଲାର ଆଦର୍ଶ ସମବାୟ ସମିତି ସଭାପତି ବିଜୟ କୁମାର ପାଢୀ ଓ ସମ୍ପାଦକ ଶରତ କୁମାର ସେନାପତି ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବୁଧବାର ଉଭୟଙ୍କ ଜାମିନ ଆବେଦନର ଶୁଣାଣି କରି ହାଇକୋର୍ଟ ଆବେଦନକାରୀଙ୍କ ବିରୋଧରେ ହୋଇଥିବା ଅନିୟମିତତାର ସମସ୍ତ ଦସ୍ତାବିଜ ଦାଖଲ କରିବାକୁ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉ କି, ରାଉରକେଲା ଇସ୍ପାତ ନିଗମର କର୍ମଚାରୀଙ୍କ ସମେତ ବହୁ ସରକାରୀ କର୍ମଚାରୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଉକ୍ତ ସମବାୟ ସମିତି ବହୁ କୋଟି ଟଙ୍କା ଠକେଇ କରିଥିଲା। ଉକ୍ତ ଠକେଇର ତଦନ୍ତ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ଦ୍ୱାରା କରାଇବା ପାଇଁ ଠକାମିର ଶିକାର ହୋଇଥିବା କେତେଜଣ ଜମାକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅର୍ଥନୈତିକ ଅପରାଧ ଶାଖାରେ ଏ ନେଇ ୨୦୧୮ ମେ' ମାସରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାକୁ ଆଧାର କରି ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ୨୦୧୮ ଅଗଷ୍ଟ ମାସରେ ସମବାୟ ସମିତିର ସଭାପତି ପାଢୀ ଓ ସେପ୍ଟେମ୍ବର ମାସରେ ସମ୍ପାଦକ ସେନାପତିଙ୍କୁ ଗିରଫ କରାଯାଇଥିଲା। ନିମ୍ନ ଅଦାଲତରେ ଉଭୟଙ୍କ ଜାମିନ ଆବେଦନ ଖାରଜ ହେବା ପରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ପୋଲ ତଳକୁ ଖସିଲା କୋଇଲା ବୋଝେଇ ଟ୍ରକ୍



**ଖୁଣ୍ଟୁଣୀ, ୬।୩(ଡି.ଏନ୍.ଏ.):** ୫୫ନଂ. ଜାତୀୟ ରାଜପଥର ଖୁଣ୍ଟୁଣୀ ଥାନା ନିକଟ ବଡ଼ଯୋର ପୋଲ ଉପରୁ ବୁଧବାର ଅପରାହ୍ନ ପ୍ରାୟ ୧ଟା ୩୦ ମିନିଟ୍‌ରେ ଏକ କୋଇଲା ବୋଝେଇ ଟ୍ରକ୍ (ଓଆର୧୯ଜି-୭୭୬୬) ୨୦ ଫୁଟ ତଳକୁ ଖସିପଡିଛି। ଏଥିରେ ଟ୍ରକ୍ ଚାଳକ ବଡ଼ମ୍ବା ଥାନା ଅଧୀନ ଦିନିଆରୀ ଗ୍ରାମର ସଞ୍ଜୟ ବେହେରା ଆହତ ହୋଇଛନ୍ତି। ସେ ତାଳଚେରରୁ ଟ୍ରକ୍‌ରେ କୋଇଲା ନେଇ ଖୁଣ୍ଟୁଣୀ ଥାନା ଅଞ୍ଚଳକୁ ଆସୁଥିଲେ। ହେଲେ ଟ୍ରକ୍‌ଟି ଭାରସାମ୍ୟ ହରାଇ ପୋଲବାଡା ଭାଙ୍ଗି ତଳକୁ ଖସିପଡିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଟ୍ରକ୍ ଭିତରୁ ଚାଳକଙ୍କୁ ଉଦ୍ଧାର କରି ଆଠଗଡ଼ ଡାକ୍ତରଖାନା ପଠାଇଥିବା ଏସ୍‌ଆଇ ଶୋଭରାଜ ପ୍ରିୟଦର୍ଶୀ ମହାନ୍ତି କହିଛନ୍ତି। ରିପୋର୍ଟ ଲେଖାଯିବାବେଳକୁ ପୋଲ ତଳୁ ଟ୍ରକ୍ ଓ କୋଇଲାକୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି।

- ଫାରୁକ୍ ହତ୍ୟା ମାମଲା

# ସାକ୍ଷୀ କହିଲେ ଚିହ୍ନିନି କି ଜାଣିନି

**କଟକ ଅଫିସ, ୬।୩**

ମାଲଗୋଦାମ ଡାଲି ବ୍ୟବସାୟୀ ମହମ୍ମଦ ଫାରୁକ୍ ତୟାବ ହତ୍ୟା ମାମଲାରେ ସାକ୍ଷ୍ୟ ଗ୍ରହଣ ଜିଲା ଜଜ୍‌ଙ୍କ ଅଦାଲତରେ ଜାରି ରହିଛି। ଅକ୍ଷୟ ବେହେରା ନାମକ ଗୋଦାମ କର୍ମଚାରୀ କୋର୍ଟରେ ହାଜର ହୋଇ ସାକ୍ଷ୍ୟ ପ୍ରଦାନ କରିଥିଲେ। ଫାରୁକ୍‌ଙ୍କୁ ଗୁଳିକରି ହତ୍ୟା କରାଯିବା ସମୟରେ ଅକ୍ଷୟଙ୍କ ଗୋଡ଼ରେ ଏକ ଗୁଳି ବାଜିଥିଲା। ଗୁଳିମାଡ଼ରେ ଅକ୍ଷୟ ଆହତ ହୋଇଥିବା କଥା ପୋଲିସ ପକ୍ଷରୁ କୋର୍ଟରେ କୁହାଯାଇଥିଲା। କିନ୍ତୁ କୋର୍ଟରେ ହାଜର ହୋଇ ଘଟଣା ସମ୍ପର୍କରେ ସେ କିଛି ଜାଣି ନ ଥିବା କିମ୍ବା କିଏ ଗୁଳି କରିଛି ଚିହ୍ନି ନ ଥିବା କହିଥିଲେ। ସେହିପରି ଏସ୍‌ସିବି ମେଡିକାଲ ପରିସରରେ ୨ ଜଣ ଠିକାଦାରଙ୍କୁ ଗୁଳି ଘଟଣାରେ ମଧ୍ୟ ବୁଧବାର କୋର୍ଟରେ ସାକ୍ଷ୍ୟ ଗ୍ରହଣ ହୋଇଥିଲା। ଉକ୍ତ ଘଟଣାର ସାକ୍ଷୀ ମଧ୍ୟ କିଛି ଜାଣି ନ ଥିବା କୋର୍ଟରେ କହିଥିଲେ। ଏପରି କି ସାକ୍ଷୀ ଜଣକ କହିଥିଲେ, ପୋଲିସ ତାଙ୍କୁ ଡାକିନେଇ କେତେକ ଦସ୍ତଖତ ନେଇଥିଲା। ମାତ୍ର ଟେଣ୍ଡର ଫିକ୍ସିଂ କିମ୍ବା ଠିକାଦାରଙ୍କୁ ଗୁଳି ଘଟଣା ସେ କିଛି ଜାଣିନାହାନ୍ତି। ଅନ୍ୟପକ୍ଷରେ ବହୁଚର୍ଚ୍ଚିତ ଦୀପୁ, ଓମ୍ ହତ୍ୟାକାଣ୍ଡ ଘଟଣାରେ ସାକ୍ଷ୍ୟ ଗ୍ରହଣ ପାଇଁ ସାକ୍ଷୀମାନଙ୍କୁ ନୋଟିସ କରାଯାଇଥିଲେ ମଧ୍ୟ ସେମାନେ କୋର୍ଟରେ ହାଜର ହୋଇ ନ ଥିଲେ। ଫଳରେ ସେମାନଙ୍କ ବିରୋଧରେ ୱାରେଣ୍ଟ ଜାରି କରାଯାଇଛି। ଏହି ମାମଲାଗୁଡ଼ିକର ଶୁଣାଣି ସମୟରେ ସୁଶାନ୍ତ ଓ ସୁଶୀଳ ଧଳସାମନ୍ତ କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ।

# ସମତାଭିତ୍ତିକ ସମୃଦ୍ଧି ପାଇଁ ରବି ରାୟ ଥିଲେ ସାଲିସ୍‌ହୀନ ସଂଗ୍ରାମୀ

**କଟକ ଅଫିସ, ୬।୩**




ରବି ରାୟ ସ୍ମରଣ ସଭାରେ ଯୋଗଦେଇଥିବା ଅତିଥିବୃନ୍ଦ।

ଦେଶ ଓ ସମାଜର ସୁରକ୍ଷା ପାଇଁ ସୀମା ଶତ୍ରୁ ଓ ଆତଙ୍କବାଦ ବିରୋଧରେ ଯୁଦ୍ଧ ଆବଶ୍ୟକ। କିନ୍ତୁ କ୍ଷମତା ହାସଲ ପାଇଁ ନୁହେଁ ବୋଲି କହିଯାଇଛନ୍ତି ଜନନେତା ରବି ରାୟ। ସମତାଭିତ୍ତିକ ସମୃଦ୍ଧି ହିଁ ଦେଶକୁ ବଳଶାଳୀ ଓ ଶତ୍ରୁକୁ ଭୟଭୀତ କରିବ ବୋଲି ସେ ବିଶ୍ୱାସ କରୁଥିଲେ। ସେଥିପାଇଁ ଶେଷପର୍ଯ୍ୟନ୍ତ ରବି ରାୟ ସାଲିସ୍‌ହୀନ ସଂଗ୍ରାମ କରିଯାଇଛନ୍ତି। ବୁଧବାର ରବି ରାୟଙ୍କ ଦ୍ୱିତୀୟ ବାର୍ଷିକ ସ୍ମରଣ ସଭାରେ ବହୁ ବକ୍ତା ଏହି କଥା କହିଛନ୍ତି। ରବି ରାୟ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ଭବନଠାରେ ଆୟୋଜିତ ସଭାରେ ଶ୍ରମିକ ନେତା ରାଜେନ୍ଦ୍ର ପ୍ରସାଦ ସିଂ ସଭାପତିତ୍ୱ କରିଥିଲେ। ବିଭିନ୍ନ ଦେଶର ଶାସକବର୍ଗ ଅତୀତରେ ବେକାରି, ଦରବୃଦ୍ଧି ଓ ଅନାହାର ମୃତ୍ୟୁ ଭଳି ମୌଳିକ ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଛନ୍ତି। ଏହି ବିଫଳତାକୁ ଢାଙ୍କିବା ପାଇଁ ଅନ୍ୟ ଦେଶ ବିରୋଧରେ ଯୁଦ୍ଧ ଡାକରା ଦେଇ ଜନସାଧାରଣ ବିଶେଷକରି ଯୁବପିଢିକୁ ବିଭ୍ରାନ୍ତ କରୁଥିବା କଥା ହିଟ୍‌ଲର ଓ ମୁସୋଲିନ୍‌ଙ୍କ ଉଦାହରଣରୁ ରବି ରାୟ ବାରମ୍ବାର କହିଛନ୍ତି। ଓଡ଼ିଶାର ପାଇକମାନଙ୍କ ବିଷୟରେ ବର୍ଣ୍ଣନା କରିବାକୁ ଯାଇ ସେ କହିଛନ୍ତି, ଶାନ୍ତି ସମୟରେ କେବଳ କୃଷି ଓ କାରିଗରି କାମରେ ଲିପ୍ତ ହେବା ଓ ଦେଶ ରକ୍ଷା ପାଇଁ ତାଲିମ ନେବା ସେମାନଙ୍କର କାମ ଥିଲା। ସେଥିପାଇଁ ଓଡ଼ିଶା ଏକ ସ୍ୱାଭିମାନୀ ସ୍ୱାଧୀନ ରାଜ୍ୟର ମାନ୍ୟତା ପାଇଥିଲା। ଯେକୌଣସି ସମାଜରେ କୃଷକ ଓ ଶ୍ରମିକଙ୍କ ଭଳି ଉତ୍ପାଦକ ଗୋଷ୍ଠୀ ସମ୍ପନ୍ନ ନ ହେଲେ ସେ ସମାଜ ମେରୁଦଣ୍ଡବିହୀନ ହୋଇଯାଏ। ତେଣୁ ସମତାଭିତ୍ତିକ ସମାଜ ପାଇଁ ତଥା ସମାଜରେ ଭାଇଚାରା ଓ ଏକତା ଲାଗି ରବି ରାୟ ନିଜ ଜୀବନକୁ ଦେଶ, ଦେଶବାସୀଙ୍କୁ ସମର୍ପିତ କରିଥିଲେ। ଉଭୟ ଲୋକ ସଭା ଓ ରାଜ୍ୟ ସଭାର ଏମ୍‌ପି, କେନ୍ଦ୍ରମନ୍ତ୍ରୀ ଓ ସର୍ବୋପରି ଲୋକ ସଭାର ବାଚସ୍ପତି ଭାବେ ତାଙ୍କର କାର୍ଯ୍ୟ ଓ ଯଶ ଅନବଦ୍ୟ ବୋଲି ବିଶିଷ୍ଟ ବକ୍ତାମାନେ ପ୍ରକାଶ କରିଥିଲେ। ସମତା ମଞ୍ଚର ସଭାପତି ଚିତ୍ତରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଡ. ବୀରେନ୍ଦ୍ର ନାୟକ, କୃଷ୍ଣ ପାତ୍ର, ବିଶ୍ୱାବସୁ ଦାସ, କିଶୋର ଶତପଥୀ, ଡ. ସତ୍ୟ ରାୟ, ଯୁଗଳ ନାୟକ, ଲକ୍ଷ୍ମୀପ୍ରିୟା ମହାନ୍ତି, ଖଗେଶ୍ୱର ସେଠୀ, ସୁଧୀର ପଟ୍ଟନାୟକ, ହିମାଂଶୁ କୁଅଁର, ରବି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଉଦ୍‌ଘାଟିତ

**ନରାଜ/କଟକ ଅଫିସ, ୬।୩:** ବାରଙ୍ଗ ତହସିଲ ଅନ୍ତର୍ଗତ ନରଣପୁରଠାରେ ସବ୍‌ରେଜିଷ୍ଟ୍ରାର ଅଫିସ୍‌ର ନୂତନ ଗୃହ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବାଙ୍କୀ ବିଧାୟକ ପ୍ରଭାତ ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନିଆଳି ବିଧାୟକ ପ୍ରମୋଦ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବାରଙ୍ଗ ବ୍ଲକ ଅଧକ୍ଷ ସରୋଜ କୁମାର ସାହୁ ଯୋଗଦେଇଥିଲେ। ପ୍ରକାଶଥାଉ କି, ନୂତନ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟକୁ ଲାଗି ଅଗ୍ନିଶମ ସେବାକେନ୍ଦ୍ର, କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ଉଦ୍ୟାନ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ରହିଛି। ମାତ୍ର ଉକ୍ତ ସ୍ଥାନକୁ ଯିବା ପାଇଁ ଗମନାଗମନ ବ୍ୟବସ୍ଥାରେ ଉନ୍ନତୀକରଣ କରାଯାଇନାହିଁ, ଯାହା ଲୋକଙ୍କ ଅସୁବିଧାରେ ପକାଉଥିବା ଅଭିଯୋଗ ହୋଇଛି।




କଟକସ୍ଥିତ ଓସିଏ ସମ୍ମିଳନୀ କକ୍ଷରୁ ବୁଧବାର ସମ୍ମାନିତା ପରିବାର ପକ୍ଷରୁ ଅଡିଓ ରିଲିଜ୍ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।



କଟକ ଶହୀଦ ଭବନରେ ସକଳ ଜୈନ ସମାଜ ପକ୍ଷରୁ ଅନୁଷ୍ଠିତ ଧର୍ମସଭାରେ ଜୈନ ସନ୍ଥ ୧୦୮ ଆଚାର୍ଯ୍ୟ ଶ୍ରୀ ବିରାଗ ସାଗର ମହାରାଜ ଆଶୀର୍ବଚନ ଦେଉଛନ୍ତି।



କଟକ ଚୌଧୁରୀ ବଜାର ମଠସାହି ନିକଟ ଏକ ମଣ୍ଡପରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କଟକ ଜିଲା ପକ୍ଷରୁ ବୁଧବାର ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଭାରତ ଗୌରବ ସମ୍ମିଳନୀରେ ଉପସ୍ଥିତ ଅତିଥିବୃନ୍ଦ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୭ ମାର୍ଚ୍ଚ , ୨୦୧୯



" ମହାନ୍ ପୁରୁଷ ଓ ମହାନ୍ ମହିଳାଙ୍କଠାରୁ ଏ ଦୁନିଆରେ ବଡ଼ କିଛି ନାହିଁ। ଲୋକେ ସେମାନଙ୍କୁ ବିଶ୍ୱାସ କରନ୍ତି। ସେହି ମହାନ୍ ପୁରୁଷ ଓ ମହିଳାମାନେ ୯୯ ପ୍ରତିଶତ ଠିକ୍ ତୁମ ଭଳି।
-କୋପରନିକସ



## ସଂକ୍ଷେପରେ

### ସ୍ତ୍ରୀଙ୍କ ଚିକିତ୍ସା ପାଇଁ ନେଉଥିବା ୩ ଲକ୍ଷ ଟଙ୍କା ଲୁଟ୍

ଖୋର୍ଦ୍ଧା ଅଫିସ,୬।୩:ଖୋର୍ଦ୍ଧା ଆଦର୍ଶ ଥାନା ତୋଟାପଡା ଛକରେ ବୁଧବାର ଅପରାହ୍ନରେ ୩ ଲକ୍ଷ ଟଙ୍କା ଲୁଟ୍ ହୋଇଛି। ସ୍ତ୍ରୀଙ୍କ ଚିକିତ୍ସା ପାଇଁ ବ୍ୟାଙ୍କରୁ ଟଙ୍କା ଉଠାଇ ବାଇକ୍ ଯୋଗେ ଯାଉଥିବାବେଳେ ଟାଙ୍ଗୀ ଥାନା କାଲୁପଡା ରାଜେନ୍ଦ୍ରପୁର ଗାଁର ରମାକାନ୍ତ ନାଥ(୬୨) ଲୁଟ୍‌ର ଶିକାର ହୋଇଛନ୍ତି। ପଛରୁ ଦୁଇଜଣ ଯୁବକ କଳା ପଲସରରେ ଆସି ତାଙ୍କୁ ଧକ୍କା ମାରିଥିଲେ। ସେ ପଡିଯିବା ପରେ ତାଙ୍କଠାରୁ ବ୍ୟାଗ ଝାମ୍ପି ନେଇ ପଳାଇ ଯାଇଥିଲେ। ଏ ନେଇ ରମାକାନ୍ତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଦଫା ୩୯୨ରେ ନଂ. ୭୦/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷେ ଖୋର୍ଦ୍ଧା ଏସ୍‌ଡିପିଓ ବ୍ୟାଙ୍କ ସିସିଟିଭି କ୍ୟାମେରା ଦେଖି ଘଟଣାର ଯାଞ୍ଚ କରୁଛନ୍ତି। ଅଭିଯୋଗ ଅନୁସାରେ, କାଲୁପଡା ରାଜେନ୍ଦ୍ରପୁର ଗାଁର ରମାକାନ୍ତ ଜଣେ ଅବସରପ୍ରାପ୍ତ ଚକ୍ଷୁ ଚିକିତ୍ସା ସହାୟକ। ବୁଧବାର ଅପରାହ୍ନ ପ୍ରାୟ ୧ଟାରେ ଖୋର୍ଦ୍ଧା ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାରୁ ୫୦୦ ଟଙ୍କିଆ ୬ଟି ବଣ୍ଡଲ୍ ଚେକ୍ ଯୋଗେ ଉଠାଣ କରିଥିଲେ। ବାଇକ୍ (ନଂ. ଓଆର୦୨ଏସି ୬୫୭୮) ଯୋଗେ ଗାଁକୁ ଫେରୁଥିଲା ବେଳେ ସେ ଲୁଟ୍‌ର ଶିକାର ହୋଇଥିଲେ।

### ଦୁର୍ଘଟଣାଗ୍ରସ୍ତ ବାଇକ୍ ଆରୋହୀଙ୍କଠାରୁ ମିଳିଲା ବନ୍ଧୁକ

ଜଟଣୀ, ୬।୩(ଡି.ଏନ୍.ଏ.): ବାଇକ୍‌ରେ ଯାଉଥିବା ଆରୋହୀ ଯୁବକଙ୍କ ଦୁର୍ଘଟଣା ଘଟିଲା। ସେ ତଳେ ପଡିଯିବାରୁ ତାଙ୍କ ପାଖରେ ଥିବା ବନ୍ଧୁକ ଓ ଗୁଳି ବାହାରି ତଳେ ପଡି ଯାଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିବା ସହ ବନ୍ଧୁକ ଦେଖି ପୋଲିସକୁ ଖବର ଦେଇଥିଲେ। ଜଟଣୀ ଥାନା ପୋଲିସ ପହଞ୍ଚି ଦୁର୍ଘଟଣାରେ ଆହତ ହୋଇଥିବା ଯୁବକଙ୍କୁ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଛି। ପୋଲିସ ଆହତଙ୍କ ସାଥୀରେ ଥିବା ଅନ୍ୟ ୩ ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛନ୍ତି। ବୁଧବାର ଅପରାହ୍ନ ପ୍ରାୟ ସାଢେ ୫ଟାରେ ସ୍ଥାନୀୟ ହରିରାଜପୁର ଛକ ନିକଟରେ ଦୁର୍ଘଟଣା ଘଟିଥିଲା। ଦୁଇଜଣ ଲେଖାଏ ବସି ଦ୍ରୁତଗତିରେ ଆସୁଥିବା ଦୁଇ ବାଇକ୍ ମଧ୍ୟରୁ ଗୋଟିଏ ଏଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଜଣେ ଯୁବକ ତଳେ ପଡ଼ି ଆହତ ହୋଇଥିଲେ। ସେଠାରେ ଲୋକେ ଆହତ ଯୁବକଙ୍କୁ ସ୍ଥାନୀୟ ଏକ ଘରୋଇ ନର୍ସିଂହୋମ୍‌ରେ ଭର୍ତ୍ତି କରିଥିଲେ। ତେବେ ଦୁର୍ଘଟଣା ସମୟରେ ସେମାନଙ୍କ ନିକଟରେ ଥିବା ଏକ ବନ୍ଧୁକ ତଳେ ପଡିଯିବା ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଚିକିତ୍ସାଧୀନ ଆହତ ଯୁବକଙ୍କୁ ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲା। ସେମାନଙ୍କ ନିକଟରୁ ମିଳିଥିବା ବନ୍ଧୁକ, ଗୁଳି ଓ ବ୍ୟବହାର କରିଥିବା ବାଇକ୍‌କୁ ପୋଲିସ ଜବତ କରିଛି। ଏ ନେଇ ଆଇଆଇସି ବିଶ୍ୱରଞ୍ଜନ ସାହୁ କୁହନ୍ତି, ଡାକ୍ତରଖାନାରେ ଥିବା ଆହତ ଯୁବକ ଓ ଅଟକମାନଙ୍କୁ ପଚରାଉଚୁରା ପରେ ପ୍ରକୃତ ଘଟଣା ସ୍ପଷ୍ଟ ହେବ। ତେବେ ପାଖରେ ବନ୍ଧୁକ ରଖି ଏହି ଯୁବକମାନେ କୁଆଡେ ଯାଉଥିଲେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଟକ ଯୁବକମାନଙ୍କ ଘର ଖୋର୍ଦ୍ଧା ଥାନା ଅଞ୍ଚଳରେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

■ ନିର୍ବାଚନ ସମୟରେ ମନେପଡ଼ିଲା

# ଖୋର୍ଦ୍ଧା ସହରର ଉନ୍ନତି ପାଇଁ ବିଭିନ୍ନ ପ୍ରସ୍ତାବ

## ୩ ପର୍ଯ୍ୟାୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ

ଖୋର୍ଦ୍ଧା ଅଫିସ,୬।୩

ନିର୍ବାଚନ ସମୟରେ ମନେ ପଡିଛି ଖୋର୍ଦ୍ଧା ସହରକୁ ସର୍ବାଙ୍ଗ ସୁନ୍ଦର କରି ଗଢିତୋଳିବାର ଚିନ୍ତା। ସହରର ଉନ୍ନତି କଳ୍ପେ ସ୍ଥାନୀୟ ବିଡିଏ କଲ୍ୟାଣୀ ମଣ୍ଡପରେ ବୁଧବାର ୩ ପର୍ଯ୍ୟାୟରେ ବୈଠକ ହୋଇଛି। ପ୍ରଥମ ବୈଠକରେ ସହରର ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ, ୨ୟ ପର୍ଯ୍ୟାୟରେ ସରକାରୀ ଆଇନଜୀବୀ, ତୃତୀୟ ପର୍ଯ୍ୟାୟରେ କ୍ରୀଡାବିତମାନଙ୍କ ବୈଠକ କରାଯାଇ ମତାମତ ଓ ପ୍ରସ୍ତାବ ନିଆଯାଇଛି। କ'ଣ କରାଗଲେ ଖୋର୍ଦ୍ଧା ସହରର ସୌନ୍ଦର୍ଯ୍ୟ ବଢିବ ସେନେଇ ଦିନତମାମ ଆଲୋଚନା ହୋଇଥିଲା। ସମସ୍ତ ବୈଠକ ନିଉ ଥିଙ୍କିଙ୍ଗ ଫୋରମର ସଭାପତି ନରେନ୍ଦ୍ର କୁମାର ପୃଷ୍ଟିଙ୍କ ଆବାହକତ୍ୱରେ ହୋଇଥିଲା। ପ୍ରଥମ ବୈଠକରେ ଆଇନଜୀବୀଙ୍କ ବିଧାନ ମହାନ୍ତ ସଂଯୋଜନା କରିଥିଲେ। ଏଥିରେ ଐତିହାସିକ ନାରାୟଣ ରାଓ ଓ ସତ୍ୟବାଦୀ ବଳିଆରସିଂହ, ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ, ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଖୋର୍ଦ୍ଧା ଲ କଲେଜର ପୂର୍ବତନ ଅଧ୍ୟକ୍ଷ ବୃନ୍ଦାବନ ପଣ୍ଡା, ବରିଷ୍ଠ ନାଗରିକ ସଂଘର ସାଧାରଣ ସମ୍ପାଦକ ବିମଳ ଚନ୍ଦ୍ର ଷଡଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ।

ଆଲୋଚନା ଅନୁସାରେ, ସହରରୁ କ୍ୟାବିନ ଉଚ୍ଛେଦ କରି ବ୍ୟବସାୟୀଙ୍କୁ ଥଇଥାନ କରାଯିବାକୁ ଗୁରୁତ୍ୱ ଦିଆଯାଇଥିଲା। ହାବେଳୀପଡିଆରେ



ଅନୁଷ୍ଠିତ ବୈଠକରେ ଯୋଗ ଦେଇଥିବା ଲୋକମାନେ ।

ବ୍ୟବସାୟୀଙ୍କୁ ଥଇଥାନ କରାଗଲେ ଭଲ ବ୍ୟବସାୟ ହେବନି ବୋଲି ମତପ୍ରକାଶ ପାଉଛି। ଏଣୁ ଖୋର୍ଦ୍ଧାର ଟାଉନ ହଲ ସମ୍ମୁଖ ଶହୀଦ ପାର୍କରେ, ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ଡିଏଫଓ କାର୍ଯ୍ୟାଳୟ ସମ୍ମୁଖ, ନୂଆବସଷ୍ଟାଣ୍ଡରୁ ଚଣ୍ଡିଚୂଆ ଛକ ପର୍ଯ୍ୟନ୍ତ ସରକାରୀ ଜମିରେ ଭେଣ୍ଡିଂ ଜୋନ ନିର୍ମାଣ କରାଯାଇ ବ୍ୟବସାୟୀଙ୍କୁ ଥଇଥାନ କରାଯାଉ। ମ୍ୟୁନିସିପାଲିଟି କାର୍ଯ୍ୟାଳୟକୁ ସ୍ଥାନାନ୍ତର, ଟିଏଲସି ରୋଡରେ ମାଛ ଓ ପରିବା ଦୋକାନୀମାନଙ୍କୁ ଥଇଥାନ କରାଯାଉ। ବରୁଣେଇ ପାହାଡର ସୀତାକୁଣ୍ଡ ପାଖକୁ ତରାବୋଇ ଘାଟିଠାରୁ ପ୍ରାୟ ୧ କିମି ସିଧା ରାସ୍ତା ସହ ରାମ ମନ୍ଦିର, ପାଇକ ମୀନାର, ଗେଷ୍ଟ ହାଉସ୍ ନିର୍ମାଣ କରାଯାଉ। ଖୋର୍ଦ୍ଧାଗଡରେ ମ୍ୟୁଜିୟମ୍, ବରୁଣେଇ ଚାରିପଟେ ରିଙ୍ଗରୋଡ୍ କରାଯାଉ। ୧୬ ନଂ. ଜାତୀୟ ରାଜପଥ କଡ ତୋଟାପଡା ହାଇସ୍କୁଲ ପଛପାଖରେ ୩୮ ଏକର ଜମି ଉପରେ ବସଷ୍ଟାଣ୍ଡ କରାଯାଇ ନୂଆ ବସଷ୍ଟାଣ୍ଡକୁ ସ୍ଥାନାନ୍ତର କରାଯିବାର ଆବଶ୍ୟକତା ପଡିଲାଣି। ଜିଲାପାଳ ଅଫିସ ଛକ, ତୋଟାପଡା, ଗଡଖୋର୍ଦ୍ଧା ଛକ, ପିତାପଲ୍ଲୀ ଛକଠାରେ ୪ଟି ଫ୍ଲାଏ ଓଭର ବ୍ରିଜ ନିର୍ମାଣ, ପିତାପଲ୍ଲୀଠାରୁ ତୋଟାପଡା ଛକ ପର୍ଯ୍ୟନ୍ତ ରାଜପଥର ଉଭୟ ପାର୍ଶ୍ୱରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ, ଜିଲାପାଳ ଅଫିସ ଛକଠାରୁ ନୂଆ ବସଷ୍ଟାଣ୍ଡ ରାସ୍ତାକୁ ହେରିଟେଜ୍ ରାସ୍ତାର ମାନ୍ୟତା ଦିଆଯିବା ଦରକାର। ହାବେଳୀ ପଡିଆକୁ ସଭା ସମିତି ପାଇଁ ସଂରକ୍ଷଣ ରଖିବା, ଟିଏଲସି ପାଖର ୧୮ ଏକର ମଶାଣି ଜମିରେ ପାର୍କ ନିର୍ମାଣ, ସହର ମଧ୍ୟରେ ୫୦ ଶୌଚାଳୟ, ଗୀତାଭବନ ସମ୍ମୁଖ ପଡିଆରେ ଷ୍ଟେଜ୍, ଗ୍ରୀନ ରୁମ୍, ପଡିଆ ଉପରେ ସେଡ୍ କରାଯାଇ ମ୍ୟୁନିସିପାଲିଟି ଅଧୀନରେ ରଖାଯାଉ। ନୂଆବସ୍‌ଷ୍ଟାଣ୍ଡ ଓ କଣ୍ଟାଛକ ନିକଟରେ ଗଢି ଉଠିଥିବା ବସ୍ତିର ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ମାଗଣାରେ ଜମି, ଗୃହ ଅନ୍ୟ ସୁବିଧା ଯୋଗାଇ ଦିଆଯାଉ। ନିଶା କାରବାର ଉପରେ ଲଗାମ, ସ୍ପିନିଂ ମିଲ୍ ପଛ ପାଖରେ ୧୦୦ ଏକର ଜମି ଉପରେ ଖୋର୍ଦ୍ଧା ଶିଳ୍ପାଞ୍ଚଳର ପ୍ରତିଷ୍ଠା, ଜବରଦଖଲକାରୀଙ୍କ କବ୍‌ଜାରୁ ସହରକୁ ରକ୍ଷା ପରି ଅନେକ ପ୍ରସ୍ତାବ ଲୋକଙ୍କ ନିକଟରୁ ଆସିଛି। ପ୍ରଶାସନ ଓ ସରକାରଙ୍କ ସହ ଆଲୋଚନା କରି ପଦକ୍ଷେପ ନେବାକୁ ପ୍ରସ୍ତାବ ଗୃହୀତ ହୋଇଛି। ପ୍ରକାଶଥାଉ କି ଖୋର୍ଦ୍ଧା ସହରର ଉନ୍ନତି ପାଇଁ ବାଧକ ସାଜିଥିବା କ୍ୟାବିନ ଉଚ୍ଛେଦ ଓ ଥଇଥାନ ପାଇଁ ୧୫ ବର୍ଷ ତଳୁ ପଦକ୍ଷେପ ଆରମ୍ଭ ହୋଇଛି। ହେଲେ ଏହା ଏ ପର୍ଯ୍ୟନ୍ତ ଫଳପ୍ରସୂ ହୋଇନାହିଁ। ସହରକୁ ସୁନ୍ଦର କରିବାକୁ ବିଭିନ୍ନ ଅନୁଷ୍ଠାନ, ମଞ୍ଚ, ଲୋକ ପ୍ରତିନିଧି ଓ ପ୍ରଶାସନ ପକ୍ଷରୁ ବହୁ ସମୟରେ ପ୍ରତିଶ୍ରୁତି ଓ ଭାଷଣବାଜି ଚାଲିଛି। ଆନ୍ତରିକତାର ଅଭାବରୁ ପ୍ରଶାସନିକ ସ୍ତରରେ ନିଆଯାଇଥିବା ସହରକୁ ସୁନ୍ଦର କାର୍ଯ୍ୟ ଶୀତଳଭଣ୍ଡାର ମଧ୍ୟରେ ରହିଯାଇଛି। ଏଣୁ ଖୋର୍ଦ୍ଧା ସହରବାସୀ ସର୍ବନିମ୍ନ ସୁବିଧାରୁ ବଞ୍ଚିତ ହୋଇ ଚାଲିଛନ୍ତି।

■ ବିଟ୍ ଇନ୍‌ଷ୍ଟିଚ୍ୟୁଶନ୍‌ର ବାର୍ଷିକ ଉତ୍ସବରେ ଟେକ୍‌ନୋ ଜିଙ୍ଗ ଉଦ୍‌ଘାଟିତ

# 'ଈଶ୍ୱରଙ୍କ ବିନା ବିଜ୍ଞାନ ଅସମ୍ପୂର୍ଣ୍ଣ'



ରାଜ୍ୟପାଳ ଗଣେଶୀ ଲାଲ ଓ ପ୍ରଶାସନିକ ଅଧିକାରୀ ।

ଯାଁଳା, ୬।୩(ଡି.ଏନ.ଏ.)

ବିଜ୍ଞାନ ଯୁଗରେ ଈଶ୍ୱରଙ୍କ ଉପସ୍ଥିତିକୁ ଅଣଦେଖା କରାଯାଇ ପାରିବ ନାହିଁ। କାରଣ ଈଶ୍ୱରଙ୍କ ବିନା ବିଜ୍ଞାନ ଅସମ୍ପୂର୍ଣ୍ଣ। ବୁଧବାର ଜଟଣୀ ନିକଟବର୍ତ୍ତୀ ରେତଙ୍ଗସ୍ଥିତ ବିଟ୍ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍‌ର ତ୍ରିଦିବସୀୟ ବାର୍ଷିକ ଉତ୍ସବ ଟେକ୍‌ନୋ ଜିଙ୍ଗ-୨୦୧୯କୁ ବୁଧବାର ଉଦ୍‌ଘାଟନ କରି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ବାର୍ତ୍ତା ଦେଇଛନ୍ତି। ପ୍ରତ୍ୟେକ ମନୁଷ୍ୟଙ୍କ ମଧ୍ୟରେ ଈଶ୍ୱର ବିଦ୍ୟମାନ ଥିବାରୁ ସମସ୍ତଙ୍କୁ ସମ୍ମାନ ଦେବା ଆବଶ୍ୟକ। ପଢିବା ସହ ଈଶ୍ୱର ବିଶ୍ୱାସୀ ହେବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ରାଜ୍ୟପାଳ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିବା ସହ ଶିକ୍ଷାନୁଷ୍ଠାନର ବାର୍ଷିକ ପତ୍ରିକା ଟେକ୍ନୋଭିଜନର ଉନ୍ମୋଚନ କରିଥିଲେ। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସର୍କଲ ମୁଖ୍ୟ ଗଣପତ ଲାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇନ୍‌ଷ୍ଟିଚ୍ୟୁଶନର ସଭାପତି ଅମୀୟ ରଞ୍ଜନ ବଡଜେନା, ବିଦ୍ୟାର୍ଥୀ ବ୍ୟାପାର ଡିନ୍ ବିଶ୍ୱରଞ୍ଜନ ବଡଜେନା, ଶିକ୍ଷାନୁଷ୍ଠାନର ଏଓ ଜିତେନ୍ଦ୍ର କୁମାର ମିଶ୍ର ପ୍ରମୁଖଙ୍କ ସହ ଶତାଧିକ ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ। ପ୍ରାଧ୍ୟାପକ ପ୍ରଫେସର ସ୍ୱଦେଶ ରଞ୍ଜନ ମହାନ୍ତି ଓ ଦୀପ୍ତି ପାଲ ମଞ୍ଚ ପରିଚାଳନା କରିଥିଲେ।

# ବସ୍ ଡୋର୍ ବାଜି ୨ ବାଇକ୍ ଆରୋହୀ ଗୁରୁତର

ନିରାକାରପୁର,୬।୩(ଡି.ଏନ.ଏ.)

ଏକ ବରଯାତ୍ରୀ ବସ୍ ଡୋର୍‌ରେ ବାଜି ୨ ବାଇକ୍ ଆରୋହୀ ଆହତ ହେବା ପରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ଫଳସ୍ୱରୂପ ୨ ପକ୍ଷ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇ ଜାତୀୟ ରାଜପଥ ରଣକ୍ଷେତ୍ର ପାଲଟିଥିଲା। ଉକ୍ତ ଘଟଣାରେ ୫ରୁ ଊର୍ଦ୍ଧ୍ୱ ଆହତ ହୋଇଥିବାବେଳେ ୩ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋପାଳ ଦାସ, ଶରତ ଦାସ ଓ ଧନୁ ଦାସ । ଉଭୟ ପକ୍ଷରୁ ପୃଥକ୍ ପୃଥକ୍ ଅଭିଯୋଗ ଦାଖଲ ହୋଇଛି । ପୋଲିସ ସୂଚନା ଅନୁସାରେ, ବୁଧବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଗଞ୍ଜାମ ଜିଲା ଗୋପାଳପୁର ଥାନା ଅନ୍ତର୍ଗତ ମାଣ୍ଡିଆପଲ୍ଲୀ ଗ୍ରାମର ଗୋଟିଏ ବରଯାତ୍ରୀ ଗାଡି ପୁରୀ ଅଭିମୁଖେ ଯାଉଥିଲା। ତେବେ ରାମେଶ୍ୱର ଛକ ନିକଟ ନୂଆ ଜଗନ୍ନାଥ ସଡ଼କ ଉପରେ ବସ୍‌ଟି ରହିଥିଲା। ସେହି ସମୟରେ ଖଜୁରିପଡ଼ା ମୁସଲମାନ ସାହିର ଅବଦୁଲ ଖାଁ ଓ ମଧୁବନ ଗ୍ରାମର ଦାଶରଥି ପ୍ରଧାନ ବୁଲେଟ୍ ମୋଟର ସାଇକେଲରେ ରାମେଶ୍ୱର ଛକକୁ ଯାଉଥିବାବେଳେ




ବସ୍‌ଟିର ଡୋର୍ କେହି ଖୋଲି ଦେଇଥିଲେ। ଡୋର୍ ବାଜି ୨ ବାଇକ୍ ଆରୋହୀ ଗୁରୁତର ହୋଇଥିଲେ। ଆହତ ଦ୍ୱୟ ସ୍ଥାନୀୟ ଲୋକ ହୋଇଥିବାରୁ ଗଣ୍ଡଗୋଳ ହୋଇଥିଲା। ବରଯାତ୍ରୀ ପକ୍ଷରୁ ରାଜା ଦାସ(୧୨), ବିଜୁ ଦାସ, ଲକ୍ଷ୍ମଣ ଦାସ, ଶରତ ଦାସ, ଅର୍ଜୁନ ଦାସ ଆହତ ହୋଇଥିଲେ । ଖବର ପାଇ ନିରାକାରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ନଂ ଓଡି-୦୭ଡି-୬୫୯୫ର ଶ୍ରୀଦୁର୍ଗା ଟ୍ରାଭେଲର୍ସ (ଲକି ଲୁସି)ବସ୍‌କୁ ଥାନାକୁ ଆଣି ଯାଞ୍ଚ କରିଥିଲେ। ପୋଲିସ କେସ୍ ନଂ ୧୬/୧୯ରେ ତଦନ୍ତ କରିଛି। ଆହତଙ୍କୁ ଚିକିତ୍ସା ନିମନ୍ତେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

■ ଓରବରସିଂହ ସରପଞ୍ଚ ପଦଚ୍ୟୁତ ମାମଲା

# ନିଷ୍ପତ୍ତିର ପୁନର୍ବିଚାର ପାଇଁ ସମୂହ ସତ୍ୟାଗ୍ରହ

ଖୋର୍ଦ୍ଧା ଅଫିସ,୬।୩:

ଖୋର୍ଦ୍ଧା ବ୍ଲକ ଓରବରସିଂହ ସରପଞ୍ଚ ପଦଚ୍ୟୁତ ଘଟଣାର ପ୍ରତିବାଦ କରି ପଞ୍ଚାୟତ ଶାନ୍ତି ସୁରକ୍ଷା ସମିତି ପକ୍ଷରୁ ନିଷ୍ପତ୍ତିର ପୁନର୍ବିଚାର ପାଇଁ ବୁଧବାରଠାରୁ ପଞ୍ଚାୟତ ସମ୍ମୁଖରେ ସତ୍ୟାଗ୍ରହ ଆରମ୍ଭ ହୋଇଛି। ସତ୍ୟର ଜୟ ନ ହେବା ପର୍ଯ୍ୟନ୍ତ ସତ୍ୟାଗ୍ରହ ଚାଲୁ ରହିବ ବୋଲି ଶାନ୍ତି ସୁରକ୍ଷା ସମିତିର ସଭାପତି ସୁବାସ ଜଗଦ୍ଦେବ ସୂଚନା ଦେଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜୟୀ ପ୍ରାର୍ଥୀ ଲୋକନାଥ ପଟ୍ଟନାୟକ ୧୨୩୯ ଭୋଟ୍ ପାଇଥିଲେ। ପରାଜିତ ପ୍ରାର୍ଥୀ ସଞ୍ଜୟ କୁମାର ରାଟସିଂହ ୧୨୨୭ ଭୋଟ୍ ଭୋଟ ପାଇଥିଲେ। ବିଜୟୀ ପ୍ରାର୍ଥୀ ଲୋକନାଥ ୧୯୯୭-୯୮ ମସିହାରେ ଓରମି କୋଅପରେଟିଭ ସୋସାଇଟିର ସଭାପତି ଥିବା ବେଳେ ୫ ଲକ୍ଷ ଟଙ୍କା ଋଣ ନେଇଥିଲେ। ତେବେ ନାମାଙ୍କନପତ୍ର



ସତ୍ୟାଗ୍ରହରେ ସାମିଲ ହୋଇଥିବା ମହିଳା ଓ ପୁରୁଷମାନେ ।

ଦାଖଲ ସମୟରେ ଲୋକନାଥ ଋଣ ଖିଲାପି ସମ୍ପର୍କରେ ତଥ୍ୟ ଦେଇ ନ ଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଋଣ ପରିଶୋଧ କରି ନ ଥିବା ଅଭିଯୋଗ ହୋଇଥିଲା। ପ୍ରତିପକ୍ଷ ପରାଜିତ ପ୍ରାର୍ଥୀ ସଞ୍ଜୟ ଏହାକୁ ଚ୍ୟାଲେଞ୍ଜ କରି କୋର୍ଟରେ ଆଶ୍ରୟ ନେଇଥିଲେ। କୋର୍ଟ ଆବେଦନକୁ ଗ୍ରହଣ କରି ନଂ. ୫/୧୭ରେ ନିର୍ବାଚନୀ ମାମଲା ରୁଜୁ କରିଥିଲେ। ଋଣ ଖିଲାପୀ ସମ୍ପର୍କରେ ତଥ୍ୟ ଦେଇ ନ ଥିବାର ପ୍ରମାଣ ମିଳିବା ପରେ ଖୋର୍ଦ୍ଧା କନିଷ୍ଠ ଦେୱାନି ଅଦାଲତର ବିଚାରପତି ଶ୍ରଦ୍ଧାଞ୍ଜଳି ରାୟଙ୍କ ସରପଞ୍ଚ ଲୋକନାଥଙ୍କ ପଦବୀ ଅସିଦ୍ଧ ଘୋଷଣା ହୋଇଥିଲା। ଅନ୍ୟପକ୍ଷେ ପରାଜିତ ପ୍ରାର୍ଥୀ ସଞ୍ଜୟଙ୍କୁ କାର୍ଯ୍ୟଭାର ଦେବାକୁ ବିଡିଓଙ୍କୁ ନିର୍ଦ୍ଦେଶ ମିଳିଥିଲା। ଏଭଳିସ୍ଥଳେ ଗତ ୨ ତାରିଖରେ ଲୋକନାଥ ଖୋର୍ଦ୍ଧାର ଅତିରିକ୍ତ ଜିଲା ଜଜ୍ କୋର୍ଟ (ଏଡିଜେ) ଧନୁର୍ଦ୍ଧର ସେନାପତିଙ୍କ କୋର୍ଟରେ ଅପିଲ କରିଥିଲେ। ଯାହାକି ବିଚାର ପାଇଁ ଗ୍ରହଣୀୟ ହୋଇ ୭ ତାରିଖରେ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି।

## ଦୁର୍ଗାଚରଣ ସ୍ମାରକୀ କ୍ରିକେଟ୍ ରାଇଜିଂ ଷ୍ଟାର ବିଜୟୀ

ଟାଙ୍ଗୀ(ଖୋର୍ଦ୍ଧା), ୬।୩ (ଡି.ଏନ.ଏ.)

ଟାଙ୍ଗୀସ୍ଥିତ ହନୁମନ୍ତ ଗ୍ରାମରେ ମହାବୀର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଦୁର୍ଗାଚରଣ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ ଆୟୋଜିତ ହେଉଛି । ବୁଧବାର ଖେଳରେ ରାଇଜିଂ ଷ୍ଟାର(ଦୀକ୍ଷିତପଡ଼ା) ଦଳ ବିଜୟୀ ହୋଇଥିବା ଜଣାପଡିଛି । ପ୍ରଥମେ ଗମ୍ଭାରିମୁଣ୍ଡା ଦଳ ଟସ୍ ଜିତି ବ୍ୟାଟିଂ କରି ୧୮ ଓଭର୍, ୮ ଉଇକେଟ୍ ବିନିମୟରେ ୧୪୬ ରନ୍ କରିଥିଲା। ଜବାବରେ ଦୀକ୍ଷିତପଡ଼ା ଦଳ ୧୬ ଓଭର୍‌ରେ ୪ ଉଇକେଟ୍ ହରାଇ ୧୫୧ ରନ୍ କରି ବିଜୟ ଲାଭ କରିଥିଲା। ଦୀକ୍ଷିତପଡ଼ା ଦଳର ମଣ୍ଟୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ଗଗନ ପ୍ରଧାନ ଓ ପ୍ରଦୀପ ସ୍ୱାଇଁ ।

# ଲିଙ୍ଗଗତ ପ୍ରଭେଦ ଦୂର ଦ୍ୱାରା ପ୍ରଗତି ସମ୍ଭବ

ନିରାକାରପୁର,୬।୩(ଡି.ଏନ.ଏ.)-

ସାମାଜିକ ପ୍ରଗତିର ଅନ୍ତରାୟ ସାଜିଥିବା ଲିଙ୍ଗଗତ ପ୍ରଭେଦକୁ ଦୂର କରିବା ଆବଶ୍ୟକ। ଏଥିପାଇଁ ବ୍ୟାପକ ସଚେତନତା ଦରକାର। ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ପରିସରରେ ବୁଧବାର ଆୟୋଜିତ ଲିଙ୍ଗଗତ ସକ୍ରିୟକରଣ ପ୍ରଶିକ୍ଷଣ ଭିତ୍ତିକ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ମତ ଉପସ୍ଥାପନ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ସ୍କୁଲ ଅଫ୍ ଓମେନ୍ ଷ୍ଟଡିର ଅଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ବଳବନ୍ତରାୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ଡ. ପ୍ରଭାତ କୁମାର ଦାଶଙ୍କ ପରିଚାଳନାରେ ରହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଭାଗର ପ୍ରାକ୍ତନ ନିର୍ଦ୍ଦେଶିକା ଡ.ଉର୍ମିଳା ଦାଶ ଓ କାର୍ଡର ନିର୍ଦ୍ଦେଶିକା ମଞ୍ଜୁପ୍ରଭା ଧଳ ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଲିଙ୍ଗଗତ ବୈଷମ୍ୟ ଉପରେ ଆଲୋକପାତ କରିଥିଲେ । ପ୍ରଶାନ୍ତ କୁମାର ପଟ୍ଟନାୟକ, ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ, ଚନ୍ଦନ ମିଶ୍ର, ଅନୁଜା ଦେବୀ, ନମିତା ମହାନ୍ତି, ପୁଣ୍ୟଦର୍ଶନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରଶିକ୍ଷକ ଓ ପ୍ରଶିକ୍ଷାର୍ଥୀ

■ ଚଳିତ ନିର୍ବାଚନରେ ଆଞ୍ଚଳିକ ପ୍ରାର୍ଥିତ୍ୱ ଦାବି

# ସ୍ଥାନୀୟ ପ୍ରାର୍ଥୀ ନ ହେଲେ ବିରୋଧ କରାଯିବ

ବୋଲଗଡ଼,୬।୩(ଡି.ଏନ.ଏ.)

ବେଗୁନିଆ ନିର୍ବାଚନମଣ୍ଡଳୀ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ସାଧାରଣ ନିର୍ବାଚନରେ ସ୍ଥାନୀୟ ଅଞ୍ଚଳର ପ୍ରାର୍ଥୀଙ୍କୁ ସୁଯୋଗ ପ୍ରଦାନ ଦାବି ନେଇ ବୁଧବାର ବୋଲଗଡ଼ ନନ୍ଦିଘୋଷ ଭବନରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଛି। ଭୂମିପୁତ୍ର ସ୍ୱାଭିମାନ ମଞ୍ଚ ପକ୍ଷରୁ ଅର୍ଜୁନ ଗଡ଼ବାଡ଼ଙ୍କ ଆବାହକତ୍ୱରେ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ରବୀନ୍ଦ୍ର ପରିଡ଼ା ଏଥିରେ ସଭାପତିତ୍ୱ କରିଥିଲେ। ଭିକାରି ସାହୁ, ନାରାୟଣ ବଳିୟାରସିଂହ, ସୁଶ୍ରୀ ଗୌରୀଦେବୀ, କୃଷ୍ଣଚନ୍ଦ୍ର ବାରିକ, ରାଇମୋହନ ପଟ୍ଟନାୟକ, ଅକ୍ଷୟ ରଥ ଓ ରଘୁନାଥ ଦଳବେହେରା ପ୍ରମୁଖ ମଞ୍ଚାସୀନ ହୋଇ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ବୋଲଗଡ ଓ ବେଗୁନିଆ ଉଭୟ ବ୍ଲକରେ ସ୍ଥାନୀୟ ଯୋଗ୍ୟ ନେତା ରହିଥିବା ସତ୍ତ୍ୱେ ଅନ୍ୟ ଅଞ୍ଚଳର ନେତାଙ୍କୁ ପ୍ରାର୍ଥୀ କରିବା ଦ୍ୱାରା ଏମାନେ ବିଧାୟକ ହେବା




ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଅତିଥି ।

ପରେ ସ୍ଥାନୀୟ ଅଞ୍ଚଳ ପ୍ରତି ମମତା ରହୁନାହିଁ । ତେଣୁ ଉକ୍ତ ୨ ବ୍ଲକର ଯୋଗ୍ୟ ଓ ନିର୍ଭୀକ ନେତାଙ୍କୁ ସୁଯୋଗ ଦେବାକୁ ସାହୁ କହିଥିଲେ। ଅନ୍ୟ ଅଞ୍ଚଳର ପ୍ରାର୍ଥୀ ଚିଲିକାକୁ ବିଦେଶୀ ପକ୍ଷୀ ଆସି ପୁଣି ଫେରିଯିବା ଭଳି ଅବସ୍ଥା ହେଉଛି। ବେଗୁନିଆ ନିର୍ବାଚନ ମଣ୍ଡଳୀ ପାଇଁ ଅନ୍ୟ ଅଞ୍ଚଳରୁ ନେତା ଆସିଲେ ସେମାନଙ୍କୁ ଭୋଟ୍ ନ ଦେବା ପାଇଁ ବୁଲି ବୁଲି ଭୋଟରଙ୍କୁ କହିବୁ ବୋଲି ରଥ କହିଥିଲେ। ଆମ ଅଞ୍ଚଳର ସୁଯୋଗ୍ୟ ନେତୃତ୍ୱଙ୍କୁ ପ୍ରାର୍ଥୀ କରା ନ ଗଲେ ଆମେ ସେମାନଙ୍କୁ ବିରୋଧ କରିବୁ ବୋଲି ସୁଶ୍ରୀ ଗୌରୀ ଦେବୀ କହିଥିଲେ। ବାହାର ଅଞ୍ଚଳରୁ ଆସିଥିବା ପ୍ରାର୍ଥୀ ଏଠାରେ ମୁରବିପଣିଆ ଦେଖାଉଛନ୍ତି। ଆମେ ବାଧ୍ୟ ହୋଇ ତାଙ୍କର ଗୋଡାଣିଆ ହେଉ। ତେଣୁ ବେଗୁନିଆ ପାଇଁ ଏ ଅଞ୍ଚଳର ଲୋକଙ୍କୁ ପ୍ରାର୍ଥୀ କରିବା ନେଇ ଦଳବେହେରା ଦାବି କରିଥିଲେ। ସ୍ଥାନୀୟ ପ୍ରାର୍ଥୀଙ୍କୁ ସୁଯୋଗ ଦେଲେ ଅଞ୍ଚଳର ସ୍ୱାଭିମାନ ରହିବା ସହିତ ଉନ୍ନତି ହୋଇପାରିବ ବୋଲି ବାରିକ କହିଥିଲେ। ଯେଉଁ ଦଳର ପ୍ରାର୍ଥୀ ବେଗୁନିଆ-ବୋଲଗଡ ଅଞ୍ଚଳର ହୋଇ ନ ଥିବେ, ସେମାନଙ୍କୁ ବିରୋଧ କରାଯିବ ବୋଲି ଆବାହକ ଗଡ଼ବାଡ଼ କହିଥିଲେ।

■ ଖୋର୍ଦ୍ଧା ପୋଲିସ ଜିଲାରେ ବଢୁଛି ବିଶୃଙ୍ଖଳା

# ଅଭିଯୋଗର ୧୦ ଦିନ ପରେ ମାମଲା

## ସିକୋ ଫାଣ୍ଡି ଅଧିକାରଙ୍କ ବିରୋଧରେ ଏସ୍‌ପିଙ୍କୁ ଫେରାଦ

ଖୋର୍ଦ୍ଧା ଅଫିସ,୬।୩

ସାଧାରଣ ନିର୍ବାଚନ ବର୍ଷରେ ଖୋର୍ଦ୍ଧା ପୋଲିସ ଜିଲାରେ ଅଫିସର ଓ କର୍ମଚାରୀଙ୍କର ବଦଳି ହୋଇଥିଲେ ହେଁ ବିଶୃଙ୍ଖଳା କମୁ ନାହିଁ। ଏହା ଉପରେ ରୋକ୍ ନ ଲଗାଇଲେ ପୋଲିସ ବଦନାମ ହେବା ବ୍ୟତୀତ ଅନ୍ୟ ଉପାୟ ନାହିଁ। ମାନସିକତାରେ ପରିବର୍ତ୍ତନ ନ ଆଣିଲେ ପୋଲିସ ବିରୋଧରେ ବିଦ୍ରୋହ ଦେଖା ଦେଇପାରେ। ଜଙ୍କିଆ ଥାନା ସିକୋ ଫାଣ୍ଡିରେ ଅଭିଯୋଗର ୧୦ ଦିନ ପରେ ପୋଲିସ ଚାପରେ ମାମଲା ରୁଜୁ କରୁ ନ ଥିବା ବୁଧବାର ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଛି। ଜାଲଭର ଗାଁର ଝିଲି ସାମନ୍ତରାୟ (୨୭)ଙ୍କ ଅଭିଯୋଗ ଅନୁସାରେ, ଗତ ୨୨ ତାରିଖରେ ଘରବାରିରେ ସ୍ଥାନୀୟ ଗ୍ରାମର ହରିବନ୍ଧୁ ସାମନ୍ତସିଂହାରଙ୍କ ସମେତ କେତେଜଣ ଲୋକ ଜୋରଜବରଦସ୍ତ ନିଅଁ ଖୋଳିଲେ। ପ୍ରତିବାଦ କରିବାରୁ ମାରଣାସ୍ତ୍ର ଦେଖାଇ ଗାଳିଗୁଲଜ କରି ମାରପିଟ୍ କରିଥିଲେ। ଏପରି କି ସେମାନେ ତାଙ୍କୁ ଟଣାଓଟରା କରିଥିଲେ। ଝିଲିଙ୍କ ଚିତ୍କାର ଶୁଣି ଶାଶୁ ପ୍ରତିବାଦ କରିବାରୁ ମାରପିଟ୍ କରି ତଣ୍ଟି ଚିପି ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଝିଲି ପ୍ରତିବାଦ କରିବାରୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଝିଲି ଆହତ ହୋଇ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଗତ ୨୨ ତାରିଖରୁ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ଚିକିତ୍ସାଧୀନ ଥିଲେ।ଏ ସମ୍ପର୍କରେ ଫାଣ୍ଡି ଓ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ଚୁପ ହୋଇ ବସି ରହିଥିଲା। ଘଟଣା ସମ୍ପର୍କରେ ଗତ ୨୭ ତାରିଖରେ ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଶେଷରେ ପୋଲିସ ଚାପରେ ଗତ ୪ ତାରିଖରେ ଦଫା ୩୪୧, ୨୯୪, ୩୨୩, ୩୫୪, ୩୫୪(ବି), ୫୦୬, ୩୪ ଆଇପିସିରେ ନଂ. ୩୩/୧୯ରେ ମାମଲା ରୁଜୁ କରିଛି। ଅଭିଯୋଗର ପ୍ରାରମ୍ଭରୁ ଫାଣ୍ଡି ଅଧିକାରୀ କେସ୍ ରଫାଦଫା କରିବାକୁ ଚାପ ପ୍ରୟୋଗ କରିଥିଲେ। ନ ହେଲେ ଓଲଟା ମାମଲା ରୁଜୁ କରିବେ ବୋଲି ଧମକ ଦେଇଥିଲେ ବୋଲି ଅଭିଯୋଗରେ ରହିଛି। ଏ ନେଇ ସିକୋ ଫାଣ୍ଡି ଅଧିକାରୀ ମନମୋହନ ଜାଲି କୁହନ୍ତି, ଜାଲଭର ଗାଁର ଝିଲିଙ୍କ ଅଭିଯୋଗ କରିବା ପରେ ପୋଲିସ ଅଣଦେଖା କରିନାହିଁ। ଗୋଟିଏ ପରିବାର ମଧ୍ୟରେ ଦେଖା ଦେଇଥିବା ପାରିବାରିକ ବିବାଦକୁ ଭଦ୍ରଲୋକମାନେ ସମାଧାନ କରିବାକୁ ଉଦ୍ୟମ କରିଥିଲେ। ହେଲେ ସୁଫଳ ମିଳି ନ ଥିଲା। ଘଟଣାର ସମାଧାନ ନ କରି ମକଦ୍ଦମା କରିଲେ ନ୍ୟାୟ ମିଳିବ ବୋଲି କୁହାଯିବା ପରେ ବିଳମ୍ବରେ ହେଲେ ବି ମାମଲା ରୁଜୁ କରାଯାଇଛି। ହେଲେ ତାଙ୍କୁ ଅଯଥାରେ ବଦନାମ କରାଯାଉଛି। ଘଟଣା ପଛରେ ଜଣେ ରାଜନୈତିକ ବ୍ୟକ୍ତି ରହି ନିରୀହ ଲୋକଙ୍କୁ ଥାନା, ଫାଣ୍ଡି, କୋର୍ଟକୁ ଦୌଡାଇ ଖର୍ଚ୍ଚାନ୍ତ କରାଉଛନ୍ତି ବୋଲି ସେ କହିଛନ୍ତି।



ଏସପିଙ୍କୁ ଫେରାଦ ହେବାକୁ ଆସିଥିବା ମହିଳାମାନେ ।



ମହାନ୍ ପୁରୁଷ ଓ ମହାନ୍ ମହିଳାଙ୍କଠାରୁ ଏ ଦୁନିଆରେ ବଡ଼ କିଛି ନାହିଁ। ଲୋକେ ସେମାନଙ୍କୁ ବିଶ୍ୱାସ କରନ୍ତି। ସେହି ମହାନ୍ ପୁରୁଷ ଓ ମହିଳାମାନେ ୯୯ ପ୍ରତିଶତ ଠିକ୍ ତୁମ ଭଳି। - କୋପରନିକସ



## ସଂକ୍ଷେପରେ

### ଚିତ୍ରା ହରିଣ ଉଦ୍ଧାର

ପିପିଲି,୬।୩(ଡି.ଏନ୍.ଏ.): ପିପିଲି ଥାନା ଅନ୍ତର୍ଗତ ନୂଆଶାସନ ଉତ୍ତରସାହି ଗ୍ରାମରୁ ଏକ ଚିତ୍ରା ହରିଣକୁ ବୁଧବାର ସ୍ଥାନୀୟ ଯୁବକମାନେ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ପ୍ରକାଶଯେ, ଉକ୍ତ ଗ୍ରାମର ନାଲୁଆ ପଣ୍ଡାଙ୍କ ଘରେ ହରିଣଟି ପଶିଯାଇଥିଲା। ପରେ ଗ୍ରାମର କେତେଜଣ ଯୁବକ ତାକୁ କାବୁ କରିଥିଲେ। ଖବରପାଇ ବାଲକାଟି ଫରେଷ୍ଟର ପ୍ରଭାକର ଦଳାଇ ଗ୍ରାମରେ ପହଞ୍ଚି ହରିଣକୁ ଆଣିଥିଲେ। କୋଣାର୍କ ବାଲୁଖଣ୍ଡ ଅଭ୍ୟାୟରଣ୍ୟରୁ ଏହି ହରିଣଟି ଖାଦ୍ୟ ଅନ୍ୱେଷଣରେ ଆସିଥିବା ଫରେଷ୍ଟର ଦଳେଇ କହିଛନ୍ତି।

### ଜେଲରେ କଏଦୀଙ୍କ ମୃତ୍ୟୁ ଘଟଣା
### ଓଏଚଆରସିରେ ଅଭିଯୋଗ, କାର୍ଯ୍ୟାନୁଷ୍ଠାନ ଦାବି

ପୁରୀ ଅଫିସ,୬।୩: ପୁରୀ ଜେଲରେ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟଣାକୁ ନେଇ ରାଜ୍ୟ ମାନବାଧିକାର କମିଶନ (ଓଏଚଆରସି)ଙ୍କ ନିକଟରେ ବୁଧବାର ଅଭିଯୋଗ ହୋଇଛି। କଏଦୀଙ୍କ ମୃତ୍ୟୁ ଏବେ ବି ରହସ୍ୟମୟ ହୋଇ ରହିଛି। ଜେଲ ଭିତରେ କଡା ସୁରକ୍ଷା ବ୍ୟବସ୍ଥା ରହିଛି। ସିସିଟିଭି ଲଗାଯାଇଛି। ଏହା ସତ୍ତ୍ୱେ ଜେଲ କର୍ତ୍ତୃପକ୍ଷ କିପରି ଜାଣି ପାରିଲେ ନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜେଲ କର୍ତ୍ତୃପକ୍ଷଙ୍କ ଅବହେଳା ଓ ଦାୟିତ୍ୱହୀନତାକୁ ଦାୟୀ କରି ଘଟଣାର ନିରପେକ୍ଷ ତଦନ୍ତ ଲାଗି ସଚେତନ ନାଗରିକ ମଞ୍ଚ ଆବାହକ ପ୍ରସନ୍ନ କୁମାର ଦାଶ ଓଏଚଆରସିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଖୋର୍ଦ୍ଧା ଶରଧାପୁରର ଆକବର ମହମ୍ମଦ ସେକ୍ (୨୮) ପୁରୀ ଜିଲା କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ଗତ ଫେବୃୟାରୀ ୩ରେ ଶୌଚାଳୟରେ ବେକରେ ଗାମୁଛା ଦେଇ ଆତ୍ମହତ୍ୟା କରିଥିବା ଜେଲ କର୍ତ୍ତୃପକ୍ଷ ଜଣାଇଥିଲେ। ଜେଲ କର୍ତ୍ତୃପକ୍ଷ ଘଟଣାର ତଦନ୍ତ ନ କରି ନିଜ ଦୋଷ ଲୁଚାଇବାକୁ ଆତ୍ମହତ୍ୟା ରୂପ ଦେବା ନେଇ ସନ୍ଦେହ ସୃଷ୍ଟି ହେଉଛି ବୋଲି ଦାଶ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି।

### ଅପେକ୍ଷାର ଅନ୍ତ: ଅଟକିଲା ଏକ୍ସପ୍ରେସ ଟ୍ରେନ୍

କଣାସ,୬।୩(ସ୍ୱ.ପ୍ର.): ଦୀର୍ଘଦିନ ଦାବି ଓ ଆନ୍ଦୋଳନ ପରେ ପୁରୀ ଜିଲା କଣାସ ରୋଡ ରେଳ ଷ୍ଟେଶନରେ ପୁରୀ-ବଡବିଲ ଓ ପୁରୀ-ପାରାଦୀପ ଇଣ୍ଟରସିଟି ଏକ୍ସପ୍ରେସର ରହଣି ବୁଧବାର ଆରମ୍ଭ ହୋଇଛି। ଏହି ଏକ୍ସପ୍ରେସ୍ ଟ୍ରେନ ରହିବା ପରେ କଣାସ-ଡେଲାଙ୍ଗ ଅଞ୍ଚଳର ବୁଦ୍ଧିଜୀବୀ ଓ ଜନସାଧାରଣ ଟ୍ରେନ୍ ଡ୍ରାଇଭର, ଗାଡ୍ ମାନଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଦୀର୍ଘଦିନର ଆଶା ପୂରଣ ହୋଇଥିବାରୁ କଣାସ ଓ ଡେଲାଙ୍ଗ ଅଞ୍ଚଳର ଜନସାଧାରଣ ପ୍ରଧାନମନ୍ତ୍ରୀ, କେନ୍ଦ୍ର ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ମଣ୍ଡିରେ ଧାନ ଦେବା ପରେ ଚାଷୀଙ୍କୁ ମିଳୁନି ପ୍ରାପ୍ୟ

ଗୋପ,୬।୩(ଡି.ଏନ୍.ଏ.): ସରକାର କୃଷି କ୍ଷେତ୍ରକୁ ଗୁରୁତ୍ୱ ଦେଇ ଚାଷୀମାନଙ୍କ ଲାଗି ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ଏ ନେଇ ଚାଷୀଙ୍କଠାରୁ ସରକାରୀ ଧାର୍ଯ୍ୟ ଦରରେ ଧାନ କ୍ରୟ କରିବା ପାଇଁ ଗୋପ ବ୍ଲକ୍‌ରେ ୨୦ରୁ ଉର୍ଦ୍ଧ୍ୱ ମଣ୍ଡି ଖୋଲାଯାଇଥିଲା। କିନ୍ତୁ ମଣ୍ଡିରେ ଦୀର୍ଘଦିନ ଧରି ଚାଷୀମାନେ ଧାନ ଦେଇଆସିଥିଲେ ମଧ ଏଯାବତ କୌଣସି ପ୍ରାପ୍ୟ ପାଇ ନ ଥିବା ଅଭିଯୋଗ ହୋଇଛି। ଏପରିକି ମିଲର ଚାଷୀମାନଙ୍କ ଜମାଖାତାକୁ ଟଙ୍କା ଛାଡ଼ିଥିଲେ ମଧ ବ୍ୟାଙ୍କ କର୍ତ୍ତୃପକ୍ଷ ଚାଷୀଙ୍କୁ ଟଙ୍କା ଦେବାରେ ଅବହେଳା ପ୍ରଦର୍ଶନ କରୁଥିବା ଜଣାପଡ଼ିଛି। ପ୍ରକାଶ ଯେ, ସରକାର ଚାଷୀଙ୍କ ଧାନ ଧାର୍ଯ୍ୟ ମୂଲ୍ୟ ୧୭୫୦ ଟଙ୍କାରେ କ୍ରୟ କରୁଥିବାବେଳେ ବିଭିନ୍ନ ମଣ୍ଡିରେ ଚାଷୀମାନେ ଧାନ ଦେଇଥିଲେ ମଧ ମାସ ମାସ ଧରି ସେମାନଙ୍କ ପ୍ରାପ୍ୟ ମିଳିପାରି ନାହିଁ। ଏ ନେଇ ବେଦପୁର ଗ୍ରାମର ଧନେଶ୍ୱର ବେହେରା, ପ୍ରଦୀପ ମିଶ୍ର, ନଟବର ମିଶ୍ର ପ୍ରମୁଖ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି। ନିୟମ ଅନୁଯାୟୀ ଧାନ ବିକ୍ରୟ କରିବାର ଏକ ସପ୍ତାହ ମଧରେ ଚାଷୀମାନେ ପ୍ରାପ୍ୟ ପାଇବାକୁ ନିର୍ଦ୍ଦେଶନାମା ରହିଛି। କୌଣସି ଚାଷୀ ଏଥିରୁ ବଞ୍ଚିତ ନ ରହିବେ ସେଥିପ୍ରତି ବିଶେଷ ଧାନ ଦିଆଯାଇଥିବାବେଳେ ତାହା ଏବେ ଅଣଦେଖା କରାଯାଉଛି। ଚାଷୀଙ୍କ ପ୍ରାପ୍ୟ ସମବାୟ ବ୍ୟାଙ୍କ ଜରିଆରେ ପ୍ରଦାନ କରାଯାଉଥିବାବେଳେ ଚାଷୀମାନେ ବାରମ୍ବାର ବ୍ୟାଙ୍କକୁ ଦୌଡୁଥିଲେ ମଧ ଟଙ୍କା ନ ଥିବାରୁ ଫେରୁଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଶାଖା ପରିଚାଳକଙ୍କ ଅନୁପସ୍ଥିତିରେ ସମବାୟ ବ୍ୟାଙ୍କ ସୁପରଭାଇଜର ପ୍ରଦୀପ୍ତ କୁମାର ବିଶ୍ୱାଳ କୁହନ୍ତି, ଟଙ୍କା ଆସିବାରେ ବିଳମ୍ବ ହେବାରୁ ଚାଷୀମାନଙ୍କୁ ପର୍ଯ୍ୟାୟକ୍ରମେ ଟଙ୍କା ଦିଆଯାଉଛି।

■ ସିଂହଦ୍ୱାର ଅଞ୍ଚଳ ଜବରଦଖଲ ମୁକ୍ତ ଅଭିଯାନ

# ଉଠା ଦୋକାନୀ, ଭିକାରିଙ୍କୁ ହଟାଇଲା ପ୍ରଶାସନ

ପୁରୀ ଅଫିସ,୬।୩:

ପୁରୀ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ସିଂହଦ୍ୱାର ଅଞ୍ଚଳ ଜବରଦଖଲ ମୁକ୍ତ ଅଭିଯାନ ଆରମ୍ଭ ହୋଇଛି। ସିଂହଦ୍ୱାର ବ୍ୟାରିକେଡ କଡ଼ରେ ବସୁଥିବା ଭିକାରି ଏବଂ ବିକ୍ଷିପ୍ତ ଭାବେ ପସରା ମେଲାଇ ଟ୍ରାଫିକ ସମସ୍ୟା ଉପୁଜାଉଥିବା ଉଠାଦୋକାନୀଙ୍କୁ ବୁଧବାର ହଟାଇ ଦିଆଯାଇଛି। କେବଳ ଏତିକି ନୁହେଁ, ଏମାର ମଠ ଚକଡ଼ାରେ ହେଉଥିବା ଦୁଇଚକିଆ ଗାଡି ପାର୍କିଂକୁ ସୁବ୍ୟବସ୍ଥିତ କରାଯାଇଛି। ଏଣିକି ସିଂହଦ୍ୱାର ନିକଟରେ ଉଠାଦୋକାନୀ, ଭିକାରି ବସିବେ ନାହିଁ। ସେହିପରି ମନଇଚ୍ଛା ସିଂହଦ୍ୱାର ସମ୍ମୁଖ ଏମାର ମଠ ଚକଡ଼ାରେ ବାଇକ୍ ପାର୍କିଂ କରାଯିବ ନାହିଁ ବୋଲି ପୁରୀ ପୋଲିସ ନିଷ୍ପତ୍ତି ନେଇଛି। ଏହା ଯେପରି କଡ଼ାକଡ଼ି ଭାବେ ପାଳନ କରାଯିବ ସେଥିଲାଗି ନିୟମିତ ଏହିସବୁ ସ୍ଥାନରେ ପୋଲିସ କର୍ମଚାରୀ ମୁତୟନ ରହିବେ ବୋଲି ଜଣାପଡିଛି।

ଅରବିନ୍ଦ ଅଗ୍ରୱାଲ ଜିଲାପାଳ ଥିବାବେଳେ ସିଂହଦ୍ୱାର ସମ୍ମୁଖରେ କୌଣସି ଭିକାରି ବସିପାରିବେ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ସମ୍ପୃକ୍ତ ଅଞ୍ଚଳକୁ ବେଗିଙ୍ଗ ଫ୍ରି ଜୋନ ଘୋଷଣା କରାଯାଇଥିଲା। ଏପରି କି ସେହି ଅଞ୍ଚଳରେ ଭିକ୍ଷା ଦେବା ଏବଂ ଭିକ୍ଷା ନେବା ବେଆଇନ ବୋଲି ମଧ ଦର୍ଶାଯାଇ ଜରିମାନା ଆଦାୟ ଲାଗି ନିଷ୍ପତ୍ତି ନିଆଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ଏହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଗଲା ନାହିଁ। ପୂର୍ବରୁ ସିଂହଦ୍ୱାର ନିକଟରେ ଯେତିକି ସଂଖ୍ୟକ ଭିକାରି ବସୁଥିଲେ ତା'ଠାରୁ ଅଧିକ ବସିଲେ।

ଏ ସମ୍ପର୍କରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ କହିଛନ୍ତି, ସିଂହଦ୍ୱାର ସମ୍ମୁଖ ଏବଂ ଉତ୍ତର ଦ୍ୱାର ଲକ୍ଷ୍ମୀ ବଜାରରେ ସମୟେ ସମୟେ ଉଚ୍ଛେଦ କରାଯାଇଥାଏ। କିନ୍ତୁ ୨୪ ଘଣ୍ଟିଆ ଜବରଦଖଲ ହଟାଇବା ସମ୍ଭବ ହେଉ ନଥିବାରୁ ଲୋକେ ପୁଣି ବସି ଯାଉଥିଲେ। ଏବେ ପୋଲିସ ଏବଂ ଜିଲା ପ୍ରଶାସନ ମିଳିତ ଉଦ୍ୟମରେ ସ୍ୱତନ୍ତ୍ର ଭାବେ ସ୍କ୍ୱାଡ୍ ଗଠନ କରାଯାଇଛି। ଏହାକୁ ନିୟମିତ କରିବା ଲାଗି ଚେଷ୍ଟା କରାଯାଉଛି। ନିୟମ ପରିସର ଭିତରେ ରହି ମାନବିକ ଅଧିକାରକୁ ନଜରରେ ରଖି ଏମାନଙ୍କୁ କିପରି ପ୍ରତିହତ କରିହେବ ସେ ନେଇ ପଦକ୍ଷେପ ଗ୍ରହଣ କରାଯାଉଛି।



ଜବର ଦଖଲ ଉଚ୍ଛେଦ ପରେ ବଡଦାଣ୍ଡର ଦୃଶ୍ୟ।

ସେବାୟତ ନିଯୋଗଙ୍କୁ ଶ୍ରୀମନ୍ଦିର ପ୍ରଶାସନର ଚିଠି

# ମାଗିଲା ପାଳିଆ ସେବାୟତଙ୍କ ସବିଶେଷ ତଥ୍ୟ

**ଫର୍ମାଟ ପୂରଣ କରି ୭ ଦିନ ମଧ୍ୟରେ ଦିଅ**

ପୁରୀ ଅଫିସ,୬।୩:

ମହାପ୍ରଭୁଙ୍କ ନୀତିକାନ୍ତି, ସେବାପୂଜା ଶୃଙ୍ଖଳିତ ଏବଂ ସୁବ୍ୟବସ୍ଥିତ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ବିଭିନ୍ନ ପ୍ରକାର ପଦକ୍ଷେପ ନେଉଛି। ମହାପ୍ରଭୁଙ୍କ ଦୈନିକ ଏବଂ ପର୍ବପର୍ବାଣି ନୀତିର ସୁପରିଚାଳନା ପରିପ୍ରେକ୍ଷୀରେ ପାଳିଆ ସେବାୟତମାନଙ୍କ ବ୍ୟକ୍ତିଗତ ତଥ୍ୟକୁ କମ୍ପ୍ୟୁଟରୀକରଣ କରାଯିବା ପାଇଁ ଉଦ୍ୟମ ଜାରି ରହିଛି। ଏହି କ୍ରମରେ ପାଳିଆ ସେବାୟତମାନଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ମାଗିଛି ମନ୍ଦିର ପ୍ରଶାସନ। ଏ ନେଇ ସବୁ ସେବାୟତ ନିଯୋଗକୁ ଚିଠି କରାଯାଇଛି। ଏହି ଚିଠିରେ ଯେଉଁ ଫର୍ମାଟ ଦିଆଯାଇଛି ତାହାକୁ ପୂରଣ କରି ୭ ଦିନ ମଧ୍ୟରେ ଶ୍ରୀମନ୍ଦିର କମାଣ୍ଡରଙ୍କ ନିକଟରେ ଦାଖଲ କରିବା ଲାଗି କୁହାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଦତ୍ତ ଚିଠିରେ ଏକ ଫର୍ମାଟ ସଂଲଗ୍ନ କରାଯାଇଛି। ଏଥିରେ ପାଳିଆ ସେବକଙ୍କ ଫଟୋ, ନାଁ, ବାପାଙ୍କ ନାଁ, ଘର ଠିକଣା, ମୋବାଇଲ ନମ୍ବର, ଇ ମେଲ୍ ଆଇଡି, ବ୍ୟାଙ୍କ ନାଁ (ବ୍ୟାଙ୍କ ପାସ୍‌ବୁକର ଫଟୋ କପି) ଏବଂ କେଉଁ ପ୍ରକାର ସେବା କରୁଛନ୍ତି ତାହା ପୂରଣ କରି ଦେବାକୁ କୁହାଯାଇଛି। ସୂଚନାଥାଉ କି, ମହାପ୍ରଭୁଙ୍କ ନୀତିକାନ୍ତିରେ ବିଳମ୍ବ ହେଲେ ସେବାୟତଙ୍କ ପାଳିଆ ପୁରସ୍କାର କଟାଯିବାର ବ୍ୟବସ୍ଥା କରିଛି ମନ୍ଦିର ପ୍ରଶାସନ। କେବଳ ଏତିକି ନୁହେଁ, ଯେଉଁ ପାଳିଆ ସେବକ ତିନିଥର ନୀତିରେ ବିଳମ୍ବ କରିବେ ତାଙ୍କୁ ସେବାରୁ ବହିଷ୍କାର କରାଯିବ। ଏପରି କି ଜାଣିଶୁଣି ଯଦି କେହି ଥରେ ବି ବିଳମ୍ବ କରୁଥିବା ଜଣାପଡିବ ତେବେ ଶାଢ଼ିବନ୍ଧା ରଦ୍ଦ ସହିତ ତାଙ୍କୁ ମଧ ସେବାରୁ ବିଦା କରାଯିବ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି।



ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି କ୍ରୀଡ଼ା ଉପକରଣ ବଣ୍ଟନ କରୁଛନ୍ତି।

## 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ

ପୁରୀ ଅଫିସ,୬।୩:

ପୁରୀ ପୌରସଂସ୍ଥା ୨୩ ନଂ. ୱାର୍ଡ ପକ୍ଷରୁ ବଡ଼ଶଙ୍ଖ ନୂଆସାହିରେ 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ଅନୁଷ୍ଠାନକୁ କ୍ରୀଡ଼ା ଉପକରଣ ବଣ୍ଟନ କରିଥିଲେ। ଏଥିସହ ମହିଳା ପ୍ରତିଭାମାନଙ୍କୁ ପ୍ରଶଂସାପତ୍ର ଏବଂ ବିଭିନ୍ନ କ୍ରୀଡ଼ାରେ ଭାଗ ନେଇଥିବା କୃତୀ ଶିଶୁ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥିଭାବେ ଏମ୍‌ପିଙ୍କ ପ୍ରତିନିଧି ଘନଶ୍ୟାମ ମର୍ଦ୍ଦରାଜ, ନଗର ବିଜେଡି ସଭାପତି ସବ୍ୟସାଚୀ ମହାପାତ୍ର, ଗୌରହରି ପ୍ରଧାନ, ସରୋଜ ନାୟକ, ପ୍ରସନ୍ନ କୁମାର ମହାପାତ୍ର, ଶ୍ରୀଧର ଦାସ ଏବଂ ବିଭୁପ୍ରସାଦ ଦାସ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଜୁ ଯୁବ ବାହିନୀର ସ୍ଥାନୀୟ ୱାର୍ଡ ସଭାପତି ସୁଭାଶିଷ ମର୍ଦ୍ଦରାଜ, ସମ୍ପାଦକ ସୂର୍ଯ୍ୟକାନ୍ତ ମଲ୍ଲିକ, ରମାକାନ୍ତ ସେଠୀ ପରିଚାଳନା କରିଥିଲେ।

# ୩୬ ପ୍ରକଳ୍ପ ଉଦ୍‌ଘାଟିତ, ଭିତ୍ତିପ୍ରସ୍ତର ସ୍ଥାପନ



ବିଧାୟକ ସମୀର ରଞ୍ଜନ ଦାଶ ପ୍ରକଳ୍ପକୁ ଉଦ୍‌ଘାଟନ କରୁଛନ୍ତି।

ନିମାପଡ଼ା,୬।୩(ଡି.ଏନ୍.ଏ.):

ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ବୁଧବାର ନିମାପଡ଼ା ବ୍ଲକର ୬ ପଞ୍ଚାୟତ ଓ ଏନ୍‌ଏସି ଅଞ୍ଚଳରେ ୧କୋଟି ୮୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୩୬ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କାର୍ଯ୍ୟକ୍ରମରେ ଅତିଥିଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ଖଟୋଇ, ଜୀବନାନନ୍ଦ ମହାପାତ୍ର, ସନ୍ତୋଷ ଓଝା, ଭାସ୍କର ସାହୁ, ସତ୍ୟବାଦୀ ମହାପାତ୍ର, ଗୋକୁଳାନନ୍ଦ ପରିଡା, ପ୍ରମିଳା ପରିଡା, ସନାତନ ପ୍ରଧାନ, ଲକ୍ଷ୍ମୀଧର ବିଶ୍ୱାଳ, ପି. ସତ୍ୟନାରାୟଣ ପାତ୍ର ଯୋଗଦେଇଥିଲେ।

# ଗଢ଼ିଲା ଦ୍ୱିତୀୟ ପର୍ଯ୍ୟାୟ ଭୋଟର ସଚେତନତା ରଥ

**ବୁଲିବ ୧,୭୭୭ ରାଜସ୍ୱ ଗାଁ**

ପୁରୀ ଅଫିସ/ସାକ୍ଷୀଗୋପାଳ ୬।୩ (ଡି.ଏନ୍.ଏ.):

ଆଗକୁ ସାଧାରଣ ନିର୍ବାଚନ। ମତଦାନ ନିମନ୍ତେ ଭୋଟରଙ୍କୁ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍) ଏବଂ ଭୋଟର ଭେରିଫାଏବଲ ପେପର ଅଡିଟ୍ ଟ୍ରାଏଲ (ଭିଭିପାଟ୍) ସମ୍ପର୍କରେ ସଚେତନ କରାଯିବା ଲାଗି ବୁଧବାର ଦ୍ୱିତୀୟ ପର୍ଯ୍ୟାୟ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ଏହି ରଥ ୨୫ ଦିନ ଧରି ଜିଲାର ସବୁ ବ୍ଲକର ୧,୭୭୭ଟି ରାଜସ୍ୱ ଗାଁ ପରିକ୍ରମା କରି ଭୋଟରମାନଙ୍କୁ ମତଦାନ ସମ୍ପର୍କରେ ସଚେତନ କରିବ।

ଏହି ଅବସରରେ ଜିଲାପାଳ କହିଛନ୍ତି, ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଦ୍ୱିତୀୟ ପର୍ଯ୍ୟାୟ ସଚେତନତା ରଥ ଶୁଭାରମ୍ଭ ହୋଇଛି। ବହୁଳ ଭାବେ ଲୋକମାନେ କିପରି ନିର୍ବାଚନ ସଂକ୍ରାନ୍ତରେ ସଚେତନ ହେବେ ତାହା ମୂଳ ଲକ୍ଷ୍ୟ ରଖାଯାଇଛି। ଅତିକମ୍‌ରେ ୧୦୦ଟି ମକ ପୋଲ ମଧ କରାଯିବ। ପୁରୀ ଜିଲାର ଲକ୍ଷ ଲକ୍ଷ ଭୋଟର ଏହାଦ୍ୱାରା ସଚେତନ ହୋଇପାରିବେ। ବୁଥ୍‌ରେ ପହଞ୍ଚିବା ପରେ କେହି ଯେମିତି ମତଦାନ ସମ୍ପର୍କରେ କାହାର ସହାୟତା ନେବେ ନାହିଁ। ନିଜେ ନିଜର ଭୋଟଦାନ କରିବେ। ଏହିଭଳି ଲକ୍ଷ୍ୟ ରଖାଯାଇ ଦ୍ୱିତୀୟ ପର୍ଯ୍ୟାୟରେ ଏହି ଭୋଟର ସଚେତନତା ରଥ ଆରମ୍ଭ କରାଯାଇଛି। ସେହିପରି ଜିଲାରେ ପ୍ରାୟ ୧୯ ହଜାର ଭିନ୍ନକ୍ଷମ ରହିଛନ୍ତି। ସେମାନେ କିପରି ଭୋଟ ଦେଇପାରିବେ ତାହା ଉପରେ ମଧ ଫୋକସ ରଖାଯାଇଛି। ପ୍ରତି ବୁଥ୍‌ରେ ଭିନ୍ନକ୍ଷମଙ୍କ ଲାଗି ହ୍ୱିଲଚେୟାର ଏବଂ ର୍‌ୟାମ୍ପ କରାଯାଉଛି। ନିର୍ବାଚନ ଦିନ ଭିନ୍ନକ୍ଷମମାନେ ବୁଥ୍‌କୁ ଆସିବା ଲାଗି ଗାଡ଼ିର ବ୍ୟବସ୍ଥା ମଧ କରାଯିବ। ଡେପୁଟି କଲେକ୍ଟର (ନିର୍ବାଚନ) ସୁମନ୍ତ କର କହିଥିଲେ, ଲୋକେ ସଚେତନ ନ ହେଲେ ମତଦାନ ହାର ବୃଦ୍ଧି ପାଇବ ନାହିଁ। ତେଣୁ ଏଥର ନିର୍ବାଚନରେ କିପରି ଅଧିକରୁ ଅଧିକ ଭୋଟର ଭାଗ ନେବେ ସେଥିପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଇଛି। ଏହି ଅବସରରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ ଉପସ୍ଥିତ ଥିଲେ।

ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଭୋଟର ସଚେତନା ରଥ ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟରୁ ଶୁଭାରମ୍ଭ ହୋଇଛି। ସତ୍ୟବାଦୀ ତହସିଲଦାର କସ୍ତୁରୀ ପ୍ରଧାନ ସବୁଜ ପତାକା ଦେଖାଇବା ପରେ ୩ଟି ଟିମ ଏଠାରୁ ସଚେତନତା ରଥ ସହ ଯାତ୍ରା ଆରମ୍ଭ କରିଥିଲେ। ସତ୍ୟବାଦୀ ବିଡିଓ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ ଓ ମୌସୁମୀ ମିଶ୍ରଙ୍କ ସହିତ ନୋଡାଲ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। କନିଷ୍ଠଯନ୍ତ୍ରୀ ଶରତ ସୁଧାଂଶୁ ରଥ, ପ୍ରମଥା ତ୍ରିପାଠୀ, କ୍ଷତିଶ ଚନ୍ଦ୍ର ମଲ୍ଲିକ, ନିବେଦିତା କାନୁନଗୋ, ରାଜେନ୍ଦ୍ରଶ ପାଣ୍ଡେ, ଇନ୍ଦ୍ରାଣୀ ସ୍ୱାଇଁ ନୋଡାଲ ଅଫିସରଭାବେ ଭୋଟରମାନଙ୍କୁ ତାଲିମ ଦେଇଥିଲେ। ଜିଆରଏସ ଦିପ୍ତୀମୟୀ ସେଠୀ, ଜଗବନ୍ଧୁ ମିଶ୍ର, ପିଙ୍କି ସେଠୀ ପ୍ରମୁଖ ସହଯୋଗ କରିଥିଲେ।

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ବଳଙ୍ଗା,୬।୩(ଡି.ଏନ୍.ଏ.):

ବଳଙ୍ଗା ଥାନା ଜିଲା ପରିଷଦ ଜୋନ ୧୮ରେ ନିମାପଡା ବିଧାୟକ ସମୀର ରଞ୍ଜନ ଦାଶଙ୍କ ଦ୍ୱାରା ବୁଧବାର ବିଭିନ୍ନ ପ୍ରକଳ୍ପଗୁଡିକ ଉଦ୍‌ଘାଟିତ ହୋଇଯାଇଛି। କଅଁରପୁର କୋଠଘର, ଭଗବତୀପୁର କଲ୍ୟାଣ ମଣ୍ଡପ, ତୋରିହାଁବନ୍ଧ କୋଠଘର, କୋଠକୁସାଙ୍ଗ ମାର୍କେଟ୍ କମ୍ପଲେକ୍ସ, ଦନ୍ଦୀପୁର ଠାକୁରାଣୀଙ୍କ ଘର, ଦନ୍ଦିପୁର ଯୁବକ ସଂଘ, ଗଡପଦନପୁର ବାଙ୍ଗୁରୁଷଶାସନ ଅଙ୍ଗନୱାଡି ଗୃହ, ସମରେଇ ଶାସନ ଅଙ୍ଗନୱାଡି ଓ କୋଠଘର, ହରିପୁର ଭଗବତ ବାସୁଦେବ କୋଠଘର ଓ ଆଦର୍ଶ ଉଚ୍ଚ ବିଦ୍ୟାଳୟ ପ୍ରକଳ୍ପଗୁଡିକ ଉଦ୍‌ଘାଟିତ ହୋଇଛି। ଏଥିରେ ପଞ୍ଚାୟତ ସମିତି ଅଧକ୍ଷା ମନୋସ୍ୱିନୀ ଖଟୋଇ, ପ୍ରଦୀପ୍ତ ଖଟୋଇ, ସୁମନ୍ତ ଦାସ ଉପସ୍ଥିତ ଥିଲେ।

## ରଥ ଅଖ କାଠ ପାଇଁ ବୌଦ୍ଧ ଗଲା ୫ ଜଣିଆ ଟିମ୍

ପୁରୀ ଅଫିସ,୬।୩:

ଆସନ୍ତା ଜୁଲାଇ ୪ରେ ଘୋଷଯାତ୍ରା। ମହାପ୍ରଭୁଙ୍କ ରଥ ନିର୍ମାଣ ଲାଗି ବର୍ତ୍ତମାନ କାଠ ସଂଗ୍ରହ କରାଯାଉଛି। ରଥ ଅଖ କାଠ ପାଇଁ ବୁଧବାର ଶ୍ରୀମନ୍ଦିର ପ୍ରଶାସନର ୫ ଜଣିଆ ଟିମ୍ ବୌଦ୍ଧ ଗସ୍ତ କରିଛି। ଚଳିତବର୍ଷ ବୌଦ୍ଧ ବନ ମଣ୍ଡଳରୁ ମୋଟ ୨୪୪ ଖଣ୍ଡ କାଠ ଆସିବ। ଶ୍ରୀମନ୍ଦିର ମୁଖ୍ୟ ତତ୍ତ୍ୱାବଧାରକ ସୁଦର୍ଶନ ମେକାପଙ୍କ ନେତୃତ୍ୱରେ ଯାଇଥିବା ଏହି ଟିମ୍ ମୁଖ୍ୟତଃ ଅଖ ପାଇଁ ୪୦ ଫୁଟିଆ ଧଉରା କାଠ ଚୟନ କରିବେ। ଏହାବ୍ୟତୀତ ୧୪ ଫୁଟିଆ ଫାଶି କାଠ ମଧ ଦେଖିବେ। ଏହି ଟିମ୍‌ରେ ଅନ୍ୟମାନଙ୍କ ମଧରେ ୱାର୍କ ସରକାର କୁଞ୍ଜ ଭୋଇ, ରଥ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବି ଭୋଇ ଏବଂ କାର୍ତ୍ତିକ ଭୋଇ ରହିଛନ୍ତି। ଏମାନେ ୩ ଦିନ ଧରି ବୌଦ୍ଧ ବନ ମଣ୍ଡଳରେ କାଠ ଚୟନ କରିବେ ବୋଲି ଜଣାପଡିଛି।

## ଅଲାରନାଥ ମନ୍ଦିର କାନ୍ଥରେ ଲାଗୁଛି ଲୁହା ପାଦି

ବ୍ରହ୍ମଗିରି,୬।୩(ଡି.ଏନ୍.ଏ.):

ବ୍ରହ୍ମଗିରିର ବହୁ ପୁରାତନ ମନ୍ଦିର ମହାପ୍ରଭୁ ଅଲାରନାଥ ମନ୍ଦିର କାନ୍ଥ ଖୋଲାଯାଇ ଲୁହା ପାଦି ଲାଗୁଥିବା ଜଣାପଡିଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଅଲାରନାଥ ମନ୍ଦିରରେ ଏକ ପ୍ରବେଶ ପଥ ରହିଛି। ଭକ୍ତମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ମନ୍ଦିରରେ ଆଉ ଏକ ଦ୍ୱାର ଖୋଲାଯିବା ପାଇଁ ଦାବି ହେଉଥିଲେ ମଧ ରାଜ୍ୟ ପତ୍ନତତ୍ତ୍ୱ ବିଭାଗ ନୂତନ ଦ୍ୱାର ଖୋଲିବା ପାଇଁ ଅନୁମତି ଦେଇନଥିଲା। ଫଳରେ ମନ୍ଦିରର କାନ୍ଥ ଖୋଲାଇ ନୂତନ ଦ୍ୱାର ଖୋଲା ଯାଇପାରୁନି। କିନ୍ତୁ ମନ୍ଦିର ଶୀର୍ଷରେ ବାନା ବାନ୍ଧିବା ପାଇଁ ସମସ୍ୟା ହେଉଥିବାରୁ ସେବାୟତମାନେ ଦାବି କରିଥିଲେ। ଏନେଇ ମନ୍ଦିରର ଶୀର୍ଷରୁ ତଳ ପର୍ଯ୍ୟନ୍ତ ଏକ ଲୁହା ସିଙ୍ଘୁଳି ଲଗାଇଲେ ସେବାୟତମାନେ ତାହା ସାହାର୍ଯ୍ୟରେ ମନ୍ଦିର ଉପରେ ସହଜରେ ଚଢିପାରିବେ। ଏନେଇ କିଛି ଅର୍ଥ ମଧ ବ୍ୟୟବରାଦ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ଶିଙ୍ଘୁଳି ପରିବର୍ତ୍ତେ ମନ୍ଦିର କାନ୍ଥରୁ ପଥର ଖୋଲାଯାଇ ଲୁହାର ପାଦି ଲଗାଯାଉଛି। ମନ୍ଦିରର କାନ୍ଥରେ ଅନେକ ଗାତ ସୃଷ୍ଟି ହୋଇଥିବାରୁ ଏହା ମନ୍ଦିର ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ଏନେଇ ସ୍ଥାନୀୟ ଲୋକଙ୍କ ମଧରେ ଅସନ୍ତୋଷ ଦେଖାଦେଇଥିବା ସମୟରେ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି। ଏ ସମ୍ପର୍କରେ ବ୍ରହ୍ମଗିରି ତହସିଲଦାର ତଥା ଟ୍ରଷ୍ଟି ଅଶୋକ ମହାନ୍ତି କୁହନ୍ତି, ମୁଁ ଏକ ସପ୍ତାହ ହେଲା ତହସିଲଦାର ଦାୟିତ୍ୱରେ ରହିଛି, ଏ ସମ୍ପର୍କରେ କିଛି ଜାଣିନାହିଁ। ତଥାପି ଘଟଣା ସମ୍ପର୍କରେ ବୁଝୁଛି ବୋଲି ସେ କହିଛନ୍ତି।

# କୋଣାର୍କରେ ପ୍ରତିଷ୍ଠା ହେବ ଧର୍ମପଦଙ୍କ ପ୍ରଥମ ପ୍ରତିମୂର୍ତ୍ତି

ଭୁବନେଶ୍ୱର,୬।୩(ବ୍ୟୁରୋ)

କୋଣାର୍କରେ ପ୍ରତିଷ୍ଠା ହେବ ଧର୍ମପଦଙ୍କ ପ୍ରତିମୂର୍ତ୍ତି। ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିରର ମୁଣ୍ଡି ମାରି ମନ୍ଦିର ତିଆରିରେ ସର୍ବଶ୍ରେଷ୍ଠ ଅବଦାନ ରଖିଥିବା ଧର୍ମପଦଙ୍କର ଏହା ପ୍ରଥମ ପ୍ରତିମୂର୍ତ୍ତି ହେବ। ଏହାକୁ ରାଜ୍ୟ ଶିଳ୍ପୀ ଓ ବୁଣାକାରଙ୍କ ନିଜସ୍ୱ ସଙ୍ଗଠନ ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ପ୍ରତିଷ୍ଠା କରାଯିବ। ଏଥିଲାଗି ବୁଧବାରଠାରୁ ଭୁବନେଶ୍ୱରଠାରେ ପ୍ରତିମୂର୍ତ୍ତି ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ବାଲେଶ୍ୱରର ବରିଷ୍ଠ ଭାସ୍କର୍ଯ୍ୟ ଶିଳ୍ପୀ ବ୍ରଜକିଶୋର ଜେନାଙ୍କ ମାର୍ଗଦର୍ଶନରେ ପ୍ରତିମୂର୍ତ୍ତି ନିର୍ମାଣ କରାଯିବ। ୧୨ ଫୁଟ ଉଚ୍ଚତା ବିଶିଷ୍ଟ ଏହି ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ଏ ପର୍ଯ୍ୟନ୍ତ ସ୍ଥାନ ନିର୍ଦ୍ଧାରଣ ହୋଇ ନ ଥିବାବେଳେ କୋଣାର୍କ ମେଡିକାଲ ଛକ କିମ୍ବା ଥାନା ଛକରେ ସ୍ଥାନ ଯୋଗାଇଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛି ମହାସଂଘ। ଅନ୍ୟପକ୍ଷରେ ବୁଧବାର ଜୟଦେବ ବିହାରସ୍ଥିତ ସୁଦର୍ଶନ ଆର୍ଟ ଆଣ୍ଡ କ୍ରାଫ୍ଟ ଭିଲେଜ ପରିସରରେ ମୂଳ ପ୍ରତିମୂର୍ତ୍ତିର ଏକ ପ୍ରତୀକ ପ୍ରତିକୃତି ଉନ୍ମୋଚିତ ହୋଇଯାଇଛି। ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଓ ରାଜ୍ୟ ସଭା ସଦସ୍ୟ ପ୍ରଶାନ୍ତ ନନ୍ଦ ଏହାର ଶୁଭ ଉନ୍ମୋଚନ କରି କହିଥିଲେ।

## ୩୩/୧୧ କେଭି ବିଦ୍ୟୁତ୍ ଷ୍ଟ୍ରକଚର ଉଦ୍‌ଘାଟିତ

**ଉଦ୍‌ଘାଟନ କାର୍ଯ୍ୟକୁ ବିରୋଧ**

କାକଟପୁର,୬।୩(ଡି.ଏନ୍.ଏ):

ଅସ୍ତରଙ୍ଗ ବ୍ଲକ ପାଟଳଦା ଗ୍ରାମରେ ନିର୍ମିତ ହୋଇଥିବା ନୂତନ ୩୩/୧୧ କେଭି ବିଦ୍ୟୁତ ଷ୍ଟ୍ରକଚର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଅତିଥିଭାବେ ପୁରୀ ଜିଲା ପରିଷଦର ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ସରପଞ୍ଚ ପ୍ରଫୁଲ୍ଲ ବେହେରା, ସମିତିସଭ୍ୟ ଦିବାକର ଛଟୋଇ, ପ୍ରକାଶ ବେହେରା, ଦୀପକ କୁମାର ମହାନ୍ତି, ଲକ୍ଷ୍ମୀଧର ରାଉତ ଓ କୁଶଧ୍ୱଜ ଗଡନାୟକ ଉପସ୍ଥିତ ଥିଲେ। ଏହା ଦ୍ୱାରା ଅସ୍ତରଙ୍ଗ ବ୍ଲକର ୨୦ହଜାରରୁ ଉର୍ଦ୍ଧ୍ୱ ପରିବାର ଉପକୃତ ହେବେ। ଫଳକରେ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ ନାୟକ ଏବଂ ପାଟଳଦା ପଞ୍ଚାୟତର ସମିତିସଭ୍ୟ ବିଜୟ କାଣ୍ଡିଙ୍କ ନାମ ଥିଲେ ମଧ ସେମାନେ ଯୋଗଦେଇ ନ ଥିଲେ। ଫଳରେ କେତେଜଣ ଯୁବକ ସେଠାରେ ପହଞ୍ଚି ହୋହଲ୍ଲା କରି ଉଦ୍‌ଘାଟନକୁ ବିରୋଧ କରିଥିଲେ। ଏ ସମ୍ପର୍କରେ ବିରୋଧ କରୁଥିବା ରାକେଶ ବିଶ୍ୱାଳ କୁହନ୍ତି, ଷ୍ଟ୍ରକଚର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ତରବରିଆ ଭାବେ ବିଧାୟକ ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି। ଏ ନେଇ ବିଧାୟକ ସେଠୀ ପ୍ରତିକ୍ରିୟା ଦେବାକୁ ମନା କରିଥିବାବେଳେ ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ମହାନ୍ତି କହିଥିଲେ, ଷ୍ଟ୍ରକଚର ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବାକୁ ଆହୁରି ୨ମାସ ଲାଗିବ, ଆଜି ଷ୍ଟ୍ରକଚରରେ ୩୩କେଭି ବିଦ୍ୟୁତ ସଂଯୋଗ ହୋଇଛି।

# ବିଭିନ୍ନ ଦାବିରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

■ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ମିଳିଲା ୨୦ହଜାର ଟଙ୍କାର ଚେକ୍

ସାକ୍ଷୀଗୋପାଳ,୬।୩(ଡି.ଏନ୍.ଏ.):

କେତେକ ସ୍ୱେଚ୍ଛାସେବୀ ସଙ୍ଗଠନର ମହିଳା ଓ ପୁରଷ ବିଭିନ୍ନ ସମସ୍ୟା ନେଇ ବୁଧବାର ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଗୋବିନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ପିତାମ୍ବରୀ ଦାସ, ରୀନା ମଲ୍ଲିକ, ଭୁବନେଶ୍ୱର ଜେନା, ଧନେଶ୍ୱର ବରାଳ ଓ ହଟ୍ଟ ବେହେରା ପ୍ରମୁଖ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ। ଜଳସେଚନ, କୃଷି, ଶୀତଳ ଭଣ୍ଡାର, ପୁରାତନ କିର୍ତ୍ତୀର ସୁରକ୍ଷା, ସାକ୍ଷୀଗୋପାଳ ବଜାରରେ ରେଳ ଓଭରବ୍ରିଜ, ଓଡ଼ିଆ ବିଶ୍ୱ ବିଦ୍ୟାଳୟ ଜମି ବାବଦରେ ମନ୍ଦିରକୁ ୩୫କୋଟି ଟଙ୍କା ଦେବାରେ ବିଳମ୍ବ, ନଡିଆ ଓ ଧାନର ସହାୟକ ମୂଲ୍ୟ ବୃଦ୍ଧି ଆଦି ଦାବି ଉଠାଇଥିଲେ। ସ୍ଥାନୀୟ ବଳପୁର ପଞ୍ଚାୟତର ସୋନୀ ଗୋଚ୍ଛାୟତଙ୍କ ସ୍ୱାମୀ ମୃତ୍ୟୁବରଣ କରିବାପରେ ଦେଢ଼ବର୍ଷ ବିତିଯାଇଥିଲେ ମଧ ତାଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନା ସହାୟତା ମିଳିନଥିବା କହିଥିଲେ। ଖବରପାଇ ସତ୍ୟବାଦୀ ବିଡିଓ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ବିଡିଓ ସାରଦା ପ୍ରସନ୍ନ ମହାନ୍ତି, ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ ସୂର୍ଯ୍ୟ ପ୍ରସାଦ ପାତ୍ର, ଆନ୍ଦୋଳନ କାରୀଙ୍କଠାରୁ ଦାବିପତ୍ର ଗ୍ରହଣ କରିବା ସହ ସୋନି ଗୋଚ୍ଛାୟତଙ୍କୁ ୨୦ ହଜାର ଟଙ୍କାର ଚେକ୍ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ପ୍ରଦାନ କରିଥିଲେ। ଦାବିଗୁଡିକ ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା।



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ସ୍ୱେଚ୍ଛାସେବୀ ସଙ୍ଗଠନ ମହିଳାମାନେ।